# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୧୬/୨୦୨୦ (୧୬ ପୃଷ୍ଠା) | Bhubaneswar, Monday, November 16/2020 | ★★★★★★

୪୬ଶ ଭାଗ ୩୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-






## ସୁମାକରଙ୍କ ରେକର୍ଡ ସମକକ୍ଷ ହାମିଲଟନ

ତୁର୍କୀଶ ଗ୍ରାଁ ପ୍ରି ଜିତିବା ସହ ଫର୍ମୁଲାୱାନ ମୋଟରରେସିଂରେ ୭ମ ବିଶ୍ୱ ଟାଇଟଲ ଜିତି ମାଇକେଲ ସୁମାକରଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି ଲୁଇସ ହାମିଲଟନ।

୧୫

୧୪

## ଅଦାଙ୍କ ଡ୍ୟାନ୍ସ ଭିଡିଓ ଭାଇରାଲ

ବଲିଉଡ୍ ଅଭିନେତ୍ରୀ ଅଦା ଶର୍ମା ଲୁଙ୍ଗି ପିନ୍ଧିକି ଜରବଦସ୍ତ ଡ୍ୟାନ୍ସ କରୁଥିବା ନଜର୍ ଆସିଛନ୍ତି। ଏହା ଏବେ ଇନ୍‌ଷ୍ଟାରେ ଭାଇରାଲ ହେବାରେ ଲାଗିଛି।



# ମାଲକାନଗିରି ଜିଲାପାଳଙ୍କ ନାମରେ ହତ୍ୟା ମାମଲା

**ମାଲକାନଗିରି,୧୫।୧୧ (ଡି.ଏନ.ଏ.)**

ମାଲକାନଗିରି ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ(ପିଏ) ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ଘଟଣାରେ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଛି। ଆଇପିସି ଦଫା ୩୦୨, ୫୦୬, ୨୦୧, ୨୦୪, ୧୨୦(ବି) ୩୪ରେ ମାମଲା(ନଂ. ୪୦୧/୨୦୨୦) ରୁଜୁ ହୋଇଛି। ଜିଲାପାଳଙ୍କ ସମେତ ଅନ୍ୟ ୩ଜଣଙ୍କ ନାମରେ ମାମଲା ମଧ୍ୟ ରୁଜୁ ହୋଇଛି। ଦେବନାରାୟଣ ମୃତ୍ୟୁ ମାମଲାରେ ପୋଲିସ ତଦନ୍ତରେ ଅବହେଳା ଅଭିଯୋଗ ଆଣି ସ୍ତ୍ରୀ ବନଜା ପଣ୍ଡା ଗତ ୨ତାରିଖରେ ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାର ଶୁଣାଣି କରି ଏସ୍‌ଡିଜେଏମ୍ ମାଲକାନଗିରି ପୋଲିସକୁ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହେବା ପରେ ପୋଲିସ ବେଶ୍ ସତର୍କତାର ସହ ତଦନ୍ତ ଆରମ୍ଭ କରିଛି। ଜିଲାପାଳଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ ପଣ୍ଡା ଗତବର୍ଷ ଡିସେମ୍ବର ୨୭ରେ ନିଖୋଜ ଥିଲେ। ୨୮ରେ ତାଙ୍କ ମୃତଦେହ ସତୀଗୁଡା ଜଳଭଣ୍ଡାରରୁ ଉଦ୍ଧାର ହୋଇଥିଲା। ପ୍ରଥମେ ପୋଲିସ ଏହାକୁ ଆତ୍ମହତ୍ୟା ବୋଲି ଅଭିହିତ କରି ଏକ ଅପମୃତ୍ୟୁ ମାମଲ ରୁଜୁ କରିଥିଲା। ଏହି ମାମଲାର ତଦନ୍ତରେ ପରିବାର ଲୋକେ ଅସନ୍ତୁଷ୍ଟ ହୋଇ ୮ମାସ ତଳେ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ☞ପୃଷ୍ଠା-୪

**ଦେବନାରାୟଣ ପଣ୍ଡା ମୃତ୍ୟୁ ଘଟଣା**

# ଆର୍‌ସିଇପିରୁ ଭାରତ ବାଦ୍

ରିଜିଓନାଲ୍ କମ୍ପ୍ରିହେନ୍‌ସିଭ୍ ଇକୋନୋମିକ୍ ପାର୍ଟନରଶିପ୍ (ଆର୍‌ସିଇପି) ବା 'ଆଞ୍ଚଳିକ ବିସ୍ତୃତ ଅର୍ଥନୈତିକ ଭାଗୀଦାରିତା' ହେଉଛି ବିଶ୍ୱର ସବୁଠୁ ବଡ଼ ବାଣିଜ୍ୟିକ ଚୁକ୍ତିନାମା। ଏହାର ମୋଟ ଘରୋଇ ଉତ୍ପାଦ (ଜିଡିପି) ହେଉଛି ବିଶ୍ୱର ୩୦%। ୧୦ ଏସୀୟ ରାଷ୍ଟ୍ର ସମେତ ମୋଟ ୧୫ଟି ଦେଶ ଏହାର ସଦସ୍ୟ। ଏଥରୁ ଭାରତ ଗତବର୍ଷ ଓହରି ଯାଇଥିବା କାରଣରୁ ଏବେ ଏହି ବୃହତ୍ ଚୁକ୍ତିନାମାରୁ ବାଦ୍ ପଡ଼ିଛି। ସୂଚନାଥାଉ କି, ନଭେମ୍ବର ପ୍ରଥମ ସପ୍ତାହରେ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ଏବଂ ଭାରତ ମିଳିତ ଭାବେ ମାଲାବାର ନୌ ସମରାଭ୍ୟାସ କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚାଇନା ବିରୋଧରେ ଏକ ବିକଳ୍ପ ସାମରିକ ଶକ୍ତି ଗଠନ କରିବା। ଏବେ ଆର୍‌ସିଇପିରେ ଜାପାନ ଓ ଅଷ୍ଟ୍ରେଲିଆର ଯୋଗଦାନ ଏବଂ ଆମେରିକାରେ ରାଜନୈତିକ ପରିବର୍ତ୍ତନ ଯୋଗୁ ଭାରତ ସମ୍ପୂର୍ଣ୍ଣ ଭାବେ ଏକଘରିକିଆ ହୋଇଯାଇଛି।





ଚୁକ୍ତିନାମା ସ୍ୱାକ୍ଷର ଅବସରରେ ମାଲେସିଆ ପ୍ରଧାନମନ୍ତ୍ରୀ ମୁହିଦ୍ଦିନ ୟାଶିନ୍ ଏବଂ ଅର୍ଥ ତଥା ଅନ୍ତର୍ଜାତୀୟ ବାଣିଜ୍ୟ ମନ୍ତ୍ରୀ ମହମ୍ମଦ ଅଜ୍‌ମିନ୍ ଅଲୀ ।

**ସିଙ୍ଗାପୁର/ନୂଆଦିଲ୍ଲୀ, ୧୫।୧୧**

ବିଶ୍ୱର ଏକତୃତୀୟାଂଶ ଅର୍ଥନୀତି ଅନ୍ତର୍ଭୁକ୍ତ ଥିବା ଆର୍‌ସିଇପି ଆମେରିକା ନେତୃତ୍ୱରେ ପରିଚାଳିତ ହେବ ବୋଲି ନୂଆଦିଲ୍ଲୀ ମନେକରିଥିଲା। ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଆମେରିକାର ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ସୁସମ୍ପର୍କ ବଢ଼ାଇବାରେ ଲାଗିଥିଲେ। ☞ପୃଷ୍ଠା-୪

- ମେଗା ବାଣିଜ୍ୟ ଚୁକ୍ତିନାମାରେ ୧୫ ଦେଶର ସ୍ୱାକ୍ଷର
- ଏସୀୟ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଚାଇନାର ପ୍ରଭାବ ବୃଦ୍ଧି

### ଆର୍‌ସିଇପି କ'ଣ

ଆର୍‌ସିଇପି ବା ଆଞ୍ଚଳିକ ବିସ୍ତୃତ ଅର୍ଥନୈତିକ ଭାଗୀଦାରିତା ବୁଝାମଣା ୨୦୧୨ ନଭେମ୍ବରରେ କାମ୍ବୋଡିଆରେ ଅନୁଷ୍ଠିତ ୨୧ତମ ଆସିଆନ୍ ସମିଟ୍‌ରେ ଆରମ୍ଭ ହୋଇଥିଲା। ଏଥିରେ ୧୦ ଆସିଆନ୍ ସଦସ୍ୟ (ବ୍ରୁନେଇ ଦାରୁସଲମ, ☞ପୃଷ୍ଠା-୪

# ଶୀତ ଅଧିବେଶନ: ୧୮ରେ ସର୍ବଦଳୀୟ ବୈଠକ

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ବିଧାନସଭା ଶୀତ ଅଧିବେଶନ ପାଇଁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୮ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକ ସକାଳ ୧୧ଟାରେ ଅନୁଷ୍ଠିତ ହେବାକୁ ଥିବାବେଳେ ସବୁ ଦଳର ବିଧାୟକ ଦଳ ନେତାଙ୍କୁ ବାଚସ୍ପତି ଏନେଇ ଚିଠି କରିଛନ୍ତି। ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଅଧିବେଶନ



କିଭଳି ସୁରୁଖୁରରେ ପରିଚାଳିତ ହେବ ସେନେଇ ମୁଖ୍ୟତଃ ଆଲୋଚନା ହେବ ବୋଲି ଜଣାପଡ଼ିଛି। ଏହାସହ କୋଭିଡ୍-୧୯ ପରୀକ୍ଷା କରାଯିବା ଏବଂ ଅନ୍ୟ କେଉଁସବୁ ପଦକ୍ଷେପ ନେବା ଜରୁରୀ ସେନେଇ ବିଶେଷତଃ ଆଲୋଚନା ହେବାର ସମ୍ଭାବନା ରହିଛି। ମୁଖ୍ୟତଃ ଏଥର ତାରକା ଚିହ୍ନିତ ପ୍ରଶ୍ନ ରହିବ କି ନାହିଁ, ତା' ଉପରେ ବିଶେଷ ଆଲୋଚନା କରାଯିବ। ତାରକା ପ୍ରଶ୍ନ ହେବା ସମ୍ପର୍କରେ ସବୁ ଦଳର ମତାମତ ନିଆଯିବ। ଗତଥର ଅଧିବେଶନ ସମୟରେ ତାରକା ପ୍ରଶ୍ନ ରଖାଯାଇ ନ ଥିବାରୁ ବିରୋଧୀ ଦଳ ପ୍ରବଳ ବିରୋଧ ପ୍ରଦର୍ଶନ କରିଥିଲେ। ତେଣୁ ଏଥର କିଭଳି ଏହା ଉପରେ ନିଷ୍ପତ୍ତି ନିଆଯିବ, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଲକ୍ଷ୍ୟ ବଂଶବାଦ ନୁହେଁ**

# ନୀତୀଶ ଏନ୍‌ଡିଏ ବିଧାୟକ ଦଳ ନେତା

- ଆଜି ଶପଥ ନେବେ
- ଭାଜପା ନେତା ତାରକିଶୋର ପ୍ରସାଦ ହୋଇପାରନ୍ତି ଉପମୁଖ୍ୟମନ୍ତ୍ରୀ



ନୀତୀଶ କୁମାର



ତାରକିଶୋର ପ୍ରସାଦ

**ପାଟନା, ୧୫।୧୧**

ବିହାରର ନବନିର୍ବାଚିତ ଏନ୍‌ଡିଏ ବିଧାୟକ ଦଳର ବୈଠକ ରବିବାର ବସି ସଂଯୁକ୍ତ ଜନତା ଦଳ (ଜେଡିୟୁ) ଅଧ୍ୟକ୍ଷ ନୀତୀଶ କୁମାରଙ୍କୁ ଏହାର ନେତା ନିର୍ବାଚନ କରାଯାଇଛି। ସେ କ୍ରମାଗତ ଚତୁର୍ଥ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିବା ବରିଷ୍ଠ ଭାଜପା ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହା ଘୋଷଣା କରିଛନ୍ତି। ତେବେ ସୁଶୀଲ କୁମାର ମୋଦି ଉପମୁଖ୍ୟମନ୍ତ୍ରୀ ପଦରେ ରହିବେ କି ନାହିଁ ସ୍ପଷ୍ଟ ହୋଇନାହିଁ। କଟିହାର ବିଧାୟକ ତାରକିଶୋର ପ୍ରସାଦଙ୍କୁ ବିଧାନସଭାରେ ଭାଜପାର ନେତା ନିର୍ବାଚନ କରାଯାଇଛି। ତାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିପାରେ ବୋଲି ଏକ ସୂତ୍ରରୁ ଜଣାପଡିଛି। ☞ପୃଷ୍ଠା-୪

# ମୁହଁ ଫେରାଇଲେଣି ୯ ଷ୍ଟିଲ୍ କମ୍ପାନୀ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ରାଜ୍ୟରେ ଶିଳ୍ପର ଉନ୍ନତି ଏବଂ ଏ କ୍ଷେତ୍ରରେ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ରାଜ୍ୟ ସରକାର ବିଭିନ୍ନ ଯୋଜନା ଆଣୁଛନ୍ତି। ନୂତନ ଶିଳ୍ପ ନୀତିରୁ ଆରମ୍ଭକରି ଷ୍ଟାର୍ଟଅପ୍ ଓ ଏମ୍‌ଏସ୍‌ଏମ୍‌ଇ ସେକ୍ଟର ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରିଛନ୍ତି। ରାଜ୍ୟରେ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିକୁ ଫୋକସରେ ରଖି ରାଜ୍ୟ ସରକାର 'ଭିଜନ-୨୦୩୦'ର ଲକ୍ଷ୍ୟ ରଖିଛନ୍ତି। ଆଲୁମିନିୟମ୍, ଷ୍ଟିଲ୍, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଭଳି ସେକ୍ଟରରେ ଅଧିକରୁ ଅଧିକ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା କରି ରାଜ୍ୟ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା କହୁଛନ୍ତି। ହେଲେ ବାସ୍ତବ ଚିତ୍ର ଭିନ୍ନ। ରାଜ୍ୟରେ ଯେତିକି ପୁଞ୍ଜିନିବେଶ ହେଉଛି,ସେତିକି ପ୍ରତ୍ୟାହାର ମଧ୍ୟ ହେଉଛି। ଅର୍ଥାତ୍ ଗୋଟିଏପଟେ କୋଟି କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରୁଥିବାବେଳେ ଏପଟେ ଗୋଟିଏ ପରେ ଗୋଟିଏ ବୃହତ୍ ଶିଳ୍ପ ଓଡ଼ିଶାରୁ ନିଜର ଉତ୍ପାଦନ କାର୍ଯ୍ୟ ବନ୍ଦ କରୁଛନ୍ତି। ମିଳିଥିବା ☞ପୃଷ୍ଠା-୪

**ବିଦେଶକୁ ଚାଲିଯାଉଛି କଞ୍ଚାମାଲ**

- ୬ ମାସରେ ଚାଇନାକୁ ଯାଇଛି ୨୦ ମିଲିୟନ୍ ଟନ୍ ଲୁହାପଥର

# ଝିଅକୁ ବାଜି ଲଗାଇ ବଳାତ୍କାରୀଙ୍କୁ ଧରିଲେ



ଝିଅ ସହ ଏଏସ୍‌ଆଇ ମହମ୍ମଦ ବକ୍ସ ବୁରିରୋ

- ଚର୍ଚ୍ଚାରେ ପାକିସ୍ତାନୀ ପୋଲିସ ଅଧିକାରୀଙ୍କ ସାହସିକତା
- ପୀଡ଼ିତା ନାବାଳିକାଙ୍କୁ ମୁକୁଳାଇ ଅପରାଧୀଙ୍କୁ କାବୁ କଲେ
- ଫୋନ୍ କରି ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

**ଇସ୍‌ଲାମାବାଦ,୧୫।୧୧**

ପାକିସ୍ତାନରୁ ଅଧିକାଂଶ ସମୟରେ ନକାରାତ୍ମକ ଖବର ଆସିଥାଏ। ପଡ଼ୋଶୀ ଦେଶର ଆତଙ୍କବାଦ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ଦରଦାମ ବୃଦ୍ଧି ଆଦି ଖବର ଭାରତୀୟ ଗଣମାଧ୍ୟମରେ ଶିରୋନାମା ମଣ୍ଡନ କରୁଥିବାବେଳେ ଏବେ ଜଣେ ପୋଲିସ ଅଧିକାରୀଙ୍କ ସାହସିକତା ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଆସିଷ୍ଟାଣ୍ଟ ସବ୍‌ଇନ୍‌ସ୍ପେକ୍ଟର (ଏଏସ୍‌ଆଇ) ଜଣକ ନିଜ ଝିଅକୁ ବାଜି ଲଗାଇ ବଳାତ୍କାରୀମାନଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଗତ ୧୦ ତାରିଖରେ ପାକିସ୍ତାନର ସିନ୍ଧ୍ ପ୍ରଦେଶରେ ଏହି ବିରଳ ଘଟଣା ଦେଖିବାକୁ ମିଳିଛି।

କେତେଜଣ ଅପରାଧୀ ଜଣେ ମହିଳାଙ୍କୁ ଚାକିରି ପ୍ରଲୋଭନ ଦେଖାଇ କରାଚୀରୁ କାଶ୍ମୋରକୁ ଡକାଇଥିଲେ। ମହିଳା ନିଜ ୫ ବର୍ଷର ଝିଅକୁ ଧରି ସେମାନଙ୍କ ପାଖରେ ପହଞ୍ଚିବା ପରେ ଅସାମାଜିକ ବ୍ୟକ୍ତିମାନେ ଦୁହିଁଙ୍କୁ ଅନେକ ଦିନ ଧରି ଗଣବଳାତ୍କାର କରିଥିଲେ। ସେମାନେ ଧରା ନ ☞ପୃଷ୍ଠା-୪


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

### ଲର୍ଣ୍ଣସ ଲାଇସେନ୍ସ ଆବେଦନକାରୀ ମାନଙ୍କ ନିମନ୍ତେ ସୂଚନା

- ଆବେଦନକାରୀମାନେ ପ୍ରତିଦିନ ସକାଳ ୭ ଟାରେ ସେମାନଙ୍କର ପ୍ରିୟ ସ୍ଲଟ୍ ବୁକ୍ କରିବାର ସର୍ବୋତ୍ତମ ସୁଯୋଗ ପାଇଥାନ୍ତି।
- ଦୟାକରି ଆମକୁ **www.twitter.com/STAOdisha** ରେ ଅନୁସରଣ କରନ୍ତୁ କିମ୍ବା **STA** ରୁ ଅଦ୍ୟତନ ପାଇବାକୁ ଆମର ପୃଷ୍ଠା **https://www.facebook.com/OdishaSTA/** ପସନ୍ଦ କରନ୍ତୁ।
- ଲର୍ଣ୍ଣିଙ୍ଗ ଲାଇସେନ୍ସ ପରୀକ୍ଷା ପାଇଁ ଆସିବା ପୂର୍ବରୁ ଦୟାକରି ଟ୍ରାଫିକ ଚିହ୍ନ ଏବଂ ନିୟମ ବିଷୟରେ ଜ୍ଞାନ ଆହରଣ କରନ୍ତୁ।
- ଆବେଦନକାରୀ କମ୍ପ୍ୟୁଟର ରେ ଲର୍ଣ୍ଣିଙ୍ଗ ଲାଇସେନ୍ସ ପରୀକ୍ଷା ଦେବେ। କମ୍ପ୍ୟୁଟର ଓ ମାଉସ ଚଳାଇବା ପାଇଁ ପ୍ରାର୍ଥୀଙ୍କର ସାଧାରଣ ଜ୍ଞାନ ରହିବା ଉଚିତ୍।
- ଆବେଦନକାରୀମାନେ **www.parivahan.gov.in** ପୋର୍ଟାଲରେ ନମୂନା ପ୍ରଶ୍ନଗୁଡ଼ିକ ଦେଖିପାରିବେ ଏବଂ ମକ୍ ଟେଷ୍ଟ (Mock Test) ଦେଇ ପାରିବେ।
- କାଗଜପତ୍ର ଏବଂ ବାୟୋମେଟ୍ରିକ୍ସ ଯାଞ୍ଚ ନିମନ୍ତେ ଦୟାକରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ର ଲର୍ଣ୍ଣିଙ୍ଗ ଲାଇସେନ୍ସ ପରୀକ୍ଷା କେନ୍ଦ୍ରରେ ଅତି କମ୍‌ରେ ୪୫ ମିନିଟ୍ ସ୍ଲଟ୍ ସମୟ ପୂର୍ବରୁ ପହଞ୍ଚିବା ଆବଶ୍ୟକ।
- ବହୁତ ଶୀଘ୍ର ଯାଆନ୍ତୁ ନାହିଁ କାରଣ ଆପଣଙ୍କର ସ୍ଲଟ୍ ସମୟର ୪୫ ମିନିଟ୍ ପୂର୍ବରୁ ଆପଣଙ୍କୁ ଅନୁମତି ଦିଆଯିବ।
- ଦୟାକରି ସ୍ୱୀକୃତି ସ୍ଲିପ୍ **(Acknowledgement Slip)** ଓ ଅସ୍ଥାୟୀ ନିଯୁକ୍ତି ସ୍ଲିପ୍ **(Provisional Appointment Slip)** ରେ ଉଲ୍ଲେଖିତ ନିର୍ଦ୍ଦେଶାବଳୀ ଅନୁସରଣ କରନ୍ତୁ।
- ଯାଞ୍ଚ ପାଇଁ ଆବେଦନ ସମୟରେ ଆପଣ ଅପଲୋଡ଼ କରିଥିବା ମୂଳ କାଗଜପତ୍ର ଗୁଡ଼ିକ ଦୟାକରି ସାଙ୍ଗରେ ଆଣିବା ଅବଶ୍ୟକ। ଗ୍ରହଣ କରିବାକୁ ଥିବା କାଗଜପତ୍ର ଗୁଡ଼ିକର ତାଲିକା ସ୍ୱୀକୃତି ସ୍ଲିପ୍ **(Acknowledgement Slip)** ରେ ଉଲ୍ଲେଖ କରାଯାଇଛି। ଉଦାହରଣ ସ୍ୱରୂପ :- ଯଦି ଆପଣ ଆଧାରକୁ ଆଇଡି ପ୍ରମାଣ ଭାବରେ ଅପଲୋଡ଼ କରିଛନ୍ତି, ତେବେ ଦୟାକରି ଆପଣଙ୍କର ମୂଳ ଆଧାର କାର୍ଡ ବହନ କରନ୍ତୁ, ଅନ୍ୟ କୌଣସି ଆଇଡ଼ି ପ୍ରମାଣପତ୍ର ଗ୍ରହଣ କରାଯିବ ନାହିଁ।
- **LL** ଆବେଦନର ପ୍ରିଣ୍ଟ କପି, ଫି ରସିଦ୍, ସ୍ୱୀକୃତି ସ୍ଲିପ୍ **(Acknowledgement Slip)**, ଅପଲୋଡ଼ ହୋଇଥିବା ଯେ କୌଣସି କାଗଜପତ୍ର ର ନକଲ ଏବଂ ବ୍ଲଡ୍ ଗ୍ରୁପ ସାର୍ଟିଫିକେଟ୍ ଆଣିବାର କୌଣସି ଆବଶ୍ୟକତା ନାହିଁ।
- ଆପଣ ମୋବାଇଲ ଫୋନ୍ ରେ ଡିଜିଟାଲ ଅସ୍ଥାୟୀ ନିଯୁକ୍ତି ସ୍ଲିପ୍ **(Digital Provisional Appointment Slip)** ଦେଖାଇପାରିବେ କିମ୍ବା ତା'ର ନକଲ ସାଙ୍ଗରେ ଆଣି ପାରିବେ।
- ଯେଉଁ ଆବେଦନକାରୀମାନେ ୧ ଫେବୃଆରୀ ୨୦୨୦ପୂର୍ବରୁ ଆବେଦନ କରିଥିଲେ ଏବଂ କାଗଜପତ୍ର ଅପଲୋଡ଼ କରିନାହାଁନ୍ତି, ସେମାନେ ମୂଳ କାଗଜପତ୍ର ସହିତ ନକଲ କପି ଆଣିବା ଆବଶ୍ୟକ।

### ଲର୍ଣ୍ଣସ ଲାଇସେନ୍ସ କମ୍ପ୍ୟୁଟର ପରୀକ୍ଷାରେ ପ୍ରାର୍ଥୀମାନଙ୍କ ପାଇଁ ସୂଚନା

(୧) କମ୍ପ୍ୟୁଟର ର **LL** ଟେଷ୍ଟ ସ୍କ୍ରିନରେ, ପ୍ରାର୍ଥୀଙ୍କୁ ଲର୍ଣ୍ଣିଙ୍ଗ ଲାଇସେନ୍ସ **(LL)** ପରୀକ୍ଷା ପାଇଁ ଅସ୍ଥାୟୀ ନିଯୁକ୍ତି ସ୍ଲିପ୍ **(Provisional Appointment Slip)** ରେ ଦିଆଯାଇଥିବା **ଆବେଦନ ନମ୍ବର (Application Number)** ଦେବାକୁ ପଡ଼ିବ।

(୨) ତା' ପରେ କିବୋର୍ଡ଼ ରେ ଥିବା **ଟ୍ୟାବ୍ (TAB)** ବଟନ୍ ଦବାନ୍ତୁ। ଜନ୍ମ ତାରିଖ ପୂରଣ କରିବାର କୌଣସି ଆବଶ୍ୟକତା ନାହିଁ।

(୩) ବାୟୋମେଟ୍ରିକ୍ସ ସମାପ୍ତ ହେବା ପରେ ପଞ୍ଜୀକୃତ ମୋବାଇଲ ନମ୍ବର ରେ ଯାଇଥିବା **ପାସୱାର୍ଡ଼ (Password)** କୁ ଉପଯୁକ୍ତ ସ୍ଥାନରେ ଭରନ୍ତୁ।

(୪) **ଲଗଇନ୍ (Login)** ବଟନ୍ ଉପରେ କ୍ଲିକ୍ କରନ୍ତୁ।

(୫) ଏହାପରେ ନିର୍ଦ୍ଦିଷ୍ଟ ପୃଷ୍ଠା ଖୋଲିବ, ଦୟାକରି ଏହାକୁ ଭଲଭାବ ପଢନ୍ତୁ ଏବଂ **ଅଗ୍ରଗତି (Proceed)** ବଟନ୍ ଉପରେ କ୍ଲିକ୍ କରନ୍ତୁ।

(୬) ତା'ପରେ ଡ୍ରପ୍ ଡାଉନ୍ ତାଲିକାରୁ ଭାଷା (ଇଂରାଜୀ କିମ୍ବା ଓଡ଼ିଆ) ଚୟନ କରନ୍ତୁ।

(୭) ତା'ପରେ RTO ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା **ପିନ୍ (Pin)** ଭରନ୍ତୁ।

(୮) ଚୁକ୍ତିନାମା ଯାଞ୍ଚ ବାକ୍ସରେ କ୍ଲିକ୍ କରନ୍ତୁ, ତା'ପରେ **ଅଗ୍ରଗତି (Proceed)** ବଟନ୍ ଉପରେ କ୍ଲିକ୍ କରନ୍ତୁ।

(୯) ପ୍ରଶ୍ନଗୁଡ଼ିକର ଉତ୍ତର ବିକଳ୍ପ ସହିତ ପରଦାରେ ପ୍ରଦର୍ଶିତ ହେବ। ପ୍ରତ୍ୟେକ ପ୍ରଶ୍ନର ଉତ୍ତରକୁ ଦିଆଯାଇଥିବା ସମୟ ହେଉଛି ୩୦ ସେକେଣ୍ଡ, ଅନ୍ୟଥା ଏହା ପରବର୍ତ୍ତୀ ପ୍ରଶ୍ନକୁ ଯିବ।

(୧୦) ପ୍ରତ୍ୟେକ ପ୍ରଶ୍ନ ପାଇଁ ୩/୪ ଟି ଉତ୍ତର ପ୍ରଦର୍ଶିତ ହେବ। ମାଉସ ଚଳାଇ ସଠିକ ଉତ୍ତର ଉପରେ କ୍ଲିକ୍ କରନ୍ତୁ କିମ୍ବା କମ୍ପ୍ୟୁଟର କିବୋର୍ଡ଼ ର ୧,୨,୩,୪ ନମ୍ବର ଦବାନ୍ତୁ।

(୧୧) ଉତ୍ତର ଚୟନ କରିବା ପରେ **ନିଶ୍ଚିତ (Confirm)** ବଟନ୍ ଉପରେ କ୍ଲିକ୍ କରନ୍ତୁ କିମ୍ବା କମ୍ପ୍ୟୁଟର କିବୋର୍ଡ଼ ରେ ଏଣ୍ଟର କି **(Enter Key)** ଦବାନ୍ତୁ।

(୧୨) ଏହି ଉପାୟରେ ଆପଣଙ୍କୁ ୨୦ ଟି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ।

(୧୩) ୧୨ ଟି ସଠିକ ଉତ୍ତର ପରେ କମ୍ପ୍ୟୁଟର **'ପାସ୍' (PASS)** ପ୍ରଦାନ କରିବ, ଅନ୍ୟଥା ଏହା ଉତ୍ତର ଦେବାକୁ ସମସ୍ତ ପ୍ରଶ୍ନ ଗୋଟିଏ ପରେ ଗୋଟିଏ ଦର୍ଶାଇବ।

(୧୪) ୧୨ ଟି ରୁ କମ୍ ସଠିକ ଉତ୍ତର ପାଇଁ ଏହା **'ଫେଲ୍' (FAIL)** ଦର୍ଶାଇବ।

(୧୫) ଯଦି ଆପଣ ପରୀକ୍ଷାରେ **ପାସ୍ (PASS)** କରନ୍ତି, ଲର୍ଣ୍ଣିଙ୍ଗ ଲାଇସେନ୍ସ **(LL)** ଡ଼ାଉନଲୋଡ କରିବାକୁ ତୁରନ୍ତ ଆପଣଙ୍କର ପଞ୍ଜୀକୃତ ମୋବାଇଲ ନମ୍ବର ରେ **SMS** ପାଇବେ।

(୧୬) ଶିକ୍ଷାର୍ଥୀ ଲାଇସେନ୍ସ କୁ ନିମ୍ନରେ ଦିଆଯାଇଥିବା URL ରୁ ଡ଼ାଉନଲୋଡ କରାଯାଇପାରିବ **https://sarathi.parivahan.gov.in/sarathiservicecov9/sarathiHomePublic.do->learner licence-> print learner licence (form3) -> click on proceed button->** ଆବେଦନ ନମ୍ବର, ଜନ୍ମ ତାରିଖ ଦେଇ **ଦାଖଲ (Submit)** ବଟନ୍ ଉପରେ କ୍ଲିକ୍ କରନ୍ତୁ।

(୧୭) ପରୀକ୍ଷାରେ **ବିଫଳ (FAIL)** ହେଲେ ଆବେଦନକାରୀ ପରୀକ୍ଷା ତାରିଖରୁ ୭ ଦିନ ପରେ ପୁନଃ ପରୀକ୍ଷା ପାଇଁ ଆବେଦନ କରିପାରିବେ।

(୧୮) ଯଦି ଆବେଦନକାରୀ ପରୀକ୍ଷା ଅବଧି ମଧ୍ୟରେ ଆବଣ୍ଟିତ କମ୍ପ୍ୟୁଟରରେ **LL** ପରୀକ୍ଷା ଆରମ୍ଭ କରିବା ପାଇଁ କୌଣସି ପ୍ରମାଣପତ୍ର (ଆବେଦନ ନମ୍ବର, ପାସୱାର୍ଡ଼ ଇତ୍ୟାଦି) ପ୍ରବେଶ କରନ୍ତି ନାହିଁ, ତେବେ ତାଙ୍କୁ ଅନୁପସ୍ଥିତ ବୋଲି ଚିହ୍ନିତ କରାଯିବ।

**ପରିବହନ ଆୟୁକ୍ତ, ଓଡ଼ିଶା**

**ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି**



ଭାରତୀୟ ନୌସେନା ସମେତ ତିନି ବାହିନୀ ପକ୍ଷରୁ ଚଳିତ ମାସ ଶେଷ ସପ୍ତାହରେ ଭାରତ ମହାସାଗର ଅଞ୍ଚଳରେ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ବ୍ୟାପକ ପରୀକ୍ଷା ନିରୀକ୍ଷା କରାଯିବ। ପୂର୍ବରୁ ଡିଆରଡିଓ ବ୍ରହ୍ମୋସ୍ ଏବଂ ସୌର୍ଯ୍ୟ ମିସାଇଲ୍ ସିଷ୍ଟମର ସଫଳ ପରୀକ୍ଷା କରାସାରିଛି।





ଦିଲ୍ଲୀରେ ଦୀପାବଳି ପରେ ପାର୍ଲାମେଣ୍ଟ ବିଲ୍ଡିଂ ଧୂଆଁମୟ ହୋଇଯାଇଛି। ଦୀପାବଳି ବେଳେ ନଡ଼ାମୂଳ ପୋଡ଼ି ଯୋଗୁ ରାଜଧାନୀର ବାୟୁ ଗୁଣବତ୍ତା ଅତ୍ୟନ୍ତ ଖରାପ ସ୍ତରରେ ପହଞ୍ଚିଛି।




ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାର ରବିବାର ପାଟନାରେ ରାଜ୍ୟପାଳ ଫଗୁ ଚୌହାନଙ୍କୁ ଭେଟିବା ପରେ ଅଭିବାଦନ ଜଣାଉଛନ୍ତି। ସାଙ୍ଗରେ ଅଛନ୍ତି ଏଚ୍‌ଏଏମ୍ ମୁଖ୍ୟ ଜିତନ୍‌ରାମ ମାଞ୍ଝି, ଭାଜପା ରାଜ୍ୟ ସଭାପତି ସଞ୍ଜୟ ଜୟସ୍ୱାଲ ଏବଂ ଭିଆଇପି ମୁଖ୍ୟ ମୁକେଶ ସାହନି।

# ଭାକ୍ସିନ ନ ଆସୁଣୁ ଭିଡ଼

**ନୂଆଦିଲ୍ଲୀ,୧୫।୧୧**

ମହାମାରୀ କରୋନାରୁ ମୁକ୍ତି ପାଇଁ ଟିକାକୁ ସାରା ବିଶ୍ୱ ଅପେକ୍ଷା କରିଥିବାବେଳେ ଏହା ଉପରେ ଏବେଠାରୁ ଅଧିକାର ଜମାଇ ବସିଲେଣି ଧନୀ ରାଷ୍ଟ୍ର। ଫଳରେ ସ୍ୱଳ୍ପ ଆୟକାରୀ ଗରିବ ଦେଶଗୁଡ଼ିକରେ କୋଭିଡ୍-୧୯ ବିରୋଧୀ ଯୁଦ୍ଧ ଆହୁରି ୪ ବର୍ଷ ଧରି ଲମ୍ବିଚାଲିବା ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଭାକ୍ସିନ ଗବେଷଣା କ୍ଷେତ୍ରରେ ଭାରତର ଉଦ୍ୟମ ସଫଳ ହେଲେ ବିଶ୍ୱରେ ଟିକା ଯୋଗାଣକୁ ପ୍ରୋତ୍ସାହନ ମିଳିବ ଏବଂ ଗରିବ ଦେଶଗୁଡ଼ିକ କମ୍ ମୂଲ୍ୟରେ ଏହାକୁ ପାଇପାରିବେ ବୋଲି ମତ ପ୍ରକାଶ ପାଇଛି।

ପ୍ରାୟ ବର୍ଷେ ତଳେ ଚାଇନାର ଉହାନ ସହରରୁ ବାହାରିଥିବା କରୋନା ଭାଇରସ୍ ଅଦ୍ୟାବଧି ବିଶ୍ୱରେ ୧,୩୨୦,୬୮୬ ଜଣଙ୍କ ଜୀବନ ନେଇସାରିଲାଣି। ଏହି ଭୂତାଣୁରେ ୫୪,୪୮୮,୬୬୭ ଜଣ ସଂକ୍ରମିତ ହୋଇଥିବାବେଳେ ଚିକିତ୍ସା ପରେ ୩୮,୦୦୨,୯୯୦ ଜଣ ଆରୋଗ୍ୟ ଲାଭ




କରିଛନ୍ତି। କରୋନାକୁ ସମୂଳେ ନାଶ କରିବା ପାଇଁ ବର୍ତ୍ତମାନ ସୁଦ୍ଧା ଫଳପ୍ରଦ ଟିକା ବାହାରି ନ ଥିବାବେଳେ ଫାଇଜର ଭାକ୍ସିନ୍‌ର ସଫଳତାକୁ ନେଇ ବିଶ୍ୱବାସୀ ଉଲ୍ଲସିତ। ଅନ୍ୟ କେତେକ ଭାକ୍ସିନ ମଧ୍ୟ ଭଲ ଫଳ ଦେଉଥିବାରୁ ପ୍ରଥମେ ସ୍ୱାସ୍ଥ୍ୟକର୍ମୀ ଓ ଅଧିକ ବୟସର ଲୋକଙ୍କୁ ତାହା ଦିଆଯିବ ବୋଲି କୁହାଯାଉଛି। ତେବେ ବିଶ୍ୱରେ କରୋନା ବିରୋଧରେ ୨୦୨୪ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କାରଣ ଧନୀ ରାଷ୍ଟ୍ରଗୁଡ଼ିକ ଗରିବ ଦେଶକୁ ଅଣଦେଖା କରି ବର୍ତ୍ତମାନ ସୁଦ୍ଧା କୋଟି କୋଟି ଡୋଜ୍ ଭାକ୍ସିନ୍ ନିଜ ନାଗରିକଙ୍କ ପାଇଁ ରିଜର୍ଭ କରିସାରିଲେଣି। ଏତିକି ପରିମାଣର ଭାକ୍ସିନ ସମ୍ପୃକ୍ତ ଧନୀ ଦେଶଗୁଡ଼ିକରେ ବର୍ଷାଧିକ କାଳ ଗଚ୍ଛିତ ରହିବା ଫଳରେ ଗରିବ ରାଷ୍ଟ୍ରର ଲୋକମାନେ ଏଥିରୁ ବଞ୍ଚିତ ହେବେ। କେବଳ ଆମେରିକା ବିଶ୍ୱ ଯୋଗାଣର ୬ ଭାଗରୁ ଭାଗେ ଟିକା କିଣିସାରିଲାଣି।

- ଟିକା ଉପରେ ଅଧିକାର ଜମାଇଛନ୍ତି ଧନୀ ରାଷ୍ଟ୍ର
- ଗରିବ ଦେଶରେ ୨୦୨୪ ଯାଏ ଲମ୍ବିବ କୋଭିଡ୍ ଯୁଦ୍ଧ

ସେହିପରି କାନାଡା ମଧ୍ୟ ନିଜ ନାଗରିକମାନଙ୍କୁ ୯ ଥର ଲେଖାଏ ଟିକା ଦେବା ପାଇଁ ପର୍ଯ୍ୟାପ୍ତ ଡୋଜ୍ କିଣିବା ଲାଗି ବ୍ୟବସ୍ଥା କରିଛି। କାନାଡାର ଜନସଂଖ୍ୟା ୩୮ ନିୟୁତ ହୋଇଥିବାବେଳେ ଏହି ଦେଶ ୩୫୮ ନିୟୁତ ଡୋଜ୍ ଭାକ୍ସିନ କିଣିବାକୁ ସ୍ଥିର କରିଛି। ୧.୬ ବିଲିୟନ ଡୋଜ୍ ସହ ଭାରତ ପ୍ରଥମ ଅଗ୍ରିମ କ୍ରେତା ପାଲଟିଥିବାବେଳେ ଦେଶରେ ଜଣପିଛା ଗୋଟିଏ ଡୋଜ୍ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ଫଳରେ ଉତ୍ପାଦନ ସୀମିତ ହୋଇଥିବାରୁ ସ୍ୱଳ୍ପ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକ ୨୦୨୪ ପର୍ଯ୍ୟନ୍ତ ମୋଟ ଜନସଂଖ୍ୟାର ସମ୍ପୂର୍ଣ୍ଣ ଟିକାକରଣ କରିପାରିବେ ନାହିଁ।

ଡ୍ୟୁକ୍ ୟୁନିଭର୍ସିଟିର ତଥ୍ୟାନୁସାରେ ବର୍ତ୍ତମାନ ସୁଦ୍ଧା ୯.୬ ବିଲିୟନ ଡୋଜ୍ ଟିକା ବୁକ୍ କରାଗଲାଣି। ସେଥିରୁ ୬.୪ ବିଲିୟନ କିଣିବା ପାଇଁ ନିଶ୍ଚିତ କରାଯାଇଥିବାବେଳେ ଅବଶିଷ୍ଟ ୩.୨ ବିଲିୟନ ଡୋଜ୍ ଲାଗି ମୂଲଚାଲ ଚାଲିଛି। କିନ୍ତୁ କୌଣସି ସ୍ୱଳ୍ପ ଆୟକାରୀ ଦେଶ ଟିକା କିଣିବା ପାଇଁ ଚୁକ୍ତିବଦ୍ଧ ହୋଇ ନାହାନ୍ତି। ସ୍ୱଳ୍ପ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡ଼ିକର ଅନ୍ୟୂନ ୨୦% ଲୋକଙ୍କୁ କରୋନା ଦାଉରୁ ରକ୍ଷା କରିବା ପାଇଁ କେତେକ ଆନ୍ତର୍ଜାତିକ ଓ ଅଣଲାଭକାରୀ ସଂସ୍ଥା ଏକାଠି ହୋଇ ଉଦ୍ୟମ ଆରମ୍ଭ କରିଛନ୍ତି। କୋଭିଡ୍-୧୯ ଭାକ୍ସିନ୍ସ ଗ୍ଲୋବାଲ୍ ଆକ୍ସେସ୍ ଫାସିଲିଟି (କୋଭାକ୍ସ) ପକ୍ଷରୁ ୨୦୨୧ ଶେଷ ସୁଦ୍ଧା ୨ ବିଲିୟନ ଡୋଜ୍ ଟିକା ଲାଗି ପାଣ୍ଠି ଗଠନ କରାଯାଉଛି। ଅନେକ ଦେଶର ସରକାର ନିଜ ଲୋକଙ୍କୁ ରୋଗ ପ୍ରତିରୋଧୀ କରିବା ପାଇଁ ସମ୍ପୂର୍ଣ୍ଣ ଭାବେ କୋଭାକ୍ସ ଉପରେ ନିର୍ଭର କରିବେ। ଏହି ପାଣ୍ଠିକୁ ଦାନ କରିବାକୁ ୧୫୦ରୁ ଉର୍ଦ୍ଧ୍ୱ ଦେଶ ରାଜି ହୋଇଥିବା ଜଣାପଡ଼ିଛି। ଭାରତ ଓ ବ୍ରାଜିଲ ଭଳି ମଧ୍ୟମ ଆୟକାରୀ ଦେଶ ନିଜସ୍ୱ ଭାକ୍ସିନ ବିକଶିତ କରୁଛନ୍ତି, ଯାହାକି ପ୍ରାଥମିକ ପର୍ଯ୍ୟାୟରେ ରହିଛି।

## ‘ବିସ୍ତାରବାଦୀ ଶକ୍ତିଙ୍କୁ କଡ଼ା ଜବାବ ଦେବୁ’



**ଲଙ୍ଗେୱାଲା (ରାଜସ୍ଥାନ), ୧୫।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ରାଜସ୍ଥାନର ଲଙ୍ଗେୱାଲା ପୋଷ୍ଟରେ ଯବାନମାନଙ୍କ ସହ ଦୀପାବଳି ପାଳିଛନ୍ତି। ଯବାନମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେ ପଡୋଶୀ ଦେଶଗୁଡ଼ିକୁ କଡ଼ା ବାର୍ତ୍ତା ଦେଇଛନ୍ତି। ବିସ୍ତାରବାଦୀ ଶକ୍ତି ଯଦି ଉତ୍ତେଜନା ଜାରି ରଖନ୍ତି, ତେବେ ଭାରତ ପ୍ରଚଣ୍ଡ ଜବାବ ଦେବ ବୋଲି ସେ କହିଛନ୍ତି। ବିସ୍ତାରବାଦ ଏକ ବିକୃତ ମାନସିକତା। ଏଭଳି ଚିନ୍ତାଧାରା ଅଷ୍ଟାଦଶ ଶତାବ୍ଦୀର। କୌଣସି ମୂଲ୍ୟ ଦେଇ ଭାରତ ତା’ର ସ୍ୱାର୍ଥ ସହ ସାଲିସ୍ କରିବ ନାହିଁ, ଆଜି ଏହା ବିଶ୍ୱ ଜାଣେ ବୋଲି ପ୍ରଧାନମନ୍ତ୍ରୀ ପଡୋଶୀ ଦେଶଙ୍କ ନାଁ ନ ନେଇ କହିଥିଲେ। ଆତଙ୍କବାଦର ପ୍ରାୟୋଜକ ରାଷ୍ଟ୍ରରେ ଭାରତୀୟ ଯବାନ ପ୍ରବେଶ କରି ଆକ୍ରମଣ କରିଛନ୍ତି। ଭାରତୀୟ ଯବାନଙ୍କ ବୀରତ୍ୱକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଥିଲେ, କେହି ଆମ ଉପରେ ଆଖି ପକାଇଲେ, ଯବାନମାନେ ତା’ର ଠିକଣା ଜବାବ ଦେବେ।

## ସଂକ୍ଷେପରେ

### ଦୀପାବଳିରେ ଏସିଡ୍ ଆକ୍ରମଣ: ପୀଡ଼ିତାଙ୍କ ମୃତ୍ୟୁ


**ବିଡ୍(ମହାରାଷ୍ଟ୍ର), ୧୫।୧୧(ଆଇଏନ୍ଏସ୍)** ମହାରାଷ୍ଟ୍ରର ବିଡ୍ ଜିଲାରେ ଦୀପାବଳି ଅବସରରେ ଏକ ହୃଦୟ ବିଦାରକ ଘଟଣା ଘଟିଛି। ଜଣେ ୨୨ ବର୍ଷୀୟ ଯୁବତୀଙ୍କୁ ତାଙ୍କ ପୁରୁଷ ବନ୍ଧୁ ଏସିଡ୍ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ହସ୍ପିଟାଲରେ ୧୬ ଘଣ୍ଟା ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ରବିବାର ସକାଳେ ସେ ଆଖି ବୁଜିଛନ୍ତି। ପୋଲିସ ରବିବାର ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ ନାନ୍ଦେଡ୍ ଜିଲାରୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଅବିନାଶ ଆର୍. ରାଜୁର୍(୨୫) ଓ ସାବିତ୍ରୀ ଡି. ଅଙ୍କୁଲକର(୨୨) ଦୀପାବଳି ପାଳନ ଲାଗି ଶୁକ୍ରବାର ରାତି ୨ଟାରୁ ମୋଟରସାଇକେଲରେ ପୁଣେରୁ ସେମାନଙ୍କ ଗ୍ରାମ ନନ୍ଦେଡ୍ ଜିଲାର ଶେଲ୍‌ଗାଁଓ ଅଭିମୁଖେ ବାହାରିଥିଲେ। ୟେଲାମ୍ବ ଘାଟ ଅଞ୍ଚଳର ଏକ ନିଛାଟିଆ ସ୍ଥାନରେ ଅବିନାଶ ଗାଡ଼ି ଅଟକାଇ ସାବିତ୍ରୀଙ୍କୁ ତଣ୍ଟିଚିପି ମାରିବାକୁ ଉଦ୍ୟମ କରିଥିଲେ। ଏଥିରେ ବିଫଳ ହେବାରୁ ଅବିନାଶ ତାଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲେ। ଏହା ପରେ ଅଭିଯୁକ୍ତ ଗାଡ଼ିରୁ ପେଟ୍ରୋଲ ବାହାର କରି ପୀଡ଼ିତାଙ୍କ ଉପରେ ଢାଳି ନିଆଁ ଲଗାଇଦେଇ ରାସ୍ତାପାର୍ଶ୍ୱରେ ଥିବା ଏକ ଗର୍ତ୍ତରେ ପକାଇ ଚାଲିଆସିଥିଲେ। ଜଣେ ମେଷପାଳକଙ୍କଠାରୁ ଖବର ପାଇ ପୋଲିସ ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେତେବେଳକୁ ପୀଡ଼ିତାଙ୍କ ଶରୀରର ୫୦ ପ୍ରତିଶତ ପୋଡ଼ିଯାଇଥିଲା।

### ୫୦ ଟଙ୍କାରେ ଆଧାର ପିଭିସି କାର୍ଡ ଅର୍ଡର




**ନୂଆଦିଲ୍ଲୀ, ୧୫।୧୧:** ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ନୂତନ ସେବା ‘ଅର୍ଡର ଆଧାର କାର୍ଡ’ ଲଞ୍ଚ୍ କରିଛନ୍ତି। ଏଥିରେ କାର୍ଡଧାରୀ ୫୦ ଟଙ୍କା ଦେଇ ଅନ୍‌ଲାଇନରେ ପିଭିସି ଆଧାର କାର୍ଡ ପାଇଁ ଅର୍ଡର କରିପାରିବେ। ଏଥିପାଇଁ ପଞ୍ଜୀକୃତ ମୋବାଇଲ ନମ୍ବରରୁ ଅର୍ଡର କରିବାକୁ ହେବ। ପଞ୍ଜୀକୃତ ନମ୍ବର ନ ଥିଲେ ଅଣପଞ୍ଜୀକୃତ କିମ୍ବା ଯେକୌଣସି ମୋବାଇଲ ନମ୍ବରରୁ ପିଭିସି କାର୍ଡ ପାଇଁ ଅର୍ଡର କରାଯାଇପାରିବ। କାର୍ଡ ସ୍ପିଡ୍ ପୋଷ୍ଟରେ ଆସି ଘରେ ପହଞ୍ଚିବ।

### ମଣିପୁର ମୁଖ୍ୟମନ୍ତ୍ରୀଙ୍କୁ କରୋନା



**ଇମ୍ଫାଲ, ୧୫।୧୧:** ମଣିପୁର ମୁଖ୍ୟମନ୍ତ୍ରୀ ନଙ୍ଗ୍‌ଥୋମ୍ବମ୍ ବୀରେନ୍ ସିଂଙ୍କୁ କରୋନା ହୋଇଥିବା ରବିବାର ସେ ସୂଚନା ଦେଇଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ ନିଜକୁ ପରୀକ୍ଷା କରାଇନେବାକୁ ସେ ପରାମର୍ଶ ଦେଇଛନ୍ତି।

## ଆଇସିୟୁରେ ଅହମଦ ପଟେଲ

**ନୂଆଦିଲ୍ଲୀ, ୧୫।୧୧**

କିଛି ସପ୍ତାହ ପୂର୍ବରୁ କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହୋଇଥିବା ବରିଷ୍ଠ କଂଗ୍ରେସ ନେତା ଅହମଦ ପଟେଲ ରବିବାର ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ (ଆଇସିୟୁ)ରେ ରଖାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ଓ ସେ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହଥିବା ତାଙ୍କ ପୁଅ ଫୈଜଲ କହିଛନ୍ତି। କରୋନା ସଂକ୍ରମିତ ହୋଇଥିବା ସମ୍ପର୍କରେ ୭୧ ବର୍ଷୀୟ ଅହମଦ ଅକ୍ଟୋବର ୧ରେ ଟୁଇଟ୍ କରିଥିଲେ।

## ସୌମିତ୍ର ଚାଟାର୍ଜୀଙ୍କ ପରଲୋକ

**କୋଲକାତା, ୧୫।୧୧**



ବଙ୍ଗଳା ଚଳଚ୍ଚିତ୍ର ଜଗତର ଅନ୍ୟତମ ଖ୍ୟାତନାମା ଅଭିନେତା ସୌମିତ୍ର ଚାଟାର୍ଜୀଙ୍କର ରବିବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। କୋଭିଡ୍-୧୯ ଲକ୍ଷଣ ଦେଖାଦେବା ପରେ ତାଙ୍କୁ ଗତ ୬ ତାରିଖରେ କୋଲକାତାର ବେଲ୍ ଭ୍ୟୁ କ୍ଲିନିକ୍‌ରେ ଭର୍ତ୍ତି କରାଯାଇଥିଲା। ଯଦିଓ ସେ କରୋନାରୁ ସୁସ୍ଥ ହୋଇଥିଲେ, ତେବେ ଦୀର୍ଘଦିନ ସଂକ୍ରମିତ ହେବା ଓ ଆଇସିୟୁରେ ରହିବା କାରଣରୁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବିଶେଷକରି ସ୍ନାୟୁତନ୍ତ୍ର ପ୍ରଭାବିତ ହୋଇଥିଲା।

୧୯୫୯ରେ ସତ୍ୟଜିତ୍ ରାୟଙ୍କ ‘ଆପୁର ସଂସାର’ ମାଧ୍ୟମରେ ସୌମିତ୍ର ଅଭିନୟ ଜଗତରେ ପାଦ ଥାପିଥିଲେ। ସେ ୩୦୦ରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଦାଦା ସାହେବ ଫାଲ୍‌କେ ପୁରସ୍କାର ବିଜେତା ଏହି ଅଭିନେତା ହସ୍ପିଟାଲରେ ଭର୍ତ୍ତି ହେବା ପର୍ଯ୍ୟନ୍ତ ଚଳଚ୍ଚିତ୍ର ପାଇଁ କାର୍ଯ୍ୟ ଜାରି ରଖିଥିଲେ। ତାଙ୍କର କେତେକ ଚଳଚ୍ଚିତ୍ର ଏବେ ବି ମୁକ୍ତିଲାଭ ଅପେକ୍ଷାରେ ରହିଛି। ତାଙ୍କ ପରଲୋକ ଖବରରେ କୋଲକାତା ସମେତ ସାରା ଚିତ୍ରଜଗତ ସ୍ତବ୍ଧ ହୋଇଯାଇଛି। ସାରା ବିଶ୍ୱରେ ଥିବା ତାଙ୍କ ପ୍ରଶଂସକମାନେ ମର୍ମାହତ ହୋଇଛନ୍ତି। ଏହି କିମ୍ବଦନ୍ତୀ ଅଭିନେତାଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଭାରତୀୟ ଚଳଚ୍ଚିତ୍ର ଜଣେ କିମ୍ବଦନ୍ତୀ ଅଭିନେତାଙ୍କୁ ହରାଇଲା ବୋଲି ରାଷ୍ଟ୍ରପତି କହିଛନ୍ତି। ସୌମିତ୍ରଙ୍କ ପରଲୋକ ବିଶ୍ୱ ଚଳଚ୍ଚିତ୍ର ଜଗତ ତଥା ପଶ୍ଚିମବଙ୍ଗ ଓ ଭାରତର ସାଂସ୍କୃତିକ ଜୀବନରେ ଅପୂରଣୀୟ କ୍ଷତି। ସେ ତାଙ୍କ ଅଭିନୟ ମାଧ୍ୟମରେ ବେଙ୍ଗଲୀ ସମ୍ବେଦନଶୀଳତା, ଭାବପ୍ରବଣତା ଓ ଲୋକଚାରର ପ୍ରତୀକ ଭାବେ ଅବତୀର୍ଣ୍ଣ ହୋଇଥିଲେ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ମମତା ବାନାର୍ଜୀ ହସ୍ପିଟାଲ ଯାଇ ଅଭିନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଫେଲୁଦା ଆଉ ନାହାନ୍ତି ବୋଲି ସେ ଟୁଇଟ୍ କରିଛନ୍ତି। ବଙ୍ଗଳା ସମେତ ଭାରତୀୟ ଓ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଜଣେ ମହାନ୍ ଅଭିନେତାଙ୍କୁ ହରାଇଲା। ବଙ୍ଗଳା ଚଳଚ୍ଚିତ୍ର ଜଗତ ମୁରବିଶୂନ୍ୟ ହୋଇଗଲା ବୋଲି ମମତା କହିଛନ୍ତି।

## ପେରୁ ରାଷ୍ଟ୍ରପତିଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୧୫।୧୧:** କ୍ଷମତାର ରହିବାର ୬ ଦିନ ପରେ ପେରୁର ଅନ୍ତରୀଣ ରାଷ୍ଟ୍ରପତି ମାନୁଏଲ୍ ମେରିନୋ ରବିବାର ଇସ୍ତଫା ଦେଇଛନ୍ତି। ତାଙ୍କ ବହିଷ୍କାର ଦାବିରେ ଜୋର୍‌ଦାର ବିକ୍ଷୋଭ ଚାଲିଥିଲା, ଯେଉଁଥିରେ ୨ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଥିଲେ। ମାନୁଏଲ୍‌ଙ୍କ ଇସ୍ତଫା ଯୋଗୁ ଦେଶରେ ପୁଣିଥରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି।



ଏକ ଟେଲିଭିଜନ ବାର୍ତ୍ତାରେ ମାନୁଏଲ୍ ତାଙ୍କ ଇସ୍ତଫା ସମ୍ପର୍କରେ ଘୋଷଣା କରିଛନ୍ତି। ତାଙ୍କ ପୂର୍ବରୁ କ୍ଷମତାରେ ଥିବା ମାର୍ଟିନ୍ ଭିଜକାରାଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ ଆସିବା ପରେ ତାଙ୍କ ବହିଷ୍କାର ଲାଗି ପାର୍ଲାମେଣ୍ଟରେ ଭୋଟ ନିଆଯାଇଥିଲା। ଫଳରେ ଗତ ମଙ୍ଗଳବାର ମାନୁଏଲ୍ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଶନିବାର ରାତିରେ ପ୍ରବଳ ବିକ୍ଷୋଭ ପରେ ସେ ପଦ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି।

## ନେତାନ୍ୟାହୁଙ୍କ ଇସ୍ତଫା ଦାବିରେ ବିକ୍ଷୋଭ ଜୋରଦାର



**ଜେରୁଜେଲମ୍, ୧୫।୧୧:** ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଇସ୍ତଫା ଦାବିରେ ସାପ୍ତାହିକ ବିକ୍ଷୋଭ ଜାରି ରହିଛି। ଶନିବାର ରାତିରେ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ ବାହାରେ ହଜାର ହଜାର ବିକ୍ଷୋଭକାରୀ ଏକତ୍ର ହୋଇଥିଲେ। ପାଖାପାଖି ୫ ମାସ ହେଲା ଏହି ବିକ୍ଷୋଭ ଚାଲିଛି। କରୋନା ମହାମାରୀ ମୁକାବିଲାରେ ନେତାନ୍ୟାହୁ ବିଫଳ ହୋଇଥିବାବେଳେ ତାଙ୍କ ନାମରେ ଦୁର୍ନୀତି ମାମଲାର ବିଚାର ଚାଲିଛି। ଏଭଳି ନେତା ଦେଶର ନେତୃତ୍ୱ ନେବା ଲାଗି ଉପଯୁକ୍ତ ନୁହନ୍ତି ବୋଲି ବିକ୍ଷୋଭକାରୀମାନେ କହିଛନ୍ତି। ମହାମାରୀ ଇସ୍ରାଏଲ୍ ଅର୍ଥନୀତିକୁ ଗୁରୁତର କ୍ଷତି ପହଞ୍ଚାଇଛି। ବହୁ ଯୁବତୀ ଯୁବକ ନିଯୁକ୍ତି ହରାଇଛନ୍ତି। ବିକ୍ଷୋଭରେ ଅଧିକାଂଶ ଛାତ୍ର ଓ ଯୁବବର୍ଗ ସାମିଲ ହୋଇଛନ୍ତି। ତେଲ୍ ଆଭିଭ୍‌ରେ ଥିବା ନେତାନ୍ୟାହୁଙ୍କ ଭାକେଶନ ହୋମ ବାହାରେ ମଧ୍ୟ ବିକ୍ଷୋଭ ହେଉଛି।

## ଟ୍ରମ୍ପ ମାନିଲେ, ବାଇଡେନ୍ ନିର୍ବାଚନ ଜିତିଛନ୍ତି

**ୱାଶିଂଟନ୍, ୧୫।୧୧**

ନଭେମ୍ବର ୩ରେ ଅନୁଷ୍ଠିତ ଆମେରିକା ନିର୍ବାଚନରେ ତାଙ୍କ ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀ ଜୋ ବାଇଡେନ୍ ଜିତିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମ ଥର ଲାଗି ସର୍ବସାଧାରଣରେ ସ୍ୱୀକାର କରିଛନ୍ତି। ତେବେ ଭୋଟ ପ୍ରକ୍ରିୟାରେ ଜାଲିଆତି କରାଯାଇଥିବା ମିଥ୍ୟା ଅଭିଯୋଗକୁ ସେ ପୁଣିଥରେ ଦୋହରାଇଛନ୍ତି। ନିର୍ବାଚନରେ ଜାଲିଆତି ଯୋଗୁ ବାଇଡେନ୍ ଜିତିଲେ ବୋଲି ଟ୍ରମ୍ପ ଟୁଇଟ୍ କରିଛନ୍ତି। ଅଧିକାଂଶ



ଡୋନାଲ୍ଡ ଟ୍ରମ୍ପ

### ଭୋଟ ଜାଲିଆତି ଅଭିଯୋଗ ଦୋହରାଇଲେ

ରାଜ୍ୟର ଭୋଟ ଫଳାଫଳ ଆସିବା ପରେ ୭ ତାରିଖରେ ବାଇଡେନ୍ ବିଜୟୀ ବୋଲି ଅଣଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। ତେବେ ଟ୍ରମ୍ପ ଏହାକୁ ମାନୁ ନ ଥିଲେ। ଜିତିବା ପାଇଁ ୨୭୦ ଇଲେକ୍ଟୋରାଲ ଭୋଟର ଆବଶ୍ୟକତା ଥିବାବେଳେ ବାଇଡେନ୍‌ଙ୍କୁ ୩୦୬ ଭୋଟ ମିଳିଛି। ବିଭିନ୍ନ ରାଜ୍ୟରେ ଭୋଟରେ ଜାଲିଆତି ହୋଇଥିବା ଅଭିଯୋଗ ଆଣି ଟ୍ରମ୍ପ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏପରିକି ସେ ହ୍ୱାଇଟ୍ ହାଉସ୍ ଛାଡ଼ିବେ ନାହିଁ ବୋଲି କହିଥିଲେ। କ୍ଷମତା ହସ୍ତାନ୍ତର ବାଇଡେନ୍ ପ୍ରଶାସନକୁ ନୁହେଁ, ଦ୍ୱିତୀୟ ଟ୍ରମ୍ପ ପ୍ରଶାସନକୁ କରାଯିବ ବୋଲି ପରରାଷ୍ଟ୍ର ସଚିବ ମାଇକ୍ ପମ୍ପେଓ କହିଥିଲେ। ଫଳରେ ଆମେରିକା ଗଣତନ୍ତ୍ରର ଦୀର୍ଘ ଇତିହାସରେ ପ୍ରଥମ ଥର ପାଇଁ ଏକ ଭୁଲ୍ ପରମ୍ପରା ସୃଷ୍ଟି ହେବାକୁ ଯାଉଥିଲା।

# ଓଡ଼ିଶା ଷ୍ଟାର୍ଟଅପ୍ ଲିଡ୍‌ର

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)



ରାଜ୍ୟ ଷ୍ଟାର୍ଟଅପ କାଉନ୍‌ସିଲ ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ(ମଝି), ଉନ୍ନୟନ କମିଶନର ସୁରେଶ ମହାପାତ୍ର(ଡାହାଣ) ଏବଂ ରାଜ୍ୟ କୌଶଳ ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚି(ବାମ)।

ଜାତୀୟସ୍ତରରେ ଷ୍ଟାର୍ଟଅପ୍ ଲିଡ୍‌ର ସ୍ୱୀକୃତି ହାସଲ କରିବାରେ ଓଡ଼ିଶା ସଫଳ ହୋଇପାରିଛି। ୨୦୧୯ରେ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ଷ୍ଟାର୍ଟଅପ୍ ର୍‌ୟାଙ୍କିଙ୍ଗ୍‌ରେ ଓଡ଼ିଶାକୁ ଏହି ସ୍ଥାନ ମିଳିଛି। ଏହା ମଧ୍ୟରେ ରାଜ୍ୟର ଷ୍ଟାର୍ଟଅପ୍ ସଂଖ୍ୟା ୭୭୪କୁ ବୃଦ୍ଧି ପାଇଛି। ଏଥିରେ ୬ ହଜାର ଯୁବତୀ, ଯୁବକଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ରବିବାର ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଷ୍ଟାର୍ଟଅପ୍ କାଉନ୍‌ସିଲ ବୈଠକରୁ ଏହା ଜଣାପଡ଼ିଛି। ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ରାଜ୍ୟର ଷ୍ଟାର୍ଟଅପ୍ ସମ୍ବନ୍ଧିତ ତଥ୍ୟ ଉପସ୍ଥାପନ କରିଛନ୍ତି।

ଷ୍ଟାର୍ଟଅପ୍‌ଗୁଡ଼ିକର ଅଗ୍ରଗତି ସମୀକ୍ଷା କରି ରାଜ୍ୟରେ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍‌କୁ ଅଧିକ କ୍ରିୟାଶୀଳ ଏବଂ ଫଳପ୍ରସୂ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଇନ୍‌କ୍ୟୁବେଟର ଏବଂ ଷ୍ଟାର୍ଟଅପ୍‌ଗୁଡ଼ିକ ମଧ୍ୟରେ ଲଗାତର ଯୋଗାଯୋଗ ଏବଂ ସକ୍ରିୟ ସମ୍ପର୍କ ଉପରେ ଗୁରୁତ୍ୱ ଦିଆଯାଇଛି। ଇଡ୍‌କୋ ପକ୍ଷରୁ ନିର୍ମାଣାଧୀନ ଜିରୋ-ହବ୍‌କୁ ଆସନ୍ତା ମାର୍ଚ୍ଚ ସୁଦ୍ଧା ଏକ ଉନ୍ନତ ଷ୍ଟାର୍ଟଅପ୍ ହବ୍‌ଭାବେ ବିକଶିତ କରି ଏଥିରେ ପରୀକ୍ଷଣ ଓ ଉତ୍ପାଦ ବିକାଶ ନିମନ୍ତେ ସାଧାରଣ ସୁଯୋଗ ସୃଷ୍ଟି କରିବାକୁ ଅସିତ୍ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ରାଜ୍ୟ କୌଶଳ ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଏବଂ ମୁଖ୍ୟ ଶାସନ ସଚିବ କଳାହାଣ୍ଡିରେ କାର୍ଯ୍ୟରତ ଅମ୍ବିକା ଓ ସଦାନନ୍ଦ ଶତପଥୀ ନାମକ ଷ୍ଟାର୍ଟଅପ୍ ଦମ୍ପତିଙ୍କ ସହିତ ଡିଜିଟାଲ ମୋଡ୍‌ରେ ଆଲୋଚନା କରିଛନ୍ତି। ଉକ୍ତ ଷ୍ଟାର୍ଟଅପ୍‌ଗୁଡ଼ିକର ଅଗ୍ରଗତି ଏବଂ ସମସ୍ୟା ବିଷୟ ଜାଣି ସେମାନଙ୍କୁ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବାସ୍ତବବାଦୀ ପରାମର୍ଶ ଦେଇଛନ୍ତି।

- ଜାତୀୟସ୍ତରରେ ମିଳିଲା ସ୍ୱୀକୃତି
- ମାର୍ଚ୍ଚ ସୁଦ୍ଧା ବିକଶିତ ହେବ ଜିରୋ-ହବ୍
- ୫ ଉଦ୍ୟୋଗ, ୪ ଇନ୍‌କ୍ୟୁବେଟରଙ୍କୁ ଆର୍ଥିକ ସହାୟତା ଲାଗି ନିଷ୍ପତ୍ତି
- ସିଟିଆର୍‌ଟିସି, ଜୀବ ବିଜ୍ଞାନ ପ୍ରତିଷ୍ଠାନକୁ ନୋଡାଲ ଏଜେନ୍ସି ଭାବେ ସ୍ୱୀକୃତି

ଏହି ଅବସରରେ ପ୍ରମୁଖ ଶାସନ ସଚିବ ସୁବ୍ରତ ସାହୁ କହିଛନ୍ତି, ଜୁନ ୨୦୧୭ରେ ରାଜ୍ୟରେ ପ୍ରଥମ ଷ୍ଟାର୍ଟଅପ୍‌ଙ୍କୁ ସ୍ୱୀକୃତି ମିଳିଥିଲା। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଷ୍ଟାର୍ଟଅପ୍ ସଂଖ୍ୟା ୭୭୪କୁ ବୃଦ୍ଧି ପାଇଛି। ଏଥିରେ ୨୫୦ ମହିଳା ସାମିଲ ଅଛନ୍ତି। ଅନ୍ୟପଟେ ଇତିମଧ୍ୟରେ ରାଜ୍ୟରେ ୧୭ଟି ଇନ୍‌କ୍ୟୁବେଟର, ୧୭ଟି ଅଣୁକ୍ଷୁଦ୍ର ଶିଳ୍ପ ଇନ୍‌କ୍ୟୁବେଟର ଏବଂ ୧୩ଟି ନୋଡାଲ ସଂସ୍ଥା କାର୍ଯ୍ୟ କରୁଛନ୍ତି। ୧୬୯ ଷ୍ଟାର୍ଟଅପ୍‌ଙ୍କୁ ପ୍ରାୟ ୧୫ କୋଟିରୁ ଅଧିକ ଆର୍ଥିକ ସହାୟତା ଦିଆଯାଇଛି। ଅଧିକ ୫ଟି ଉଦ୍ୟୋଗ ଏବଂ ୪ଟି ଇନ୍‌କ୍ୟୁବେଟରଙ୍କୁ ଆର୍ଥିକ ସହାୟତା ପାଇଁ ଆସିଥିବା ପ୍ରସ୍ତାବଗୁଡ଼ିକର ବିଚାର କରାଯାଇ ସେଗୁଡ଼ିକୁ ସହାୟତା ନିମନ୍ତେ ବୈଠକରେ ନୀତିଗତ ନିଷ୍ପତ୍ତି ନିଆଯାଇଛି। ଏହି ସଂସ୍ଥାଗୁଡ଼ିକ ସମୁଦାୟ ୨.୮୮ କୋଟି ଟଙ୍କାର ସହାୟତା ପାଇବେ। ଅନ୍ୟପଟେ ସ୍ଥାନୀୟ ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଆର୍‌ଟିସି) ଓ ଜୀବ ବିଜ୍ଞାନ ପ୍ରତିଷ୍ଠାନକୁ ଷ୍ଟାର୍ଟଅପ୍ ନୋଡାଲ ସଂସ୍ଥାଭାବେ ତାଲିକାଭୁକ୍ତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଅନୁମୋଦନ କରିଛନ୍ତି। ଷ୍ଟାର୍ଟଅପ୍ କାଉନ୍‌ସିଲ ଏଭାନ୍‌ଜେଲିଷ୍ଟ ପ୍ରଶାନ୍ତ ବିଶ୍ୱାଳ ବୈଠକର ସଂଯୋଜନା କରିଛନ୍ତି।

## ସିଂହଦ୍ୱାରରେ ଶୁଭିଲାନି ବଡ଼ବଡୁଆ ଡାକ

ପୁରୀ ଅଫିସ, ୧୫।୧୧



ପୁରପଲ୍ଲୀରେ ଶନିବାର ଆଲୋକର ପର୍ବ ଦୀପାବଳି ପାଳିତ ହୋଇଛି। କିନ୍ତୁ ଏଥର କରୋନା ମହାମାରୀ ପାଇଁ ଏହି ପର୍ବ ଫିକା ପଡ଼ିଥିଲା। ସରକାରଙ୍କ ପକ୍ଷରୁ ବାଣ ଫୁଟାଇବା ଉପରେ କଟକଣା ଜାରି ହୋଇଥିବାବେଳେ ଶ୍ରୀମନ୍ଦିର ସମ୍ମୁଖରେ କାଉଁରିଆ କାଠି ଜାଳିବା ପାଇଁ ବାରଣ କରାଯାଇଥିଲା। ଫଳରେ ସିଂହଦ୍ୱାର ଆଗରେ ଏଥର ବଡ଼ବଡୁଆ ଡାକ ଶୁଭି ନ ଥିଲା। ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ଥିବାରୁ ବାଇଶି ପାହାଚରେ ଶ୍ରାଦ୍ଧ ଦେଇପାରି ନ ଥିଲେ। ଅନେକ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱ ଫାଙ୍କା ଜାଗାରେ ବସି ଶ୍ରାଦ୍ଧ ଦେଇଥିଲେ। ଏହାକୁ ନେଇ ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କଟକଣା ସତ୍ତ୍ୱେ ଅନେକ ଲୋକ ବାଣ ଫୁଟାଇଥିଲେ। ସଞ୍ଜ ନଇଁବା ପରେ ସହରର ବିଭିନ୍ନ ସ୍ଥାନରେ ବାଣ ଫୁଟୁଥିବା ଶବ୍ଦ ଶୁଣିବାକୁ ମିଳିଥିଲା। କିନ୍ତୁ ପୂର୍ବ ବର୍ଷଗୁଡ଼ିକଠାରୁ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିଲା।

## ସମୁଦ୍ରରେ ଭାସି ଯୁବକ ନିଖୋଜ

ରାଜନଗର,୧୫।୧୧(ଡି.ଏନ.ଏ.)

ରାଜନଗର ବ୍ଲକର ପେଣ୍ଠ ସମୁଦ୍ର ବେଳାଭୂମିରେ ଶନିବାର ଅପରାହ୍ନରେ ଭାସି ଯାଇ ଜଣେ ଯୁବକ ନିଖୋଜ ହୋଇଛନ୍ତି। ୬ ଜଣ ସାଙ୍ଗ ହୋଇ ସକାଳେ ବେଳାଭୂମିରେ ଭୋଜି କରିବା ସହ ସମୁଦ୍ରରେ ଗାଧୋଉ ଥିଲେ। ଖବରପାଇ ରାଜନଗର ଅଗ୍ନିଶମ ବିଭାଗ, ପୋଲିସ, ବନ ବିଭାଗ ଖୋଜାଖୋଜି କରି ମଧ୍ୟ ଯୁବକଙ୍କୁ ପାଇ ନ ଥିଲେ। ନିଖୋଜ ଯୁବକ ହେଲେ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ଗୋପ୍ତିରା ଗାଁର ସତ୍ୟଜିତ ବାୟୀ (୨୬)। ସମୁଦ୍ରରେ ଗାଧୋଇବା ସମୟରେ ସତ୍ୟଜିତ ଭାସି ଯାଇଥିଲେ।







**ଆଜିର ମନ୍ତବ୍ୟ**

ଆସନ ଭାଗବଣ୍ଟା ବୃତ୍ତାନ୍ତରେ ବିଳମ୍ବ ବିହାରରେ ମହାମେଣ୍ଟକୁ କ୍ଷତି ପହଞ୍ଚାଇଲା। **-ତାରିକ୍ ଅନୱର**
**ବରିଷ୍ଠ କଂଗ୍ରେସ ନେତା**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................................
ବୟସ:..............................................
ଜନ୍ମ ତାରିଖ: ....................................


ଆୟାନ୍
ପରିବାରବର୍ଗ


ଭାଗ୍ୟଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ମୁହଁ ଫେରାଇଲେଣି ...

ସୂଚନା ଅନୁଯାୟୀ, ଗତ ୫ବର୍ଷ ମଧ୍ୟରେ ଆଂଶିକ ତଥା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିବା ବୃହତ୍ ଶିଳ୍ପ ମଧ୍ୟରୁ ୯ଟି ଶିଳ୍ପ ଉତ୍ପାଦନ କାର୍ଯ୍ୟ ବନ୍ଦ କରିଛନ୍ତି। ଏହି ୯ଟି ଶିଳ୍ପ ପ୍ରତିଷ୍ଠାନ ରାଜ୍ୟ ସରକାରଙ୍କ ସିଙ୍ଗିଲ ୱିଣ୍ଡୋ କ୍ଲିୟରାନ୍ସ ମାଧ୍ୟମରେ ବିଭିନ୍ନ ବର୍ଗରେ ଅନୁମୋଦନ ସହ ସ୍ଥାପିତ ହୋଇଥିଲା।

ଗତ ୫ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୫ରୁ ୨୦୨୦ ମଧ୍ୟରେ ଓଡ଼ିଶାରୁ ମୁହଁ ଫେରାଇ ନେଇଥିବା ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ୯ଟି ଷ୍ଟିଲ୍ ଉତ୍ପାଦନକାରୀ ଶିଳ୍ପସଂସ୍ଥା ରହିଛନ୍ତି। ୧,୨୬୩ କୋଟି ଟଙ୍କା ବ୍ୟୟରେ ଝାରସୁଗୁଡ଼ାରେ ପ୍ରତିଷ୍ଠା ହୋଇଥିବା ଆକ୍ସନ ଇସ୍ପାତ୍ ଆଣ୍ଡ୍ ପାୱାର୍ ପ୍ରାଇଭେଟ୍ ଲିମିଟେଡ୍‌ରେ ଏବେ ତାଲା ଝୁଲୁଛି। ଏହି ଷ୍ଟିଲ୍ କମ୍ପାନୀର ବାର୍ଷିକ ଉତ୍ପାଦନ କ୍ଷମତା ୦.୮୦ ମିଲିୟନ ଟନ୍(ଏମ୍‌ଟିପିଏ) ଥିବାବେଳେ ଏହା ବନ୍ଦ ହେବାଦ୍ୱାରା ବହୁ କର୍ମଚାରୀ ନିଯୁକ୍ତି ହରାଇଛନ୍ତି। ସେହିଭଳି ୧୯୫.୩୧ କୋଟି ବ୍ୟୟରେ କେନ୍ଦୁଝରର ତୋପଡିହିରେ ପ୍ରତିଷ୍ଠା ହୋଇଥିବା ଦୀପକ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍(୦.୨୫ ଏମ୍‌ଟିପିଏ), ୨୫୧.୭୭ କୋଟି ବ୍ୟୟରେ ଝାରସୁଗୁଡ଼ାରେ ପ୍ରତିଷ୍ଠିତ ଜୈନ ଷ୍ଟିଲ୍ ଆଣ୍ଡ୍ ପାୱାର ଲିମିଟେଡ୍(୦.୩୦ ଏମ୍‌ଟିପିଏ), ୨୧୦ କୋଟିର ପ୍ରକଳ୍ପ କଟକର ମାହେଶ୍ୱରୀ ଇସ୍ପାତ ପ୍ରାଇଭେଟ୍ ଲିମିଟେଡ୍(୦.୨୫ ଏମ୍‌ଟିପିଏ), ୧୪୬୬.୩୯ କୋଟି ବ୍ୟୟରେ ଝାରସୁଗୁଡ଼ାରେ ପ୍ରତିଷ୍ଠା ହୋଇଥିବା ଏମ୍‌ଏସ୍‌ପି ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍(୧ ଏମ୍‌ଟିପିଏ), ୧୧୩୭ କୋଟିର ବୃହତ୍ ଶିଳ୍ପ ପ୍ରକଳ୍ପ କେନ୍ଦୁଝରର ଓଡ଼ିଶା ସ୍ପଞ୍ଜ ଆଇରନ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍(୧ ଏମ୍‌ଟିପିଏ), ୨୭୨.୮୫ କୋଟି ବ୍ୟୟରେ ପ୍ରତିଷ୍ଠିତ ସମ୍ବଲପୁରର ରାଠି ଷ୍ଟିଲ୍ ଆଣ୍ଡ୍ ପାୱାର ଲିମିଟେଡ୍(୦.୩୦ ଏମ୍‌ଟିପିଏ), ସେହି ସମ୍ବଲପୁରର ୫୪୯ କୋଟିର ପ୍ରକଳ୍ପ ମା' ସମଲେଶ୍ୱରୀ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍(୦.୨୫ ଏମ୍‌ଟିପିଏ) ଏବଂ ୨୫୪ କୋଟି ବ୍ୟୟରେ ଝାରସୁଗୁଡ଼ାରେ ପ୍ରତିଷ୍ଠା ହୋଇଥିବା ଇଷ୍ଟର୍ନ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍(୦.୨୫ ଏମ୍‌ଟିପିଏ) ବନ୍ଦ ହେବା ପରେ ଏହାକୁ ଏବେ ଠାକୁର ପ୍ରସାଦ ସ ପ୍ରାଇଭେଟ ଲିମିଟେଡ ହାତକୁ ନେଇ ଚଳାଇଛି। ଏନେଇ ତଥ୍ୟ ଖୋଦ୍ ଶିଳ୍ପ ମନ୍ତ୍ରୀ ମଧ୍ୟ ବିଧାନସଭାରେ ବିବୃତି ରଖିଛନ୍ତି।

୨୦୧୮ରେ ଆୟୋଜିତ 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍‌ରେ ରାଜ୍ୟକୁ ଷ୍ଟିଲ୍ ଇଣ୍ଡଷ୍ଟ୍ରିଆଲ ହବ୍‌ରେ ପରିଣତ କରିବାକୁ ରାଜ୍ୟ ସରକାର ବିଭିନ୍ନ ସଂସ୍ଥା ସହ ଆଲୋଚନା କରିଥିଲେ। କେବଳ ଏତିକି ନୁହେଁ, ରାଜ୍ୟ ଉତ୍ପାଦନ କରୁଥିବା ଖଣିଜ ସମ୍ପଦକୁ ଏଣିକି ବାହାରକୁ ନ ପଠାଇ ନିଜେ ବିନିଯୋଗ କରିବାକୁ ମଧ୍ୟ ଏଠାରେ ସ୍ଥିର ହୋଇଥିଲା। ଓଡ଼ିଶା ନିଜର ୫୦ ପ୍ରତିଶତ ଖଣିଜ ଦ୍ରବ୍ୟକୁ ଫିନିଶିଂ ପ୍ରଡକ୍ଟରେ ପରିଣତ କରି ବିକ୍ରି କରିବ। ଆଗରୁ କଞ୍ଚାମାଲ୍‌କୁ ଶସ୍ତାରେ ବିକ୍ରି କରୁଥିବା ଓଡ଼ିଶା ଏହାଦ୍ୱାରା ବିଶେଷଭାବେ ଲାଭବାନ୍ ହେବ ବୋଲି ତତ୍କାଳୀନ ଶିଳ୍ପ ମନ୍ତ୍ରୀ ଏବଂ ବିଭାଗୀୟ ସଚିବ ପ୍ରତିଶ୍ରୁତି ଦେଇଥିଲେ। ହେଲେ କଞ୍ଚାମାଲ୍ ରପ୍ତାନି ବନ୍ଦ ହେବାର ନାଁ ଧରୁନି। ବାହାର ରାଜ୍ୟ ଏବଂ ଦେଶକୁ ବହୁଳ ପରିମାଣରେ ଲୁହାପଥର ରପ୍ତାନୀ ହେଉଥିବାରୁ ରାଜ୍ୟରେ ଥିବା ଷ୍ଟିଲ୍ କମ୍ପାନୀଗୁଡ଼ିକ ପାଇଁ କଞ୍ଚାମାଲ୍‌ର ଅଭାବ ପରିଲକ୍ଷିତ ହେଉଛି, ଯେଉଁଥିପାଇଁ ଧୀରେ ଧୀରେ ଷ୍ଟିଲ୍ କମ୍ପାନୀଗୁଡ଼ିକ ଓଡ଼ିଶାରୁ ମୁହଁ ଫେରାଇ ନେଉଥିବା କୁହାଯାଉଛି। ଓଡ଼ିଶା ବାର୍ଷିକ ୧୨୦ମିଲିୟନ୍ ଟନ୍ ଲୁହାପଥର ଉତ୍ତୋଳନ କରୁଥିବାବେଳେ ଏଥିରୁ ସିଂହଭାଗ ଚାଇନା ସହ ବାହାର ରାଷ୍ଟ୍ରକୁ ବିଭିନ୍ନ ବନ୍ଦର ମାଧ୍ୟମରେ ରପ୍ତାନି ହେଉଛି। ୨୦୧୯ରେ କେବଳ ଚାଇନାକୁ ୨୫ ମିଲିୟନ୍ ଟନ୍‌ର ନିମ୍ନ ଓ ଉଚ୍ଚମାନର ଲୁହାପଥର ସହ ପେଲେଟ୍ସ ରପ୍ତାନି ହୋଇଥିବାବେଳେ ୨୦୨୦ର ପ୍ରଥମ ୬ମାସ ମଧ୍ୟରେ ୨୦ମିଲିୟନ୍ ଟନ୍ ଲୁହାପଥର ରପ୍ତାନି ହୋଇଛି। ବାହାର ଦେଶ ଏବଂ ବାହାର ରାଜ୍ୟକୁ ଏତେ ପରିମାଣରେ ଲୁହାପଥର ରପ୍ତାନି ଯୋଗୁ ଓଡ଼ିଶାର ସ୍ପଞ୍ଜ୍ ଆଇରନ୍ ଶିଳ୍ପ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି। ଲୁହାପଥର ଖଣି କମ୍ପାନୀଗୁଡ଼ିକ ଅତିକମ୍‌ରେ ସେମାନଙ୍କ ଉତ୍ତୋଳନର ୫୦% ରାଜ୍ୟରେ ଥିବା ଷ୍ଟିଲ୍ କମ୍ପାନୀଗୁଡ଼ିକ ପାଇଁ ଉଦ୍ଦିଷ୍ଟ ରଖିବା ବାଧ୍ୟତାମୂଳକ କରିବାକୁ ନିକଟରେ ବିଭିନ୍ନ ଷ୍ଟିଲ୍ କମ୍ପାନୀ ଦାବି କରିଥିଲେ ମଧ୍ୟ ସେ ନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଅପରପକ୍ଷରେ ଗତ ୫ବର୍ଷରେ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ମାଧ୍ୟମରେ ୪,୮୩,୬୫୭.୮୦ ଟଙ୍କାର ପୁଞ୍ଜିନିବେଶ ପ୍ରକଳ୍ପକୁ ଅନୁମୋଦନ ମିଳିଥିବା ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ସିମେଣ୍ଟ, ଆଲୁମିନିୟମ୍, ଷ୍ଟିଲ୍, ଆଲୁମିନିୟମ୍ ଡାଉନ୍‌ଷ୍ଟ୍ରିମ୍, ପ୍ଲାଷ୍ଟିକ୍, ଟୁରିଜିମ୍, ପାୱାର ଆଦି ସେକ୍ଟରରେ ୨୩୯ଟି ଶିଳ୍ପ ପ୍ରକଳ୍ପକୁ ଏହି ଅନୁମୋଦନ ମିଳିଥିବା ମନ୍ତ୍ରୀ ବିଧାନସଭାରେ ଦେଇଥିବା ଉତ୍ତରରୁ ଜଣାପଡ଼ିଛି।

## ମାଲକାନଗିରି ଜିଲାପାଳଙ୍କ ...

ଦୃଷ୍ଟିକୁ ଆଣିବାରୁ ପୋଲିସ ଡିଜି ଏହାର ତଦନ୍ତ କରିବା ଲାଗି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ୍ ଅହମ୍ମଦ କେ.ଙ୍କୁ ଦେଇଥିଲେ। ସେ ଏହାର ତଦନ୍ତ କରି ଇତିମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବୟାନ ରେକର୍ଡ କରିଛନ୍ତି। ହେଲେ ପୋଲିସ ଏହି ଘଟଣାର ଉପଯୁକ୍ତ ତଦନ୍ତ କରୁ ନ ଥିବା ଅଭିଯୋଗ କରି ଶେଷରେ ବନଜା ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ସେ ସ୍ୱାମୀଙ୍କ ମୃତ୍ୟୁ ପାଇଁ ଜିଲାପାଳ ଅଗ୍ରୱାଲଙ୍କ ସମେତ ଅନ୍ୟ ୩ଜଣ ଦାୟୀ ବୋଲି ଉଲ୍ଲେଖ କରିଥିଲେ। ଜିଲାପାଳ ଛୁଟିରେ ଥିବାରୁ ମାମଲା ରୁଜୁ ସମ୍ପର୍କରେ ତାଙ୍କର କୌଣସି ମତାମତ ମିଳିପାରି ନାହିଁ।

## ପ୍ରଥମ ପୃଷ୍ଠାରୁ...

### ଆର୍‌ସିଇପିରୁ ଭାରତ ...

ହେଲେ ଟ୍ରମ୍ପଙ୍କ ପରାଜୟ ପରେ ବାଜି ପଲଟିଯାଇଛି। ଶକ୍ତିଶାଳୀ ଚାଇନା ଏବେ ଏହି ମହତ୍ୱାକାଂକ୍ଷୀ ରାଜିନାମାର ନେତୃତ୍ୱ ନେଇଛି। ଏଥିରେ ଅନ୍ୟ ୧୪ଟି ଏସୀୟ-ପ୍ରଶାନ୍ତ ମହାସାଗରୀୟ ରାଷ୍ଟ୍ର ରବିବାର ସ୍ୱାକ୍ଷର କରିଛନ୍ତି। ଚାଇନାର ନେତୃତ୍ୱକୁ ଅଣଦେଖା କରି ଗୋଟି ଚଳାଉଥିବା ଭାରତ ଉକ୍ତ ବହୁପାକ୍ଷିକ ଚୁକ୍ତିରୁ ଅଲଗା ହୋଇଯାଇଛି। ଆର୍‌ସିଇପି ଚୁକ୍ତିରୁ ଓହରିଯିବା ପଛରେ ଭାରତର ଯେଉଁ ଯୁକ୍ତି ଥିଲା ସେଥିରେ କୁହାଯାଇଥିଲା ଯେ, ବୟନଶିଳ୍ପ, କୃଷି ଓ ଦୁଗ୍ଧଜାତ ସାମଗ୍ରୀ ଉତ୍ପାଦନ କ୍ଷତିଗ୍ରସ୍ତ ହେବ। ଏହି ତିନୋଟି କ୍ଷେତ୍ରକୁ ପ୍ରୋତ୍ସାହନ ଦେଇ ଶକ୍ତିଶାଳୀ କରିବା ପରିବର୍ତ୍ତେ ଆଜି ଭାରତ ଚୁକ୍ତିରୁ ବାଦ୍ ପଡ଼ିବା ହେତୁ ବୟନଶିଳ୍ପ, କୃଷି ଓ ଦୁଗ୍ଧଜାତ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ନିୟୋଜିତ ବହୁ କୋଟି ଭାରତୀୟ ରୋଜଗାର ହରାଇବା ଆଶଙ୍କା ସୃଷ୍ଟି ହୋଇଛି। ଅଧିକାଂଶ ସ୍ୱାକ୍ଷରକାରୀ ଅଂଶୀଦାର ରାଷ୍ଟ୍ର ଆର୍ଥିକ ଦୃଷ୍ଟିରୁ ଚାଇନା ଉପରେ ନିର୍ଭରଶୀଳ। ତେଣୁ ସମଗ୍ର କ୍ଷେତ୍ରରେ ବେଜିଂର ପ୍ରଭାବ ବିସ୍ତାର ଲାଗି ଏହା ପଥ ପ୍ରଶସ୍ତ କରିଛି। ଦୀର୍ଘ ୮ ବର୍ଷର ବୁଝାମଣା ପରେ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରସଂଘ (ଆସିଆନ୍) ନେତାମାନଙ୍କ ବାର୍ଷିକ ସମିଟ୍‌ର ଶେଷ ଦିନରେ ଆର୍‌ସିଇପି ସ୍ୱାକ୍ଷର ହୋଇଛି। କରୋନା ମହାମାରୀ ପାଇଁ ଚଳିତବର୍ଷ ଭିଡିଓ କନ୍‌ଫରେନ୍ସ ଜରିଆରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଶ୍ୱର ପ୍ରାୟ ଏକତୃତୀୟାଂଶ ଅର୍ଥନୀତି ଅନ୍ତର୍ଭୁକ୍ତ ଥିବା ଏହି ଚୁକ୍ତିନାମା ଆଗାମୀ ବର୍ଷରେ ଅନେକ ଅଞ୍ଚଳରେ ଟାରିଫ୍ ହ୍ରାସ କରାଇବ ବୋଲି କୁହାଯାଉଛି। ଏହା କାର୍ଯ୍ୟକାରୀ ହେବା ପୂର୍ବରୁ ସ୍ୱାକ୍ଷରକାରୀ ରାଷ୍ଟ୍ରଗୁଡ଼ିକୁ ଦୁଇବର୍ଷ ମଧ୍ୟରେ ଆର୍‌ସିଇପିକୁ ଅନୁମୋଦନ କରିବାକୁ ପଡ଼ିବ। ଉକ୍ତ ଅଞ୍ଚଳର ପ୍ରମୁଖ ଖାଉଟି ପରିଚାଳିତ ବଜାର ଭାରତ ଗତବର୍ଷ ଚୁକ୍ତିନାମା ଆଲୋଚନାରୁ ଓହରି ଆସିଥିଲା। ଟାରିଫ୍ କମିବା ଯୋଗୁ ଭାରତୀୟ ବଜାରକୁ ଆମଦାନୀର ସୁଅ ଛୁଟିବ ଓ ଘରୋଇ ଉତ୍ପାଦନକାରୀ କ୍ଷତିଗ୍ରସ୍ତ ହେବେ ଦର୍ଶାଇ ନୂଆଦିଲ୍ଲୀ ଏଭଳି ପଦକ୍ଷେପ ନେଇଥିଲା। ତେବେ ଭାରତର ଅଂଶଗ୍ରହଣ ପାଇଁ ଆରସିଇପି ଦ୍ୱାର ଖୋଲା ରହିଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକ କହିଛନ୍ତି।

### ଆର୍‌ସିଇପି କ'ଣ

କାମ୍ବୋଡିଆ, ଇଣ୍ଡୋନେସିଆ, ଲାଓସ୍, ମାଲେସିଆ, ମ୍ୟାନ୍‌ମାର, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲାଣ୍ଡ ଓ ଭିଏତ୍‌ନାମ) ଏବଂ ୬ ଆସିଆନ୍ ଏଫ୍‌ଟିଏ ସହଯୋଗୀ (ଅଷ୍ଟ୍ରେଲିଆ, ଚାଇନା, ଭାରତ, ଜାପାନ, କୋରିଆ ଓ ନ୍ୟୁଜିଲାଣ୍ଡ) ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟ ଆର୍‌ସିଇପି ସଦସ୍ୟ ରାଷ୍ଟ୍ର ସହ ଟାରିଫ୍ ହ୍ରାସ ଚୁକ୍ତିନାମାର ମୁଖ୍ୟ ଉଦ୍ଦେଶ୍ୟ। ଏହାର ଅର୍ଥ ହେଲା କମ୍ ଉତ୍ପାଦନକାରୀ ଏବଂ ସାମଗ୍ରୀର ସହଜ ସ୍ଥାନାନ୍ତର। ଏହା କାର୍ଯ୍ୟକାରୀ ହେଲେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ପୁଞ୍ଜିନିବେଶ ଲାଗି ପ୍ରୋତ୍ସାହିତ ହେବେ। ସେମାନେ ଯୋଗାଣ ଶୃଙ୍ଖଳ ଓ ପରିବର୍ଣ୍ଟନ କେନ୍ଦ୍ର ସ୍ଥାପନ କରିବେ। ଯେହେତୁ ଚାଇନା ଆମଦାନୀର ମୁଖ୍ୟ ଉତ୍ସ ଓ ଅଧିକାଂଶ ସଦସ୍ୟ ରାଷ୍ଟ୍ର ପାଇଁ ରପ୍ତାନିର ଲକ୍ଷ୍ୟସ୍ଥଳ, ତେଣୁ ଆଞ୍ଚଳିକ ବାଣିଜ୍ୟ ନିୟମ ସେହି ଅନୁଯାୟୀ କାର୍ଯ୍ୟକାରୀ ହେବ। ନୂଆ ଟାରିଫ୍ ୨୦୨୨ରୁ କାର୍ଯ୍ୟକାରୀ ହେବାକୁ ଥିବାବେଳେ ୨୦୧୪ ବେଳର ଶୁଳ୍କ ଲାଗୁ ହେବ ବୋଲି ଜଣାପଡ଼ିଛି। ଚାଇନା ସମର୍ଥିତ ଏହି ବାଣିଜ୍ୟ ଚୁକ୍ତିନାମା ଭାରତର ମୁଖ୍ୟ ଉଦ୍ଦେଶ୍ୟ ସାଧନ କରିବ ନାହିଁ ଅନୁଭବ କରି ନୂଆଦିଲ୍ଲୀ ଏଥିରୁ ଓହରିଯାଇଛି।

### ଝିଅକୁ ବାଜି ଲଗାଇ ...

ପଡ଼ିବା ପାଇଁ ବାରମ୍ବାର ସ୍ଥାନ ବଦଳାଉଥିଲେ ଓ ମା'ଝିଅଙ୍କୁ ବଳାତ୍କାର କରିଚାଲିଥିଲେ। ବଳାତ୍କାରୀଙ୍କ ବର୍ବରତା ଏତିକିରେ ଥମି ନ ଥିଲା। ସେମାନେ ଝିଅକୁ ଛାଡ଼ିବା ପାଇଁ ବିଚିତ୍ର ସର୍ତ୍ତ ବାଢ଼ିଥିଲେ। ନିଜ ଯୌନ ପିପାସା ମେଣ୍ଟାଇବା ଲାଗି ଅନ୍ୟ ଜଣେ ଝିଅକୁ ଆଣିବା ଲାଗି ମହିଳାଙ୍କ ଉପରେ ଚାପ ପକାଇଥିଲେ। ବଳାତ୍କାର ପୀଡ଼ିତା ଝିଅକୁ ସେମାନେ ବନ୍ଧକ ରଖି ଅନ୍ୟ ଜଣେ ଝିଅକୁ ଆଣିବା ଲାଗି ମହିଳାଙ୍କୁ ଛାଡ଼ିଦେଇଥିଲେ। ମହିଳା ସାହସ ବାନ୍ଧି ସ୍ଥାନୀୟ ଥାନାରେ ପହଞ୍ଚିବା ପରେ କାନ୍ଦି କାନ୍ଦି ସବୁ କଥା ପୋଲିସକୁ ଜଣାଇଥିଲେ। ଥାନାରେ ଅବସ୍ଥାପିତ ଏଏସ୍‌ଆଇ ମହମ୍ମଦ ବକ୍ସ ବୁରିରୋ ତାଙ୍କ ଦୁଃଖ ଶୁଣିବା ପରେ ଝିଅକୁ ଛଡ଼ାଇବା ପାଇଁ ଉପାୟ ପାଞ୍ଚିଥିଲେ। ପ୍ରଥମେ ସେ ମହିଳା ପୋଲିସ ସହାୟତାରେ ଅପରାଧୀଙ୍କୁ ଧରିବା ପାଇଁ ଯୋଜନା କରିଥିଲେ। ହେଲେ ମହିଳା ପୋଲିସଙ୍କୁ ନ ପାଇବାରୁ ବଳାତ୍କୃତା ମହିଳାଙ୍କ ସହ ନିଜ ଝିଅକୁ ଛାଡ଼ିବାକୁ ନିଷ୍ପତ୍ତି ନେଲେ। ମହିଳାଙ୍କଠାରୁ ଅପରାଧୀଙ୍କ ଫୋନ୍ ନମ୍ବର ନେଇ ନିଜ ଝିଅକୁ ଦେଲେ। ତାଙ୍କ ଝିଅ ବଳାତ୍କାରୀମାନଙ୍କୁ ଫୋନ୍ କରି ସେମାନଙ୍କ ନିକଟରେ ଚାକିରି କରିବାକୁ ଚାହୁଁଥିବା କହିଥିଲେ। ଏଥିରେ ବଳାତ୍କାରୀମାନେ ଖୁସିରେ ରାଜି ହୋଇଗଲେ। ଏଏସ୍‌ଆଇ ମହମ୍ମଦ ବକ୍ସଙ୍କ ଝିଅ ସେମାନଙ୍କୁ ଏକ ପାର୍କକୁ ଡାକିଥିଲେ। ରଫିକ୍ ମଲକ୍ ନାମକ ଜଣେ ଅପରାଧୀ ୫ ବର୍ଷୀୟା ଝିଅକୁ ସାଙ୍ଗରେ ଧରି ସେହି ପାର୍କରେ ପହଞ୍ଚିଥିଲେ। ପୂର୍ବ ଯୋଜନା ମୁତାବକ କାଶ୍‌ମୋର ଏସ୍‌ପିଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ତାଙ୍କୁ ଘେରିଯାଇ କାବୁକରି ନେଇଥିଲେ। ରଫିକ୍‌ଙ୍କ ଗିରଫଦାରି ପରେ ତାଙ୍କଠାରୁ ମିଳିଥିବା ସୂଚନା ଆଧାରରେ ପୋଲିସ ବୁଗ୍‌ତି ନାମକ ଅପରାଧୀଙ୍କୁ ଧରିବା ପାଇଁ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ବୁଗ୍‌ତି ସେମାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ରଫିକ୍ ମଲକ୍‌ଙ୍କ ମୃତ୍ୟୁ ଘଟିଲା। ହେଲେ ଶେଷରେ ପୋଲିସ ବୁଗ୍‌ତିଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଏହି ଘଟଣା ପରେ ଏଏସ୍‌ଆଇ ମହମ୍ମଦ ବକ୍ସ ଓ ତାଙ୍କ ଝିଅଙ୍କ ସାହସିକ କାର୍ଯ୍ୟକୁ ସବୁଠି ପ୍ରଶଂସା କରାଯାଉଛି। ସାହସୀ ଏଏସ୍‌ଆଇଙ୍କୁ କ୍ୱାଏଦ୍-ଇଆଜମ ପୋଲିସ ମେଡାଲ ଓ ତାଙ୍କ ଝିଅଙ୍କୁ ସର୍ବୋଚ୍ଚ ବେସାମରିକ ସମ୍ମାନ ଦେବା ପାଇଁ ସିନ୍ଧ୍ ପ୍ରଦେଶ ଇମ୍ରାନ୍ ସରକାରଙ୍କ ନିକଟକୁ ପତ୍ର ଲେଖି ସୁପାରିସ କରିଛି। ସେମାନଙ୍କ ଧୈର୍ଯ୍ୟ ଓ ସାହସକୁ ପ୍ରଶଂସା କରିବା ପାଇଁ ଆମ ପାଖରେ ଭାଷା ନାହିଁ ବୋଲି ସିନ୍ଧ୍ ସରକାରଙ୍କ ମୁଖପାତ୍ର ମୁର୍ତାଜା ୱାହବ୍ କହିଛନ୍ତି। ବଳାତ୍କାର ପୀଡ଼ିତା ମା'ଝିଅଙ୍କୁ ଲର୍କାନାସ୍ଥିତ ସିଭିଲ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ନାବାଳିକାଙ୍କ ଚିକିତ୍ସା ଓ ପାଠପଢ଼ା ଖର୍ଚ୍ଚ ବହନ କରିବା ପାଇଁ ସିନ୍ଧ୍ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏଏସ୍‌ଆଇ ମହମ୍ମଦ ବକ୍ସଙ୍କୁ ଫୋନ୍ କରି ଅପରାଧୀଙ୍କୁ ଧରିବାରେ ବାପ-ଝିଅଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ପୋଲିସ କର୍ମଚାରୀଙ୍କ ଉଲ୍ଲେଖନୀୟ ପଦକ୍ଷେପକୁ ନେଇ ସାରା ଦେଶ ଗର୍ବିତ ବୋଲି ଇମ୍ରାନ୍ କହିଛନ୍ତି। ଏହାସହ ଖୁବ୍‌ଶୀଘ୍ର ବଳାତ୍କାର ନିରୋଧୀ କଠୋର ଆଇନ ପ୍ରଣୟନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି। ମହମ୍ମଦ ବକ୍ସଙ୍କ ଉପସ୍ଥିତ ବୁଦ୍ଧି ଓ ସାହସିକ କାର୍ଯ୍ୟ କେବଳ ପାକିସ୍ତାନ ନୁହେଁ, ଅନ୍ୟ ରାଷ୍ଟ୍ରର ପୋଲିସ ଅଧିକାରୀମାନଙ୍କ ପାଇଁ ପ୍ରେରଣାଦାୟକ ହୋଇଛି।

### ଶୀତ ଅଧିବେଶନ: ୧୮ରେ ...

ତାକୁ ନେଇ ସବୁ ଦଳଙ୍କ କଥା ବାଚସ୍ପତି ଶୁଣି ନିଷ୍ପତ୍ତି ନେବେ ବୋଲି ସୂଚନା ମିଳିଛି। ଅନ୍ୟପଟେ ସେହିଦିନ ବାଲେଶ୍ୱର ଓ ତିର୍ତ୍ତୋଲ ଉପନିର୍ବାଚନରେ ବିଜୟୀ ହୋଇଥିବା ଦୁଇ ନବନିଯୁକ୍ତ ବିଧାୟକ ସ୍ୱରୂପ ଦାସ ଏବଂ ବିଜୟ ଶଙ୍କର ଦାସ ଶପଥ ନେବାର କାର୍ଯ୍ୟକ୍ରମ ରହିଛି। ଏଥର ମଧ୍ୟ ଗୋଟିଏ ପ୍ରସଙ୍ଗରେ ଦୁଇ ଦିନ ମୁଲତବୀ ପ୍ରସ୍ତାବ ଆସିପାରିବ ନାହିଁ। ସୂଚନାଯୋଗ୍ୟ, ଶୀତ ଅଧିବେଶନ ଡିସେମ୍ବର ୩୧ ପୂର୍ବରୁ ହେବ ବୋଲି ବାଚସ୍ପତି ପୂର୍ବରୁ ସୂଚନା ଦେଇଥିଲେ। ବିଧାନସଭା ବିଧି ମୁତାବକ ବର୍ଷକ ମଧ୍ୟରେ ଗୃହକାର୍ଯ୍ୟ ୬୦ ଦିନ ଚାଲିବା କଥା। ତୃତୀୟ ଓ ଚତୁର୍ଥ ଅଧିବେଶନରେ ମୋଟ ୨୦ଟି କାର୍ଯ୍ୟ ଦିବସ ରହିଥିଲା। ତେଣୁ ଡିସେମ୍ବର ପୂର୍ବରୁ ୪୦ଦିନ ଗୃହକାର୍ଯ୍ୟ ବସିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟପାଳଙ୍କ ନିଷ୍ପତ୍ତି ପରେ ୪୦ ଦିନର କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି। ଆସନ୍ତା ୨୦ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ମୋଟ ୪୦ଟି କାର୍ଯ୍ୟଦିବସ ଅଧିବେଶନରେ ରହିବ। ଏହାରି ମଧ୍ୟରେ ମୋଟ ଦୁଇଟି ଛୁଟି ଦିନ ରହିଥିଲା ବେଳେ ଶନିବାର ଏବଂ ରବିବାର ମଧ୍ୟ ଗୃହକାର୍ଯ୍ୟ ଚାଲିବ ବୋଲି ଜଣାପଡ଼ିଛି।

### ନୀତୀଶ ଏନ୍‌ଡିଏ ବିଧାୟକ ...

ସେହିପରି ଭାଜପା ବିଧାୟିକା ରେଣୁ ଦେବୀଙ୍କ ନାଁ ମଧ୍ୟ ଚର୍ଚ୍ଚା ହେଉଛି।

ବୈଠକ ପରେ ନୀତୀଶ ବରିଷ୍ଠ ଏନ୍‌ଡିଏ ନେତାମାନଙ୍କ ସହ ରାଜଭବନ ଯାଇ ବିହାରରେ ପରବର୍ତ୍ତୀ ସରକାର ଗଠନ ଲାଗି ରାଜ୍ୟପାଳ ଭଗୁ ଚୌହାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟପାଳ ତାଙ୍କୁ ସରକାର ଗଠନ ଲାଗି ଆମନ୍ତ୍ରଣ କରିଛନ୍ତି। ସୋମବାର ସନ୍ଧ୍ୟାରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ନୀତୀଶ କହିଛନ୍ତି। ସେ ବିହାରରେ ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏନ୍‌ଡିଏର ୪ ସହଯୋଗୀ ଦଳର ସମର୍ଥନ ପତ୍ର ରାଜ୍ୟପାଳଙ୍କୁ ହସ୍ତାନ୍ତର କରାଯାଇଛି। ଜଣେ ସ୍ୱାଧୀନ ବିଧାୟକ ମଧ୍ୟ ଏନ୍‌ଡିଏକୁ ସମର୍ଥନ କରୁଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସମେତ ୧୬ରୁ ୧୭ ଜଣ ମନ୍ତ୍ରୀ ଶପଥ ନେଇପାରନ୍ତି ବୋଲି ଆଶା କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ଜେଡିୟୁ ଏବଂ ଭାଜପାରୁ ୭ ଜଣ ଲେଖାଏଁ ଓ ମୁକେଶ ସାହନିଙ୍କ ଭିଆଇପି ଏବଂ ଜିତନ ରାମ ମାଂଝିଙ୍କ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ଧର୍ମନିରପେକ୍ଷରୁ ଜଣେ ଲେଖାଏ ମନ୍ତ୍ରୀ ହୋଇପାରନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଗତକାଲିର ସମସ୍ୟା ଆଜି ସମାଧାନ ହୋଇଯିବାର ସୂଚନା ରହିଛି। ଆକସ୍ମିକ ବ୍ୟବହୃତ ଜିନିଷ ନ ପାଇବା କାରଣରୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇପାରେ। ପରିବାରରେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ରହିବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରି ଆତ୍ମତୃପ୍ତି ଲାଭ କରିବେ।

**ବୃଷ** ସାଧାରଣ କଥାରୁ ପରିବାରରେ ଅଶାନ୍ତି ସୃଷ୍ଟି ସହ ପଡ଼ୋଶୀଙ୍କ ସମ୍ପର୍କରେ ତିକ୍ତତା ଘଟିବ। ଭୁଲ୍ ବୁଝାମଣା ହେତୁ ଜମିଜମା କାରବାରରେ କଳହ, ଏବଂ ତର୍କ ବିତର୍କର ସମ୍ମୁଖୀନ ହେବେ। ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେଇପାରେ। ବିଶେଷ ଭ୍ରମଣ ଓ ଖାଦ୍ୟ ହୁଏତ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମିଥୁନ** ବନ୍ଧୁଙ୍କ ବିଷୟରେ ସବୁ ଗୋପନୀୟ କଥା ଜାଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ। ପରିବାରରେ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ଅପରିବର୍ତ୍ତିତ ରହିବା ଯୋଗୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଆଲୋଚନା ପରିସରରେ ଆତ୍ମପ୍ରଶଂସା କରି ବନ୍ଧୁମାନଙ୍କ ଦ୍ୱାରା ସମାଲୋଚିତ ହେବେ।

**କର୍କଟ** ଦୀର୍ଘଦିନର ଅଭିଳାଷ ପୂରଣ ହେବାର ମାର୍ଗ ଉନ୍ମୁକ୍ତ ହୋଇଯିବ। ଭୋଗବିଳାସ, କଳା ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ଓ ମଉଜ ମଜଲିସ୍ ସକାଶେ ମନ ବଳାଇବେ। ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାର ସମୀକ୍ଷା କରିବେ ଓ ନୂଆ ସିଦ୍ଧାନ୍ତ ନେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି।

**ସିଂହ** ପାରିବାରିକ ସମସ୍ୟା କ୍ରମଶଃ ଜଟିଳ ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ଏବଂ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିବାକୁ ପଡିପାରେ। ଅଫିସରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାର ସୂଚନା ଦେଖାଯାଏ।

**କନ୍ୟା** ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବ ଓ କାମ ହାସଲରେ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ କୌଣସି କଥାକୁ ଠିକ୍ ଭାବେ ବିଚାର ନ କରି ଓ ଭୁଲ୍ ନିଷ୍ପତ୍ତି ନେଇ ଅନୁତାପ କରିପାରନ୍ତି। ଭଲ ସମ୍ପର୍କ ନ ଥିବା ଖଳ ଲୋକଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବାରେ ହେଳା କରିପାରନ୍ତି।

**ତୁଳା** ଯେଉଁ କାମ କରନ୍ତୁନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିରୋଧର ସାମନା କରିବାକୁ ପଡିବ। ଅଫିସରେ କୌଣସି ଶ୍ରୁତିରୋଚକ ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହଯୋଗରୁ ଉପକୃତ ହେବେ। ସ୍ୱାସ୍ଥ୍ୟହାନି କାରଣରୁ କାମ ପାଇଁ ନିସ୍ପୃହତା ଦେଖାଯିବ।

**ବିଛା** ନିକଟ ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପଛରୁ ଗୋଡ ଟାଣିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଦେଖିଚାହିଁ କାମ ନ କଲେ ଅସୁବିଧାରେ ପଡିବେ। ସମସ୍ୟା ଲାଗିରହିବା କାରଣରୁ ପରିବାରରେ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ଆଶା କରୁଥିବା ଦିଗରୁ ଅର୍ଥ ପାଇବା କଷ୍ଟକର ହୋଇପଡିବ।

**ଧନୁ** ପାରିବାରିକ ସମସ୍ୟାକୁ ପ୍ରତିହତ କରି ଆଶଙ୍କାକୁ ଦୂରେଇବାରେ ସମର୍ଥ ହେବେ। ଆଶା କରୁଥିବା ଦିଗରୁ ଅର୍ଥ ଓ ଆବଶ୍ୟକ ସହଯୋଗ ମିଳିବନି। କର୍ମକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାରେ ମନୋବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। କେତେକ ବ୍ୟକ୍ତିଗତ କାରଣରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି।

**ମକର** ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ଅନ୍ୟଥା ପସ୍ତେଇବେ। ଦକ୍ଷତା ହେତୁକ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କେତେକ ମନଗଢ଼ା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି। ଶ୍ରବଣା ନକ୍ଷତ୍ର ବିବାଦୀୟ କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିବେ।

**କୁମ୍ଭ** କର୍ମ କ୍ଷେତ୍ରରେ ତଥା ପରିବାରରେ ଅଭାବ ଅସୁବିଧା ଭିତରେ କାମ ହାସଲ କରିବାକୁ ପଡିବ। ପରିସ୍ଥିତିବିଶତଃ ବନ୍ଧୁଙ୍କ ସକାଶେ ଅଯଥା କଷ୍ଟ ଅନୁଭବ କରିବେ। ଭାବପ୍ରବଣ ଯୋଗୁ ମନୋବଳ ହ୍ରାସ ପାଇବ ଓ ସାଧାରଣ କଥାକୁ ଅସାଧାରଣ ଭାବେ ଚିନ୍ତା କରିବେ। ଅଫିସ ଭିତରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**ମୀନ** ନିଜ କାମକୁ ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ କିନ୍ତୁ ଅନ୍ୟମାନଙ୍କ ସକାଶେ ସେହି କାମକୁ ସହଜରେ କରିପାରିବେ। ଅଫିସ କାମରେ ହଠାତ୍ ଦୂରଯାତ୍ରାର ସୁଯୋଗ ପାଇବେ। ପରିବାରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

ଆଜି ବିଛା ସଂକ୍ରାନ୍ତି, କାର୍ତ୍ତିକ ଶୁକ୍ଳପକ୍ଷର ଭ୍ରାତୃ/ଯମ ଦ୍ୱିତୀୟା ସୋମବାର, ନଭେମ୍ବର ୧୬ ତାରିଖ, ଜାତୀୟ ପ୍ରେସ୍ ଦିବସ, ଦିବା ଘ.୦୨।୩୭ ମି. ପର୍ଯ୍ୟନ୍ତ ରାଶିନକ୍ଷତ୍ର ଅନୁରାଧା/ବିଛା, ତା'ପରେ ଜ୍ୟେଷ୍ଠା ନକ୍ଷତ୍ର, ମିଥୁନ ରାଶିର ଘାତବାର, ଦ୍ୱିତୀୟାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୫୯ମି.ଗତେ ଘ.୦୭।୨୮ମି. ମଧ୍ୟେ, ଘ.୦୮।୫୬ମି. ଗତେ ଘ.୧୧।୦୯ମି. ମଧ୍ୟେ, ରାତ୍ରି ଘ.୦୭।୩୮ମି. ଗତେ ଘ.୧୧।୦୫ମି. ମଧ୍ୟେ, ଘ.୦୨।୩୨ମି. ଗତେ ଘ.୦୩।୨୪ମି. ମଧ୍ୟେ ଅମୃତ ବେଳା। ସକାଳ. ଘ. ୦୭।୨୨ମି. ଗତେ ଘ.୦୮।୪୫ମି. ମଧ୍ୟେ ରାହୁକାଳ।


# classifieds

**Everyday**
**0674-2580101, 2549302**




## SALE

**ଗୁଡ଼ିଆପୋଖରୀ ସାଇ ମନ୍ଦିର ସମ୍ମୁଖରେ NHରୁ 100 ମିଟର ଦୂରତାରେ 6500sqft. ସ୍ଥିତିବାନ୍ ପ୍ଲଟ୍ Rs. 1100/sqft. re ବିକ୍ରିହେବ। 9439617047, 9778997744.** D-18866

Different type of land available in Bhubaneswar, Jatani, Khurda, Cuttack. Accept any option. 6371370717, 7077085002. D-46548

**1200sqft. 3BHK simplex constructed on 2200sqft. land with 20feet wide road available for immediate sale at lane R-3, Jagmohan Nagar, Jagamara. Contact: 8328899099, 7978074243.** D-70102

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft Road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft.650/- 7008045582, 9692003948 D-18856

**ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ସ୍ଥିତିବାନ ପ୍ଲଟ Sqft.299/- ମିଳୁଅଛି। 7848882166.** D-70101

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9776974912, 7894433357. D-69200

**Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283.** D-69197

ଭୁବନେଶ୍ୱର ସୁନ୍ଦରପଦା Xavier University/ Adityabirla ପଛପଟେ ସୁଲଭ ମୂଲ୍ୟରେ ପ୍ଲଟ ମିଳୁଛି। 8917543041. D-69198

**10 Acer land for immediate sale Puri Town at Puri. Interested buyers please contact Deepak-9937329999.** D-69933

Ready to move 3/2BHK Flat, Prime Location near Rajarani Temple, Tankapani Road, BBSR. Contact- 9861037729, 9040337729. D-18944

**Plot sale near AIIMS Hospital, Bhubaneswar with 30' Road. 8456850883.** D-69199

**Saivihar fully developed, ready for housing residential gharabari boundary plot, 30'road, electricity near Sai Temple BJEM-2 Rangabazar Sqft.450/- 9438400633.** D-70103

Sundarpada କୁହା ମୌଜାରେ (Bhubaneswar) ଘରବାରି ପ୍ଲଟ୍ ୨୦୦୦ବର୍ଗଫୁଟକୁ ୧୯,୦୦,୦୦୦/- କିଣି ଆଜି ଘର କରନ୍ତୁ ଓ Alkaline water machine ମାଗଣାରେ ପାଆନ୍ତୁ। 9938016295. D-70105

**1630sqft. 4BHK duplex constructed on 1100sqft. land with 30feet wide road with in a gated community available for immediate sale at Patharagadia, Bhubaneswar. Contact: 7008023914.** D-70104

**Ready to move Duplex for sale at DHPL Villa One Kalarahanga. Contact- 9937059891** D-18830

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




1Room, with attached bathoom, kitchen & balcony at Barabari, near Khandagiri, Bhubaneswar. 9437051142. D-18859

2BHK+Drawing Room with 2 bathsrooms & reserved parking at Sailashree Vihar, Bhubaneswar. 9437051142. D-18858




Thailand massage refreshment Bhubaneswar, Cuttack smart therapist. 9853999966, 9853999966. Homeservices9853999966@gmail.com D-18864

Newly open relaxing massage male/ female therapist. Contact- 9861193818, 8018656899 D-59970

Swarna SPA newly open positively health benefits with expert therapist. 9556978408. D-70017

Get refreshment body massage by expert therapist contact for 7205084157. D-70018

Newly open Spa Centre smart therapist full body massage: 8114970372. D-59971

Newly open full body massage SPA in Bhubaneswar. Contact: 7205058838. D-70019

Rejuvenate and Ayurvedic full body massage by smart therapist. 9348123330. D-70020

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୪୫,୮୨,୧୧୧ | ୧୩,୨୧,୯୮୫ | ୩,୮୦,୩୪,୪୩୭ |
| ଭାରତ | ୮୮,୪୦,୦୯୦ | ୧,୩୦,୦୨୦ | ୮୨,୩୯,୯୮୦ |
| ଓଡ଼ିଶା | ୩,୦୮,୬୫୯ | ୧୫୨୭(+୫୩) | ୨,୯୭,୮୬୨ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପୂର୍ବତନ ଡିଜିପି ଏସ୍. କେ. ଚାଟାର୍ଜୀଙ୍କ ପରଲୋକ



ଭୁବନେଶ୍ୱର,୧୫।୧୧(ବ୍ୟୁରୋ): ଓଡ଼ିଶାର ପୂର୍ବତନ ପୋଲିସ ଡିଜି ଏସ୍.କେ. ଚାଟାର୍ଜୀଙ୍କ ପରଲୋକ ଘଟିଛି। ଶନିବାର ରାତିରେ ନୂଆଦିଲ୍ଲୀଠାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ରବିବାର ଡିଜିପି ଅଭୟ ଟୁଇଟ୍ ଜରିଆରେ ସୂଚନା ଦେଇଛନ୍ତି। ସେ ଶୋକ ପ୍ରକାଶ କରିବା ସହ ଚାଟାର୍ଜୀଙ୍କ ଦକ୍ଷତା, ପାରିଦର୍ଶିତା, ପୋଲିସଙ୍କ ପ୍ରତି କଲ୍ୟାଣ ମୂଳକ ଓ ବୃତ୍ତିଗତ କାର୍ଯ୍ୟ ପାଇଁ ସେ ସର୍ବଦା ମନେରହିବେ ବୋଲି ଅଭୟ କହିଛନ୍ତି। ସ୍ୱର୍ଗତ ଚାଟାର୍ଜୀ ୧୯୬୬ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ଥିଲେ। ସେ ୨୦୦୦ ମାର୍ଚ୍ଚ ୧୩ରୁ ୨୦୦୧ ଏପ୍ରିଲ୍ ୩୦ ଯାଏ ଡିଜିପି ଭାବେ କାର୍ଯ୍ୟ କରିଥିଲେ। ଏହି ୧୩ ମାସ ଭିତରେ ସେ ରାଜ୍ୟର ଆଇନ ଶୃଙ୍ଖଳା ଓ ପୋଲିସ ସେବାରେ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଥିଲେ।

# ଚାପିଦେଲେ ନା ଭୁଲିଗଲେ

**ବନ ବିଭାଗ**
- କାର୍ଯ୍ୟକାରୀ ହେଲାନି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ୧୨ବର୍ଷ ପରେ ବି ଗଠନ ହୋଇପାରିଲାନି ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ

ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)

ରାଜ୍ୟରେ ବନ୍ୟପ୍ରାଣୀ ଶିକାର ଓ ଚୋରା ଚାଲାଣ ରୋକିବା ସହ ଜଙ୍ଗଲ ସୁରକ୍ଷା ଓ ଅପରାଧୀ ଦମନ ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଢାଞ୍ଚାରେ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ (ଏସ୍‌ଏସ୍‌ଏଫ୍) ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଇତିମଧ୍ୟରେ ୧୨ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ଏହା ଗଠନ ହୋଇପାରୁନି। ଏପଟେ ରାଜ୍ୟରେ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ମୁହୂର୍ତ୍ତରେ ବିପଦ ଦେଖାଦେଉଛି। ବଜ୍ରକାପ୍ତା ଚୋରା ଚାଲାଣର ଅନ୍ତର୍ଜାତୀୟ ର୍‍ୟାକେଟ ରାଜ୍ୟରେ ସକ୍ରିୟ ରହିଥିବାବେଳେ ହାତୀ, ବାଘ, ହରିଣ ଆଦି ବନ୍ୟପ୍ରାଣୀ ଶିକାର ମଧ୍ୟ ବଢ଼ି ଚାଲିଛି। ଏ ପରିସ୍ଥିତିରେ ଏସ୍‌ଏସ୍‌ଏଫ୍ ଗଠନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ବନ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ଚାପି ଦେଉଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଅଭିଯୋଗ ଆଣିଛନ୍ତି।

ବର୍ତ୍ତମାନ ରାଜ୍ୟରେ ବନ୍ୟପ୍ରାଣୀ ଚୋରା ଚାଲାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବଡ଼ ବଡ଼ ର୍‍ୟାକେଟକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଧରୁଛି। ବନ ବିଭାଗ କାଁଭାଁ କେଉଁଠି ଛୋଟମୋଟ ଚଢ଼ାଉ କରି ବାହାବା ନେଉଛି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗଠନର ୪ବର୍ଷ ପୂର୍ବରୁ ଅର୍ଥାତ୍ ୨୦୦୮ ଏପ୍ରିଲ ୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୫୦ ସ୍ଥାନରେ ଏସ୍‌ଏସ୍‌ଏଫ୍ ଗଠନ କରିବାକୁ ଘୋଷଣା କରିଥିଲେ। ଏଥିପାଇଁ ଆବଶ୍ୟକ କର୍ମଚାରୀ, ଗାଡ଼ି, ଅସ୍ତ୍ରଶସ୍ତ୍ର ଆଦିର ମଧ୍ୟ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ଉଭୟ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା, ବିଶେଷକରି ଅପରାଧୀଙ୍କୁ ସାବାଡ଼ କରିବାକୁ ଲକ୍ଷ୍ୟ ରହିଥିଲା। ଏହାର ପରବର୍ତ୍ତୀ ସମୟରେ ମଧ୍ୟ ବନ ବିଭାଗ ଅନେକ ଯୋଜନା ଓ ନିଯୁକ୍ତି ଦେଇଛି। କିନ୍ତୁ ଏସଏସ୍‌ଏଫ୍‌କୁ ବନ ବିଭାଗ କାହିଁକି ସେତେଟା ଗୁରୁତ୍ୱ ଦେଉନି ତାହାକୁ ନେଇ ଏବେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ରାଜ୍ୟ ଅଣ ଗେଜେଟେଡ୍ ବନ କର୍ମଚାରୀ ସଂଘର ସମ୍ପାଦକ ସମୀର ବେହେରା କହିଛନ୍ତି, ସ୍ପେଶାଲ ଷ୍ଟ୍ରାଇକ ଫୋର୍ସ ଗଠନ କରାଗଲେ ନିଶ୍ଚୟ ବନ୍ୟପ୍ରାଣୀ ଶିକାର ରୋକିବାରେ ସଫଳତା ମିଳିବ। ଯେହେତୁ ରାଜ୍ୟରେ ୨୧୯୦ ଫରେଷ୍ଟ ଗାର୍ଡ, ୪୫୩ ଫରେଷ୍ଟର, ୭୦ ଡେପୁଟି ରେଞ୍ଜର ପଦବୀ ଖାଲି ରହିଛି, ସେହି ଖାଲି ପଦବୀରୁ ହିଁ ଏଥିପାଇଁ ଷ୍ଟାଫ୍ ନିଯୁକ୍ତି ହେଇଥାନ୍ତା। କିନ୍ତୁ ଏଭଳି ଜନକଲ୍ୟାଣ ପଦକ୍ଷେପକୁ କିଏ ଚାପିଦେଲେ ଏ ବିଷୟରେ ତର୍ଜମା ହେବା ନିହାତି ଆବଶ୍ୟକ ବୋଲି ବେହେରା କହିଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ସ୍ପେଶାଲ ଷ୍ଟ୍ରାଇକ ଫୋର୍ସ କେନ୍ଦ୍ରୀୟ ଭାବରେ କାମ କରିଥାନ୍ତା ଏବଂ ସ୍ୱତନ୍ତ୍ର ମର୍ଯ୍ୟାଦା ମିଳିଥାନ୍ତା। ଏହାର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହି ସାରା ରାଜ୍ୟକୁ ମନିଟରିଂ କରିଥାନ୍ତା। ସ୍ଥାନୀୟ ଡିଏଫ୍‌ଓ ବା ଅନ୍ୟ ଉଚ୍ଚପଦାଧିକାରୀଙ୍କର ଏହି ଫୋର୍ସ ଉପରେ ଆଦୌ କର୍ତ୍ତୃତ୍ୱ ରହି ନ ଥାନ୍ତା। ଫଳରେ ରେଞ୍ଜର ଓ ଡିଏଫ୍‌ଓଙ୍କର ବେଆଇନ କାର୍ଯ୍ୟ ଉପରେ ନଜର ରହିଥାନ୍ତା। ନିଜ ଗୋଡ଼ରେ କାଳେ କୁରାଢ଼ି ମାରି ହୋଇଯିବ, ସେଥିପାଇଁ ବନ ବିଭାଗର ମୁଣ୍ଡିଆଳମାନେ ଏତେ ବର୍ଷ ହେବ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ଚତୁରତାର ସହିତ ଚାପି ଦେଲେ ସେ କହିଛନ୍ତି।

ଇତିମଧ୍ୟରେ ୨୦୧୬ରେ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ବର୍ବରା-ଧୂଆଁନଳୀ ସଂରକ୍ଷିତ ଜଙ୍ଗଲ ପାଇଁ ସ୍ୱତନ୍ତ୍ର ଭାବେ ୨୫ ଫରେଷ୍ଟ ଗାର୍ଡ ଓ ୫ ଫରେଷ୍ଟର ପୋଷ୍ଟିଂ କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲାର ୪ ଡିଭିଜନ ତରଫରୁ ଏକାଥରକେ ୬୩ଜଣ ଫରେଷ୍ଟ ଗାର୍ଡ ନିଯୁକ୍ତ ହୋଇଛନ୍ତି। ଟ୍ରେନିଂ ପରେ ସେମାନଙ୍କୁ ସ୍ପେଶାଲ ଟାଇଗର ପ୍ରୋଟେକ୍ସନ ଫୋର୍ସ (ଏସ୍‌ଟିପିଏଫ୍) ନାମରେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ନିୟୋଜିତ କରାଯାଇଛି। ସେପଟେ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସକୁ ଏଡାଇଯାଇ ଗତ ଅକ୍ଟୋବର ୨୦ରେ ଏକ ରାଜ୍ୟ ସ୍ତରୀୟ ଟାସ୍କ ଫୋର୍ସ ଗଠନ କରିବା ପାଇଁ ରାଜ୍ୟ ବନ ବିଭାଗ ଘୋଷଣା କରିଛି। ଯାହାକି ମନୁଷ୍ୟ ଓ ବନ୍ୟପ୍ରାଣୀ ସଂଘର୍ଷ କମାଇବାରେ କାର୍ଯ୍ୟ କରିବ ବୋଲି କୁହାଯାଇଛି। ଏପରିସ୍ଥିତିରେ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ କଥା ବନ ବିଭାଗ ସମ୍ପୂର୍ଣ୍ଣ ଭୁଲିଯାଇଥିବା ପରି ମନେ ହେଉଛି। ପିସିଏଫ୍(ବନ୍ୟପ୍ରାଣୀ) ତଥା ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ହରିଶଙ୍କର ଉପଧ୍ୟାୟ କୁହନ୍ତି, ଏ ପର୍ଯ୍ୟନ୍ତ ସେଭଳି କିଛି ଫୋର୍ସ ଗଠନ ହୋଇ ନାହିଁ। ଏ ନେଇ କ'ଣ ଘୋଷଣା ହୋଇଥିଲା ଜାଣି ନାହିଁ। ତେବେ ସେହି ଷ୍ଟେଟ୍‌ମେଣ୍ଟ ଦେଖିଲେ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ୮ମାସରେ କରୋନା ନେଇଛି ୧,୫୨୭ ଜୀବନ

## ଦୁଇଦିନରେ ୩୨ ମୃତ୍ୟୁ, ୧,୬୫୫ ଆକ୍ରାନ୍ତ



ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ କମିବାରେ ଲାଗିଛି। କିନ୍ତୁ ମୃତ୍ୟୁ ସଂଖ୍ୟା ଥମିବାର ନାଁ ନେଉନି। ଏବେ ବି ଦୈନିକ ୧୦ରୁ ଅଧିକ ଆକ୍ରାନ୍ତଙ୍କର ମୃତ୍ୟୁ ଘଟୁଥିବାବେଳେ ୮ ମାସରେ ଦେଢ଼ହଜାରରୁ ଊର୍ଦ୍ଧ୍ୱ ଜୀବନ ଗଲାଣି। ଗତ ଦୁଇଦିନରେ ଆଉ ୩୨ଜଣଙ୍କ ମୃତ୍ୟୁ ପରେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୫୨୭ରେ ପହଞ୍ଚିଛି।

ମାର୍ଚ୍ଚ ୧୫ରେ ରାଜ୍ୟରେ ପ୍ରଥମ କରୋନା ରୋଗୀ ରାଜଧାନୀରୁ ଚିହ୍ନଟ ହୋଇଥିବାବେଳେ ଏପ୍ରିଲ ୮ରେ ପ୍ରଥମ କରୋନା ମୃତ୍ୟୁ ହୋଇଥିଲା। ଖାରପଡ଼ା ଅଞ୍ଚଳର ଜଣେ ୭୨ ବର୍ଷୀୟ ବ୍ୟକ୍ତି କରୋନାରେ ଆଖି ବୁଜିଥିଲେ। ଏହାପରେ ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହୁହୁ ହୋଇ ବଢ଼ିଥିଲା। ଏବେ ସଂକ୍ରମଣ କମିଯାଇଥିଲେ ମଧ୍ୟ ଏହି ମହାମାରୀ ଘାତକ ସାଜୁଛି। ଖୋର୍ଦ୍ଧାରେ ସର୍ବାଧିକ ୨୬୭ଜଣଙ୍କ ଜୀବନ ନେଇଥିବାବେଳେ ଗଞ୍ଜାମରେ ୨୩୨, କଟକ ୧୨୪, ସୁନ୍ଦରଗଡ଼ ୯୪, ପୁରୀ ୮୯, ବାଲେଶ୍ୱର ୭୯, ମୟୂରଭଞ୍ଜ ୭୫ ଓ ସମ୍ବଲପୁରରେ ୫୪ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜିଲାଗୁଡ଼ିକରେ ମୃତ୍ୟୁ ସଂଖ୍ୟା ୫୦ ତଳେ ରହିଥିବାବେଳେ ଦେବଗଡ଼ ଜିଲାରେ ସର୍ବନିମ୍ନ ୩ଜଣଙ୍କ ମୃତ୍ୟୁ ହୋଇଛି।

ସେପଟେ ଗତ ଦୁଇଦିନରେ ରାଜ୍ୟରେ ୪୦,୬୬୧ଟି ନମୁନା ପରୀକ୍ଷା ହୋଇଥିବାବେଳେ ୧,୬୫୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଶେଷ ୨୪ ଘଣ୍ଟାରେ ୭୫୩ ରିପୋର୍ଟ ପଜିଟିଭ୍ ଆସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲାରୁ ସର୍ବାଧିକ ୮୮ଜଣ ରହିଥିବାବେଳେ ଦେବଗଡ଼ରୁ ସର୍ବନିମ୍ନ ୨ଜଣ ରହିଛନ୍ତି। ଫଳରେ ମୋଟ ସଂକ୍ରମିତ ସଂଖ୍ୟା ୩,୦୮,୬୫୯ରେ ପହଞ୍ଚିଛି। ରାଜ୍ୟରେ ମୋଟ ୫୨,୫୯,୬୭୫ଟି ନମୁନା ପରୀକ୍ଷଣର ଏହା ହେଉଛି ୫.୮୭%।

# ଅନ୍‌ଲାଇନ ଡ୍ୟାନ୍ସ ଫେଷ୍ଟିଭାଲ, ଜାହ୍ନବୀ ଚାମ୍ପିୟନ



କେନ୍ଦ୍ରାପଡ଼ା ଅଫିସ, ୧୫।୧୧

କେନ୍ଦ୍ରାପଡ଼ା କଳାକାରଙ୍କ ପକ୍ଷରୁ ୪ ମାସ ଧରି ଆୟୋଜିତ ଅନ୍‌ଲାଇନ ଡ୍ୟାନ୍ସ ଫେଷ୍ଟିଭାଲ ଗ୍ରାଣ୍ଡ ଫାଇନାଲ ପ୍ରତିଯୋଗିତା ରବିବାର ଶେଷ ହୋଇଛି। ସହରର ଶ୍ୟାମସୁନ୍ଦରପୁରସ୍ଥିତ ଏକ ହୋଟେଲରେ ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ବିଭାଗରେ ଜାହ୍ନବୀ ମହାନ୍ତି ଚାମ୍ପିୟନ ହୋଇଛନ୍ତି। କ୍ଷୀରୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଦେବଦାସ ମହାନ୍ତି, ସମ୍ମାନିତ ଅତିଥି କୈଳାସ ସାହୁ, ସାମାଜିକ କର୍ମୀ ବିଷ୍ଣୁପ୍ରିୟା ସାମଲ, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ କୁମାର ସାହୁ, ଓଡ଼ିଶା ମ୍ୟୁଜିକ ଆର୍ଟିଷ୍ଟ ୱେଲ୍‌ଫେୟାର ଆସୋସିଏଶନର ରାଜ୍ୟ ସମ୍ପାଦକ ଜିତୁ ମଙ୍ଗରାଜ ଓ ସାମାଜିକ କର୍ମୀ ରଞ୍ଜନ କର ଯୋଗ ଦେଇଥିଲେ। ଅତିଥିମାନେ କେନ୍ଦ୍ରାପଡ଼ାର କଳା ଓ ସଂସ୍କୃତି କ୍ଷେତ୍ରରେ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କଳାକାର ସ୍ୱପ୍ନାରାଣୀ ସାହୁଙ୍କ ନୃତ୍ୟକୁ ସର୍ବାଧିକ ୧୪ ହଜାର ଦର୍ଶକ ଅନ୍‌ଲାଇନରେ ଦେଖିଥିବାରୁ ତାଙ୍କୁ ସ୍ୱତନ୍ତ୍ର ପୁରସ୍କାର ସ୍ୱରୂପ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସେହିପରି କନିଷ୍ଠ ଗ୍ରୁପର ଏସ.ସୌମ୍ୟା ସୁଚରିତା ଓ ପ୍ରତ୍ୟାଶା ସାମଲ ଯୁଗ୍ମ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଅତିଥିମାନେ ସେମାନଙ୍କୁ ଟ୍ରଫି ଏବଂ ସାର୍ଟିଫିକେଟ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା କଳାକାରର ସମ୍ପାଦକ ଉମାକାନ୍ତ ଜେନା ଉତ୍ସବର ସଂଯୋଜନା କରିଥିଲେ।




AXIS BANK

**ଏକ୍ସିସ୍ ବ୍ୟାଙ୍କ ଲିଃ**
**ଏ.ସି. ମାର୍କେଟ୍, ୪ର୍ଥ ମହଲା, ୧, ସେକ୍ସପିୟର୍ ସରଣୀ, କୋଲକାତା-୭୦୦୦୧୭**

**ବନ୍ଧକ ପରିସମ୍ପତ୍ତି ଅର୍ଥାତ୍ ସୁନା ଅଳଙ୍କାରଗୁଡ଼ିକର ନିଲାମ ପାଇଁ ସର୍ବସାଧାରଣ ନୋଟିସ**

ଏହି ସର୍ବସାଧାରଣ ବିଜ୍ଞପ୍ତି ପ୍ରଦାନ କରାଯାଉଛି ଯେ ସୁନା ଅଳଙ୍କାର (ଏତଦ୍‌ପଶ୍ଚାତ୍ ପରିସମ୍ପତ୍ତି ଭାବେ ଉଲ୍ଲିଖିତ) ''ଯେପରି ଅଛି ଯେଉଁଠି ଅଛି'' ଭିତ୍ତିରେ ନିଲାମ କରାଯିବ। କଥିତ ସୁନା ସାମଗ୍ରୀଗୁଡ଼ିକର ବନ୍ଧକ ବିରୁଦ୍ଧରେ ଋଣ ସୁବିଧା ସଂକ୍ରାନ୍ତରେ ନିମ୍ନଲିଖିତ ଋଣଗ୍ରହୀତା/ମାନେ ଏବଂ ଜାମିନଦାତାମାନଙ୍କ ଦ୍ୱାରା ସୁନା ଅଳଙ୍କାରଗୁଡ଼ିକୁ ବ୍ୟାଙ୍କ ନିକଟରେ ବନ୍ଧକ ରଖାଯାଇଥିଲା।

| ଶାଖାର ନାମ ଓ ଠିକଣା | ନାମ-/ଠିକଣା/ଋଣ ଖାତା ନମ୍ବର/ମୋଟ ବକେୟା ଦେୟ-ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ, ଦେୟ ଓ କ୍ଷତିକୁ ଛାଡ଼ି | ସୁନା (ପରିସମ୍ପତ୍ତି)ର ନେଟ୍ ଓଜନ ଗ୍ରାମ୍‌ରେ |
|---|---|---|
| ବରଗଡ଼ [ଓଡ଼ିଶା]:- ଚନ୍ଦା ମାର୍କେଟ୍ କମ୍ପ୍ଲେକ୍ସ ଏନ୍‌ଏଚ୍ ୬ ବରଗଡ଼ ଓଡ଼ିଶା ୭୬୮୦୨୮ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ପୃଥ୍ୱୀରାଜ ଥେଥୁଆର, ଦେଓଗାଁ ଧମନାମୁଣ୍ଡା ବରଗଡ଼ ଧର୍ମଶାଳା ନିକଟ ବରଗଡ଼ ଓଡ଼ିଶା ୭୬୮୦୩୮ ଭାରତ, ଋଣ ଖାତା ନଂ.- ୯୧୮୦୬୦୦୯୯୦୯୬୪୪୫, ମୋଟ ବକେୟା ଦେୟ- ୫୭୬୮୪, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ବରଗଡ଼ [ଓଡ଼ିଶା] | ନେଟ୍ ଓଜନ - ୧୯.୮ ଗ୍ରାମ୍ |
| ବାରିପଦା [ଓଡ଼ିଶା]:- କେ.ସି. ସର୍କଲ୍ ବାରିପଦା ବାରିପଦା ଓଡ଼ିଶା ୭୫୭୦୦୧ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ରିମ୍ପିଲ ହାଁସଦା, ୱାର୍ଡ ନଂ.-୨୬ ଭୁଗୁଡ଼ାକଟା ଭଞ୍ଜପୁର ଚିପାଟସ୍ତିଆ ମୟୂରଭଞ୍ଜ ବାରିପଦା ଓଡ଼ିଶା ୭୫୭୦୦୨ ଭାରତ, ଋଣ ଖାତା ନଂ.- ୯୧୯୦୬୦୦୬୭୭୭୫୪୬୯, ମୋଟ ବକେୟା ଦେୟ- ୨୭୨୫୪୪, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ବାରିପଦା [ଓଡ଼ିଶା] | ନେଟ୍ ଓଜନ - ୧୦୬.୭ ଗ୍ରାମ୍ |
| ବାରିପଦା [ଓଡ଼ିଶା]:- କେ.ସି. ସର୍କଲ୍ ବାରିପଦା ବାରିପଦା ଓଡ଼ିଶା ୭୫୭୦୦୧ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ଏସ୍‌କେ ଶାହାଜାହାନ, ପିତା- ଏସ୍‌କେ ଶାହାଦତ, ପରେଡ ପଡ଼ିଆ ବାରିପଦା ଟାଉନ୍, ମୟୂରଭଞ୍ଜ, ୱାର୍ଡ ନଂ.- ୧୬ ବାରିପଦା ଓଡ଼ିଶା ୭୫୭୦୦୧ ଭାରତ, ଋଣ ଖାତା ନଂ.- ୯୧୯୦୬୦୦୦୩୬୫୧୨୫୭, ମୋଟ ବକେୟା ଦେୟ- ୫୭୪୪୫, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ବାରିପଦା [ଓଡ଼ିଶା] | ନେଟ୍ ଓଜନ - ୨୩.୭ ଗ୍ରାମ୍ |
| ବ୍ରହ୍ମପୁର ଗଞ୍ଜାମ [ଓଡ଼ିଶା]:- ତଳ ମହଲା, ନନ୍ଦିଘୋଷ ପ୍ଲାଜା, ଜୟପ୍ରକାଶ ନାଗ, ସେଲ୍‌ସ ଟ୍ୟାକ୍ସ ସ୍କୋୟାର୍ ନିକଟ, ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ ବ୍ରହ୍ମପୁର ଓଡ଼ିଶା ୭୬୦୦୧୦ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ବେତାଳ ଗାନ୍ଧୀ ରାଓ, ଗ୍ରାମ/ୱାର୍ଡ: ଗୋଲାବନ୍ଧ ଗ୍ରା.ପ./ଟାଉନ୍: ଗୋଲାବନ୍ଧ ଥାନା- ଗୋପାଳପୁର ଜିଲ୍ଲା- ଗଞ୍ଜାମ ଇଣ୍ଡିଆନ୍ ବ୍ୟାଙ୍କ ନିକଟ ଗଞ୍ଜାମ ଓଡ଼ିଶା ୭୬୧୦୫୨ ଭାରତ, ଋଣ ଖାତା ନଂ.- ୯୧୯୦୬୦୦୨୫୧୮୪୫୫୩, ମୋଟ ବକେୟା ଦେୟ- ୭୬୯୧୧, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ବ୍ରହ୍ମପୁର ଗଞ୍ଜାମ [ଓଡ଼ିଶା] | ନେଟ୍ ଓଜନ - ୩୧.୨ ଗ୍ରାମ୍ |
| ଭୁବନେଶ୍ୱର [ଓଡ଼ିଶା]:- ଆର୍କବିଶପସ ହାଉସ ସତ୍ୟନଗର ଭୁବନେଶ୍ୱର ଓଡ଼ିଶା ୭୫୧୦୦୭ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ଅମିତା ଶୁଭଦା, ଏନ୍‌୫/୧୫୬ ଆଇଆର୍‌ସି ଭିଲେଜ ଭୁବନେଶ୍ୱର ଓଡ଼ିଶା ୭୫୧୦୧୫ ଭାରତ, ଋଣ ଖାତା ନଂ.- ୯୧୯୦୬୦୦୫୪୯୦୦୧୧୧, ମୋଟ ବକେୟା ଦେୟ- ୧୧୪୬୧୬, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ଭୁବନେଶ୍ୱର [ଓଡ଼ିଶା] | ନେଟ୍ ଓଜନ- ୬୧ ଗ୍ରାମ୍ |
| ଚନ୍ଦନପୁର, ପୁରୀ [ଓଡ଼ିଶା]:- ଚନ୍ଦନପୁର ବଜାର ଚନ୍ଦନପୁର ଚନ୍ଦନପୁର ଓଡ଼ିଶା ୭୫୨୦୧୨ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ନାରାୟଣ ବାରିକ, ସ୍ଥାନ- ଆରେପଡ଼ା ବୀରବଳଭଦ୍ରପୁର, ଥାନା- ଚନ୍ଦନପୁର ପୁରୀ ଓଡ଼ିଶା ୭୫୨୦୧୨ ଭାରତ, ଋଣ ଖାତା ନଂ.- ୯୧୮୦୬୦୦୦୫୪୮୦୭୨୨, ମୋଟ ବକେୟା ଦେୟ- ୪୮୪୩୨, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ଚନ୍ଦନପୁର, ପୁରୀ [ଓଡ଼ିଶା] | ନେଟ୍ ଓଜନ - ୧୬ ଗ୍ରାମ୍ |
| ଧର୍ମଗଡ଼ ଡିଏମ୍‌ଜି ଓଡ଼ିଶା:- ତଳମହଲା, ସବ୍-କଲେକ୍ଟର ଅଫିସ୍ ନିକଟ ପୋଷ୍ଟ: ଧର୍ମଗଡ଼ ଧର୍ମଗଡ଼ ଓଡ଼ିଶା ୭୬୬୦୧୫ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ତପନ କୁମାର ଦାସ, ସ୍ଥାନ/ପୋଷ୍ଟ ମୋଟେର ଜିଲ୍ଲା କଳାହାଣ୍ଡି କଳାହାଣ୍ଡି ଓଡ଼ିଶା ୭୬୬୦୧୭ ଭାରତ, ଋଣ ଖାତା ନଂ.- ୯୧୮୦୬୦୦୬୬୪୮୮୦୪୮, ମୋଟ ବକେୟା ଦେୟ- ୯୭୨୩୧, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ଧର୍ମଗଡ଼ ଡିଏମ୍‌ଜି ଓଡ଼ିଶା | ନେଟ୍ ଓଜନ - ୩୨ ଗ୍ରାମ୍ |
| ଜୟପୁର [ଓଡ଼ିଶା]:- ଏନ୍‌ଏଚ୍ ୪୩ ଇନ୍‌ସପେକ୍ସନ୍ ବଙ୍ଗଳା ନିକଟ ଜୟପୁର ଓଡ଼ିଶା ୭୬୪୦୦୧ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧- ଅପରାହ୍ନ ୨ ଘ. | କାଞ୍ଚଦା ସୁଭାଷିନୀ, ମାର୍ଫତ୍ ଶିରିଡ଼ି ସାଇ ପ୍ୟାକିଂ ଇଣ୍ଡଷ୍ଟ୍ରି ସ୍ୱାମୀ- କେ ସତ୍ୟ ରାଓ କାପୁ ଏସ୍‌ଟି ଜୟପୁର ଓଡ଼ିଶା ୭୬୪୦୦୧ ଭାରତ, ଋଣ ଖାତା ନଂ.- ୯୨୦୦୬୦୦୦୧୩୮୬୪୬୭, ମୋଟ ବକେୟା ଦେୟ- ୧୯୭୫୮୯.୯୩, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ଜୟପୁର [ଓଡ଼ିଶା] | ନେଟ୍ ଓଜନ - ୭୬.୩ ଗ୍ରାମ୍ |
| ଜୟପୁର [ଓଡ଼ିଶା]:- ଏନ୍‌ଏଚ୍ ୪୩ ଇନ୍‌ସପେକ୍ସନ୍ ବଙ୍ଗଳା ନିକଟ ଜୟପୁର ଓଡ଼ିଶା ୭୬୪୦୦୧ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧- ଅପରାହ୍ନ ୨ ଘ. | ମିନି ସାହୁ, ଲିକ୍ଷା ଲିକ୍ଷା ଲିମା, କୁନ୍ଦୁରା, କୋରାପୁଟ ହାଇସ୍କୁଲ ନିକଟ ଜୟପୁର ଓଡ଼ିଶା ୭୬୪୦୦୨ ଭାରତ, ଋଣ ଖାତା ନଂ.- ୯୧୯୦୬୦୦୮୦୭୫୯୯୭୨, ମୋଟ ବକେୟା ଦେୟ- ୮୦୩୫୫.୫୬, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ଜୟପୁର [ଓଡ଼ିଶା] | ନେଟ୍ ଓଜନ - ୩୩.୫ ଗ୍ରାମ୍ |
| ଜୟପୁର [ଓଡ଼ିଶା]:- ଏନ୍‌ଏଚ୍ ୪୩ ଇନ୍‌ସପେକ୍ସନ୍ ବଙ୍ଗଳା ନିକଟ ଜୟପୁର ଓଡ଼ିଶା ୭୬୪୦୦୧ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧- ଅପରାହ୍ନ ୨ ଘ. | ସନ୍ତୋଷ କୁମାର ସାହୁ, ଭାୟା- କୁନ୍ଦୁରା ପୋଷ୍ଟ- ଭୁଷଙ୍ଗଗୁଡ଼ା ଗ୍ରାମ- ଗିର୍ଲିଗୁଡ଼ା ଜିଲ୍ଲା-କୋରାପୁଟ ଜୟପୁର ଓଡ଼ିଶା-୭୬୪୦୦୨, ଋଣ ଖାତା ନଂ.- ୯୨୦୦୬୦୦୪୧ ୮୮୧୭୨୮, ମୋଟ ବକେୟା ଦେୟ- ୪୯୬୪୬, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ଜୟପୁର [ଓଡ଼ିଶା] | ନେଟ୍ ଓଜନ - ୨୩ ଗ୍ରାମ୍ |
| ନବରଙ୍ଗପୁର [ଓଡ଼ିଶା]:- ଅରବିନ୍ଦ ମାର୍ଗ ମୀରା ଅଟୋ ନିକଟ ନବରଙ୍ଗପୁର ଓଡ଼ିଶା ୭୬୪୦୫୯ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ମହମ୍ମଦ ଇରଫାନ ଅନ୍‌ସାରୀ, ସ୍ଥାନ ପାଥମ ସାହି ପୋଷ୍ଟ/ଜିଲ୍ଲା ନବରଙ୍ଗପୁର ମସ୍‌ଜିଦ ନିକଟ ନବରଙ୍ଗପୁର ଓଡ଼ିଶା ୭୬୪୦୫୯ ଭାରତ, ଋଣ ଖାତା ନଂ.- ୯୧୮୦୬୦୦୯୧୩୩୬୬୪୦, ମୋଟ ବକେୟା ଦେୟ- ୬୨୮୨୩, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ନବରଙ୍ଗପୁର [ଓଡ଼ିଶା] | ନେଟ୍ ଓଜନ - ୨୧.୪୬ ଗ୍ରାମ୍ |
| ନୟାଗଡ଼ [ଓଡ଼ିଶା]:- ଖଣ୍ଡପଡ଼ା ରୋଡ୍ ୱାର୍ଡ ନଂ.-୨ ନୟାଗଡ଼ ଓଡ଼ିଶା ୭୫୨୦୬୯ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ଗୋଦାବରୀଶ ସ୍ୱାଇଁ, ସ୍ଥାନ/ପୋଷ୍ଟ ଗୋଟିସାହି ଥାନା-ଶରଣକୂଳ ଜିଲ୍ଲା-ନୟାଗଡ଼, ନୟାଗଡ଼ ଓଡ଼ିଶା ୭୫୨୦୭୦, ଋଣ ଖାତା ନଂ.- ୯୧୮୦୬୦୦୯୨୧୧୭୦୩୫, ମୋଟ ବକେୟା ଦେୟ- ୧୬୬୨୮୯, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ନୟାଗଡ଼ [ଓଡ଼ିଶା] | ନେଟ୍ ଓଜନ - ୨୧.୪୬ ଗ୍ରାମ୍ |
| ନୟାଗଡ଼ [ଓଡ଼ିଶା]:- ଖଣ୍ଡପଡ଼ା ରୋଡ୍ ୱାର୍ଡ ନଂ.-୨ ନୟାଗଡ଼ ଓଡ଼ିଶା ୭୫୨୦୬୯ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ଲକ୍ଷ୍ମଣ ମହାକୁଡ଼, ଭାରତ, ଋଣ ଖାତା ନଂ.- ୯୧୮୦୬୦୦୬୦୯୪୪୨୫୮, ମୋଟ ବକେୟା ଦେୟ- ୪୬୦୧୪, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ନୟାଗଡ଼ [ଓଡ଼ିଶା] | ନେଟ୍ ଓଜନ - ୧୫.୧ ଗ୍ରାମ୍ |
| ନୂଆପଡ଼ା [ଓଡ଼ିଶା]:- ଜାତୀୟ ରାଜପଥ ୨୧୭ ନୂଆପଡ଼ା ଓଡ଼ିଶା ୭୬୬୧୦୫ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ବିମଳ ଚନ୍ଦ୍ର ଦୁରିଆ, ନୀଳଶୈଳନଗର ନୂଆପଡ଼ା ନୂଆପଡ଼ା ନୂଆପଡ଼ା ଓଡ଼ିଶା ୭୬୬୧୦୫ ଭାରତ, ଋଣ ଖାତା ନଂ.- ୯୧୮୦୬୦୧୧୪୩୩୩୮୮୧, ମୋଟ ବକେୟା ଦେୟ- ୩୭୩୯୧, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ନୂଆପଡ଼ା [ଓଡ଼ିଶା] | ନେଟ୍ ଓଜନ- ୧୩.୫ ଗ୍ରାମ୍ |
| ଫୁଲବାଣୀ [ଓଡ଼ିଶା]:- ତଳ ମହଲା ହାଟପଡ଼ା, ହିଲ୍ ଭିଉ ରୋଡ୍ ଫୁଲବାଣୀ, [ଏଲ୍‌ଆଇସି ବିଲ୍‌ଡିଂ ସମ୍ମୁଖ] ଫୁଲବାଣୀ ଓଡ଼ିଶା ୭୬୨୦୦୧ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ପ୍ରଶାନ୍ତ କୁମାର ପାତ୍ର, ପିତା: ସୁଧାଂଶୁ ଶେଖର ପାତ୍ର, ବଜାର ସାହି, ଟିକାବାଲି, ଛାତିଝର, କନ୍ଧମାଳ, ଓଡ଼ିଶା, ଏଟିଏମ୍ ନିକଟ କନ୍ଧମାଳ ଓଡ଼ିଶା ୭୬୨୦୧୦ ଭାରତ, ଋଣ ଖାତା ନଂ.- ୯୧୮୦୬୦୦୯୫୯୧୨୭୭୬, ମୋଟ ବକେୟା ଦେୟ- ୫୦୨୩୪, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ଫୁଲବାଣୀ [ଓଡ଼ିଶା] | ନେଟ୍ ଓଜନ- ୧୭ ଗ୍ରାମ୍ |
| ଫୁଲବାଣୀ [ଓଡ଼ିଶା]:- ତଳ ମହଲା ହାଟପଡ଼ା, ହିଲ୍ ଭିଉ ରୋଡ୍ ଫୁଲବାଣୀ, [ଏଲ୍‌ଆଇସି ବିଲ୍‌ଡିଂ ସମ୍ମୁଖ] ଫୁଲବାଣୀ ଓଡ଼ିଶା ୭୬୨୦୦୧ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ଜିତେନ୍ଦ୍ର କୁମାର ମଲ୍ଲିକ, ବନ୍ଧମହା ପାବିଙ୍ଗିଆ ବନ୍ଧମହା ବନ୍ଧମହା ପାବିଙ୍ଗିଆ ୟୁପି ସ୍କୁଲ ନିକଟ କନ୍ଧମାଳ ଓଡ଼ିଶା ୭୬୨୦୧୧ ଭାରତ, ଋଣ ଖାତା ନଂ.- ୯୧୮୦୬୦୧୦୧୫୬୪୦୦୭, ମୋଟ ବକେୟା ଦେୟ- ୪୨୪୩୩, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ଫୁଲବାଣୀ [ଓଡ଼ିଶା] | ନେଟ୍ ଓଜନ - ୨୨.୩୨ ଗ୍ରାମ୍ |
| ପୁରୀ [ଓଡ଼ିଶା]:- ତ୍ରିମୂର୍ତ୍ତି ହାଇଟ୍‌ସ, ବଡ଼ଶଙ୍ଖ ଗ୍ରାଣ୍ଡ ରୋଡ୍ ପୁରୀ ଓଡ଼ିଶା ୭୫୨୦୦୧ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ରଘୁନାଥ ପଣ୍ଡା, ଗୁଣ୍ଡିଚା ବିହାର ସର୍ବୋଦୟ ନଗର ପୁରୀ ପୁରୀ ମନ୍ଦିର ନିକଟ ପୁରୀ ଓଡ଼ିଶା ୭୫୨୦୦୧ ଭାରତ, ଋଣ ଖାତା ନଂ.- ୯୧୯୦୬୦୦୧୨୭୭୬୫୫୬, ମୋଟ ବକେୟା ଦେୟ- ୧୫୫୭୯୯.୧୪, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ପୁରୀ [ଓଡ଼ିଶା] | ନେଟ୍ ଓଜନ- ୬୦ ଗ୍ରାମ୍ |
| ପୁରୀ [ଓଡ଼ିଶା]:- ତ୍ରିମୂର୍ତ୍ତି ହାଇଟ୍‌ସ, ବଡ଼ଶଙ୍ଖ ଗ୍ରାଣ୍ଡ ରୋଡ୍ ପୁରୀ ଓଡ଼ିଶା ୭୫୨୦୦୧ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ବିନୋଦ ଚମ୍ପତି, - - ପୁରୀ, ଭୁବନପୁର, ଜେନାପୁର ଭୁବନପୁର ପୁରୀ ଓଡ଼ିଶା ୭୫୨୦୧୧ ଭାରତ, ଋଣ ଖାତା ନଂ.- ୯୨୦୦୬୦୦୦୪୩୨୦୬୪୬, ମୋଟ ବକେୟା ଦେୟ- ୧୦୫୪୫୧ .୮୭, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ପୁରୀ [ଓଡ଼ିଶା] | ନେଟ୍ ଓଜନ - ୪୪ ଗ୍ରାମ୍ |
| ପୁରୀ [ଓଡ଼ିଶା]:- ତ୍ରିମୂର୍ତ୍ତି ହାଇଟ୍‌ସ, ବଡ଼ଶଙ୍ଖ ଗ୍ରାଣ୍ଡ ରୋଡ୍ ପୁରୀ ଓଡ଼ିଶା ୭୫୨୦୦୧ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ମାଧବ ଚନ୍ଦ୍ର ହୋତା, ଏଲ୍‌ଆଇଜି-୯ ଶ୍ରୀକ୍ଷେତ୍ର କଲୋନୀ ୱାଟର୍ ୱାର୍କସ୍ ରୋଡ୍ ପୁରୀ ଷ୍ଟେଶନ ରୋଡ୍ ପୁରୀ ୱାଟର୍ ୱାର୍କସ୍ ରୋଡ୍ ପୁରୀ ଓଡ଼ିଶା ୭୬୨୦୦୨ ଭାରତ, ଋଣ ଖାତା ନଂ.- ୯୨୦୦୬୦୦୩୯୭୮୬୦୪୦, ମୋଟ ବକେୟା ଦେୟ- ୮୨୬୩୭.୯୫, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ପୁରୀ [ଓଡ଼ିଶା] | ନେଟ୍ ଓଜନ - ୩୨ ଗ୍ରାମ୍ |
| ପୁରୁଷୋତ୍ତମପୁର ଓଡ଼ିଶା:- ହୋଲ୍‌ଡିଂ ନଂ.୮୮୪, ପ୍ଲଟ୍ ନଂ. ୩୨୨, ପୁରୁଷୋତ୍ତମପୁର, ଓଡ଼ିଶା ୭୬୧୦୧୮ ତାରିଖ ୨୬।୧୧।୨୦୨୦ ପୂର୍ବାହ୍ନ ୧୧ - ଅପରାହ୍ନ ୨ ଘ. | ରାଜୁ ବେହେରା, ପିତା- ଜଗନାଥ ବେହେରା ୱାର୍ଡ ନଂ. ୦୪ ବଜାର ଷ୍ଟ୍ରିଟ୍ ପୁରୁଷୋତ୍ତମପୁର ଗଞ୍ଜାମ ଓଡ଼ିଶା ୭୬୧୦୧୮, ଗଞ୍ଜାମ ଓଡ଼ିଶା ୭୬୧୦୧୮ ଭାରତ, ଋଣ ଖାତା ନଂ.- ୯୧୯୦୬୦୦୬୫୫୬୫୭୩୪, ମୋଟ ବକେୟା ଦେୟ- ୬୦୩୪୦.୪, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ପୁରୁଷୋତ୍ତମପୁର ଓଡ଼ିଶା | ନେଟ୍ ଓଜନ - ୨୫.୫ ଗ୍ରାମ୍ |
| ରାୟଗଡ଼ା [ଓଡ଼ିଶା]:- ଏକ୍ସିସ୍ ବ୍ୟାଙ୍କ, ପ୍ଲଟ୍ ନଂ. ୧୫୬୮ ନ୍ୟୁ କଲୋନୀ, ରାୟଗଡ଼ା ନଗର ମୌଜା ରାୟଗଡ଼ା ଓଡ଼ିଶା ୭୬୫୦୦୧ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ମନୋରଞ୍ଜନ ମହାରଣା, ମାର୍ଫତ୍ ନୀଳକଣ୍ଠ ପତି ପ୍ଲଟ୍ ନଂ.-୩୬୫ ଶାସ୍ତ୍ରୀ ନଗର ଆଖଣ୍ଡଳମଣି ମନ୍ଦିର ନିକଟ ଶାସ୍ତ୍ରୀ ନଗର ଭୁବନେଶ୍ୱର ଖୋର୍ଦ୍ଧା ମନ୍ଦିର ନିକଟ ଖୋର୍ଦ୍ଧା ଓଡ଼ିଶା ୭୫୧୦୦୧ ଭାରତ, ଋଣ ଖାତା ନଂ.- ୯୧୮୦୬୦୧୦୪୧୦୧୧୧୫, ମୋଟ ବକେୟା ଦେୟ- ୬୧୭୬୩.୪୩, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ରାୟଗଡ଼ା [ଓଡ଼ିଶା] | ନେଟ୍ ଓଜନ- ୨୬.୨୭ ଗ୍ରାମ୍ |
| ସୁନ୍ଦରଗଡ଼ [ଓଡ଼ିଶା]:- ହସ୍ପିଟାଲ ରୋଡ୍ ସୁନ୍ଦରଗଡ଼ ସୁନ୍ଦରଗଡ଼ ଓଡ଼ିଶା ୭୭୦୦୦୧ ତାରିଖ ୨୬।୧୧।୨୦୨୦, ପୂର୍ବାହ୍ନ ୧୧-ଅପରାହ୍ନ ୨ ଘ. | ଅନୱର ଅଲୀ ଖାନ୍, ଗ୍ରାମ ପାତ୍ରପାଲି ଗ୍ରା.ପ. ସୁନ୍ଦରଗଡ଼ ଥାନା ସୁନ୍ଦରଗଡ଼ ଟାଉନ୍/ଜିଲ୍ଲା ସୁନ୍ଦରଗଡ଼ ପ୍ରାଇମେରୀ ସ୍କୁଲ ନିକଟ ସୁନ୍ଦରଗଡ଼ ଓଡ଼ିଶା ୭୭୦୦୦୧, ଋଣ ଖାତା ନଂ.- ୯୧୮୦୬୦୦୯୪୨୫୦୬୦୨, ମୋଟ ବକେୟା ଦେୟ- ୪୫୮୭୩, (ଲାଗୁ ହୋଇ ନ ଥିବା ସୁଧ ଓ ଅନ୍ୟାନ୍ୟ ଆର୍ଥିକ ଶୁଳ୍କ ଓ କ୍ଷତିକୁ ଛାଡ଼ି), ସୁନ୍ଦରଗଡ଼ [ଓଡ଼ିଶା] | ନେଟ୍ ଓଜନ- ୨୬.୫ ଗ୍ରାମ୍ |

**ଟେଣ୍ଡରର ନିୟମ ଓ ସର୍ତ୍ତାବଳୀ**

ଉପରୋକ୍ତ ଆଧାର ମୂଲ୍ୟ ଚୂଡ଼ାନ୍ତ ମୂଲ୍ୟ ନୁହେଁ । ପ୍ରକୃତ ଆଧାର ମୂଲ୍ୟ ନିଲାମ ଦିନ/ତାରିଖରେ ଟେଣ୍ଡରଦାତାଙ୍କୁ ଦିଆଯିବ, ଯାହା ଉପରେ ନିଲାମ ବିଡ୍‌କୁ ବିଚାରକୁ ନିଆଯିବ।
ନିର୍ଦ୍ଧାରିତ ଆକାରରେ ଅଫର୍ ସମ୍ପୃକ୍ତ ଶାଖା ଅଧିକାରୀଙ୍କୁ ତା୨୬।୧୧।୨୦୨୦ରିଖ (ନିଲାମ ତାରିଖ) ଦିନ କାର୍ଯ୍ୟଘଟିକା ସମୟରେ ହସ୍ତାନ୍ତର କରାଯିବା ଆବଶ୍ୟକ। ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତ ଟେଣ୍ଡରଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ।
କଥିତ ସମ୍ପତ୍ତିଗୁଡ଼ିକ ''ଯେପରି ଅଛି ଯେଉଁଠାରେ ଅଛି'', ''ସେଠାରେ ଯାହା ବି ଅଛି'' ଏବଂ ''କୌଣସି ଅବଲମ୍ବନ ନାହିଁ'' ଭିତ୍ତିରେ ବିକ୍ରୟ ଲାଗି ଉପଲବ୍ଧ କରାଯାଉଛି। ସମ୍ପତ୍ତିର ମାନକ ବିଶୁଦ୍ଧତା ଏବଂ/କିମ୍ବା ତାହା ଉପରେ ବକେୟା ଦେୟ, ଟିକସ, ଯଦି ଥାଏ, ପାଇଁ ବ୍ୟାଙ୍କ କୌଣସି ଦାୟିତ୍ୱ ଗ୍ରହଣ କରିବ ନାହିଁ ।
ଟେଣ୍ଡରଗୁଡ଼ିକ ବ୍ୟାଙ୍କ ଦ୍ୱାରା ନିଲାମ ତାରିଖରେ ନିମ୍ନୋକ୍ତ ଦିନ ଓ ସମୟରେ ସେଠାରେ ଉପସ୍ଥିତ ରହିବା ସହିତ ନିଜର ସମ୍ପୃକ୍ତ ଅଫରକୁ ବୃଦ୍ଧି/ସଂଶୋଧନ କରିବା ଲାଗି ଇଚ୍ଛୁକ ଟେଣ୍ଡରଦାତାଙ୍କ ଉପସ୍ଥିତିରେ ଖୋଲାଯିବ ।
ଏକାକୀ ନିଜସ୍ୱ ନିଷ୍ପତ୍ତିରେ ଅଫରଗୁଡ଼ିକୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ବ୍ୟାଙ୍କ ନିକଟରେ ସଂରକ୍ଷିତ ।
କଥିତ/ବିକ୍ରୟ ପାଇଁ ଉପଲବ୍ଧ ସମ୍ପତ୍ତିର ବିକ୍ରୟରୁ ଉତ୍ପନ୍ନ କୌଣସି ବିବାଦ/ମତପାର୍ଥକ୍ୟର ବିଚାର କେବଳ ମୁମ୍ୱାଇସ୍ଥିତ ନ୍ୟାୟାଳୟ/ନ୍ୟାୟାଧିକରଣର କ୍ଷେତ୍ରାଧିକାର ଅଧୀନ ହେବ ।

ତାରିଖ- ୧୬।୧୧।୨୦୨୦
ସ୍ଥାନ- କୋଲକାତା

ପ୍ରାଧିକୃତ ଅଧିକାରୀ,
ଏକ୍ସିସ୍ ବ୍ୟାଙ୍କ ଲିଃ

> ହେ ଭଗବାନ ! ଆମର ବାକ୍ୟ ସବୁ ଏବେ ବି ଅଜ୍ଞାନାଚ୍ଛନ୍ନ। ଏସବୁକୁ ଆଲୋକିତ କର। ଆମ ଅଭୀପ୍ସା ଏବେ ବି ମଳିନ– ତାକୁ ଶୁଦ୍ଧ କର। ଆମର କର୍ମ ଏବେ ବି ଅସମର୍ଥ –ତାକୁ ସାମର୍ଥ୍ୟପୂର୍ଣ୍ଣ କର। –ଶ୍ରୀମା



# ଲକ୍ଷ୍ୟ ବଂଶବାଦ ନୁହେଁ

ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାର ୧୬ ନଭେମ୍ବରରେ ବିହାର ମୁଖ୍ୟମନ୍ତ୍ରୀ ଭାବେ ୪ର୍ଥ ଥର ପାଇଁ କ୍ଷମତାକୁ ଫେରୁଥିବା ବେଳେ ୭ମ ଥର ସକାଶେ ଶପଥ ନେବେ। ୧୫ ନଭେମ୍ବରରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ବୈଠକ ବସି ତାଙ୍କୁ ନେତା ନିର୍ବାଚିତ କରାଯାଇଛି। ୨୪୩ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଜେଡିୟୁ ମାତ୍ର ୪୩ ଆସନ ପାଇଛି। ତଥାପି ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ପଦବୀରେ ବସାଇବା ପାଇଁ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କଲେ। ଏହା ଜାତୀୟ ରାଜନୀତି ପାଇଁ ଏକ ନୂତନ ଦିଗ ଦର୍ଶାଇଲା। ମୋଦିଙ୍କ ଏଭଳି ନିଷ୍ପତ୍ତି ପଛରେ ତାଙ୍କ ନିଜର ଭାବମୂର୍ତ୍ତିକୁ ବଦଳାଇବାର ଉଦ୍ୟମ ରହିଛି ବୋଲି ଜଣାପଡୁଛି। ନିକଟ ଅତୀତକୁ ଦେଖିଲେ ମୋଦିଙ୍କ ଦୀର୍ଘଦିନର ସବୁ ବନ୍ଧୁ ଯଥା ଶିବସେନା, ଅକାଳୀ, ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ତାଙ୍କୁ ଛାଡ଼ି ଦେଇଛନ୍ତି। ଶିବସେନାର ହିନ୍ଦୁତ୍ୱ ଚିନ୍ତାଧାରାକୁ ବହୁ ପୂର୍ବରୁ ଦେଶବାସୀ ଜାଣିଥିଲେ। ଏହିସବୁ ଦଳ ସହିତ ମେଣ୍ଟ ବଜାୟ ରଖିବା ପାଇଁ ମୋଦିଙ୍କ ଅନିଚ୍ଛା ଥିବା କଥା ଜନସାଧାରଣ ଜାଣିଲେ। ଯେଉଁ ଭାଜପା କର୍ମୀମାନେ ଉଦ୍ଧବ ଠାକ୍‌ରେ ଓ ବାଦଲ ପରିବାରର ଗୁଣଗାନ କରୁଥିଲେ, ସେହିମାନେ ଏବେ ଅପଦସ୍ଥ ହୋଇ ରାଜନୈତିକ ବାଟବଣା ହେଉଥିବା ଭଳି ମନେହେଉଛି। ସାଧାରଣ ନିର୍ବାଚନ ପୂର୍ବରୁ ଟିଡିପି ଏନ୍‌ଡିଏରୁ ଅଲଗା ହୋଇଯାଇଥିଲା।

ବିହାର ନିର୍ବାଚନ ଏକ ସୁନ୍ଦର ସୁଯୋଗ ଆଣିଦେଲା। ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏ ନିର୍ବାଚନରେ ମେଣ୍ଟ ବାନ୍ଧି ୭୦ ଆସନ କଂଗ୍ରେସକୁ ଛାଡ଼ିଦେଲା। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ କହିବାନୁଯାୟୀ ଲାଲୁ–ତେଜସ୍ୱୀ ପରିବାର ପୂର୍ବରୁ ଜାଣିସାରିଥିଲେ ଯେ, ଏତେ ଅଧିକ ଆସନରେ ଲଢ଼ି କଂଗ୍ରେସ ସେହି ଗଠବନ୍ଧନକୁ କ୍ଷତି ପହଞ୍ଚାଇବ। ତଥାପି ମେଣ୍ଟ ରାଜନୀତିକୁ ସମ୍ମାନ ଦେଇ ତେଜସ୍ୱୀ ଏକ ନୂତନ ପ୍ରକାରର ରାଜନୀତି ଆରମ୍ଭ କରିଦେଲେ। ବିହାରରେ ନିର୍ବାଚନୀ ଦୁର୍ନୀତି ହୋଇଛି ବୋଲି ଯାହା କୁହାଯାଇଛି, ତାହା ସମ୍ପୂର୍ଣ୍ଣ ଅସତ୍ୟ ନୁହେଁ। ଭାରତର ସବୁ ରାଜ୍ୟରେ ଏହା ଜଣାପଡ଼ିଲାଣି ଯେ, ଗଣତନ୍ତ୍ରର ମୂଳ କୁହାଯାଉଥିବା ଲୋକମତ କିମ୍ବା ଭୋଟ୍ ପ୍ରକ୍ରିୟାକୁ ଅମଲାତନ୍ତ୍ର ସମ୍ପୂର୍ଣ୍ଣ ଭାବେ ନିଜ କବଳକୁ ନେଇଗଲାଣି। ଏହା ଫଳରେ କେଉଁ ଦଳ ଜିତିବ, କିଏ ହାରିବ ତାହା ବିହାରର ବିଭିନ୍ନ ଜିଲାରେ ଥିବା ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନେ ନିଷ୍ପତ୍ତି ନେଲେ। କୁହାଯାଏ ଯେ, ନିର୍ବାଚନ କମିଶନ ଅଧୀନକୁ ଚାଲିଯାଇଥିବା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ନିରପେକ୍ଷ ହୋଇଥାଏ। ଏହାଠାରୁ ବଡ଼ ଅସତ୍ୟ କିଛି ହୋଇ ନ ପାରେ। ଅଳ୍ପ ଦିନ ପାଇଁ ନିର୍ବାଚନ କମିଶନ ଅଧୀନରେ କାମ କରିବାକୁ ପଡୁଥିବା ଅଫିସରମାନଙ୍କୁ ନିଜର ଭବିଷ୍ୟତ ପାଇଁ ଆଗକୁ ଦେଖିବାକୁ ପଡ଼ିଥାଏ। ସେଥିପାଇଁ ତେଜସ୍ୱୀ ପରିବର୍ତ୍ତେ ଭାଜପାକୁ ବିହାରୀ ସରକାରୀ ଅଫିସରମାନେ ସାହାଯ୍ୟ କରିଛନ୍ତି ବୋଲି ଆର୍‌ଜେଡି ନେତା ଯାହା କହୁଛନ୍ତି, ତାହା ସତ୍ୟ ମନେହେଉଛି। ଏହି ବିପୁଳ ଅନୈତିକ ସମର୍ଥନ ସତ୍ତ୍ୱେ ଆର୍‌ଜେଡିର ବିଜୟ ଅନେକଙ୍କୁ ଆଚମ୍ବିତ କରିଛି। ଆର୍‌ଜେଡି ୭୫ ଆସନରେ ଜିତିଥିବା ବେଳେ ଭାଜପା ମାତ୍ର ୭୪ ସିଟ୍ ପାଇଛି। ଏହା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ମୋଦି ନଭେମ୍ବର ୧୧ରେ ଦିଲ୍ଲୀସ୍ଥିତ ଭାଜପା କାର୍ଯ୍ୟାଳୟକୁ ଯାଇ ନିଜ ସରକାରଙ୍କ କାର୍ଯ୍ୟକ୍ରମ ଯୋଗୁ ଏଭଳି ବିଜୟ ଘଟିଲା ବୋଲି ଦାବି କରିଥିଲେ।

ଭାଜପା କାର୍ଯ୍ୟାଳୟରେ ଭାଷଣ ଦେବା ପରେ ମୋଦି କଂଗ୍ରେସର ଡାଇନେଷ୍ଟି ବା ବଂଶବାଦ ରାଜନୀତିକୁ ସମାଲୋଚନା କରିଥିଲେ। ଦେଖିବାକୁ ଗଲେ ତେଜସ୍ୱୀ ମଧ୍ୟ ବଂଶବାଦ ରାଜନୀତିର ଏକ ସଫଳ ଉଦାହରଣ। ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ମୋଦି ବିହାରକୁ ପ୍ରଚାରରେ ଯାଇ ତେଜସ୍ୱୀଙ୍କ ବିରୋଧରେ ଅଭିଯୋଗ ଆଣି ବିରୋଧୀଙ୍କ ବିଜୟ ହେଲେ ବିହାରରେ ‘ଜଙ୍ଗଲରାଜ୍’ ଫେରିବ ବୋଲି କହିଥିଲେ। ଅନ୍ୟପଟେ ନିଜର ପ୍ରଚାର ସମୟରେ ବିହାରର କୌଣସି ସ୍ଥାନରେ ତେଜସ୍ୱୀଙ୍କ ଭାଷଣରେ ମୋଦିଙ୍କ ବିରୋଧରେ ପଦେ ଶୁଣିବାକୁ ମିଳି ନ ଥିଲା। ଲାଲୁ ଯାଦବଙ୍କ ‘ସାମାଜିକ ନ୍ୟାୟ’ ସ୍ଲୋଗାନକୁ ତାଙ୍କ ପୁତ୍ର ତେଜସ୍ୱୀ ପରିବର୍ତ୍ତନ କରିଦେଲେ। ସାମାଜିକ ପରିବର୍ତ୍ତେ ଅର୍ଥନୈତିକ ନ୍ୟାୟ ଅଧିକ ଗୁରୁତ୍ୱ ରଖୁଛି ବୋଲି ତେଜସ୍ୱୀ ନିର୍ବାଚନୀ ଡାକରା ଦେଲେ। ତାହାର ସୁଫଳ ୩୧ ବର୍ଷୀୟ ତେଜସ୍ୱୀଙ୍କୁ ରାଜନୀତିର ପ୍ରଥମ ସଫଳତା ଚଖାଇଲା। କେବଳ ସରକାର ଗଠନ ହେଲେ ଜଣେ ସଫଳ ହୋଇଛି ବୋଲି କହିବା ଯେମିତି ଭ୍ରାନ୍ତ, ସେମିତି ବଂଶବାଦ ଲୋପ କରିବାର ଡାକରା ମଧ୍ୟ ତ୍ରୁଟିପୂର୍ଣ୍ଣ।

ଏଠାରେ ମନେପଡ଼େ କିଛିମାସ ପୂର୍ବରୁ କେରଳର ପଦ୍ମନାଭସ୍ୱାମୀ ମନ୍ଦିର ସମ୍ପର୍କରେ ହୋଇଥିବା ସୁପ୍ରିମ୍‌କୋର୍ଟଙ୍କ ଏକ ମାମଲା। ସରକାର ସେହି ମନ୍ଦିରକୁ ନିଜ ଆୟତ୍ତାଧୀନ କରିବାକୁ ଚାହୁଁଥିଲେ। ଅତି ପୁରାତନ ଏବଂ ବିଷ୍ଣୁ ଠାକୁରଙ୍କ ମନ୍ଦିରରେ ଅତ୍ୟଧିକ ଧନସମ୍ପଦ ଥିବା ହେତୁ ସରକାରୀ ଅଫିସରଙ୍କ ନଜର ତା’ଉପରେ ପଡ଼ିଥିଲା। ପୂର୍ବରୁ ସେହି ମନ୍ଦିର ପରିଚାଳନା ଦାୟିତ୍ୱ ସ୍ଥାନୀୟ ରାଜପରିବାର ହାତରେ ରହିଆସିଥିଲା। କଂଗ୍ରେସ ନେତା ସର୍ଦ୍ଦାର ବଲ୍ଲଭଭାଇ ପଟେଲ ରାଜାରାଜୁଡ଼ାଙ୍କ ରାଜତ୍ୱ ଲୋପ କଲାପରେ ସେହି ଦଳର ଇନ୍ଦିରା ଗାନ୍ଧୀ ରାଜାମାନଙ୍କ ପ୍ରିଭି ପର୍ସ ବ୍ୟବସ୍ଥା ବନ୍ଦ କରାଇଲେ। ଏହା ସତ୍ତ୍ୱେ କୌତୂହଳର ବିଷୟ ଯେ, ସୁପ୍ରିମ୍‌କୋର୍ଟ ପୁନର୍ବାର ସେହି ରାଜପରିବାରକୁ ପଦ୍ମନାଭସ୍ୱାମୀ ମନ୍ଦିର ପରିଚାଳନା ଦାୟିତ୍ୱ ଫେରାଇ ଦେଇଛନ୍ତି। ଅର୍ଥାତ୍ ଏଭଳି ଉଦାହରଣରୁ ପ୍ରମାଣ ମିଳୁଛି ଯେ, ପୃଥିବୀବ୍ୟାପୀ ବଂଶବାଦର ଗୁରୁତ୍ୱ ରହିଛି। ଗଣତନ୍ତ୍ରର ମାତା ବୋଲାଉଥିବା ଇଂଲଣ୍ଡ ଦେଶରେ ରାଜପରିବାରର ଏକବିଂଶ ଶତାବ୍ଦୀରେ ମଧ୍ୟ ଯେଉଁ ଶକ୍ତି ରହିଛି, ସେଭଳି ଶକ୍ତି ଥାଇଲାଣ୍ଡଠାରୁ ଆରମ୍ଭ କରି ଜାପାନ ପର୍ଯ୍ୟନ୍ତ ରାଜ ପରିବାରରେ ରହିଆସିଛି। ଏଠାରେ ରାଜପରିବାରକୁ ପ୍ରଶଂସା କରିବାର ଉଦ୍ଦେଶ୍ୟ ନ ଥିଲେ ମଧ୍ୟ ବଂଶବାଦର ଗୁରୁତ୍ୱକୁ ହ୍ରାସ କରାଯାଇ ନପାରେ। ଭାରତର ପ୍ରତ୍ୟେକ ଗ୍ରାମରେ ଗ୍ରାମ ମୁଖିଆଙ୍କ ଗୁରୁତ୍ୱ ରହୁଛି। ସେହି ଗ୍ରାମମୁଖିଆଙ୍କୁ ସନ୍ତୁଷ୍ଟ କରିବା ପାଇଁ ସରପଞ୍ଚଙ୍କଠାରୁ ବିଧାୟକ, ସାଂସଦ ମଧ୍ୟ ତାଙ୍କ ଦ୍ୱାରରୁ ହେବାକୁ ବାଧ୍ୟ ହୁଅନ୍ତି। ଗ୍ରାମ ମୁଖିଆଙ୍କ ଦେହାନ୍ତ ହେଲେ ସେହି ପରିବାରର ବଡ଼ ପୁଅକୁ ଗ୍ରାମବାସୀ ପୁନର୍ବାର ସମ୍ମାନ ଦିଅନ୍ତି। ସାଧାରଣରେ ଅନ୍ୟ ପରିବାରକୁ ଗ୍ରାମମୁଖିଆଙ୍କ ଅନୈତିକତାର ସମ୍ମାନ ଦିଆଯାଏ ନାହିଁ। ଅର୍ଥାତ୍ ଗ୍ରାମାଞ୍ଚଳରେ ବାଦବିବାଦଠାରୁ ଆରମ୍ଭ କରି ବିବାହ ବ୍ରତ ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ଆଜିପର୍ଯ୍ୟନ୍ତ ମୁଖିଆମାନଙ୍କ ପ୍ରଭାବ ରହିଆସୁଛି। ଏଭଳି ମାନସିକତା କେବଳ ଭାରତୀୟ ସମାଜରେ ସାମନ୍ତବାଦ ଯୋଗୁ ରହିଆସୁଛି ବୋଲି କହିହେବ ନାହିଁ। ଯାହାର ବାପା କିମ୍ବା ଜେଜେବାପା ଅଚିହ୍ନା, ଅଜଣା ସେହି ବ୍ୟକ୍ତିଙ୍କୁ ବିଶ୍ୱାସରେ ନେବାକୁ କଷ୍ଟକର ହୋଇଥାଏ। ସେଥିପାଇଁ ପରିବାରର ଭୂମିକାକୁ ରାଜନୀତିରେ ଗୌଣ କରାଯାଇ ପାରିବ ନାହିଁ। ଏଠାରେ ପଡ଼ୋଶୀ ଦେଶଗୁଡ଼ିକର ଉଦାହରଣ ନିଆଯାଇପାରେ। ବାଂଲାଦେଶର ସ୍ୱର୍ଗତ ମୁଜିବୁର ରହେମାନଙ୍କ କନ୍ୟା ଶେଖ୍ ହାସିନା ଏବେ ସେଠାରେ ପ୍ରଧାନମନ୍ତ୍ରୀ। ଶ୍ରୀଲଙ୍କାର ରାଷ୍ଟ୍ରପତି ଗୋଟାବାୟା ରାଜାପକ୍ସେ ରାଷ୍ଟ୍ରପତି ଥିବାବେଳେ ତାଙ୍କ ଭାଇ ମହିନ୍ଦା ରାଜାପକ୍ସେ ପ୍ରଧାନମନ୍ତ୍ରୀ ଅଛନ୍ତି। ଥାଇଲାଣ୍ଡ ରାଜାଙ୍କ କଥା ପୂର୍ବରୁ ଉଲ୍ଲେଖ କରାଯାଇଛି। ନେପାଳରେ ରାଜପରିବାରର ପତନ ପରେ ରାଜନୈତିକ ଅସ୍ଥିରତା ଲାଗିରହିଛି, ଯେଉଁଥିପାଇଁ ୨୦୧୭ ମସିହାରେ ମୋଦି ସରକାରଙ୍କ ତରଫରୁ ରାଜପରିବାରକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରାଯାଇଥିଲା। ସେହି ବିଫଳ ଉଦ୍ୟମ ଯୋଗୁ ଭାରତ–ନେପାଳ ସମ୍ପର୍କ ତିକ୍ତ ହୋଇଛି। ଅନ୍ୟପଟେ ଆଫଗାନିସ୍ତାନ ଓ ପାକିସ୍ତାନ ଭଳି ଦେଶରେ କୌଣସି ପ୍ରତିଷ୍ଠିତ ପରିବାର ନ ଥିବା ହେତୁ ସେହିସବୁ ଦେଶ ଆଜି ଜର୍ଜରିତ ହୋଇଯାଉଛନ୍ତି। ମଧ୍ୟପ୍ରାଚ୍ୟର ସବୁ ଧନୀ ଦେଶ ବଂଶବାଦ ଶାସନରେ ପରିଚାଳିତ ହେଉଥିବାରୁ ସେଠାରେ ମୁଣ୍ଡଟେକୁଥିବା ଅସ୍ଥିରତା ଓ ଆତଙ୍କବାଦକୁ କଠୋରଭାବେ ଦମନ କରିବାକୁ ଆରମ୍ଭ କଲାଣି। ଏହାର ଉଦାହରଣ ଭାବେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରେଁଙ୍କୁ ସାଉଦି ଆରବର ରାଜା ମହମ୍ମଦ ବିନ୍ ସଲ୍‌ମାନ ସମର୍ଥନ କରୁଛନ୍ତି।

ଏଠାରେ କହିବାର ଉଦ୍ଦେଶ୍ୟ ନୁହେଁ ଯେ, ରାଜାରାଜୁଡ଼ା ଶାସନ ଫେରିଆସୁ। କିନ୍ତୁ ମଣିଷ ଚରିତ୍ରକୁ ଦେଖିଲେ ସୁପରିଚିତ ବ୍ୟକ୍ତି ହେବା ପାଇଁ ସମସ୍ତେ ଚେଷ୍ଟା କରନ୍ତି। ସେଥିରେ ଯେଉଁମାନେ ସଫଳ ହୁଅନ୍ତି, ସେମାନଙ୍କ ଦାୟାଦ ସେହି ପ୍ରଚେଷ୍ଟାର ଲାଭ ପାଆନ୍ତି। ଆଜି ଜି. ଡି. ବିର୍ଲା ଜୀବିତ ନ ଥିଲେ ମଧ୍ୟ କୁମାରମଙ୍ଗଲମ୍ ବିର୍ଲା ପରିଚିତ। ଧୀରୁଭାଇଙ୍କ ଦେହାନ୍ତ ହୋଇଯାଇଛି, ତେବେ ମୁକେଶ ଅମ୍ବାନୀ ଦେଶର ସବୁଠୁ ଧନୀ ବ୍ୟକ୍ତି। ରାହୁଲ ବଜାଜ ବୟସ୍କ ହୋଇଯାଇଥିବା ବେଳେ ତାଙ୍କ ପୁତ୍ର ରାଜୀବ ବଜାଜ ଭାରତୀୟ ବ୍ୟବସାୟିକ ମହଲରେ ନୂତନ ଦିଗ୍‌ଦର୍ଶକ ହୋଇଛନ୍ତି। ପୃଥ୍ୱୀରାଜ କପୁରଙ୍କ ମୃତ୍ୟୁ ପରେ ରାଜକପୁରଙ୍କ ଦେହାନ୍ତ ସତ୍ତ୍ୱେ ରଣବୀର କପୁର ମଧ୍ୟ ସିନେମା ଜଗତରେ ଲୋକପ୍ରିୟ ହୋଇପାରିଛନ୍ତି। ଏହିଭଳି ଉଦାହରଣ ବିଶ୍ୱସାରା ଦେଖିବାକୁ ମିଳେ। ଡାକ୍ତରଙ୍କ ପୁଅ ଡାକ୍ତର ହୋଇ ହସ୍ପିଟାଲ ଖୋଲିବା କାହାର ଆଖିରେ ଖଟ୍‌କେ ନାହିଁ। ସେହିଭଳି ଜୀବନର ସବୁ କ୍ଷେତ୍ରରେ ବଂଶବାଦକୁ ସ୍ୱୀକାର କରିବାକୁ ପଡ଼େ। ସେଥିପାଇଁ ଆଜିର ଭାରତରେ ବଂଶବାଦ ବିରୋଧରେ ଡାକରା ଦେବା ପରିବର୍ତ୍ତେ ଆମ ନେତାମାନେ ଆସନ୍ତା ୫୦ ବର୍ଷରେ ଭାରତକୁ କେଉଁ ଦିଗକୁ ନେଇ ଅର୍ଥନୈତିକ ସଫଳତା ଆଣିବେ ସେଥିରେ ଅଧିକ ଗୁରୁତ୍ୱ ଦେବା ଦରକାର। ବଂଶବାଦର ନକାରାତ୍ମକ ଦିଗଠାରୁ ଅଧିକ ଗୁରୁତ୍ୱ ରଖେ ତାହାର ଦାୟିତ୍ୱବାନ୍ ଚରିତ୍ର। ଦୁନିଆଁରେ ମଣିଷକୁ ଦେଖାଏ ତା’ର ପରିଚୟ। ସେହି ପରିଚୟର ବୈଜ୍ଞାନିକ ଶବ୍ଦ ହେଲା ଡିଏନ୍‌ଏ। ମଣିଷର ଡିଏନ୍‌ଏ ତା’ର ଚରିତ୍ର, ଆଭିମୁଖ୍ୟ, ଚିନ୍ତାଧାରା, ଏପରିକି ଶାରୀରିକ ଗଢ଼ଣ ନିର୍ଣ୍ଣୟ କରିଥାଏ। ସେଥିପାଇଁ ବଂଶବାଦକୁ ବିରୋଧ କରିବା ପରିବର୍ତ୍ତେ ଅର୍ଥନୈତିକ ପରିବର୍ତ୍ତନକୁ ଦୃଷ୍ଟି ଦେଲେ ଭାରତୀୟ ସମାଜର ଉନ୍ନତି ଘଟିପାରିବ।

# ସମ୍ପ୍ରସାରିତ ଦାରିଦ୍ର୍ୟ



ଡ. ପ୍ରଫୁଲ୍ଲ କୁମାର ସାହୁ

ସ୍ୱାଧୀନତା ପୂର୍ବରୁ କ୍ଷୁଧାମୁକ୍ତ ଭାରତବର୍ଷର ସ୍ୱପ୍ନ ଦେଖିଥିଲେ ଗାନ୍ଧିଜୀ। ସ୍ୱାଧୀନତା ପରେ ତାଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ କାର୍ଯ୍ୟକାରୀ ହେଲା ଯୋଜନା ପରେ ଯୋଜନା। ସଫଳତା ପରଖିବା ପାଇଁ ଭିନ୍ନ ଭିନ୍ନ ସମୟରେ ଗ୍ରହଣ କରାଗଲା ନୂଆ ନୂଆ ମାନଦଣ୍ଡ। କେତେବେଳେ ସୁରେଶ ତେନ୍ଦୁଲକରଙ୍କ କମିଟି ବସାଗଲା ତ କେତେବେଳେ ଅର୍ଜୁନ ସେନ ଗୁପ୍ତା କମିଟି ବା ମନ୍ତେକସିଂହ ଆହ୍ଲୁୱାଲିଆଙ୍କ ମତ ଆଧାରରେ ଆକଳନ କରାଗଲା ଦାରିଦ୍ର୍ୟ ଓ ସ୍ୱଚ୍ଛନ୍ଦତାର ସ୍ଥିତି। ମାତ୍ର ଏ କୌଣସି କମିଟିର ମାପକାଠି ଆଧାରରେ ବିଚାର କଲେ ବି ପଦାକୁ ଆସିଲା ସଫଳତାର ନୈରାଶ୍ୟଜନକ ଚିତ୍ର। ୨୦୧୧ରେ ଘରଘର ବୁଲି ପ୍ରସ୍ତୁତ ହୋଇଥିବା ସାମାଜିକ ଓ ଜାତିଭିତ୍ତିକ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଦେଶର ୬୪୦ଟି ଜିଲାର ୧୭କୋଟି ୯୧ ଲକ୍ଷ ଗ୍ରାମାଞ୍ଚଳ ପରିବାର ଭିତରୁ ୭୫ଭାଗ ପରିବାରର ମାସିକ ଆୟ ୫ହଜାର ଟଙ୍କାରୁ କମ୍। ଗ୍ରାମାଞ୍ଚଳରେ ୫୦ଭାଗ ଲୋକ ଭୂମିହୀନ। ସମଗ୍ର ଦେଶରେ ଯେଉଁ ଚିତ୍ର ଏ ରିପୋର୍ଟରେ ପ୍ରକାଶ ପାଉଛି, ସେଥିରେ ଓଡ଼ିଶାର ସାମଗ୍ରିକ ଛବି ଆହୁରି ନୈରାଶ୍ୟଜନକ ଓ ବିଷାଦମୟ। ଏହି ରିପୋର୍ଟ ପ୍ରସ୍ତୁତ ହେବାର ପାଖାପାଖି ଗୋଟିଏ ଦଶନ୍ଧି ବିତିଯାଇଥିଲେ ବି ସ୍ଥିତିରେ ଯେ ବିଶେଷ କିଛି ସୁଧାର ଆସିନି, ତା’ର ଜ୍ୱଳନ୍ତ ନମୁନା ହେଉଛି ସଦ୍ୟ ପ୍ରକାଶ ପାଇଥିବା ବିଶ୍ୱ କ୍ଷୁଧା ସୂଚକାଙ୍କ। ଚଳିତବର୍ଷ ୧୦୭ଟି ଦେଶକୁ ନେଇ କରାଯାଇଥିବା ଏହି ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଭାରତ ୯୪ତମ ସ୍ଥାନରେ ରହି ନିଜ ମୁହଁରେ ନିଜେ ବୋଳି ହୋଇଛି କଳା। ଏଭଳି କହିବାର ତାତ୍ପର୍ଯ୍ୟ ହେଉଛି କ୍ରମାଗତ ବୃଦ୍ଧି ପାଉଥିବା ଉତ୍ପାଦନକୁ ନେଇ ଭାରତ ଏବେ ବି ଖାଦ୍ୟଶସ୍ୟ କ୍ଷେତ୍ରରେ ଏକ ବଳକା ରାଷ୍ଟ୍ର। ଅସାବଧାନତା କାରଣରୁ ଏଠି ଆମ ଖାଦ୍ୟନିଗମ ଗୋଦାମରେ ନଷ୍ଟ ହେଉଛି ଟନ୍‌ଟନ୍ ଖାଦ୍ୟଶସ୍ୟ। ଅଥଚ ଏକ କ୍ଷୁଧାପ୍ରବଣ ଦେଶ ଭାବରେ ଭାରତ ବାରମ୍ବାର ନିନ୍ଦିତ ହେଉଛି ବିଶ୍ୱ ଦରବାରରେ। ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ କହୁଛି ଏଠି ଦିନରେ ଦୁଇଓଳା ପେଟପୂରା ଖାଦ୍ୟ ଖାଇବାକୁ ପାଆନ୍ତିନି ଶତକଡ଼ା ୧୪ଭାଗ ଲୋକ। ଦେଶରେ ପ୍ରାୟ ୧୯କୋଟି ଲୋକ ରାତିରେ ଶୋଇବାକୁ ଯାଆନ୍ତି ଭୋକ ପେଟରେ। ଅନାହାର, ଅର୍ଦ୍ଧାହାର ଓ ଅଖାଦ୍ୟ ଭକ୍ଷଣର ଏକ ସ୍ୱାଭାବିକ ପରିଣତି ହେଉଛି ପୁଷ୍ଟିହୀନତା। ଏହି କାରଣରୁ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି ଭାରତୀୟ ଶିଶୁମାନଙ୍କର ଶାରୀରିକ ଓ ମାନସିକ ବିକାଶ। ଭୋକ ଓ ପୁଷ୍ଟିହୀନତା ଯୋଗୁ ଦେଶରେ ପ୍ରତିଦିନ ପ୍ରାଣ ହରାଉଛନ୍ତି ହାରାହାରି ୪ହଜାର ଶିଶୁ। ଏଥିରୁ ବୁଝିବାକୁ ହେବ ଯେ ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ଦାରିଦ୍ର୍ୟ ହଟାଇବା ପାଇଁ ଗରିବୀ ହଟାଓ, ସାଇନିଂ ଇଣ୍ଡିଆ, ଅଚ୍ଛା ଦିନ ଆୟେଗା ଆଦି ଯେତେ ସବୁ ସ୍ଲୋଗାନ ଦିଆଯାଇଛି, ତାହା ରହିଯାଇଛି ସେହି ସ୍ଲୋଗାନ ଭିତରେ। ତେଣୁ ପ୍ରଶ୍ନ ଉଠେ ଏତେ ସବୁ ଯୋଜନା ସତ୍ତ୍ୱେ ଦେଶରୁ ଦାରିଦ୍ର୍ୟ ହଟିପାରୁନି କାହିଁକି?

ସରକାରଙ୍କ ଆନ୍ତରିକତା ବା ରାଜନୈତିକ ଇଚ୍ଛାଶକ୍ତି ଉପରେ ନିର୍ଭର କରେ ପ୍ରତ୍ୟେକ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ। ମାତ୍ର ଆମ ଦେଶରେ ପ୍ରାୟତଃ ପ୍ରତ୍ୟେକ ଯୋଜନା ଅନ୍ତରାଳରେ ଥାଏ ଭୋଟ ହାତେଇବାର ଚାଲାକି। ଅର୍ଥାତ୍ ସରକାରଙ୍କ ଆନ୍ତରିକତା ଅଭାବରୁ ଲୋକଙ୍କ ପାଖରେ ଠିକ୍ ଭାବରେ ପହଞ୍ଚିପାରେନି ଯୋଜନାର ସଫଳତା। ଯୋଗ୍ୟ ହିତାଧିକାରୀ ଚୟନ ଦ୍ୱାରା ସଫଳ ହୁଏ ନାନା ପ୍ରକାର ରିହାତି ଯୋଜନା। ମାତ୍ର ଆମ ଦେଶର ଆଇନର ଜଟିଳତା କାରଣରୁ ପରିଚୟ ସଂକଟରେ ପଡ଼ି ଦାରିଦ୍ର୍ୟ ସୀମାରେଖା ତଳେ ଅନ୍ତର୍ଭୁକ୍ତ ହୋଇପାରୁନାହାନ୍ତି ଅନେକ ବାସହରା ଓ ଭୋକିଲା ମଣିଷ। ଏଥିରେ ସାମିଲ ହେବା ପାଇଁ ବି ଏଠି ଆବଶ୍ୟକ ହୁଏ ଲାଞ୍ଚ ଓ ସୁପାରିଶ। ପ୍ରକୃତ ଗରିବ ଲୋକଟି ଲାଞ୍ଚ ଦେଇ ନ ପାରି ଗରିବ ତାଲିକାରୁ ବାଦ ପଡ଼େ ଏବଂ ସେ ତାଲିକାରେ ସ୍ଥାନ ପାଏ ଥିଲାବାଲା ଲୋକ। ଏମାନେ ଗରିବ ନୁହନ୍ତି ସତ, କିନ୍ତୁ ଗରିବ ହେବାର ଭେକ ଧରି ହାସଲ କରନ୍ତି ସରକାରୀ ସହାୟତା। ଏହି ବିବେକହୀନ ପାଉକାରିଆଙ୍କ ଲୁଣ୍ଠନ ମନୋବୃତ୍ତି ପାଇଁ ପୋକର ଖାଉଛି ଯୋଜନା।

ଚାଷୀ ଶ୍ରମର ମୂଳଦୁଆ ଉପରେ ଛିଡ଼ା ହୋଇଛି କୃଷିପ୍ରଧାନ ଦେଶ ଭାରତର ଅର୍ଥନୀତି। ଅଥଚ ଏଠି କୃଷି ଉପରେ ନିର୍ଭର କରି ବଞ୍ଚିଥିବା ଲୋକେ ଦରିଦ୍ର ଓ ଅବହେଳିତ। ସରକାରୀ ଅବହେଳାର ଶିକାର ହୋଇ ଚାଷୀ ଏଠି ପାଏନି ତା’ ଶସ୍ୟର ଉଚିତ ମୂଲ୍ୟ। ଚାଷ ଏଠି କ୍ଷତିର ସଉଦାରେ ପରିଣତ ହେବା ପରେ ଚାଷୀ ଏଠି ଆଉ ଲାଭ ପାଇଁ ନୁହେଁ, କେବଳ ଚାଷ କରୁଛି କଷ୍ଟେମଷ୍ଟେ ବଞ୍ଚିବା ପାଇଁ। ଏହାଦ୍ୱାରା ସଂକଟ ଭିତରକୁ ଟାଣିହୋଇ ଯାଇଛି କୃଷକ ଓ କୃଷିକ୍ଷେତ୍ରରେ ନିୟୋଜିତ ଶ୍ରମିକ, ଯେଉଁମାନଙ୍କର ସଂଖ୍ୟା ମୋଟ ଜନସଂଖ୍ୟାର ୬୦ଭାଗରୁ ଅଧିକ। ସ୍ୱାଧୀନତା ପରେ କ୍ଷମତାକୁ ଆସିଥିବା ସବୁ ସରକାର ଆପଣେଇଛନ୍ତି ତେଲିଆ ମୁଣ୍ଡରେ ତେଲ ଢାଳିବା ନୀତି। ସେଥିପାଇଁ ଦିନକୁ ଦିନ ବଢ଼ି ଚାଲିଛି ଥିଲାବାଲା ଓ ନ ଥିବା ବାଲାଙ୍କ ଭିତରେ ବ୍ୟବଧାନ। ତଥ୍ୟ କହେ କେବଳ ୧୦ ପ୍ରତିଶତ ଲୋକଙ୍କ ପାଖରେ ଠୁଳ ହୋଇ ରହିଛି ଦେଶର ୯୦ ପ୍ରତିଶତ ସଂପତ୍ତି। ୩୦ ପ୍ରତିଶତ ଲୋକ ଏଠି ମଧ୍ୟବିତ୍ତ। ଅବଶିଷ୍ଟ ଅଛନ୍ତି ଯେଉଁମାନେ ପିଇ ଦଣ୍ଡେ ଜିଇବା ଅବସ୍ଥାରେ। ଏହାଦ୍ୱାରା ସମାଜର ଅଳ୍ପ କିଛି ଲୋକ ପର୍ଯ୍ୟାପ୍ତ ସୁଯୋଗ ହାତେଇଥିବା ବେଳେ ସର୍ବନିମ୍ନ ଆବଶ୍ୟକତାରୁ ବଞ୍ଚିତ ହୋଇଛନ୍ତି ଜନସଂଖ୍ୟାର ଏକ ବୃହତ୍ ଅଂଶ।

ଦାରିଦ୍ର୍ୟ ଦୂରୀକରଣ ପାଇଁ ସରକାରଙ୍କ ପ୍ରମୁଖ ଆୟୁଧ ହେଉଛି ରିହାତି ବ୍ୟବସ୍ଥା। ସରକାରଙ୍କର ଏହି ରିହାତି ରାଜନୀତି ଗରିବକୁ ସାମୟିକ ଆଶ୍ୱସ୍ତି ଦେଇପାରେ, କିନ୍ତୁ ଏହାଦ୍ୱାରା ଦାରିଦ୍ର୍ୟର ମୂଳୋତ୍ପାଟନ ଅସମ୍ଭବ। ଏଥିପାଇଁ ଆବଶ୍ୟକ ଦୀର୍ଘମିଆଦୀ ଯୋଜନା। ଏହି ପରିପ୍ରେକ୍ଷୀରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ଅକ୍ଷମକୁ ସକ୍ଷମ କରିବା ଯେତିକି ଆବଶ୍ୟକ, ସକ୍ଷମମାନେ ଯେମିତି ଅକ୍ଷମ ନ ହେବେ ସେଥିପ୍ରତି ଦୃଷ୍ଟି ଦେବା ମଧ୍ୟ ସେତିକି ଜରୁରୀ। ମାତ୍ର ରିହାତି ଯୋଜନା ଦ୍ୱାରା ପ୍ରଥମ ଗୋଷ୍ଠୀର ଦାରିଦ୍ର୍ୟ ତ କମୁନାହିଁ, ବରଂ ଅନ୍ୟପକ୍ଷରେ ପଛକୁ ଟାଣି ହୋଇଯାଉଛି ଦ୍ୱିତୀୟ ଗୋଷ୍ଠୀ। ଗ୍ରାମାଞ୍ଚଳ ଲୋକଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ନିମନ୍ତେ ସମସ୍ତଙ୍କ ହାତକୁ କାମ ଯୋଗାଇବା ଅତ୍ୟନ୍ତ ଜରୁରୀ। ମାତ୍ର କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପର ବିପର୍ଯ୍ୟୟ ଫଳରେ ସୃଷ୍ଟି ହେଉଛି ଦାଦନ ସମସ୍ୟା। ବଢୁଛି ଦୁର୍ଗତ ପଳାୟନ।

ଅନ୍ୟପକ୍ଷରେ କେବଳ ସରକାର ଚାହିଁଲେ ଦାରିଦ୍ର୍ୟ ହଟିବ ନାହିଁ, ଏଥିରୁ ମୁକୁଳିବା ପାଇଁ ଲୋକଙ୍କର ଉଦ୍ୟମ ରହିବା ନିତାନ୍ତ ଆବଶ୍ୟକ। ମାତ୍ର ସ୍ୱାଭିମାନର ସଂକଟ ଯୋଗୁ ନିଜେ ଉଦ୍ୟମ କରିବା ପରିବର୍ତ୍ତେ ମାଗଣା ଖିଆ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଲୋକଙ୍କ ଭିତରେ ଚାଲିଛି ପ୍ରତିଯୋଗିତା। ରିହାତି ଚାଉଳ ଖାଇ ଅନେକ ଲୋକେ ଭୁଲିଗଲେଣି ନିଜର କର୍ମକୁଶଳତା। ବିଲବାଡ଼ିକୁ ନ ଯାଇ ଗାଁ ଦାଣ୍ଡରେ ହେଣ୍ଡି ମାରୁଛନ୍ତି ଦଳଦଳ ଭେଣ୍ଡିଆ। ଯେଉଁ ଦେଶରେ ଲକ୍ଷ ଲକ୍ଷ ଲୋକ ଭୋକ ପେଟରେ ଶୁଅନ୍ତି ସେଠାରେ ଭୋଜି ପର୍ବରେ ଗୁଡ଼ଗୁଡ଼ ଖାଦ୍ୟ ନଷ୍ଟ ହେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ମାତ୍ର ଏଠି ଗରିବ ପ୍ରତି ଧନୀର ସମ୍ବେଦନା ନ ରହିବା ଫଳରେ ସମାନ୍ତରାଳ ଭାବରେ ବଢୁଛି ଭୋକିଲା ପେଟର ଯନ୍ତ୍ରଣା ଓ ଖାଦ୍ୟ ନଷ୍ଟର ପରିମାଣ।

ଉପରୋକ୍ତ ପ୍ରେକ୍ଷାପଟରେ ଶେଷ କଥାଟି ହେଉଛି ଏବେ ଦାରିଦ୍ର୍ୟ କହିଲେ କେବଳ ପେଟର ଭୋକ ନୁହେଁ, ଆହୁରି ଅନେକ କିଛି। ଏକ ସଂପ୍ରସାରିତ ଅଭାବ। ଆମ ଆଧୁନିକ ଜୀବନ ଶୈଳୀ ଦାରିଦ୍ର୍ୟର ସଂଜ୍ଞାକୁ ପ୍ରସାରିତ କରିଦେଇଛି ଏବଂ ତାହା ଏବେ ଜୈବିକ ଦାରିଦ୍ର୍ୟ ଓ ସାମାଜିକ ଦାରିଦ୍ର୍ୟ ଭେଦରେ ଦ୍ୱିବିଧ, ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଦ୍ୱାରା ଆଗକୁ ହୁଏତ କେହି ଭୋକ ପେଟରେ ଶୋଇବେନି, କିନ୍ତୁ ସଂପ୍ରସାରିତ ସାମାଜିକ ଦାରିଦ୍ର୍ୟର ନୂଆ ପ୍ରସ୍ଥ ଭିତରକୁ ଅଧିକରୁ ଅଧିକ ଠେଲି ହୋଇଯିବ ମଣିଷ। ଉଭୟ ସରକାର ଓ ଜନତାର ଅଭିମୁଖ୍ୟରେ ପରିବର୍ତ୍ତନ ନ ଆସିଲେ ଏଥିରୁ ମୁକ୍ତିଲାଭ ଏକ ଦୁରୂହ ବ୍ୟାପାର।

ଅଧ୍ୟକ୍ଷ, ଫୁଲବତୀ ହେମ୍ବ୍ରମ ମହାବିଦ୍ୟାଳୟ,
ପଡିଆବେଡ଼ା, ମୟୂରଭଞ୍ଜ
ମୋ-୯୪୩୮୮୫୫୦୮୮

# ଗଣତନ୍ତ୍ର–ଗଣମତ ଗତିପଥରେ ଗଣମାଧ୍ୟମ



ଡ. ଗୌରାଙ୍ଗ ଚରଣ ରାଉତ

ଭାରତର ଜନସଂଖ୍ୟା ଏବଂ ମତଦାତାଙ୍କ ସଂଖ୍ୟା ଆଧାରରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଗଣମାନଙ୍କର, ଗଣମାନଙ୍କ ପାଇଁ ଏବଂ ଗଣ ଦ୍ୱାରା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଢାଞ୍ଚା ଯେଉଁ ଚାରିଟି ସ୍ତମ୍ଭକୁ ଭିତ୍ତିକରି ସୁରକ୍ଷିତ ତନ୍ମଧ୍ୟରୁ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ଅନ୍ୟତମ। ୧୯୫୦ ଜାନୁଆରୀ ୨୬ଠାରୁ ଲୋକାର୍ପିତ ହୋଇଥିବା ସମ୍ବିଧାନରେ ଭାରତ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ଅଧିଘୋଷିତ ହେବା ଦ୍ୱାରା ଗଣତନ୍ତ୍ର ଶବ୍ଦଟି ସାମାଜିକ ଜୀବନରେ ପ୍ରତ୍ୟେକ ନାଗରିକଙ୍କ ପାଇଁ ଅଧିକ ବ୍ୟବହୃତ ଶବ୍ଦ ପାଲଟି ଯାଇଛି। ରାଜା-ରାଜୁଡ଼ା ଏବଂ ବିଦେଶୀ କୁଶାସନରୁ ମୁକ୍ତ ସ୍ୱାଧୀନ ଭାରତର ଗଣତନ୍ତ୍ର ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଏବଂ ଗଣମାଧ୍ୟମ ପରି ଚାରିଟି ସ୍ତମ୍ଭକୁ ନେଇ ଗତିଶୀଳ।

ଗଣତନ୍ତ୍ରର ସୁପରିଚାଳନା ନିମନ୍ତେ ଦେଶର ବିଭିନ୍ନ ପ୍ରାନ୍ତରରେ ସଂଘଟିତ ହେଉଥିବା ଘଟଣା ସମ୍ପର୍କରେ ଅବଗତ କରାଇବା ସହ ସେମାନଙ୍କୁ ସମସ୍ତ ବିଷୟରେ ତଥ୍ୟ ପ୍ରଦାନ କରିବା ତଥା ଗଣ ଏବଂ ତନ୍ତ୍ର ମଧ୍ୟରେ ସଂଯୋଗର ସେତୁ ପରି କାର୍ଯ୍ୟ ସମ୍ପାଦନ କରିବା ଆବଶ୍ୟକ। ଏ ଦୃଷ୍ଟିରୁ ଗଣମାଧ୍ୟମର ଭୂମିକା ବିଶେଷ ମହତ୍ତ୍ୱପୂର୍ଣ୍ଣ। ସମ୍ବିଧାନର ଗଣ୍ଡି ମଧ୍ୟରେ, ଜାତି-ବର୍ଣ୍ଣ-ଧର୍ମ-ଲିଙ୍ଗ-ସମ୍ପ୍ରଦାୟ-ଆଞ୍ଚଳିକତା-ଭାଷା-ଭୂଖଣ୍ଡ ନିର୍ବିଶେଷରେ ଜନଗଣ ଆଶା ଆକାଂକ୍ଷା ପରିପୂରଣ ଦିଗରେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ସଫଳ ରୂପାୟନ ଏବଂ ଗଣମତ ସପକ୍ଷରେ ଜାଗ୍ରତ ପ୍ରହରୀ ସଦୃଶ ଗଣମାଧ୍ୟମର କାର୍ଯ୍ୟଧାରା ଅବଧାରିତ। ସମ୍ବିଧାନର ଧାରା ୧୯(୧)(କ) ଦ୍ୱାରା ପ୍ରଦତ୍ତ ଅଧିକାର ମୁକ୍ତଚିନ୍ତନ, ମୁକ୍ତଲିଖନ, ବିଚାରବିମର୍ଶ, ବିଶ୍ଳେଷଣ, ସମାଲୋଚନା ଏବଂ ଭିନ୍ନମତ ପୋଷଣ ସହିତ ଧାରା ୧୯ (୨)ରେ ଦେଶର ଏକତା, ଅଖଣ୍ଡତା, ସଂହତିକୁ ଅକ୍ଷୁଣ୍ଣ ରଖିବାର ନୈତିକ ଅଧିକାର ମଧ୍ୟରେ ବାକ୍‌ସ୍ୱାଧୀନତା, ଅନୁଷ୍ଠାନ ସମୂହଙ୍କ ପରି ଗଣମାଧ୍ୟମର ସୀମା-ସରହଦ ନିର୍ଦ୍ଧାରିତ।

ଦେଶର ସାମଗ୍ରିକ ବିକାଶରେ ଗଣତନ୍ତ୍ର ଏବଂ ଗଣମାଧ୍ୟମ ପରସ୍ପରର ପ୍ରମୁଖ ଅଙ୍ଗ। ଗଣମାଧ୍ୟମ ବିନା ଗଣତନ୍ତ୍ର ତଳ ନ ଥିବା ଯାନ ସଦୃଶ। ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧରୁ ଯାତ୍ରା ଆରମ୍ଭ କରିଥିବା ଗଣମାଧ୍ୟମ ପରବର୍ତ୍ତୀ ସମୟରେ ଆକାଶବାଣୀ ଏବଂ ୧୭୮୦ ମସିହାରେ ବଙ୍ଗଳା ଗେଜେଟ୍ ନାମକ ମୁଦ୍ରିତ ଖବରକାଗଜ ମାଧ୍ୟମରେ ଆତ୍ମପ୍ରକାଶ କରିଥିଲା। ଖବରକାଗଜ ପ୍ରକାଶନରେ ବିଶ୍ୱରେ ଆମ ଦେଶ ଦ୍ୱିତୀୟ ସର୍ବ ବୃହତ୍ ହୋଇଥିବା ବେଳେ ବ୍ରଡ୍ ବ୍ୟାଣ୍ଡ ଇଣ୍ଟରନେଟ୍ ବ୍ୟବହାରରେ ୧୮ତମ ଏବଂ ଦୂରଦର୍ଶନ କେନ୍ଦ୍ର ସ୍ଥାପନରେ ୮ମ ସ୍ଥାନରେ ରହିଥିବା ଗଣ ଯୋଗାଯୋଗ ବ୍ୟବସ୍ଥାର ଅଗ୍ରଗତିକୁ ସୂଚିତ କରେ। ସ୍ୱାଧୀନ ଭାରତରେ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଏବଂ ୧୯୬୬ ମସିହା ଆଜିର ଦିନ ନଭେମ୍ବର ୧୬ରେ ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ପ୍ରତିଷ୍ଠା ହୋଇଥିଲା। ଭାରତ ସରକାରଙ୍କ ପ୍ରସାର ଭାରତୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପରି ପ୍ରାଦେଶିକ ଓ ଜାତୀୟ ସ୍ତରରେ ମୁଦ୍ରିତ ଏବଂ ବୈଦ୍ୟୁତିକ ଗଣମାଧ୍ୟମଗୁଡ଼ିକର ଅନେକ ସଂଗଠନ ସୃଷ୍ଟି ହୋଇ ଦେଶ-ବିଦେଶରେ ଘଟୁଥିବା ବିଭିନ୍ନ ଘଟଣା ସହ ଜନସାଧାରଣଙ୍କୁ ସାମଗ୍ରିକ ତଥ୍ୟ ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସୁଛନ୍ତି।

ଦେଶର ସ୍ୱାଧୀନତା, ସମ୍ବିଧାନ ପ୍ରଣୟନ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସନ ପରିଚାଳନାକୁ ଇତି ମଧ୍ୟରେ ସାତ ଦଶନ୍ଧିରୁ ଅଧିକ ସମୟ ଅତିକ୍ରମ କରି ଗଲାଣି। ଏହାର ଜନସଂଖ୍ୟା ୪୦ କୋଟିରୁ ଏବେ ୧୩୦ କୋଟିରେ ପହଞ୍ଚିଛି। ଏକବିଂଶ ଶତାବ୍ଦୀରେ ପରିମାଣାତ୍ମକତାରେ ବୃଦ୍ଧି ଘଟିଥିଲେ ସୁଦ୍ଧା ଗୁଣାତ୍ମକ ଦୃଷ୍ଟିକୋଣରୁ ଗଣତନ୍ତ୍ର ଏବଂ ଗଣମତ ଗତି ପଥରେ ଗଣମାଧ୍ୟମ କେତେ ଦୂର ଅଗ୍ରଗତି କରିଛି ତାହାର ମୂଲ୍ୟାୟନ ଅନୁଭୂତ ହେଉଛି। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମୋ ସ୍ୱପ୍ନର ଭାରତବର୍ଷ ଏବଂ ପରିକଳ୍ପିତ ରାମରାଜ୍ୟ ଆଜି କେଉଁ ସ୍ଥିତିରେ ପହଞ୍ଚିଛି ସାଧାରଣ ଭାବେ ତାହାର ସମୀକ୍ଷା କଲେ ବସ୍ତୁସ୍ଥିତି ସ୍ପଷ୍ଟ ହୋଇପାରିବ। ସର୍ବନିମ୍ନ ମୌଳିକ ଆବଶ୍ୟକତାର ପରିପୂରଣ ସହ ଜନସାଧାରଣଙ୍କ ସାମାଜିକ, ଆର୍ଥିକ, ରାଜନୈତିକ, ଶୈକ୍ଷିକ, ସାଂସ୍କୃତିକ ଏବଂ ପାରିବେଶିକ ଆତ୍ମିକ ଓ ଆତ୍ମିକ ଉତ୍ତରଣ ଦିଗରେ ଅନ୍ୟ ତିନି ସ୍ତମ୍ଭ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ ଚତୁର୍ଥ ସ୍ତମ୍ଭର ନିର୍ଭୀକ, ନିରପେକ୍ଷ, ନିଃସ୍ୱାର୍ଥପର ଏବଂ ଅଙ୍ଗୀକାରବଦ୍ଧ ଭୂମିକା ବିଷୟରେ ବିଶ୍ଳେଷଣ କରାଯିବା ଉଚିତ ରହିଛି। ଗଣତନ୍ତ୍ର ନାମରେ କ୍ରମାଗତ ବହୁ ସଂଖ୍ୟକ ରାଜନୈତିକ ଦଳର ଅଭ୍ୟୁଦୟ ସାଙ୍ଗକୁ କ୍ଷମତାସୀନ ହେବାକୁ ନିର୍ବାଚନରେ ଅଂଶଗ୍ରହଣ ଦ୍ୱାରା ବିଭାଜିତ ଗଣମତ ଦୃଶ୍ୟପଟରେ ଏକ ସ୍ୱଚ୍ଛ-ସମୃଦ୍ଧ-ଦୁର୍ନୀତିମୁକ୍ତ ଏବଂ ଉତ୍ତରଦାୟୀ ଶାସନ ବ୍ୟବସ୍ଥା ସାକାର ହେଉଛି କି ନାହିଁ ତାହା ବିଚାର ଯୋଗ୍ୟ।

ଗଣମତକୁ ପ୍ରଭାବିତ କରିବାରେ ଗଣମାଧ୍ୟମର ବିଶେଷ ଭୂମିକା ରହି ଆସିଥିବା ବେଳେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଶିଳ୍ପ ସାମ୍ରାଜ୍ୟ, ପୁଞ୍ଜିପତି, ରାଜନୈତିକ ବ୍ୟକ୍ତିବିଶେଷ ଏବଂ ଉଚ୍ଚବର୍ଗର କ୍ଷମତାଶାଳୀଙ୍କ ନିୟନ୍ତ୍ରଣରେ ରହିଥିବା ଅଧିକରେ ଗଣମାଧ୍ୟମ ସଂସ୍ଥା ଗଣତନ୍ତ୍ର ଓ ଗଣମତ ପ୍ରତି କେତେ ସମର୍ପିତ ତଥା ସମ୍ବେଦନଶୀଳ ତାହାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯାତବୀୟ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ ସୁଦ୍ଧା ଗଣମାଧ୍ୟମ ପ୍ରତିନିଧିମାନଙ୍କର ଜୀବନ, ଜୀବିକା, ନିରାପତ୍ତା ଆଦି ଯେ ସୁନିଶ୍ଚିତ ନୁହେଁ ତାହାର ଅବତାରଣା ଅନାବଶ୍ୟକ।

ଅସଲରେ ତନ୍ତ୍ରରେ ଗଣ ଗୁରୁତ୍ୱ ନ ଥିଲେ ଗଣତନ୍ତ୍ର ଯେପରି କେବଳ ଏକ ଶ୍ରୁତି ମଧୁର ଶବ୍ଦଟିଏ ମାତ୍ର ହୋଇ ରହିଥିବ ସେପରି ଗଣମାଧ୍ୟମ ନିଜର ମର୍ଯ୍ୟାଦା ହରାଇଲେ ଅନ୍ୟ ତିନି ସ୍ତମ୍ଭର ସ୍ୱେଚ୍ଛାଚାରିତା ସାମାଜିକ ସନ୍ତୁଳନ ରକ୍ଷା ପ୍ରତି ବିପଦ ସୃଷ୍ଟି କରି ଚାଲିବ ଏଥିରେ ସନ୍ଦେହ ନାହିଁ।

ମୋ-୮୨୭୦୭୬୭୪୫୫

## ଏଇ ଭାରତରେ

ନିଜେ ଦୁଃଖକଷ୍ଟ ଭୁଲି ଅସହାୟ ପିଲାଙ୍କ ମା’ ସାଜିଛନ୍ତି ଛତିଶଗଡ଼ର କିନର ମନୀଷା। ୮ ଜଣ ଅସହାୟ ପିଲାଙ୍କର ଯତ୍ନ ନେଉଛନ୍ତି। ସେମାନଙ୍କୁ ପଢ଼ାଉଛନ୍ତି। ମନୀଷା ବିଭିନ୍ନ ଜାଗାରେ କାମ କରି ଯାହା ରୋଜଗାର କରୁଛନ୍ତି ସେଥିରେ ଏମାନଙ୍କର ସବୁ ଖର୍ଚ୍ଚ ତୁଲାଉଛନ୍ତି। ଏମିତି କି ବହୁ ସମୟରେ ଜଣେ କିନର ଭାବେ ତାଙ୍କୁ କାମ ମିଳେନି। ଫଳରେ ସେ ପିଲାମାନଙ୍କ ଖର୍ଚ୍ଚ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ କୌଣସି ପ୍ରକାରେ ତାହାକୁ ଚଳାଇ ନେଉଛନ୍ତି। ମନୀଷାଙ୍କ ପିଲାଦିନ ବହୁ କଷ୍ଟରେ କଟିଥିଲା। ମାତ୍ର ୫ ବର୍ଷ ବୟସ ହୋଇଥିବା ବେଳେ ତାଙ୍କ ମାତାପିତା ତାଙ୍କୁ ଅସହାୟ ଅବସ୍ଥାରେ ଛାଡ଼ିଦେଇଥିଲେ। ଘାତ ପ୍ରତିଘାତ ମଧ୍ୟରେ ବଡ଼ ହୋଇଥିଲେ ମନୀଷା। ଏମିତି କି ଅନେକ ଦିନ ତାଙ୍କୁ ଉପାସ ରହିବାକୁ ପଡ଼ିଥିଲା। ସେତେବେଳେ ଅନାଥ ପିଲାମାନଙ୍କୁ ସହାୟ ହେବାର କଥା ତାଙ୍କ ମନରେ ଉଙ୍କି ମାରିଥିଲା, ଯାହାକୁ ଏବେ ସେ ଜାରି ରଖିଛନ୍ତି। ମନୀଷାଙ୍କ ୮ ଜଣ ପିଲାଙ୍କ ମଧ୍ୟରେ ସାନ ପିଲାଟିର ବୟସ ୭ ମାସ। ଏହି ପିଲାଟିର ମା’ବାପାଙ୍କ ଦେହାନ୍ତ ହେବାପରେ ସେ ସାଂଘାତିକ ରୋଗରେ ପୀଡ଼ିତ ଥିଲା। ମନୀଷା ତାଙ୍କୁ ମେଡିକାଲରେ ଭର୍ତ୍ତିକରି ଚିକିତ୍ସା କରାଇବା ପରେ ଘରକୁ ଆଣିଥିଲେ। ପିଲାମାନଙ୍କୁ ଖିଆଇ ପିଆଇବା ସହ ପଢ଼ାଇବା ସହ ବହୁ ସମୟରେ ସେମାନଙ୍କୁ ଚିକିତ୍ସା କରାଇବା ଲାଗି ଅର୍ଥ ଅଭାବ ଦେଖାଦିଏ। ତେବେ ମେଡିକାଲରେ ଡାକ୍ତରମାନେ ତାଙ୍କୁ ସାହାଯ୍ୟ କରନ୍ତି। ତାଙ୍କ ନଜରରେ ଆସୁଥିବା ଅନାଥ ପିଲାମାନଙ୍କୁ କେବଳ ଯେ ସହିବାକୁ ଦେବେନାହିଁ ଓ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆଜୀବନ ସେବା ଜାରି ରଖିବାକୁ କହନ୍ତି ମନୀଷା।

## ୨୫ ବର୍ଷ ତଳେ ଧରିତ୍ରୀ

୧୬ ନଭେମ୍ବର ୧୯୯୫

୧ ନେପାଳରେ ମୋଙ୍ଗିଓ ଉପତ୍ୟକାରେ ବରଫ ଅତଡ଼ା ଖସି ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ।

୨ ବହିଃଶୁଳ୍କ ଓ କେନ୍ଦ୍ରୀୟ ଅବକାରୀ କମିଶନର ଗୋପୀନାଥ ଷଡ଼ଙ୍ଗୀ ନିରବଚ୍ଛିନ୍ନ ସେବା କାର୍ଯ୍ୟ, କର୍ତ୍ତବ୍ୟନିଷ୍ଠ ଓ କାର୍ଯ୍ୟଦକ୍ଷତା ପାଇଁ ସମ୍ମାନଜନକ ରାଷ୍ଟ୍ରପତି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ସୁ-ଡୋ-କୁ

su|do|ku Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | | 1 | | | | | 9 | 3 | E | | | 5 |
| | | E | 4 | | | | | | | 8 | | | | A |
| | | A | | | 5 | | 6 | | | 4 | | 1 | 9 | B |
| 3 | 2 | 9 | C | | | E | | | | D | B | | | |
| | | 0 | | | | 4 | | 2 | | | | | | |
| | | | | | | | | 3 | A | | C | D | | |
| | 9 | | | | | 6 | B | | 5 | | | 8 | | |
| | 7 | 8 | 4 | | | B | | | D | | | | 9 | |
| | 1 | 3 | | 9 | | | | 7 | 0 | | | 5 | | |
| 4 | | 0 | | | | | | 3 | 2 | 6 | 9 | A | | |
| | 1 | | 4 | | 7 | 8 | D | | | | | 6 | E | |
| | B | | | | | | 4 | | | | | 9 | 3 | |
| | | 1 | 5 | | | | E | | 4 | | | | | |
| | | C | 6 | | | | | B | D | | 4 | | | |

ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | A | D | 5 | 2 | 3 | E | 1 | 9 | 4 | 7 | 6 | C | 0 | 8 |
| 1 | 8 | 7 | B | 4 | D | 6 | 5 | C | A | 0 | 3 | E | 2 | 9 |
| E | 9 | 3 | 1 | 6 | 0 | 8 | A | 4 | 2 | B | C | D | 7 | 5 |
| C | 5 | 6 | A | 7 | 9 | B | 2 | 0 | E | 8 | D | 3 | 4 | 1 |
| 2 | 4 | 0 | C | E | 8 | 3 | D | 7 | 9 | 1 | 5 | 6 | B | A |
| 0 | C | 8 | 4 | 9 | 1 | 2 | E | 6 | 5 | 3 | A | B | D | 7 |
| 9 | 7 | B | 3 | 0 | A | C | 8 | D | 6 | 2 | 4 | 5 | 1 | E |
| D | 1 | 2 | 6 | C | B | 9 | 4 | 5 | 7 | E | 8 | 0 | A | 3 |
| A | 3 | E | 8 | 5 | 2 | 7 | 1 | B | D | C | 0 | 9 | 6 | 4 |
| 4 | 6 | 5 | 7 | D | E | 0 | 3 | A | 1 | 9 | B | 8 | C | 2 |
| 3 | D | 9 | 0 | 1 | 5 | 4 | B | E | C | A | 2 | 7 | 8 | 6 |
| 8 | B | 4 | 9 | 3 | 6 | A | C | 1 | 0 | 5 | 7 | 2 | E | D |
| 6 | E | 1 | D | 8 | 7 | 5 | 0 | 2 | B | 4 | 9 | A | 3 | C |
| 5 | 2 | A | E | B | C | 7 | 6 | 3 | 8 | D | 1 | 4 | 9 | 0 |
| 7 | 0 | C | 2 | A | 4 | D | 9 | 8 | 3 | 6 | E | 1 | 5 | B |

ଗତ ଶନିବାରର ଉତ୍ତର

## ଚିରନ୍ତନୀ


ମଧୁମାସ ପରଶରେ ବଢ଼େ ମମ ପରାସ
ମୁହୁର୍ମୁହୁ ନିଃଶ୍ୱାସ ଛାଡ଼ଇ।
ବାସି ଫୁଲ ସମ କେତେ ଝଡ଼ି ପଡ଼େ ବାସନା
ଚାହିଁ ଚାହିଁ ଆଖିପତା ପୀଡ଼ଇ
ସଂଗୀତ ଆସି କେତେ ରୋଧେ ପୁଣି କଣ୍ଠ
ସଂକୋଚେ ମନପ୍ରାଣ ବ୍ରୀଡ଼ଇ।
-(ଜୀବନ-ଦୋଳି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଦେଢ଼କୋଟିରୁ କୋଭିଡ୍ ଯୋଦ୍ଧା ଖାଇଲେ ୯୮.୫ ଲକ୍ଷ

**କେନ୍ଦ୍ରାପଡ଼ା ଅଫିସ, ୧୫।୧୧**

କୋଭିଡ୍-୧୯ ପରିଚାଳନା ପାଇଁ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏପ୍ରିଲ ୯ରୁ ଅକ୍ଟୋବର ୨୨ ପର୍ଯ୍ୟନ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟକୁ ୧,୫୦,୬୪,୧୧୧ଟଙ୍କା ପଠାଯାଇଛି। ଏଥିରୁ କୋଭିଡ୍ ଯୋଦ୍ଧାଙ୍କ ଖାଇବା ପାଇଁ ୯୮,୫୨,୫୩୦ ଟଙ୍କା ଅର୍ଥାତ ୬୫ ପ୍ରତିଶତ ଖର୍ଚ୍ଚ ହୋଇଛି। ମାର୍ଶାଘାଇ ବ୍ଲକ ଗୋଖାପଡ଼ା ଗାଁର ସୂଚନା ଅଧିକାର କର୍ମୀ ପ୍ରକାଶ ଚନ୍ଦ୍ର ଦାସ କୋଭିଡ୍-୧୯ ବାବଦ ଖର୍ଚ୍ଚ ସମ୍ପର୍କରେ ସୂଚନା ଅଧିକାର ଆଇନ ଅନୁଯାୟୀ ଜିଲା ପ୍ରଶାସନକୁ ତଥ୍ୟ ମାଗିଥିଲେ। ଗତ ୭ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଉପରୋକ୍ତ ତଥ୍ୟ (ଚିଠି ନଂ. ୧୨୧୧୬) ପ୍ରଦାନ କରାଯାଇଛି। ଦେଶରେ କରୋନା ସଂକ୍ରମଣ ମାର୍ଚ୍ଚରୁ ଆରମ୍ଭ ହୋଇଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲାରେ ଏପ୍ରିଲ ୭ରେ ପ୍ରଥମ ସଂକ୍ରମିତ ଆଳି ଅଞ୍ଚଳରୁ ଚିହ୍ନଟ ହୋଇଥିଲେ। ସଂକ୍ରମଣ ସଂଖ୍ୟା ଅଧିକ ହେବା ଆଶଙ୍କା ଥିବାରୁ ସେ ସମୟରେ ପଞ୍ଚାୟତ ଓ ସହରାଞ୍ଚଳରେ ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଥିଲା। ବ୍ଲକସ୍ତରରେ କୋଭିଡ୍ କେୟାର ସେଣ୍ଟର ଓ ଛତାଠାରେ କୋଭିଡ୍ ହସ୍ପିଟାଲ ଆରମ୍ଭ ହୋଇଥିଲା। ଏହାର ପରିଚାଳନା ଦାୟିତ୍ୱ ଜିଲା ସ୍ୱାସ୍ଥ୍ୟ ବିଭାଗ ନେଇଥିଲା। ପ୍ରଦତ୍ତ ସୂଚନା ଅନୁଯାୟୀ, ଉପରୋକ୍ତ ସମୟ ମଧ୍ୟରେ କୋଭିଡ୍ ହସ୍ପିଟାଲ, ସଙ୍ଗରୋଧ କେନ୍ଦ୍ରରେ ନିଯୁକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଖାଇବା ଖର୍ଚ୍ଚ ହେଉଛି ୭୭,୫୧, ୩୮୦ ଟଙ୍କା। ସେହିପରି ଜିଲାରେ କରୋନା ସଂକ୍ରମିତଙ୍କ ସେବା ପାଇଁ ନିଯୁକ୍ତ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ କର୍ମଚାରୀଙ୍କ ରହିବା, ଖାଇବା ପାଇଁ ୧୫,୨୧,୧୪୦ ଟଙ୍କା ଏବଂ କଲ ସେଣ୍ଟରରେ କାର୍ଯ୍ୟରତ କର୍ମଚାରୀଙ୍କ ଖାଇବା ନେଇ ୫,୮୦,୦୧୦ ଟଙ୍କା ଖର୍ଚ୍ଚ ହୋଇଛି। ଏଭଳି ମୋଟ ୯୮,୫୨,୫୩୦ ଟଙ୍କା ଖାଇବା ବାବଦକୁ ଖର୍ଚ୍ଚ କରାଯାଇଛି।

ସେହିପରି ଫିଜିସିଆନ୍ସ ଅଫିସ୍ ଲାବରେଟୋରିରେ ୧୬,୩୩,୯୧୮ଟଙ୍କା ଖର୍ଚ୍ଚ ହୋଇଛି। ମାସ୍କ, ପିପିଇ କିଟ୍, ସାନିଟାଇଜର, ବେଡଶିଟ୍ ବାବଦରେ ୧୧,୧୯,୯୪୩ ଟଙ୍କା, ସିକ୍ୟୁରିଟି, ସ୍ୱାସ୍ଥ୍ୟକେନ୍ଦ୍ର ଓ ହେଲ୍ପ ଡେସ୍କ କର୍ମଚାରୀଙ୍କ ଦରମା ପାଇଁ ୧୭,୧୧,୩୨୦ ଟଙ୍କା, କଲ୍ ସେଣ୍ଟର କର୍ମଚାରୀଙ୍କ ଦୈନିକ ମଜୁରି ବାବଦରେ ୪,୨୬,୨୦୦ ଟଙ୍କା ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରୋତ୍ସାହନ ନିମନ୍ତେ ୩,୨୦,୮୦୦ ଟଙ୍କା ଖର୍ଚ୍ଚ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସଙ୍ଗରୋଧ କେନ୍ଦ୍ର ଓ ଛତାସ୍ଥିତ କୋଭିଡ୍ ହସ୍ପିଟାଲରେ ହୋଇଥିବା ଖର୍ଚ୍ଚର ସବିଶେଷ ତଥ୍ୟ ପ୍ରଦାନ କରାଯାଇ ନ ଥିବା ସୂଚନା ଅଧିକାର କର୍ମୀ ଦାସ କହିଛନ୍ତି। ସୂଚନାଯୋଗ୍ୟ, ଜିଲାରେ ଅକ୍ଟୋବର ୨୨ ସୁଦ୍ଧା ୭,୦୩୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୬,୩୬୬ ସୁସ୍ଥ ହୋଇଥିଲେ। ଏହି ସମୟ ଅବଧିରେ ବହୁ କରୋନା ଆକ୍ରାନ୍ତ ହସ୍ପିଟାଲ ଓ କୋଭିଡ୍ କେୟାର ସେଣ୍ଟର ବ୍ୟତୀତ ସଙ୍ଗରୋଧ ନିୟମ ମାନି ନିଜସ୍ୱ ଗୃହରେ ଚିକିତ୍ସିତ ହେଉଥିଲେ।



OFFIE OF THE CHIEF DISTRICT MEDICAL AND PUBLIC HEALTH OFFICER , KENDRAPARA

Letter No 12116 /Dated 5.11.20

To,

Sri Prakash Ch Das
S/O Ramesh Ch Das
AT: Gokhapada, PO: Karanja,
Dist.Kendrapara, 754224

Sub: Transfer of RTI application dated 07/08/2020 of Sri Prakash Ch Das U/S 06(3)of RTI Act-2005

Ref: PIO o/o the CDM&PHO Kendrapara memo no.12008 dated 02/11/2020

Sir,

With reference to the letter and subject cited above, I am to inform that Rs.15064111/-(Rupees one core fifty lakhs sixty four thousand one hundred eleven)only received from the Collector and DM Kendrapara for COVID-19 management and expenditure as per statement enclosed for Sl.No.6.I am to further inform you that Sl.No.1 to 5 & 7 not related to this office.

This is for your information and necessary action.

Yours faithfully

District Public Health Officer,
Kendrapara

ପ୍ରକାଶ ଚନ୍ଦ୍ର ଦାସଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଚିଠି।

## ସଂକ୍ଷେପରେ

### ଭାଉଜଙ୍କୁ ହତ୍ୟାକଲେ ଦିଅର

**ଅତାବିରା,୧୫।୧୧(ଡି.ଏନ.ଏ):** ବରଗଡ଼ର ଜିଲା ଅତାବିରା ଥାନା ପାହାଡ଼ଶ୍ରୀଗିଡ଼ା ନିକଟ ଦଶହାଡ଼ିରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ବୃନ୍ଦାବତୀ ଖଡ଼ିଆଙ୍କୁ ସମ୍ପର୍କୀୟ ଦିଅର ଅଜିତ ଖଡ଼ିଆ ଟାଙ୍ଗିଆରେ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ମୃତା ମହିଳାଙ୍କ ସ୍ୱାମୀ ଅର୍ଜୁନ ଖଡ଼ିଆ ଅତାବିରା ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି। ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଯାଇଛି। ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ ପ୍ରକାଶ କରିଛନ୍ତି।

### ଦୁର୍ଘଟଣା, ଅଟୋ ଚାଳକଙ୍କ ସମେତ ୩ ମୃତ

**ବରଗଡ଼ ଅଫିସ୍,୧୫।୧୧:** ବରଗଡ଼-ବଲାଙ୍ଗୀର ୨୦୧ ନମ୍ବର ଜାତୀୟ ରାଜପଥ ସରସରା ଛକ ନିକଟରେ ଶନିବାର ବିଳମ୍ବିତ ରାତ୍ରିରେ ଏକ ଦୁର୍ଘଟଣା ଘଟିଛି। ବଲାଙ୍ଗୀର ପଟୁ ଆସୁଥିବା ଏକ ଅଟୋ (ନଂ.ଓଡ଼ି୦୩ପି/୭୨୭୮)କୁ ବିପରୀତ ଦିଗରେ ଆସୁଥିବା ଟ୍ରକ୍ (ନଂ.ଏପି୧୬ଟିଓ/୧୬୭୫) ଧକ୍କା ଦେବାରୁ ଅଟୋରେ ବସିଥିବା ୩ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଖବର ଲେଖାହେବା ସୁଦ୍ଧା (ସନ୍ଧ୍ୟା ସାଢ଼େ ୫ଟା) ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ। ସମସ୍ତ ମୃତକ ପୁରୁଷ ଅଟନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଅଟୋ ଚାଳକ ଏବଂ ଅନ୍ୟ ଦୁଇଜଣ ଯାତ୍ରୀ ବୋଲି ଆଲୋଚନା ହେଉଛି। ଦୁର୍ଘଟଣାଗ୍ରସ୍ତ ଅଟୋର ରେଜିଷ୍ଟ୍ରେଶନ ନମ୍ବରରୁ ଅଟୋଟି ବଲାଙ୍ଗୀର ବିଭୂତିପଡ଼ାର ବୋଲି ଜଣାପଡ଼ିଛି। ଫଳରେ ମୃତକମାନେ ସେହି ଅଞ୍ଚଳର ହୋଇଥିବେ ବୋଲି ଅନୁମାନ କରାଯାଉଛି। ପୋଲିସ ରବିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ସଦର ଥାନାଧିକାରୀ ଦିଲୀପ ବେହେରା କହିଛନ୍ତି।

### ଗାଧୋଇବାବେଳେ ୨ ଜଣଙ୍କ ମୃତ୍ୟୁ

**ଧର୍ମଶାଳା/ଜେନାପୁର,୧୫।୧୧ (ଡି.ଏନ.ଏ.):** ଗାଧୋଇବାବେଳେ ବୁଡ଼ି ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ କାଏମା ଗ୍ରାମର ଅମରେନ୍ଦ୍ର ପୃଷ୍ଟି(୨୦) ଓ ଜେନାପୁର ଥାନା ଅଧୀନ ପଣଷପଦା ଗ୍ରାମର ଗଣେଶ ପରିଡ଼ା(୪୫)। ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅମରେନ୍ଦ୍ର କେଲୁଅ ନଦୀର କାଏମାଠାରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଶନିବାର ସକାଳ ପ୍ରାୟ ୯ଟାରେ ଗଣେଶ ନିଜ ଗ୍ରାମସ୍ଥିତ ପୋଖରୀରେ ଗାଧୋଇବାବେଳେ ବୁଡ଼ିଯାଇଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଉଭୟ ଥାନା ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ସମୁଦ୍ରରେ ବୁଡ଼ିଗଲେ ଯୁବକ

**ପୁରୀ ଅଫିସ, ୧୫।୧୧**

ପୁରୀ ସମୁଦ୍ରରେ ରବିବାର ଗାଧୋଉଥିବା ବେଳେ ବୁଡ଼ିଯାଇ ଜଣେ ଯୁବକ କଟକ ଜଗତପୁର ଅଞ୍ଚଳର ବିଜେନ୍ଦ୍ର ବାରିକଙ୍କ ମୃତ୍ୟୁ ହୋଇଛି। ବିଜେନ୍ଦ୍ର ତାଙ୍କର ୧୦ଜଣ ସାଙ୍ଗଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ। ପୂର୍ବାହ୍ନରେ ସେମାନେ ଦିଗବାରିଣୀ ସମ୍ମୁଖ ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ବିଜେନ୍ଦ୍ରଙ୍କୁ ତାଙ୍କ ସାଙ୍ଗମାନେ ପାଇ ନ ଥିଲେ। ସେ ବୁଡ଼ିଯାଇ ଭିତରକୁ ଟାଣି ହୋଇଯାଇଥିଲେ। ଖବର ପାଇ ବେଳାଭୂମିରେ ମୁତୟନ ଲାଇଫ୍‌ଗାର୍ଡ ଏବଂ ଅଗ୍ନିଶମ ବାହିନୀ ତାଙ୍କୁ ଖୋଜାଖୋଜି କରିଥିଲେ। ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେ ତାଙ୍କ ମୃତଦେହ ଲାଗିଥିଲା। ସମୁଦ୍ରକୂଳ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍‌ଲକ ପରେ ଧୀରେ ଧୀରେ ପୁରୀ ସ୍ୱାଭାବିକ ହେଉଥିବାବେଳେ ସମୁଦ୍ରରେ ପର୍ଯ୍ୟଟକଙ୍କ ସ୍ନାନ ବିପଦପୂର୍ଣ୍ଣ ହେବା ଏବେ ଚିନ୍ତାର ବିଷୟ ହୋଇଛି। ଗତ ୭ ତାରିଖରେ ଝାଡ଼ଖଣ୍ଡ ଜାମ୍‌ସେଦପୁର ଅଞ୍ଚଳର କୁଶଳ ରାଜ୍ ବୁଡ଼ିଯାଇଥିଲେ। ସେ ଭିତରକୁ ଭାସିଯାଉଥିବା ଦେଖି ଲାଇଫ୍‌ଗାର୍ଡ ତାଙ୍କୁ ଉଦ୍ଧାର କରିଥିଲେ।



ଶ୍ରୀମନ୍ଦିର ସମ୍ମୁଖରେ ଓଡ଼ିଶା ମନ୍ଦିର ସେବାୟତ ସଂଘ ପକ୍ଷରୁ ଘଣ୍ଟ ବାଦନ କରାଯାଉଛି।

# ମନ୍ଦିର ଖୋଲିବା ଦାବିରେ ଶଙ୍କରାଚାର୍ଯ୍ୟଙ୍କୁ ଗୁହାରି

**ପୁରୀ ଅଫିସ, ୧୫।୧୧**

ମହାମାରୀ କରୋନା ପାଇଁ ଦୀର୍ଘ ୮ମାସ ହେବ ରାଜ୍ୟର ବିଭିନ୍ନ ମନ୍ଦିରକୁ ଭକ୍ତଙ୍କୁ ଛଡ଼ାଯାଉ ନାହିଁ। ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଥିବାରୁ ସେବାୟତ ଓ ପୂଜକଙ୍କ ଉପରେ ଏହାର ପ୍ରଭାବ ପଡ଼ିଛି। ସେମାନଙ୍କ ଚଳିବା କଷ୍ଟକର ହୋଇପଡ଼ିଛି। ତେଣୁ ରାଜ୍ୟର ଦେବଦେବୀ ପୀଠ ତୁରନ୍ତ ଖୋଲିବା ଦାବିରେ ରବିବାର ଶ୍ରୀମନ୍ଦିର ସମ୍ମୁଖରେ ଓଡ଼ିଶା ମନ୍ଦିର ସେବାୟତ ସଂଘ ପକ୍ଷରୁ ଘଣ୍ଟ ବାଦନ କରାଯାଇଛି। ଶ୍ରୀମନ୍ଦିର ସମ୍ମୁଖରେ ଓଡ଼ିଶା ମନ୍ଦିର

**ଘଣ୍ଟ ବଜାଇ ପ୍ରତିବାଦ**

ସେବାୟତ ସଂଘ ସମ୍ପାଦକ ସିଂହାରୀ ଆଲୋକ ଖୁଣ୍ଟିଆ, ସୁବାସ କୁମାର ମିଶ୍ର, କୃତିବାସ ରଥ ପ୍ରମୁଖ ଘଣ୍ଟ ବଜାଇ ପ୍ରତିବାଦ କରିଛନ୍ତି। ରାଜ୍ୟର ପ୍ରାୟ ସବୁ ସ୍ୱାଭାବିକ ହୋଇଯାଇଥିବାବେଳେ ଭକ୍ତଙ୍କୁ କାହିଁକି ମନ୍ଦିରକୁ ଛଡ଼ାଯାଉନାହିଁ ବୋଲି ସେମାନେ ପ୍ରଶ୍ନ କରିବା ସହ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ପରେ ଗୋବର୍ଦ୍ଧନ ପୀଠକୁ ଯାଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟି ଏ ପ୍ରସଙ୍ଗ ଜଣାଇଥିଲେ। ସବୁ ମନ୍ଦିରର ସେବାୟତ ଓ ପୂଜକଙ୍କୁ କିପରି ସହାୟତା ପ୍ରଦାନ କରାଯିବ ସେ ବିଷୟରେ ସରକାରଙ୍କୁ ଜଣାଇବା ଲାଗି ଅନୁରୋଧ କରାଯାଇଥିଲା। ଶଙ୍କରାଚାର୍ଯ୍ୟଙ୍କୁ ଶିରୁଳି ମହାବୀର ମନ୍ଦିର ସେବାୟତ, ଅଲାରନାଥ ମନ୍ଦିର ସେବାୟତ, ଦାଣ୍ଡମୁକୁନ୍ଦପୁର ମନ୍ଦିର ସେବାୟତ, ସାକ୍ଷୀଗୋପାଳ ମନ୍ଦିର ସେବାୟତ ଏବଂ ସଂଘର କର୍ମକର୍ତ୍ତା ଗୁହାରି ଜଣାଇଥିଲେ। ଏ ଦିଗରେ ବିହୀତ ପଦକ୍ଷେପ ନେବେ ବୋଲି ଶଙ୍କରାଚାର୍ଯ୍ୟ ଆଶ୍ୱାସନା ଦେଇଥିବା ସଂଘ କର୍ମକର୍ତ୍ତା କହିଛନ୍ତି।

# ମହାନଦୀରୁ ଅଭିନେତା ଅମ୍ଲାନଙ୍କ ସ୍ତ୍ରୀ ଉଦ୍ଧାର

**କଟକ ଅଫିସ,୧୫।୧୧**

କଟକ ମଧୁସୂଦନ ସେତୁ ନିକଟ ମହାନଦୀରୁ ଓଲିଉଡ୍‌ର ଅଭିନେତା ଅମ୍ଲାନ ଦାସଙ୍କ ସ୍ତ୍ରୀ ଭୂମିକାଙ୍କୁ ଉଦ୍ଧାର କରାଯାଇଛି। ପରେ ମେଡିକାଲରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସିଡିଏ ଫେଜ୍-୨ ଥାନାକୁ ଆଣି ପଚରାଉଚରା କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଫେଜ୍-୨ ଥାନାଧିକାରୀ ବିଜୟିନୀ ସିଂ ସୂଚନା ଦେଇଛନ୍ତି। ତେବେ ଏହା ଦୁର୍ଘଟଣା ନା ଅନ୍ୟ କିଛି କାରଣ ତାହାକୁ ନେଇ ପୋଲିସ ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁଯାୟୀ,



ରବିବାର ଅପରାହ୍ନରେ ଭୂମିକା ପୂଜା ସାମଗ୍ରୀ ବିସର୍ଜନ କରିବାକୁ ମହାନଦୀର ମଧୁସୂଦନ ସେତୁ ନିକଟକୁ ଯାଇଥିଲେ। ସେଠାରେ ସାମଗ୍ରୀ ବିସର୍ଜନ କରୁଥିବାବେଳେ ମହାନଦୀକୁ ଖସି ପାଣିରେ ଭାସି ଯାଇଥିଲେ। ଖବରପାଇ ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଭୂମିକାଙ୍କୁ ପାଣିରୁ ଉଦ୍ଧାର କରାଯାଇଥିଲା। ପରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହା ପରେ ଭୂମିକା ଓ ଅମ୍ଲାନ ଥାନାକୁ ଯାଇଥିଲେ। ଏ ସମ୍ପର୍କରେ ଅମ୍ଲାନ କହିଛନ୍ତି, ଏହା ଏକ ଦୁର୍ଘଟଣା। ପୋଲ ଉପରେ ପୂଜା ସାମଗ୍ରୀ ବିସର୍ଜନ ବେଳେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ଭୂମିକା ମହାନଦୀକୁ ଖସିପଡ଼ିଥିଲେ। ଏ ନେଇ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରିଥିଲା।

### ମାଟି ଖୋଳା ବେଳେ ଶିବଲିଙ୍ଗ ଉଦ୍ଧାର

**ଭଦ୍ରକ ଅଫିସ, ୧୫।୧୧**

ପାର୍କ ପାଇଁ ମାଟି ଖୋଳା ବେଳେ ଶନିବାର ସନ୍ଧ୍ୟାରେ ଏକ ଶିବ ଲିଙ୍ଗ ଓ ପାର୍ଶ୍ୱମୂର୍ତ୍ତି ଉଦ୍ଧାର କରାଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ସଦର ବ୍ଲକ ଅଧୀନ ଗୋରାମାଟି ପଞ୍ଚାୟତ ଚକପୁର ଗାଁରେ। ଲୋକମାନେ ଶିବଲିଙ୍ଗକୁ ପୂଜାର୍ଚ୍ଚନା କରୁଛନ୍ତି। ସୂଚନା ଅନୁଯାୟୀ, ଏକ ପାର୍କ ନିର୍ମାଣ ପାଇଁ ଗାଁର ବଲଦିଆପଦା ପଡ଼ିଆରେ ଶନିବାର ମାଟି ସମତୁଲ କରାଯାଉଥିଲା। ଏହି ସମୟରେ ରାତିରେ ଟ୍ରାକ୍ଟରରେ ଏକ ପଥର ବାଜିଥିଲା। ଏହାପରେ ଡ୍ରାଇଭର ଓ ମାଲିକ ତଳେ ଏକ ପଥର ମୂର୍ତ୍ତି ଦେଖିବାକୁ ପାଇଥିଲେ। ସେମାନେ ଏ ସମ୍ପର୍କରେ ସରପଞ୍ଚ ଓ ଗାଁ ଲୋକଙ୍କୁ ଖବର ଦେବାରୁ ସମସ୍ତେ ସେଠାରେ ଏକତ୍ରିତ ହୋଇଥିଲେ। ପରେ ଉକ୍ତ ସ୍ଥାନକୁ ଖୋଳା ଯିବାରୁ ଶିବଲିଙ୍ଗ ଉଦ୍ଧାର କରାଯାଇଥିଲା।


**MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5018



**OFFICE OF THE MUNICIPAL COUNCIL, JATNI**

**Quotation Call Notice**

No.3354 Dt.13.11.2020

Sealed quotations in prescribed form are invited with the following terms and condition from registered Firms having technical knowledge to quote the rate inclusive of all taxes for Construction of Tensile Structure Roofing (cicagna max) for car parking at Jatni municipality office permises.

The sealed quotation should reach the undersigned by 24.11.2020 upto 1 P.M. and the quotatin schedule will be sold from 16.11.2020 to 23.11.2020 upto 5.00 P.M. on payment of cash of Rs.400.00 (Four hundred) only and the same shall be opened on 24.11.2020 at 3 P.M. in presence of quotationers or their authorized agents in the Office Chamber of Executive Officer, Jatni Municipality.

The intending quotationers are to submit copies of valid Registration Certificate, PAN Card, GST Registration Certificate failing which their quotation shall not be taken in to consideration.

Further details can be seen from WWW.Khordha.nic.in

Sd/- Executive Officer
Jatni Municipality


# ଦୁଇ କଲେଜରେ ଅଧାପନା ମହଙ୍ଗା ପଡ଼ିଲା

## ଦରମା ପ୍ରତ୍ୟାହାର ନିର୍ଦ୍ଦେଶ ଦେଲେ ଆରଡିଇ

**ଯାଜପୁର ଅଫିସ,୧୫।୧୧**

ଯାଜପୁର ଜିଲାରେ ଜଣେ ଅଧ୍ୟାପକ ଦୁଇଟି କଲେଜରେ ଚଞ୍ଚକତାପୂର୍ଣ୍ଣ ନିଯୁକ୍ତି ଅଭିଯୋଗ ହେବା ପରେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ(ଆରଡିଇ) କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆରଡିଇ ତାଙ୍କ ନିର୍ଦ୍ଦେଶ ସଂଖ୍ୟା ୭୨୫୫/୨୯।୧୦।୨୦୨୦ରେ ଦରମା ବାବଦକୁ ପ୍ରଦାନ କରାଯାଇଥିବା ସହାୟକ ଅନୁଦାନ(ଗ୍ରାଣ୍ଟ-ଇନ୍-ଏଡ୍)କୁ ପ୍ରତ୍ୟାହାର କରିବାକୁ ଦର୍ଶାଯାଇଛି। କାରଣ ଦର୍ଶାଅ ନୋଟିସର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଯାଜପୁର ଜିଲା ବାଲିଆସ୍ଥିତ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ କଲେଜର ଇତିହାସ ବିଭାଗ ଅଧ୍ୟାପକ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ସୁଧୀର କୁମାର ରାଉତଙ୍କ ବିରୋଧରେ ଏଭଳି ପଦକ୍ଷେପ ନିଆଯାଇଛି।

ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଆ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ କଲେଜରେ ରାଉତ ୧୯୯୨ରୁ ଅଧ୍ୟାପକ ଥାଇ ସାହାସପୁର ମୁକ୍ତାଦେବୀ ସଂସ୍କୃତ କଲେଜରେ ୧୨।୭।୧୯୯୭ରୁ ଅଧ୍ୟାପକ ପରେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ଏହି ମର୍ମରେ ସମ୍ପୃକ୍ତ ଅଞ୍ଚଳବାସୀ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରୁ ଜଣାପଡ଼ିଛି ଯେ, ମୁକ୍ତାଦେବୀ ସଂସ୍କୃତ କଲେଜର ପରିଚାଳନା କମିଟିର ଅଧିବେଶନ ନଂ-୫ରେ ଚିଠି ସଂଖ୍ୟା ୩/୧୨।୭।୧୯୯୭ରେ ରାଉତଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ଦିଆଯାଇଥିଲା। ସେ ୧୭।୭।୧୯୯୭ରେ ଉକ୍ତ ସଂସ୍କୃତ କଲେଜରେ ଯୋଗଦାନ କରିଥିଲେ ଏବଂ ୧୩।୮।୨୦୦୮ରେ ରିଲିଭ୍ ହୋଇଥିଲେ। ଲୋକଙ୍କ ଅଭିଯୋଗ ସମ୍ପର୍କରେ ବିଧାୟିକା ଦାସ ତାଙ୍କ ଡାଏରୀ ସଂଖ୍ୟା ୩୬୮/୨୧।୧।୨୦୨୦ରେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଉଚ୍ଚଶିକ୍ଷା ବିଭାଗର ଡେପୁଟି ଡାଇରେକ୍ଟର ହୃଷୀକେଶ ମହାନ୍ତି ତାଙ୍କ ପତ୍ରସଂଖ୍ୟା ୬୨୮୪/୧୦।୨।୨୦୨୦ରେ ଅଭିଯୋଗ ସଂକ୍ରାନ୍ତରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଆରଡିଇ ପକ୍ଷରୁ ପତ୍ରସଂଖ୍ୟା ୪୬୪୯/୧୬।୭।୨୦୨୦ରେ ଅଧ୍ୟାପକ ରାଉତଙ୍କୁ ଅଭିଯୋଗ ଉପରେ ୧ ମାସ ମଧ୍ୟରେ ଉତ୍ତର ରଖିବାକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ।


**KHADI AND VILLAGE INDUSTRIES COMMISSION**
**DIRECTORATE OF ADMINISTRATION & H.R.**
Ministry of Micro, Small & Medium Enterprises, Govt. of India
Gramodaya, 3, Irla Road, Vile Parle (W), Mumbai- 400 056
Tel: 022-2671 4267, Email: adm.kvic@gov.in
Website: www.kvic.org.in

**RECRUITMENT NOTICE**

Khadi and Village Industries Commission (KVIC) is a Statutory Body established by an Act of Parliament and functioning under the administrative control of Ministry of Micro, Small and Medium Enterprises (Govt. of India). In order to accelerate future growth and transformation challenges, KVIC invites Online Applications from eligible Indian Citizens for filling-up 18 posts of Director and 16 posts of Deputy Director under Direct Recruitment in Group – "A" categories as per detailed advertisement up-loaded in the KVIC website www.kvic.org.in

**IMPORTANT DATES**

| Particulars | Date |
|---|---|
| Opening Date & time for Online Registration of applications | 16.11.2020 (From 10.00 hrs.) |
| Last Date & time of closing of registration and submission of application along with Application Fees | 15.12.2020 (Upto 23.00 hrs.) |
| Tentative Month of Document Verification and Interview of Shortlisted Candidates. | February, 2021 |

**Director (Adm.& HR)**



**ZILLA SWASTHYA SAMITI KANDHAMAL**
**Office of the CDM&PHO-cum-District Mission Director, NHM, Kandhamal, Odisha, 762001**
**Tender No.13964/NHM/20 Dt:14.11.2020**

**TENDER CALL NOTICE**

Sealed tenders are invited from the interested eligible bidders for supply & installation of Medical Equipments & instruments under CDM&PHO, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.kandhamal.nic.in. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o The CDM&PHO, Kandhamal, DHH, Phulbani. Proposal(s) complete in all respect should reach the undersigned on or before 03.00 P.M. of 01.12.2020 through Regd./ Speed Post/Courier and the same will be opened on 02.12.2020 at 11.00 A.M. The undersigned reserves the right to reject any or all the tender(s) without assigning any reason thereof.

Sd/- Cheif District Medical & Public Health Officer, Kandhamal

## ୩ ବଖରା ଜଳିଗଲା

ଖୁଣ୍ଟୁଣୀ,(ଡି.ଏନ.ଏ.): ଆଠଗଡ଼ ବ୍ଲକ ଅଧୀନ ଗୁରୁଡିଝାଟିଆ ହରିଜନ ସାହିରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ଅନନ୍ତ ମଲ୍ଲିକ ଓ ଭରତ ମଲ୍ଲିକଙ୍କ ୩ ବଖରା ଜଳିଯାଇଛି। ଆଠଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଗୁରୁଡିଝାଟିଆ ରାଜସ୍ୱ ନିରୀକ୍ଷକ ମନୋଜ ସାହୁ ପହଞ୍ଚି ବିପନ୍ନ ପରିବାରକୁ ଦୁଇଟି ପଲିଥିନ ପ୍ରଦାନ କରିଥିଲେ।

### ସଂକ୍ଷେପରେ

## ଶ୍ମଶାନରେ ସମୂହ ଦୀପଦାନ

ପିପିଲି, ୧୫।୧୧ (ଡି.ଏନ.ଏ.): ପିପିଲିରେ ଶନିବାର କାଳୀପୂଜା ଅବସରରେ ଶ୍ମଶାନରେ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଏକତ୍ର ହୋଇ ପୂର୍ବପୁରୁଷମାନଙ୍କ ଉଦ୍ଦେଶ୍ୟରେ ପିପିଲି ଉପକଣ୍ଠ ଶ୍ମଶାନରେ ଦୀପଦାନ କରିଥିଲେ। ମନ୍ତ୍ର ପାଠରେ କିଛି ସମୟ ପାଇଁ ସେଠାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ଶତପଥି, ସୁରେଶ୍ ରଥ, ରମେଶ ଚନ୍ଦ୍ର ମହାପାତ୍ର, ମହେନ୍ଦ୍ର ମହାପାତ୍ର, ପ୍ରଭାତ ମହାପାତ୍ର ଏବଂ ଅକ୍ଷୟ ଦେ ପ୍ରମୁଖ ସାମିଲ ଥିଲେ।

## ଶିଶୁ ଦିବସ ପାଳିତ

**କଟକ ସଦର, ୧୫।୧୧ (ଡି.ଏନ.ଏ.):** ଉତ୍କଳ ସାମାଜିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଶନିବାର କଟକ ସଦର ବ୍ଲକ ଅଧୀନ ମା' ବୁଢ଼ିଆଣୀ ପୀଠରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାପତି ପ୍ରତାପ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଞ୍ଜୟ କୁମାର ପରିଡା, ସୁକାନ୍ତ ଚୌଧୁରୀ ଓ ସୀତାକାନ୍ତ ପଣ୍ଡା ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ ପିଲାମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଲୋକ ଜେନା, ଚିନୁ ରାଉତ, ନାଜମେର ହୁସେନ୍ ଖାଁ, ଦିଲ୍ଲୀପ ରାଉତ, ରତିକାନ୍ତ ମଲ୍ଲିକ ଓ କାଦମ୍ବିନୀ ମଲ୍ଲିକ ଉପସ୍ଥିତ ଥିଲେ। ଚୌଦ୍ୱାରସ୍ଥିତ ଶିଶୁ ସଦନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନେହେରୁଙ୍କ ଜୀବନୀ ଉପରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ପିଲାମାନଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଲେଡିଜ୍ ହଷ୍ଟେଲ ଛାତରୁ ପଡି ଇଲେକ୍ଟ୍ରିସିଆନ ମୃତ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ): ଶହୀଦ ନଗର ଥାନା ଅଧୀନ ଏକ ଲେଡିଜ୍ ହଷ୍ଟେଲର ୩ ମହଲା ଛାତରୁ ଖସି ଜଣେ ଇଲେକ୍ଟ୍ରିସିଆନଙ୍କର ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ମାଣିକ ପାଟଣାର ସୁରେନ୍ଦ୍ର ସାହୁ। ପୋଲିସ ସୂଚନା ମୁତାବକ, ଶହୀଦ ନଗରରେ ଏକ ଲେଡିଜ୍ ହଷ୍ଟେଲ ରହିଛି। ଦୀର୍ଘ ୧୫ ବର୍ଷ ହେବ ସୁରେନ୍ଦ୍ର ଏଠାରେ ରହିବା ସହ ଇଲେକ୍ଟ୍ରିସିଆନ ଭାବେ କାମ କରୁଥିଲେ। ଶନିବାର ଦୀପାବଳି ଥିବାରୁ ସୁରେନ୍ଦ୍ର ଉକ୍ତ ହଷ୍ଟେଲ ଛାତ ଉପରେ ଲିଟୁ ଲାଇଟ୍ ଲଗାଇବା ପାଇଁ ଯାଇଥିଲେ। ସେହି ସମୟରେ କରେଣ୍ଟ ହେଉ କିମ୍ବା ଅସାବଧାନତାବଶତଃ ଛାତରୁ ଖସି ପଡ଼ିଥିଲେ। ମୁଣ୍ଡ ଓ ମେରୁଦଣ୍ଡରେ ଆଘାତ ଲାଗିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ମାଲିକ ମେଡିକାଲ ନେବାରେ ବିଳମ୍ବ କରିବାରୁ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ତାଙ୍କ ଭାଇ ରବୀନ୍ଦ୍ର ଏତଲାରେ ଦର୍ଶାଇଛନ୍ତି। ଏ ନେଇ ପୋଲିସ ତଦନ୍ତ ଚଳାଇଛି।

# କଟକଣା ସତ୍ତ୍ୱେ ଫୁଟିଲା ବାଣ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**



ଚଳିତବର୍ଷ କରୋନା ପାଇଁ ଦୀପରେ ପାଳନ ହୋଇଛି ଆଲୋକର ପର୍ବ ଦୀପାବଳି। ସହରଠୁ ଗାଁ ସବୁଠି ଲୋକେ ଦୀପ ଓ କାଉଁରିଆ କାଠି ଜାଳି ବଡ଼ବଡୁଆଙ୍କୁ ଡାକିଛନ୍ତି। ତେବେ ଅଧିକାଂଶ ଲୋକ ରାଜ୍ୟ ସରକାର ଓ ପୋଲିସ ପ୍ରଶାସନର ଗାଇଡ୍‌ଲାଇନ୍‌କୁ ମାନିଥିଲେ ମଧ୍ୟ ଆଉ କିଛି ଅମାନିଆ ହୋଇ ବାଣ ଫୁଟାଇଥିଲେ। ଫଳରେ ରାଜଧାନୀର ବିଭିନ୍ନ କଲୋନୀ, ଗଳି ଓ ବସ୍ତିରେ ଜମିଥିଲା ବାଣ ଫୁଟା ଆସର। ଏହାକୁ ନେଇ ପୋଲିସ ଓ ଅମାନିଆଙ୍କ ମଧ୍ୟରେ ରାତି ତମାମ ଛକାପଞ୍ଝା ଲାଗି ରହିଥିବା ଦେଖିବାକୁ ମିଳିଥିଲା।

ଦୀପାବଳି ସନ୍ଧ୍ୟା ପ୍ରାୟତଃ ଶାନ୍ତ ଥିଲା। ହେଲେ ରାତି ଯେତିକି ବଢ଼ିଥିଲା ଠୋଠା ଢ଼ୋଡ଼ା ଶବ୍ଦ ଶାନ୍ତ ପରିବେଶକୁ ଟିକେ ବିଗାଡ଼ି ଦେଇଥିଲା। କଟକଣା ଜାରି କରି କମିଶନରେଟ ପୋଲିସ ଜଗି ରହିଥିଲେ ମଧ୍ୟ ଅନ୍ଧାର ଭିତରେ ରାସ୍ତା ଓ ଛାତ ଉପରେ ପ୍ରତିଯୋଗିତାମୂଳକ ଭାବେ ବାଣ ଫୁଟିଥିଲା। ମଝିରେ ମଝିରେ ଛାତ ଉପରୁ ଆକାଶକୁ ଉଚ୍ଚ ଶବ୍ଦ କରି ବାଣ ଉଠୁଥିଲା। ରୋକ ସତ୍ତ୍ୱେ ଦୀପ ଦୋକାନରୁ ବାଣ ମିଳୁଥିବାରୁ ଅମାନିଆମାନେ ଅଧିକ ଟଙ୍କା ଦେଇ କିଣି ଘରକୁ ଆଣିଥିଲେ। ସମୟ ସୁଯୋଗ ଦେଖି ତାହାକୁ ଫୁଟାଇ ପର୍ବକୁ ପାଳନ କରିଥିଲେ। ବାଣ ଫୁଟାଇବା ସହ ମୋବାଇଲ୍‌ରେ ଫଟୋ ଉଠାଇ ମଜା ନେଇଥିଲେ। କେତେକ ସ୍ଥାନରେ ସାମାଜିକ ଦୂରତା ନିୟମକୁ ନ ମାନି ସଂଘବଦ୍ଧ ଭାବେ ଏକତ୍ରିତ ହୋଇ ବାଣ ଫୁଟାଉଥିବା ଦେଖିବାକୁ ମିଳିଥିଲା।

### ପୋଲିସ ସହ ଛକାପଞ୍ଝାରେ କଟିଲା ଅମାନିଆଙ୍କ ରାତି

କେତେକ ସ୍ଥାନରେ ପୋଲିସ ଅମାନିଆଙ୍କୁ ଘଉଡାଇବାରେ ସକ୍ଷମ ହୋଇଥିଲା ସତ, କିନ୍ତୁ ରାଜଧାନୀର ବିଭିନ୍ନ ଛକ ବଜାରରେ ହେଉଥିବା ବାଣବିକ୍ରି ଓ ଫୁଟାକୁ ରୋକିପାରି ନ ଥିଲା। ପୋଲିସ ସାଇରନ୍ ଶୁଣିଲେ ଘର ଗେଟ୍ ଓ ବାଣ ଫୁଟା ବନ୍ଦ ହୋଇଯାଉଥିଲା। ହେଲେ ପୋଲିସ ଚାଲିଯିବା ପରେ ପୁଣି ଜମୁଥିଲା ବାଣଫୁଟା। ସବୁ ଛକରେ ଦୀପ ଦୋକାନ, ହେଲେ ସନ୍ଧ୍ୟା ପରେ ଦୀପ କମ୍ ବାଣ ଦୋକାନ। କଟକଣାକୁ କଡ଼ାକଡ଼ି କରିବାକୁ କମିଶନରେଟ୍ ପୋଲିସ ସବୁ ବ୍ୟବସ୍ଥା କରିଥିଲେ ମଧ୍ୟ ଅମାନିଆଙ୍କୁ ସାବାଡ଼ କରିବାରେ ସଫଳ ହୋଇପାରି ନ ଥିଲା। ପୋଲିସ-ଅମାନିଆଙ୍କ ଛକାପଞ୍ଝା ଭିତରେ ଦୀପାବଳି ରାତି ସରିଯାଇଥିଲା।

# ରାଷ୍ଟ୍ର ଉଦ୍ଦେଶ୍ୟରେ ଦୀପ ଜାଳିଲେ ଛାତ୍ରୀଛାତ୍ର




**ଖୋର୍ଦ୍ଧା ଅଫିସ, ୧୫।୧୧**

ଖୋର୍ଦ୍ଧା ବିଡିଏ କଲୋନୀସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲରେ ଶନିବାର ଦୀପାବଳି ଓ ଶିଶୁ ଦିବସ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଯବାନ, ଅନ୍ନଦାତା କୃଷକ, କରୋନା ଯୋଦ୍ଧା ଏବଂ ନିଜ ବିଦ୍ୟାଳୟର ଗୌରବ ଉଦ୍ଦେଶ୍ୟରେ ୫ଟି ଦୀପ ଜାଳି ସମୃଦ୍ଧ ରାଷ୍ଟ୍ର, ସଶକ୍ତ ରାଷ୍ଟ୍ରର ବାର୍ତ୍ତା ଦେଇଥିଲେ। ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ସଭାପତିତ୍ୱ ଭାଷଣରେ ଦୀପାବଳି ଓ ଶିଶୁଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସ୍କୁଲର ନିର୍ଦ୍ଦେଶକ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଛାତ୍ର ସମାଜ ଦେଶର ଭବିଷ୍ୟତ। ଉତ୍ତମ ଚରିତ୍ର ଓ ଶୃଙ୍ଖଳା ଜ୍ଞାନର ବୃଦ୍ଧି ଲାଗି ସେ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନେ ରଙ୍ଗୋଲିରେ ଦୀପାବଳି ଓ ଶିଶୁଦିବସ ଶୁଭେଚ୍ଛା ଜଣାଇଥିଲେ। ଭର୍ଚୁଆଲ୍ ମୋଡରେ ଷ୍ଟାଣ୍ଡାର୍ଡ ୧ ଠାରୁ ନବମ ଶ୍ରେଣୀ ଛାତ୍ରୀଛାତ୍ର ଚିତ୍ରାଙ୍କନ, ଫ୍ୟାନ୍ସି, କୌତୁକିଆ ବେଶ, ବକ୍ତୃତା, ସଙ୍ଗୀତ ପ୍ରଭୃତିରେ ଭାଗ ନେଇ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ଦେଇଥିଲେ। ଦିବ୍ୟା ଚୀରନ୍ତିନୀ ପଣ୍ଡା ଏବଂ ଅଗ୍ନିନ ପରୱିନ ଶିଶୁ ଦିବସ ଓ ଦିପାବଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ବିଦୁର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ ବେହେରା, ସୁମିତ୍ରା ତ୍ରିପାଠୀ, ସନ୍ଧ୍ୟାରାଣୀ ବିଶ୍ୱାଳ ଶିକ୍ଷକ ତୁଷାରକାନ୍ତ ମହାନ୍ତି, ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଦୋକାନ ଉପରକୁ ବୋମା ମାଡ଼ ଅଭିଯୋଗ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ଦୀପାବଳି ରାତିରେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଆନିହାଉସ ଛକ ଅଞ୍ଚଳରେ ଥିବା ଦୋକାନଗୁଡ଼ିକ ଉପରେ ବୋମା ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ୪ ବ୍ୟବସାୟ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଥିବା ନେଇ ଆନିହାଉସ୍ ଛକ ବ୍ୟବସାୟୀ ସଂଘ ସଭାପତି ଲିଙ୍ଗରାଜ ପୃଷ୍ଟି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଦୀପାବଳି ପାଇଁ ଉକ୍ତ ବଜାର ବନ୍ଦ ରହିଥିଲା। ହେଲେ ରାତିରେ ପ୍ରଶାନ୍ତ ହୋଟେଲ, ବସନ୍ତ ଜୁଏଲାରୀ, ରାଜୁପଣ୍ଡା ହେଟେଲ, ଜଗନ୍ନାଥ ସପ୍‌ରେ କେହି ଦୁର୍ବୃତ୍ତ ବୋମା ମାଡ଼ କରି ଫେରାର ହୋଇଯାଇଥିବା ପ୍ରଚାରିତ ହୋଇଥିଲା। ଖବର ପାଇ ମାଲିକମାନେ ପହଞ୍ଚି ଦୋକାନର ଶଟର ଓ କବାଟ ଭାଙ୍ଗିଯାଇଥିବା ଦେଖିବାକୁ ପାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏ ସମ୍ପର୍କରେ ଥାନାଧିକାରୀ ଦୀପକ ମିଶ୍ର କହିଛନ୍ତି, କୌଣସି ପ୍ରକାର ବୋମା ମାଡ଼ ହୋଇନି। କେହି ଅସାମାଜିକ ବ୍ୟକ୍ତି ଦୋକାନ କବାଟରେ ସୁତୁଲି ବାଣ ଲଗାଇ ଫୁଟାଇଛନ୍ତି। ଫଳରେ ଉକ୍ତ ଦୋକାନଗୁଡ଼ିକ କ୍ଷତଗ୍ରସ୍ତ ହୋଇଛି। ଘଟଣାସ୍ଥଳରୁ ୨ଟି ବଡ଼ ଅଫୁଟା ସୁତୁଲି ବାଣ ପୋଲିସ ପାଇଛି। ତେବେ କଟକଣା ସତ୍ତ୍ୱେ କିପରି ଏତେ ଶକ୍ତିଶାଳୀ ବାଣ ଫୁଟି ଏତେ ସଂଖ୍ୟକ ଦୋକାନକୁ କ୍ଷତିଗ୍ରସ୍ତ କଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ସୁତୁଲି ବାଣ କହିଲେ ଥାନା ଅଧିକାରୀ

# ଟ୍ରାଫିକ ପୋଷ୍ଟରେ ଚଢ଼ିଗଲା କ୍ରେନ୍

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁଭବନ ଟ୍ରାଫିକ ପୋଷ୍ଟ ଉପରେ ଶନିବାର ଏକ କ୍ରେନ୍ ମାଡିଯାଇଥିଲା। ହେଲେ ଏହି ଦୁର୍ଘଟଣାରୁ ଟ୍ରାଫିକ କନଷ୍ଟେବଲ ବିଜୟ ସାହୁ ଓ ପ୍ରକାଶ ମାର୍ଥା ସୌଭାଗ୍ୟବଶତଃ ବର୍ଞ୍ଚ ଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସକାଳ ପ୍ରାୟ ୮ଟାରେ କ୍ରେନ୍‌ଟି ଏୟାରପୋର୍ଟ ଛକରୁ ରାଜମହଲ ଛକ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ଉକ୍ତ ଟ୍ରାଫିକ ପୋଷ୍ଟ ଆଡକୁ ମାଡି ଆସିଥିଲା। ଏହାକୁ ଦେଖି କନଷ୍ଟେବଲ ଦ୍ୱୟ ପୋଷ୍ଟରୁ ବାହାରକୁ ପଳାଇ ଆସିଥିଲେ। କ୍ରେନ୍ ଧକ୍କାରେ ଟ୍ରାଫିକ ପୋଷ୍ଟ ଭାଙ୍ଗି ଯାଇଛି। ଏହାକୁ ନେଇ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ପିସିଆର ପହଞ୍ଚି କ୍ରେନ୍‌କୁ ଜବତ କରିବା ସହ ଚାଳକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। କ୍ରେନ୍‌ର ବ୍ରେକ୍ ଫେଲ ହେବାରୁ ଏହା ନିୟନ୍ତ୍ରଣ ହରାଇ ପୋଷ୍ଟ ଉପରେ ମାଡିଯାଇଥିବା ଡ୍ରାଇଭର ଜଣକ ପୋଲିସକୁ କହିଛନ୍ତି।

## ହିତାଧିକାରୀଙ୍କ ଘର ନିଲାମ ଧମକ : ଅଡିଓ ଭାଇରାଲ

**ମାହାଙ୍ଗା, ୧୫।୧୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ କାର୍ଯ୍ୟାଳୟର ଜଣେ ପ୍ରଶାସନିକ ଅଧିକାରୀଙ୍କ ଅଡିଓ ଭାଇରାଲ ହୋଇଛି। ଆବାସିକ ଯୋଜନାରେ ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ନ ଥିବାରୁ ସେ ଜଣେ ମହିଳା ହିତାଧିକାରୀଙ୍କୁ ତାଗିଦ୍ କରିଥିବା ନେଇ ଉକ୍ତ ଅଡିଓରେ ରହିଛି। ଏହି ବ୍ଲକ ଅନ୍ତର୍ଗତ ବାସୁଦେବପୁର ପଞ୍ଚାୟତ ବରଅଠା ଗ୍ରାମର ଡାଙ୍ଗୀ ସେଠୀ ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇବା ସହ ୫୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପାଇଥିଲେ। କୌଣସି କାରଣବଶତଃ ଘର ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଥିଲା। ଏ ନେଇ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ବରଅଠା ଗ୍ରାମରେ ପହଞ୍ଚି ତୁରନ୍ତ ଘର ନିର୍ମାଣ କାର୍ଯ୍ୟ ଶେଷ ନ କଲେ ତାକୁ ନିଲାମ କରାଯିବ ବୋଲି ଡାଙ୍ଗୀଙ୍କୁ ଧମକ ଦେଇଥିଲେ। ଅପରପକ୍ଷେ ସମ୍ପୃକ୍ତ ଅଧିକାରୀ ଏଭଳି ମନ୍ତବ୍ୟ ଦେଇ ନ ଥିବା କହିଛନ୍ତି।

## ମହିଳାଙ୍କ ସହ ଅସଂଯତ ଭିଡିଓ ଭାଇରାଲ
# ଜେଲ୍ ଗଲେ ପୂଜକ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ମନ୍ଦିର ପରିସରରେ ମହିଳାଙ୍କ ସହ ଅସଂଯତ ଅବସ୍ଥାରେ ଭିଡିଓ ଉତ୍ତୋଳନ କରି ଭାଇରାଲ କରିବା ଘଟଣାରେ ବଡ଼ଗଡ ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ମେଘେଶ୍ୱର ମନ୍ଦିରର ପୂଜକ ଗଙ୍ଗାଧର ମିଶ୍ର। ତାଙ୍କ ଘର ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳରେ ଥିବାବେଳେ ସେ ଭୁବନେଶ୍ୱର କଳିଙ୍ଗ ବସ୍ତିରେ ରହୁଥିଲେ। ତାଙ୍କଠାରୁ ଏକ ମୋବାଇଲ ଜବତ କରାଯିବା ସହ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କିଛିଦିନ ତଳେ ମେଘେଶ୍ୱର ମନ୍ଦିର ପରିସରରେ ଜଣେ ମହିଳାଙ୍କ ସହ ଅସଂଯତ ଅବସ୍ଥାରେ ଗଙ୍ଗାଧର ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ନେଇ ମହିଳା ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଗଙ୍ଗାଧରଙ୍କୁ ଗିରଫ କରିଥିଲା। କରୋନା କଟକଣା ପାଇଁ ମନ୍ଦିର ବନ୍ଦ ଥିବାବେଳେ ଏହାର ସୁଯୋଗ ନେଇ ଗଙ୍ଗାଧର ଫଟୋ ଓ ଭିଡିଓ ଉତ୍ତୋଳନ କରିଥିବା ଜଣାପଡିଛି। ତେବେ ନେତା, ମନ୍ତ୍ରୀ ଓ ଏମ୍‌ପିଙ୍କ ସହ ଗଙ୍ଗାଧରଙ୍କ ଅନେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଥିବାବେଳେ ସେ ରାଜନୈତିକ ସଙ୍ଗଠନରେ ଜଡିତ ଥିବା ଜଣାପଡିଛି।

# ୩ ଡ୍ରେନ୍, କମ୍ୟୁନିଟି ସେଣ୍ଟର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୮ ନମ୍ବର ୱାର୍ଡ ବାଲିଆପାଟ, ସାଇନଗର ଓ କୁମ୍ଭାରିଆ ବସ୍ତିରେ ୧ କୋଟି ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୩ ଡ୍ରେନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସେହିଭଳି ବିଧାୟକ ପାଣ୍ଠିରୁ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବାଲିଆପାଟ ବସ୍ତିଠାରେ ଏକ କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ଦ୍ୱାରା ହୋଇଛି। ଏହିସବୁ ଅଞ୍ଚଳରେ ଦୀର୍ଘଦିନ ଧରି ରହିଥିବା ଜଳ ନିଷ୍କାସନ ସମସ୍ୟା ଦୂର ହେବାକୁ ଯାଉଥିବାରୁ ବସ୍ତି ବାସିନ୍ଦା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବାଲିଆପାଟ ବସ୍ତିରେ ଡ୍ରେନ ନିର୍ମାଣ ଲାଗି ୪୦ଲକ୍ଷ ୫୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସେହିପରି ଜନସେବା କେନ୍ଦ୍ରଠାରୁ ଗଞ୍ଜୁଆ ନାଳ ପର୍ଯ୍ୟନ୍ତ ଡ୍ରେନ ଲାଗି ୧୧ଲକ୍ଷ ୪୪ ହଜାର, ସାଇ ନଗର ଡ୍ରେନ ପାଇଁ ୨୨ଲକ୍ଷ ୩୨ ହଜାର ଓ କୁମ୍ଭାରିଆ ବସ୍ତି ଡ୍ରେନ ନିର୍ମାଣ ଲାଗି ୪୧ଲକ୍ଷ ୪ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଅନ୍ୟପକ୍ଷରେ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ସାଲିଆସାହିଠାରେ ଥିବା ପ୍ରତିମୂର୍ତ୍ତିରେ ବିଧାୟକ ରାଉତ ମାଲ୍ୟାର୍ପଣ କରିଛନ୍ତି।

# ୧୨ ମୋବାଇଲ, ବାଇକ୍ ଜବତ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ମୋବାଇଲ ଲୁଟ୍ ଅଭିଯୋଗରେ ଖଣ୍ଡଗିରି ପୋଲିସ ଜଣେ ନାବାଳକଙ୍କୁ କାବୁ କରି ବାଳସୁଧାର ଗୃହକୁ ପଠାଇଛି। ସମ୍ପୃକ୍ତ ନାବାଳକ ଜଣଙ୍କ ଖଣ୍ଡଗିରି ଥାନା ନିକଟ ଶରଧାପଲ୍ଲୀ ବସ୍ତିରେ ରହୁଥିବା ଜଣାପଡିଛି। ପୋଲିସ ତାଙ୍କ ନିକଟରୁ ୧୨ଟି ମୋବାଇଲ ଫୋନ ଓ ଗୋଟିଏ ବାଇକ୍ ଜବତ କରିଛି। ପୂର୍ବରୁ ତାଙ୍କ ନାଁରେ ମୋବାଇଲ ଚୋରି ନେଇ ୨୦ରୁ ଅଧିକ ମାମଲା ରହିଛି। ଏହି ନାବାଳକ ଲୁଟ୍‌ପାଟ ଗ୍ୟାଙ୍ଗ୍‌ରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ନେଇ ପୋଲିସ ତଦନ୍ତ ଜାରି ରଖିଛି। ଗତ ୧୪ ତାରିଖରେ ଜଟଣୀର ଏସ୍. ଈଶ୍ୱର ରେଡ୍ଡୀ ନାମକ ବ୍ୟକ୍ତି ଯାଉଥିବାବେଳେ ଆଇଗିଣିଆ ଛକ ନିକଟରେ ସମ୍ପୃକ୍ତ ନାବାଳକ ତାଙ୍କ ମୋବାଇଲ ଫୋନ୍ ଲୁଟି ନେଇଥିଲେ। ଏ ନେଇ ସେ ଅଭିଯୋଗ ପରେ ପୋଲିସ ତଦନ୍ତ କରି ଏକ ଗ୍ୟାଙ୍ଗ ସମ୍ପର୍କରେ ଜାଣିବାକୁ ପାଇଥିଲା। ଏହି ଗ୍ୟାଙ୍ଗ୍‌ର ସଦସ୍ୟଙ୍କୁ ଧରିବା ପାଇଁ ଥାନା ଅଧିକାରୀ ପଦ୍ମନାଭ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ ଜାରି ରଖିଥିଲା। ପରେ ଶରଧାପଲ୍ଲୀ ବସ୍ତିରୁ ପୋଲିସ ଉକ୍ତ ନାବାଳକଙ୍କୁ ଉଠାଇ ଆଣି ପଚରାଉଚରା କରିବାରୁ ସେ ଚୋରି କରିଥିବା ସମ୍ପର୍କରେ ସ୍ୱୀକାର କରିଥିଲା।

## ଗାନ୍ଧୀ ପୀଠରେ ଦୀପ ଦାନ

**ବାଲିଅନ୍ତା,୧୫।୧୧(ଡି.ଏନ୍.ଏ.)**

ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର ପରିସରରେ ଥିବା ଗାନ୍ଧୀ ପୀଠରେ ଦୀପାବଳିରେ ଦୀପଦାନ କାର୍ଯ୍ୟକ୍ରମ ହୋଇଥିଲା। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ବଂଶୀଧର ଆପଟ ସ୍ମୃତି ସଂସଦ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଜୟଦେବ ବିଧାୟକ ଅରବିନ୍ଦ ଢାଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହାସହ ବିଧାୟକ ଢାଲି ନିକୁଞ୍ଜ ବିହାରୀ ମନ୍ଦିରର ରୋଷଘର ପାଇଁ ୨ଲକ୍ଷ ଟଙ୍କା ତାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଦେବା ପାଇଁ ଘୋଷଣା କରିଥିଲେ।

# ଧଉଳିର ବିଭିନ୍ନ ସମସ୍ୟା ନେଇ ଆଲୋଚନା

**ପୁରୁଣା ଭୁବନେଶ୍ୱର,୧୫।୧୧(ଡି.ଏନ୍.ଏ.):**

ଧଉଳି ଶାନ୍ତିସ୍ତୂପର ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସମସ୍ୟା ଲାଗିରହିଛି। ଏ ନେଇ କଳିଙ୍ଗ ନିପନ ବୁଦ୍ଧ ସଂଘ ପକ୍ଷରୁ ଉତ୍କଳ କରାଟେ ସ୍କୁଲ କନଫରେନ୍ସ ହଲରେ ଏକ ବୈଠକ ଆୟୋଜିତ ହୋଇଯାଇଛି। ଏଠାରେ ମୂର୍ତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ ଅବହେଳା ଯୋଗୁ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଯିବାରୁ ସମସ୍ତେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିରେ ସଂଘର ବରିଷ୍ଠ ସଦସ୍ୟ ତଥା ସଭପତି ତାକାହିରୋ ଓକୋନୋଜି ସମ୍ପାଦକ ଲି କ୍ୟୁଓ ୟଙ୍ଗ, ଉପସଭାପତି ହରି ପଟ୍ଟନାୟକଙ୍କ ସମେତ ଅନେକ କର୍ମକର୍ତ୍ତା ଯୋଗଦେଇଥିଲେ।

# ଏକାମ୍ରରେ ୪ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ

**ପୁରୁଣା ଭୁବନେଶ୍ୱର, ୧୫।୧୧(ଡି.ଏନ୍.ଏ.)**

ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀରେ ପ୍ରାୟ ୪ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ପାଇଁ ରବିବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ସଭାରେ ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ସୁନ୍ଦରାୟ, ସରପଞ୍ଚ ଇତିଶ୍ରୀ ଚମ୍ପତି, ରଶ୍ମିତା ଶ୍ରୀଚନ୍ଦନ, ମୁଜାହିଦ ହୁସେନ, ବୃଷଭାନୁ ସାମଲ,ସମ୍ପାଦକ ରବୀନ୍ଦ୍ର ମଲ୍ଲିକ, ଲୋକନାଥ ପାତ୍ର, ଦୀନବନ୍ଧୁ ପରିଡ଼ା, ସମ୍ପାଦକ ହାଡ଼ିବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ଜିଲା ସମଯାଜପୁରର ମା' ଉଗ୍ରତାରା



ପୁରୀ ବୀର ପ୍ରତାପପୁରର ମା' କାମରୂପା



ଚୌଦ୍ୱାର ପୂଜା ମଣ୍ଡପରେ ମା'କାଳୀ



ଭୁବନେଶ୍ୱର ସତ୍ୟନଗରରେ ମା' କାଳୀଙ୍କୁ ପୂଜା କରାଯାଉଛି।




ମହାନଦୀର ଗଡ଼ଗଡ଼ିଆ ଘାଟ ନିକଟ କୃତ୍ରିମ ପୁଷ୍କରିଣୀରେ ମା'କାଳୀଙ୍କ ମୃଣ୍ମୟୀ ପ୍ରତିମା ବିସର୍ଜନ କରାଯାଉଛି।

# ପରିବେଶକୁ ଫ୍ଲାଏ ଆଶ୍ ବିପଦ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

**ଏନ୍‌ଜିଟିଙ୍କ ଉଦ୍‌ବେଗ**



■ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସିପିସିବିକୁ ନିର୍ଦ୍ଦେଶ

■ ରାଜ୍ୟରେ ବର୍ଷକୁ ବାହାରୁଛି ୩୩ ନିୟୁତ ଟନ୍ ପାଉଁଶ

ରାଜ୍ୟରେ ଫ୍ଲାଏ ଆଶ୍ (ଉଡ଼ନ୍ତା ପାଉଁଶ) ୧୦୦ ପ୍ରତିଶତ ଉପଯୋଗ ହୋଇ ପାରୁନାହିଁ। ଅନେକ ସମୟରେ ପାଉଁଶ ପୋଖରୀ ଭାଙ୍ଗି ଚାଷଜମିରେ ମାଡି ଯାଉଛି। ପରିବେଶ ପାଇଁ ମଧ୍ୟ ଏହା ବିପଦ ସୃଷ୍ଟି କରୁଛି। ଆଇନ ଉଲ୍ଲଂଘନକାରୀ କମ୍ପାନୀଗୁଡିକ ଠାରୁ କ୍ଷତିପୂରଣ ମଧ୍ୟ ଆଦାୟ କରାଯାଇ ପାରୁ ନାହିଁ। ଏହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯେଉଁ ତାପଜ ବିଦ୍ୟୁତ୍ ସଂସ୍ଥା ୧୦୦ ପ୍ରତିଶତ ଫ୍ଲାଏ ଆଶ୍ ଉପଯୋଗ କରି ପାରୁନାହାନ୍ତି ସେମାନଙ୍କ ଠାରୁ ପରିବେଶ କ୍ଷତିପୂରଣ ରାଶି ସହ ଜରିମାନା ଆଦାୟ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସ ନଭେମ୍ବର ୪ରେ ଏହି ମାମଲାର ଶୁଣାଣି କରି ଏନ୍‌ଜିଟି ଏ ଦିଗରେ ପଦକ୍ଷେପ ନେବାକୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି)କୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଜିଟିଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଫ୍ଲାଏ ଆଶ୍ ଉଲ୍ଲଂଘନକାରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ସିପିସିବି ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପରାମର୍ଶ ଦିଆଯାଇଛି।

ଫ୍ଲାଏ ଆଶ୍ ଯୋଗୁ ବାୟୁମଣ୍ଡଳ ପ୍ରଦୂଷଣ ହେବା ସହ ବୃକ୍ଷଲତା ଓ ପ୍ରାଣୀଜଗତ କ୍ଷତିଗ୍ରସ୍ତ ହେଉଛନ୍ତି। ନିକଟସ୍ଥ ଗ୍ରାମର ଲୋକମାନେ ବିଭିନ୍ନ ରୋଗର ଶିକାର ହେବା ସହିତ ଆଶ୍ ପଣ୍ଡ(ପାଉଁଶ ପୋଖରୀ) ଭାଙ୍ଗି ଯିବାରୁ ଚାଷଜମି ଉଜୁଡି ଯାଉଛି। ଏହି ମାମଲାର ଶୁଣାଣି କରି ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକ ୧୦୦ ପ୍ରତିଶତ ଫ୍ଲାଏ ଆଶ୍‌କୁ ଉପଯୋଗ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶନାମା ଜାରି କରିଥିଲେ। ତେବେ ଏହି ନିର୍ଦ୍ଦେଶନାମାକୁ ଅନେକ ତାପଜ ବିଦ୍ୟୁତ୍ କେନ୍ଦ୍ର ଉଲ୍ଲଂଘନ କରିଛନ୍ତି। ହେଲେ ସେମାନଙ୍କ ଠାରୁ କ୍ଷତିପୂରଣ ରାଶି ଆଦାୟ ହୋଇନାହିଁ। ମିଳିଥିବା ସୂଚନା ଅନୁଯାୟୀ ୧୧୨ଟି ପାୱାର ପ୍ଲାଣ୍ଟ ନିୟମ ଉଲ୍ଲଂଘନ କରିଥିଲେ ମଧ୍ୟ ମାତ୍ର ୨ଟି ପ୍ଲାଣ୍ଟ କ୍ଷତିପୂରଣ ପ୍ରଦାନ କରିଛନ୍ତି। ୧୦୨ଟି ପ୍ଲାଣ୍ଟ ଏହାକୁ ଛାଡ଼ କରିବାକୁ ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଫ୍ଲାଏ ଆଶ୍‌କୁ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରିବାକୁ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକୁ ପରାମର୍ଶ ଦିଆଯାଇଛି। ଯେଉଁମାନେ ଏହାକୁ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ ଜରିମାନା କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କେତେ ଟଙ୍କା ଜରିମାନା ରାଶି ଦେବାକୁ ହେବ ସେ ନେଇ ସିପିସିବି ତୁରନ୍ତ ଧାର୍ଯ୍ୟ କରିବାକୁ ଏନ୍‌ଜିଟି କହିଛନ୍ତି। ଏଥିସହିତ ପ୍ରତ୍ୟେକ ପାୱାର ପ୍ଲାଣ୍ଟର ଫ୍ଲାଏ ଆଶ୍ ଉତ୍ପାଦନକୁ ଯାଞ୍ଚ କରିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଯୋଗ୍ୟ ଯେ, ଦିଲ୍ଲୀସ୍ଥିତ ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭାଇରନ୍‌ମେଣ୍ଟ (ସିଏସ୍‌ଇ) ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ଦେଶରେ ଥିବା ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକରେ ୬୨୭ ନିୟୁତ ଟନ୍ ପାଉଁଶ ଗଚ୍ଛିତ ହୋଇରହିଛି। ଗତ କିଛିବର୍ଷ ହେବ ଦେଶରେ ବିଭିନ୍ନ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକରୁ ବର୍ଷକୁ ପ୍ରାୟ ୨୦୦ ନିୟୁତ ଟନ୍ ପାଉଁଶ ଉତ୍ପାଦିତ ହେଉଛି। ୨୦୦୯-୧୦ରୁ ୨୦୧୮-୧୯ ମଧ୍ୟରେ ପାୱାର ପ୍ଲାଣ୍ଟଗୁଡିକରେ କୋଇଲା ବ୍ୟବହାର ବାର୍ଷିକ ୩୬୭ ନିୟୁତ ଟନ୍‌ରୁ ୬୨୯ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି।

ଓଡ଼ିଶାରେ ଫ୍ଲାଏ ଆଶ୍ ଉତ୍ପାଦନ ଗତ କିଛିବର୍ଷ ହେବ ବହୁ ମାତ୍ରାରେ ବୃଦ୍ଧି ପାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୫ ବର୍ଷରେ ୮୦ ନିୟୁତ ଟନ୍ ପାଉଁଶ ଉତ୍ପାଦନ ବୃଦ୍ଧି ହୋଇଛି। ରାଜ୍ୟରେ ଥିବା ୧୦ ମେଗାୱାଟ୍‌ରୁ ୩ ହଜାର ମେଗାୱାଟ୍ ୪୦ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବାର୍ଷିକ ୩୨.୫୫ ନିୟୁତ ଟନ୍ ଫ୍ଲାଏ ଆଶ୍ ଉତ୍ପାଦନ ହେଉଛି। ସେଥିରୁ ୨୨ ନିୟୁତ ଟନ୍ ବିନିଯୋଗ କରାଯାଉଛି। ଅର୍ଥାତ୍ ଉତ୍ପାଦିତ ହେଉଥିବା ଫ୍ଲାଏ ଆଶ୍ ମଧ୍ୟରୁ ମାତ୍ର ୬୭.୮୩ ପ୍ରତିଶତ ବ୍ୟବହାର କରାଯାଉଛି। ରାସ୍ତା ନିର୍ମାଣ, ଇଟା ତିଆରି, ଖାଲ ଜାଗା ପୂରଣ କରିବା ଆଦିରେ ଏହାକୁ ବ୍ୟବହାର କରାଯାଉଛି। ୧୦୦ ପ୍ରତିଶତ ବିନିଯୋଗ ପାଇଁ ଉଦ୍ୟମ ଜାରି ରହିଛି ବୋଲି ରାଜ୍ୟ ପ୍ରଦୂଷଣ ବୋର୍ଡର ଜଣେ ବରିଷ୍ଠ ବୈଜ୍ଞାନିକ କହିଛନ୍ତି।

## ରାସ୍ତାରେ ଦନ୍ତା, ଲୋକେ ଆତଙ୍କିତ



ନିରାକାରପୁର,୧୫।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଧାନ ଘର ପାହଡ଼ ତଳେ ଯାଇଥିବା ନୂଆ ଜଗନ୍ନାଥ ସଡ଼କ ଉପରେ ଶନିବାର ସକାଳ ୯ଟାରେ ଏକ ଦନ୍ତା ହାତୀ ଯାଉଥିବା ଦେଖି ପଥଚାରୀ ଆତଙ୍କିତ ହୋଇଯାଇଥିଲେ। ହାତୀଟି କିଛି ସମୟ ରାସ୍ତା ରହିଥିବାରୁ ଲୋକେ ଭୟରେ ଆଗକୁ ଯାଇ ନ ଥିଲେ। ପରେ ଏହି ହାତୀଟି ଚିତ୍ରକୂଟ ପାହଡ଼ ଆଡକୁ ଚାଲିଯିବା ପରେ ଲୋକେ ଯାତାୟାତ କରିଥିଲେ। ଶୁକ୍ରବାର ରାତିରେ ଏହି ହାତୀଟି ଗୋଳବାଇ କାୟା ଅଞ୍ଚଳରୁ ମନ୍ଦାକିନୀ ନଦୀ ଭିତରେ ପଶି ରାମେଶ୍ୱର ଭଗବତ ମେଳଣ ପଡ଼ିଆ ପର୍ଯ୍ୟନ୍ତ ଆସିଥିଲା। ପରେ ବଳରାପୁର ମୌଜା ଲାଙ୍ଗୁଡି କୋଣ ଗହିରରେ ପଶି ଚାଷୀଙ୍କ ଧାନ ଖାଇବା ସହ ନଷ୍ଟ କରିଥିଲା। ଏହାପରେ ମେଡିକାଲ ରାସ୍ତା ହୋଇ ନୂଆ ଜଗନ୍ନାଥ ସଡ଼କରୁ ଜଗତପୁର ମୌଜାରେ ଧାନ ଖାଇଥିବା ସିତି କାନ୍ତ ଦାସ କହିଛନ୍ତି। ଏଥିରେ ଚାଷୀ ଲକ୍ଷ୍ମୀଧର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିରବର ସ୍ୱାଇଁ, ସତ୍ୟ ପ୍ରଧାନ, ରଶ୍ମିରଞ୍ଜନ ସ୍ୱାଇଁ, ଅଜିଆ ବେହେରା, ବାବୁଲି ମହାରଣା, ରଶ୍ମିରଞ୍ଜନ ସିଂ ଓ ପ୍ରଶାନ୍ତ ପ୍ରଧାନଙ୍କର ବିଲର ଧାନ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ଭୁଷଣ୍ଡପୁର ଫରେଷ୍ଟର ସିନ୍ଧୁ ଚରଣ ସିଂ କୁହନ୍ତି, ହାତୀ ଧାନ ଖାଇ ନଷ୍ଟ କରିଥିବା ଜମିକୁ ଅନୁଧ୍ୟାନ କରିବା ପରେ ଚାଷୀଙ୍କ କ୍ଷତିପୂରଣ ଦିଆଯିବ।

**ସଂକ୍ଷେପରେ**

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଯାଁଳା,୧୫।୧୧(ଡି.ଏନ୍.ଏ.): ଜଟଣୀ ଥାନା ଅଧୀନ ଯାଁଳା ପେଟ୍ରୋଲ ଟାଙ୍କି ନିକଟରେ ରବିବାର ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ା ମଇତମା ଅଞ୍ଚଳର ଅରୁଣ ଡାକୁଆ। ଖବରପାଇ ପୋଲିସ ପହଞ୍ଚି ଦୁଇଟି ଗାଡ଼ିକୁ ଜବତ କରିଥିବାବେଳେ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପଟେ ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଜଣକ ଫେରାର ହୋଇଯାଇଛନ୍ତି। ରବିବାର ସକାଳେ ଅରୁଣ ଏକ ବାଇକ୍ ଯୋଗେ ନୟାଗଡ଼ରୁ ଭୁବନେଶ୍ୱର ଆସୁଥିଲେ। ଯାଁଳାର ଏକ ପେଟ୍ରୋଲ ଟାଙ୍କି ନିକଟରେ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅରୁଣଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଅରୁଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପରେ ସେଠାରେ ପୋଲିସ ପହଞ୍ଚିବାରୁ ଅରୁଣଙ୍କ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

## ଯୁବକଙ୍କ ଆକ୍ରମଣରେ ୩ ପୋଲିସ ଗୁରୁତର

ନିମାପଡ଼ା,୧୫।୧୧(ଡି.ଏନ୍.ଏ.): ନିମାପଡ଼ାରେ ଦୀପାବଳି ଓ କାଳୀପୂଜା ଅବସରରେ ପୋଲିସ ପାଟ୍ରୋଲିଂ କରୁଥିବାବଳେ କେତେଜଣ ଯୁବକଙ୍କ ଆକ୍ରମଣ କରିଛନ୍ତି। ଏଥିରେ ନିମାପଡ଼ା ଥାନା ଏସ୍‌ଆଇ ପ୍ରଦୀପ ଜୁଝାର ସିଂ, ଏଏସ୍‌ଆଇ ପ୍ରଭାତ ପ୍ରହରାଜ, ଡ୍ରାଇଭର ସୁରେଶ ଚନ୍ଦ୍ର ଦାସ ଗୁରୁତର ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ପୋଲିସ ନଂ.୨୭୯/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହାସହ ଘଟଣାସ୍ଥଳରୁ ପୋଲିସ ଆକ୍ରମଣକାରୀଙ୍କ ଗୋଟିଏ ବାଇକ୍ ଜବତ କରିଛି। ଶନିବାର ଦୀପାବଳି ରାତ୍ରିରେ ଦୋଳବେଦୀ ଛକ ନିକଟରେ ଥିବା ଏକ ମଦ ଦୋକାନ ସମ୍ମୁଖରେ ୩ଜଣ ଯୁବକ ଉତ୍ପାତ କରିବା ସହ ସାଧାରଣ ଲୋକଙ୍କୁ ଗାଳିଗୁଲଜ କରୁଥିଲେ। ଖବରପାଇ ପୋଲିସ ପହଞ୍ଚି ଯୁବକମାନଙ୍କୁ ବୁଝାଶୁଝା କରୁଥିବାବେଳେ ସେମାନେ ଉତ୍ତ୍ୟକ୍ତ ହୋଇ ମାଡ଼ମାରି ଆକ୍ରମଣ କରି ଫେରାର ହୋଇଯାଇଛନ୍ତି।

## ଭୁବନେଶ୍ୱରରୁ ଚୋରି ବସ୍ ବ୍ରହ୍ମପୁରରୁ ଉଦ୍ଧାର

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)/ ବ୍ରହ୍ମପୁର ଅଫିସ୍



ଉଦ୍ଧାର ହୋଇଥିବା ବସ୍।

ଭୁବନେଶ୍ୱର ବରମୁଣ୍ଡାରୁ ଚୋରି ହୋଇଥିବା ଦାସ୍ ଆଣ୍ଡ ଦାସ୍ ନାମକ ଏକ ଯାତ୍ରୀବାହୀ ବସ୍ ରବିବାର ବ୍ରହ୍ମପୁର ବଡ଼ ବଜାର ଥାନା ଅଞ୍ଚଳରୁ ଉଦ୍ଧାର ହୋଇଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି। ଓଆର୍‌୦୨ଏଏଚ୍ ୯୪୯୧ ନମ୍ବର ବିଶିଷ୍ଟ ଉକ୍ତ ବସ୍‌ଟି ଖଣ୍ଡଗିରି ଥାନା ଅନ୍ତର୍ଗତ ହାଉସିଂବୋର୍ଡ କଲୋନୀରେ ରହୁଥିବା କିଶୋର ଚନ୍ଦ୍ର ଦାସଙ୍କର। କିଶୋରଙ୍କର ମୋଟ ୩ଟି ବସ୍ ରହିଥିବାବେଳେ ପ୍ରତିଦିନ ରୁଚିକା ମାର୍କେଟସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ପାର୍କିଂ ହୋଇଥାଏ। ୧୩ ତାରିଖ ଅପରାହ୍ନରେ ବସ୍‌ଟି କର୍ମଚାରୀମାନେ ସେଠାରେ ପାର୍କିଂ କରାଇଥିଲେ। କିନ୍ତୁ ୧୪ ତାରିଖ ସକାଳେ ବସ୍ ନ ଥିବା ଦେଖି କର୍ମଚାରୀମାନେ ମାଲିକ କିଶୋରଙ୍କୁ ସୂଚନା ଦେଇଥିଲେ। ଏ ନେଇ କିଶୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୪୩୮/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରାଜ୍ୟର ବିଭିନ୍ନ ଥାନାକୁ ବସ୍ ଚୋରି ସମ୍ପର୍କରେ ସୂଚନା ଦିଆଯାଇଥିଲା। ବସ୍‌ଟି ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ୍ ରାସ୍ତାକଡ଼ରେ ରାତିରୁ ଛିଡ଼ା ହୋଇଥିବା ଦେଖି ସ୍ଥାନୀୟ ଲୋକେ ରବିବାର ସକାଳେ ବ୍ରହ୍ମପୁର ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଖଣ୍ଡଗିରି ପୋଲିସର ଏକ ଟିମ୍ ବ୍ରହ୍ମପୁରରୁ ଉକ୍ତ ବସ୍‌ଟିକୁ ନେଇ ରାଜଧାନୀ ଫେରିଥିବା ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ ସୂଚନା ଦେଇଛନ୍ତି। ୨ମାସ ତଳେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଜଣେ ଅଭିଯୁକ୍ତ ଏକ ବସ୍ ଚୋରି କରି ଫେରାର ହୋଇଥିଲେ। ପୋଲିସ ଏ ସମ୍ପର୍କରେ ସୂଚନା ପାଇବା ପରେ କଟକରେ ଉକ୍ତ ବସ୍‌ଟିକୁ ଅଟକାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଓଡ଼ିଶାର କ୍ଷୁଦ୍ର ଚଳଚ୍ଚିତ୍ରକୁ ୩ ଅନ୍ତର୍ଜାତୀୟ ପୁରସ୍କାର

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)




ଓଡ଼ିଶାରୁ ନିର୍ମିତ କରୋନା ଆଧାରିତ ସାଇଲେଣ୍ଟ ଶର୍ଟ ଫିଲ୍ମ 'ୱାରିଅର୍ସ ୱାର୍ ୱିଦିନ' ୩ଟି ଅନ୍ତର୍ଜାତୀୟ ପୁରସ୍କାର ପାଇଛି। ଚଳଚ୍ଚିତ୍ର ନିର୍ମାତା ତଥା ଅଭିନେତା ଗଜେନ୍ଦ୍ର କୁମାର ପାଢୀଙ୍କ ୧୨ ମିନିଟ୍ ୨୨ ସେକେଣ୍ଡର ଏହି ଫିଲ୍ମ ଚଳିତବର୍ଷ ଆମେରିକା, ଭୁଟାନ ଓ ସିଙ୍ଗାପୁରଠାରେ ଅନୁଷ୍ଠିତ ୩ ଚଳଚ୍ଚିତ୍ର ମହୋତ୍ସବରେ ସ୍ଥାନ ପାଇବା ସହ ପୁରସ୍କୃତ ହୋଇଛି। ଏହାବାଦ୍ ଗୋଲ୍ଡେନ୍ ବ୍ରିଜ୍ ଇସ୍ତାନବୁଲ୍ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ଓ ଆନାଟୋଲିଆ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶନ ପାଇଁ ମନୋନୀତ ହୋଇଛି।

ଏହି ଫିଲ୍ମଟି ଆଗଧାଡ଼ିର କରୋନା ଯୋଦ୍ଧା କୁହାଯାଉଥିବା ଜଣେ ନର୍ସଙ୍କ କର୍ତ୍ତବ୍ୟନିଷ୍ଠା ଉପରେ ପର୍ଯ୍ୟବସିତ। ଜଣେ ମା' ଭଳି କରୋନା ରୋଗୀଙ୍କ ସେବା କରୁଥିବା ନର୍ସ ଜଣକ ଘରେ ଛାଡ଼ି ଆସିଥିବା ନିଜ କ୍ଷୀରଖିଆ ଛୋଟ ଛୁଆକୁ ଚାହୁଁଥିଲେ ବି କୋଳେଇ ପାରୁନାହାନ୍ତି। ଏପଟେ କରୋନା ଲଢ଼େଇ, ସେପଟେ ମା' କୋଳଠାରୁ ଦୂରରେ ଥିବା ନିଜର ଛୁଆ - ଏମିତି କେତେକ ଦୃଶ୍ୟକୁ ନେଇ ଫିଲ୍ମର କାହାଣୀ ଗତିଶୀଳ ହୋଇଛି। ଚଳଚ୍ଚିତ୍ରରେ ନିର୍ମାତା କୌଣସି ଭାଷା ବ୍ୟବହାର ନ କରି ମଧ୍ୟ ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି। କୋଭିଡ୍ ନିୟମକୁ ପାଳନ କରି ମାତ୍ର ଗୋଟିଏ ଦିନରେ ଏହି ଫିଲ୍ମର ଶୁଟିଂ କରାଯାଇଛି। ଏହି ପୁରସ୍କାରକୁ ନିର୍ମାତା ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଫିଲ୍ମର ଏଡିଟିଂ ଓ ମ୍ୟୁଜିକ୍‌ରେ ଅମ୍ବିକେଶ କୁନାଲ ହୋତା ଥିବାବେଳେ କ୍ୟାମେରା ଓ ଲାଇଟ୍ ଦାୟିତ୍ୱ ତୁଲାଇଛନ୍ତି ଗଗନ କୁମାର ରାଉତ। ମୁଖ୍ୟ ଭୂମିକାରେ ଗାୟତ୍ରୀ ରଥ ନିଖୁଣ ଅଭିନୟ କରିଛନ୍ତି।

## ଫିକା ପଡ଼ିଲା ଦକ୍ଷିଣକାଳୀଙ୍କ ପୂଜା

ସାକ୍ଷୀଗୋପାଳ,୧୫।୧୧(ଡି.ଏନ୍.ଏ.)

ପୁରୀ ଜିଲା ସତ୍ୟବାଦୀ ବ୍ଲକ ବୀରଗୋବିନ୍ଦପୁର ଗ୍ରାମରେ ମା' ଦକ୍ଷିଣକାଳୀଙ୍କ ପୂଜା କରୋନା କଟକଣା ପାଇଁ ଚଳିତବର୍ଷ ଫିକା ପଡିଯାଇଛି। ଭିଡ଼କୁ ଲକ୍ଷ୍ୟକରି ସେଠାରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା। ଫଳରେ ବର୍ଷକୁ ଗୋଟିଏ ଦିନ ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତିରେ ମହାଭୈରବୀ ବେଶ ଦର୍ଶନ ଓ ପୂଜାର୍ଚ୍ଚନା କରି ନ ପାରି ଶ୍ରଦ୍ଧାଳୁମାନେ ନିରାଶରେ ଫେରିଛନ୍ତି। ଶନିବାର ଜଳକଳସ ସଂଗ୍ରହ, ଘଟ ସ୍ଥାପନ, ପଞ୍ଚ ଦେବ ପୂଜା, ନିଶାର୍ଦ୍ଧରେ କାଳୀପୂଜା, ହୋମ, ମୃଣ୍ମୟୀ ମୂର୍ତ୍ତିଙ୍କ ପ୍ରାଣ ପ୍ରତିଷ୍ଠା, ଜପ, ଜୀବନ୍ୟାସ, ବଳୀ, ଆଳତି, ଖେଚୁଡିଭୋଗ, ପଣାଭୋଗ ଓ ମହାପ୍ରସାଦ ସମର୍ପଣ କରାଯାଇଥିଲା। ରବିବାର ସକାଳୁ ଦେବୀଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରହିଥିଲେ ମଧ୍ୟ ଶ୍ରଦ୍ଧାଳୁମାନେ ପୀଠକୁ ଆସିପାରି ନଥିଲେ। ଏପରିକି ଦେବୀଙ୍କ ସମ୍ମୁଖ ମୁଖ୍ୟ ଗ୍ରୀଲଗେଟକୁ ବନ୍ଦ ରଖାଯାଇଥିଲା। ସତ୍ୟବାଦୀ ତହସିଲଦାର ମନୋଜ କୁମାର ନାୟକ ଓ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ଓ ଅଗ୍ନିଶମ କର୍ମଚାରୀ ମୁତୟନ ରହିଥିଲେ। ଗ୍ରାମର ମହାଜନ କୋଠ ପକ୍ଷରୁ ମନ୍ଦିରକୁ ଆକର୍ଷଣୀୟ ଭାବେ ସଜା ଯାଇଥିଲା। ଦେବୀଙ୍କ ପୂଜାନୀତି ସମ୍ପାଦନ ସହ ବିସର୍ଜନ ଶୋଭାଯାତ୍ରା ଭାର୍ଗବୀ ନଦୀ ଦେବୀଘାଟକୁ ନିଆଯାଇ ବିଳମ୍ବିତ ରାତ୍ରିରେ ବିସର୍ଜନ କରାଯାଇଛି। ଅନୁରୂପ ଭାବେ ସମଯାଜପୁରର ଉଗ୍ରତାରା ଓ ବୀରପ୍ରତାପପୁରର କାମରୂପାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା।



## ପୂର୍ବତଟ ରେଳପଥକୁ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତ ରାଷ୍ଟ୍ରୀୟ ସମ୍ମାନ

ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)

ଭାରତୀୟ ରେଳପଥର ସବୁପ୍ରକାର କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୂର୍ବତଟ ରେଳପଥକୁ ସମ୍ମାନଜନକ 'ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତ ବେଷ୍ଟ ଜୋନାଲ ରେଲ୍‌ୱେ ସିଲ୍ଡ -୨୦୨୦' ମିଳିବ। ଯେକୌଣସି ଜୋନାଲ ରେଳପଥ ପାଇଁ ଏହା ଅତ୍ୟନ୍ତ ସମ୍ମାନଜନକ ଓ ପୂର୍ବତଟ ରେଳପଥ ତୃତୀୟଥର ପାଇଁ ଏହି ସମ୍ମାନରେ ସମ୍ମାନିତ ହେବ। ଏହା ପୂର୍ବରୁ ପୂର୍ବତଟ ରେଳପଥ ୨୦୦୮-୦୯ ଓ ୨୦୧୫-୧୬ରେ ଏହି ପୁରସ୍କାର ଗ୍ରହଣ କରିଥିଲା।

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତଙ୍କ ସ୍ମୃତିରେ ପ୍ରତିଷ୍ଠିତ ଏହି ସମ୍ମାନ ପ୍ରତିବର୍ଷ ଜୋନାଲ ରେଳପଥକୁ ଦିଆଯାଏ। ସମସ୍ତ ଜୋନାଲ ରେଳପଥ ମଧ୍ୟରେ ଯାହାର ପ୍ରଦର୍ଶନ ସର୍ବୋତ୍ତମ ବୋଲି ବିବେଚନା କରାଯାଏ, ଉକ୍ତ ରେଳପଥ ହିଁ ଏହି ସମ୍ମାନ ପାଇବାକୁ ହକ୍‌ଦାର ହୋଇଥାଏ। ଚୟନବେଳେ ଆୟ, ପଣ୍ୟ ପରିବହନ, ସମୟାନୁବର୍ତ୍ତିତା, ଯାତ୍ରୀ ସେବା, ଦୁର୍ଘଟଣା, ମରାମତି, କୋଚ୍, ଶକ୍ତି ଉପଯୋଗ, ଷ୍ଟକ୍, ମାନବସମ୍ବଳ, ସିଗ୍‌ନାଲ ଓ ଟେଲିକମ୍ ଯନ୍ତ୍ରାଂଶ, ଟ୍ରାକ୍ ନବୀକରଣ, ଟିକେଟ ଚେକିଂ, ସ୍କ୍ରାପ୍ ଅପସାରଣ ଆଦିକୁ ବିଚାରକୁ ନିଆଯାଇଥାଏ। ତେବେ ଜାତୀୟ ରେଳପଥ ପୁରସ୍କାର ବିତରଣ ଉତ୍ସବରେ ରେଳମନ୍ତ୍ରୀ ପୀୟୁଷ ଗୋୟଲ ଏହି ସମ୍ମାନ ହସ୍ତାନ୍ତର କରିବେ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

ମିଳିଥିବା ସୂଚନାନୁସାରେ, ୨୦୧୯-୨୦ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୨୦୦.୮୫ ନିୟୁତ ଟନ୍ ମାଲ ପରିବହନ କରିଥିଲା। ଏହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୪.୭୩% ବୃଦ୍ଧି ଘଟିଥିଲା। ଏହାବ୍ୟତୀତ ପୂର୍ବତଟ ରେଳପଥ ମଧ୍ୟ ରାଷ୍ଟ୍ରୀୟ ରେଳପଥ ପୁରସ୍କାର ବିତରଣ ସମାରୋହରେ ଟ୍ରାଫିକ୍ ପରିବହନ ସିଲ୍ଡ, ଆକାଉଣ୍ଟସ୍ ଆଣ୍ଡ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ସିଲ୍ଡ ଓ ସେଲ୍ସ ମ୍ୟାନେଜମେଣ୍ଟ ସିଲ୍ଡ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛି।

## ରୋଷ୍ଟର ଡ୍ୟୁଟି କରିବେନି ଗଣଶିକ୍ଷା ବିଭାଗ କର୍ମଚାରୀ


ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଫିସର ଓ କର୍ମଚାରୀମାନେ ଆଉ ରୋଷ୍ଟର ଡ୍ୟୁଟି କରିବେ ନାହିଁ। ପ୍ରତ୍ୟେକ କାର୍ଯ୍ୟ ଦିବସରେ କର୍ମଚାରୀମାନେ ଅଫିସ ଆସିବେ। କେବଳ କରୋନା ଲକ୍ଷଣ ଥିବା କର୍ମଚାରୀ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅନୁମତି ନେଇ ହୋମ୍ ଆଇସୋଲେଶନରେ ରହିବେ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କେବଳ ନଭେମ୍ବର ମାସ ପାଇଁ ରୋଷ୍ଟର ବ୍ୟବସ୍ଥା ପ୍ରତ୍ୟାହାର କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

## ୫ ନୂଆ ପ୍ରଜାତିର ସାପ ଆବିଷ୍କାର କଲେ ଓଡ଼ିଆ ବୈଜ୍ଞାନିକ

ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)


ଡ. ଅଶୋକ କୁମାର ମଲ୍ଲିକ



ସାପ ଗବେଷଣା କ୍ଷେତ୍ରରେ ଓଡ଼ିଆ ବୈଜ୍ଞାନିକ ଡ. ଅଶୋକ କୁମାର ମଲ୍ଲିକ ଏକ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ତାଙ୍କ ନେତୃତ୍ୱରେ ଭାରତୀୟ ବୈଜ୍ଞାନିକ ଟିମ୍ ଏକକାଳୀନ ୫ ପ୍ରଜାତିର ସାପ ଆବିଷ୍କାର କରିଛନ୍ତି। ଏହା ବିଶ୍ୱର ଅନ୍ୟତମ ଲୋକପ୍ରିୟ ଟ୍ୟାକ୍ସୋନୋମି ଜର୍ନାଲ 'ଜୁଟାକ୍ସା'ରେ ପ୍ରକାଶିତ ହୋଇଛି। ଅଶୋକ ଓ ଅନ୍ୟ ୫ଜଣ ଭାରତୀୟ ବୈଜ୍ଞାନିକଙ୍କ ଏହି ଗବେଷଣା ପ୍ରକାଶିତ ହେବାପରେ ଗ୍ରୀନ୍ ଭାଇନ୍ ସ୍ନେକ ବା ଲାଉଡଙ୍କିଆ ଶ୍ରେଣୀର ଏହି ୫ ନୂଆ ପ୍ରଜାତିର ସାପଙ୍କୁ ମାନ୍ୟତା ମିଳିଛି।

ଅଶୋକ ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲା ଡେରାବିଶି କଲେଜ ପ୍ରାଣୀ ବିଜ୍ଞାନ ବିଭାଗରେ ଅଧ୍ୟାପନା କରୁଛନ୍ତି। ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରେ ପିଏଚ୍‌ଡି କରିବାବେଳେ ସେ ଏହି ଗବେଷଣା କରିଥିଲେ। ଗବେଷଣା ସମୟରେ ଅଶୋକ ଓ ସହକର୍ମୀମାନେ ଆବିଷ୍କାର କରିଥିବା ସାପଗୁଡ଼ିକ ହେଲା, ଆହାତୁଲା ମାଲାବାରିକା (ahaetulla malabarica), ଆହାତୁଲା ଫର୍ନ୍ସୱର୍ଦ୍ଦି (ahaetulla farnsworthi), ଆହାତୁଲା ବୋରିଆଲିସ (ahaetulla borealis), ଆହାତୁଲା ଟ୍ରାଭାନ୍‌କୋରିକା (ahaetulla travancorica) ଓ ଆହାତୁଲା ସାହ୍ୟାଡ୍ରେନ୍‌ସିସ (ahaetulla sahyadrensis)। ଭାରତର ପଶ୍ଚିମଘାଟ ଓ ଅନ୍ୟ ସ୍ଥାନରେ ଦେଖାଯାଉଥିବା ଲାଉଡଙ୍କିଆ ପ୍ରଜାତିର ଏହି ସମସ୍ତ ସାପଙ୍କର ଡିଏନ୍‌ଏ ସାମ୍ପୁଲ ଷ୍ଟଡି କରି ଅଶୋକଙ୍କ ଟିମ୍ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି। ଅଶୋକଙ୍କ ସହିତ ମୁମ୍ବାଇ ନାଚୁରାଲ ହିଷ୍ଟ୍ରି ସୋସାଇଟି ଓ ଚେନ୍ନାଇ ସ୍ନେକ ପାର୍କର ଗବେଷକ ଏହି ଗବେଷଣାରେ ସାମିଲ ଥିଲେ।

ଏ ସମ୍ପର୍କରେ ଅଶୋକ କୁହନ୍ତି, ୧୧ଟି ରାଜ୍ୟରୁ ଅନୁମତି ମିଳିବା ପରେ ୨୦୦୮ରୁ ଗବେଷଣା ଆରମ୍ଭ ହୋଇଥିଲା। ତେବେ ଗୋଟିଏ ଜର୍ନାଲରେ ଏକାଥରକେ ୫ଟି ନୂଆ ପ୍ରଜାତିର ସାପ ଆବିଷ୍କାର ସଂକ୍ରାନ୍ତରେ ପ୍ରକାଶିତ ହୋଇଥିବାରୁ ବହୁତ ଖୁସି ଲାଗୁଛି। ସ୍ନେକ ହେଲ୍ପଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଏନେଇ ଅଶୋକଙ୍କୁ ପ୍ରଶଂସା କରି କହିଛନ୍ତି, ଗବେଷଣାର ଗୋଟିଏ ପେପରରେ ୫ଟି ନୂଆ ପ୍ରଜାତି ସାପ ଆବିଷ୍କାର କରିବାରେ ଅଶୋକ ଓ ତାଙ୍କ ସହଯୋଗୀ ପ୍ରଥମ ଭାରତୀୟ ଗବେଷକ ହେବାର ଗୌରବ ଲାଭ କରିଛନ୍ତି। କୌଣସି ବିଦେଶୀ ସାପ ବିଶେଷଜ୍ଞଙ୍କ ବିନା ସାହାଯ୍ୟରେ ସେମାନେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ୧୯୦୦ ମସିହାରେ କେବଳ ଇଂରେଜ ବା ଅନ୍ୟ ବିଦେଶୀ ବୈଜ୍ଞାନିକମାନେ ହିଁ ଏପରି ଆବିଷ୍କାରକୁ ସମ୍ଭବ କରିଥିଲେ।

## ବଟି ମାଗି ଜଣେ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ନୟାପଲ୍ଲୀ ଥାନା ଅଞ୍ଚଳରେ ଦାଦାବଟି ମାଗିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ବାଲିତୁଠ ସାହିର କାର୍ତ୍ତିକ ନାୟକ। ନୟାଗଡ଼ ଜିଲା ରଣପୁରର ହୁସେନ ଖାଁ ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀ ବିହାରରେ ରୁହନ୍ତି। କାର୍ତ୍ତିକ ଓ ତାଙ୍କ ସହଯୋଗୀ ୧୩ ତାରିଖରେ ହୁସେନ ନୂଆପଲ୍ଲୀ ଥାନା ସିଆରପି ନିକଟରେ ଥିବା ପେଟ୍ରୋଲ ପମ୍ପକୁ ପେଟ୍ରୋଲ ପକାଇବାକୁ ଆସିଥିବାବେଳେ ବଟି ମାଗିଥିଲେ। ହୁସେନ ମନା କରିବାରୁ ସେମାନେ ତାଙ୍କ ପାଖରେ ଥିବା ୫ଶହ ଟଙ୍କା ଛଡ଼ାଇ ନେଇଯାଇଥିଲେ।

## ସଂକ୍ଷେପରେ

### ଗୋପ ବ୍ଲକ ଯୁବ ବିଜେଡି ସଭାପତି ବାଲୁଙ୍କେଶ୍ୱର

ଗୋପ,୧୫।୧୧(ଡି.ଏନ୍.ଏ.)- ଇଡିଭୂଆ ପଞ୍ଚାୟତର ଯୁବନେତା ବାଲୁଙ୍କେଶ୍ୱର ସାହୁଙ୍କୁ ଗୋପ ବ୍ଲକ ଯୁବ ବିଜୁ ଜନତା ଦଳର ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତିଙ୍କ ଅନୁମୋଦନ କ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିଯୁକ୍ତି ଦେଇଛନ୍ତି। ଏଥିଯୋଗୁ ସାହୁ ନିମାପଡ଼ା ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କାକଟପୁର ବିଧାୟକ ତଥା କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ସାଧୁବାଦ ଜଣାଇଛନ୍ତି।

### ପାଇକ ସମାବେଶ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା ଅଫିସ, ୧୫।୧୧: ଭାରତୀୟ ମୁକ୍ତି ସଂଗ୍ରାମରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ମାନ୍ୟତା ମିଳିଛି। ଏହାର ଦୁଇଶହ ବର୍ଷ ପୂର୍ତ୍ତି ଅବସରରେ ଗତବର୍ଷ ଡିସେମ୍ବର ୮ରେ ରାଷ୍ଟ୍ରପତି ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ଶିଳାନ୍ୟାସ କରିଥିଲେ। ଏହି ସ୍ମୃତି ସ୍ୱରୂପ ଆସନ୍ତା ଡିସେମ୍ବର ୮ରେ ପାଇକ ସମାବେଶ ଆୟୋଜନ ପାଇଁ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରବିବାର ସଂଘ ଉପଦେଷ୍ଟା ଭୀମସେନ୍ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରସ୍ତାବିତ ସ୍ଥଳରୁ ଜବରଦଖଲ ଉଚ୍ଛେଦ ଏବଂ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ଦାବି ହୋଇଥିଲା। ଅନୁଷ୍ଠାନର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଇଂ. ଶିଶିର କୁମାର ପରିଡ଼ା, ଶ୍ରୀରଞ୍ଜନ ମଙ୍ଗରାଜ, ସତ୍ୟବାଦୀ ବଳିଆରସିଂ, ରମ୍ଜାନ ଖାଁ, ରମେଶ ଚନ୍ଦ୍ର ପାତାଳସିଂହ, ସଂଗ୍ରାମ କେଶରୀ ଜଗଦେବ, ରାମଚଣ୍ଡୀ ଦଳବେହେରା, ମୃତ୍ୟୁଞ୍ଜୟ ଛୋଟରାୟ, ଅବନୀକାନ୍ତ ଜେନା, ଧରଣୀଧର ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ସଂଯୋଗ ଦାବିରେ ଧାରଣା

ପୁରୀ ଅଫିସ,୧୫।୧୧: ଘରକୁ ବିଦ୍ୟୁତ୍ ସଂଯୋଗ ଦାବି ନେଇ ରବିବାର ସେସୁର ସ୍ୱର୍ଗଦ୍ୱାର ସେକ୍ସନ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ବାପ ଓ ଝିଅ ଧାରଣାରେ ବସିଛନ୍ତି। ଘଣାମଲ୍ଲ ସାହିର ସୁବଳ ଚନ୍ଦ୍ର ଆପଟ ଓ ତାଙ୍କ ଝିଅ ପୂର୍ବାହ୍ନରୁ ରାତି ୮ଟା ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ସେମାନେ କହିଛନ୍ତି ଯେ, ବକେୟା ବିଦ୍ୟୁତ୍ ବିଲ୍ ପଇଠ କରି ନ ଥିବାରୁ ତାଙ୍କର ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି।

### ଜୟୀ ରାଜଗୁରୁ ଜୟନ୍ତୀ ପ୍ରସ୍ତୁତି ବୈଠକ

ପୁରୀ ଅଫିସ,୧୫।୧୧: ଆସନ୍ତା ୨୩ ତାରିଖରେ ଶହୀଦ ଜୟୀ ରାଜଗୁରୁଙ୍କ ଜନ୍ମୋତ୍ସବ ଏବଂ ଡିସେମ୍ବର ୬ରେ ଶ୍ରାଦ୍ଧୋତ୍ସବ ପାଳନ ଲାଗି ଶନିବାର ସାଲବେଗ ସ୍ମୃତିପୀଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚକ୍ରଧର ମହାପାତ୍ର ସଭାପତିତ୍ୱ କରିଥିବାବେଳେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ମୁଖ୍ୟ ଉପଦେଷ୍ଟା ନୃସିଂହ ମିଶ୍ର ଏବଂ ସମ୍ପାଦକ ଶିବପ୍ରସାଦ ମିଶ୍ର ସାଙ୍ଗଠନିକ କାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିଲେ। ଜୟୀ ରାଜଗୁରୁ ସ୍ମୃତି ପରିଷଦ ନାଁରେ ପୂର୍ବରୁ ଏକ ଅନୁଷ୍ଠାନ ରେଜିଷ୍ଟ୍ରେଶନ ହୋଇସାରିଛି। ତେଣୁ ସେମାନଙ୍କ ଅନୁଷ୍ଠାନର ନାମ ପରିବର୍ତ୍ତନ କରାଯାଇ ଶହୀଦ ଜୟୀ ରାଜଗୁରୁ ଫାଉଣ୍ଡେଶନ ଓଡ଼ିଶା ରଖିବା ଲାଗି ସ୍ଥିର କରାଯାଇଥିଲା।

### ଭାଜପା ବୈଠକ

ଟାଙ୍ଗୀ(ଖୋର୍ଦ୍ଧା),୧୫।୧୧(ଡି.ଏନ୍.ଏ.)- ଭାରତୀୟ ଜନତା ପାର୍ଟି ଟାଙ୍ଗୀ ମଣ୍ଡଳର ଏକ ସାଂଗଠନିକ ବୈଠକ ମଙ୍ଗଳା ଯୋଡ଼ିସ୍ଥିତ ବୁଢ଼ୀ ତାରାଦେବୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତା ଯୋଗଦେଇ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ସଙ୍ଗଠିତ ହୋଇ ଲଢ଼ିବାକୁ ପ୍ରସ୍ତୁତ ହୋଇଥିଲେ। ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର କଳସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ରାଜ୍ୟ ପରିଷଦ ସଭ୍ୟ ରଘୁନାଥ ସାହୁ, ଲକ୍ଷ୍ମୀକାନ୍ତ ମିଶ୍ର, କିଶୋର ବରାଳ ପ୍ରମୁଖ ଯୋଗଦେଇଥିଲେ। ମଣ୍ଡଳ କୋଷାଧ୍ୟକ୍ଷ ଅରୁଣ ଛୋଟରାୟ, ଗୋବିନ୍ଦ ରାୟ, ସମିତି ସଭ୍ୟ ଯୁଧିଷ୍ଠିର ସାହୁ, ରାମଚନ୍ଦ୍ର ପରିଡ଼ା, ବାସୁଦେବ ମହାରଣା, ଯୁବମୋର୍ଚ୍ଚା ସଭାପତି ଶିବପ୍ରସାଦ ପରିଡ଼ା, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ବେହେରା ପ୍ରମୁଖ ଉପସ୍ଥିତଥିଲେ। ମଣ୍ଡଳ ସମ୍ପାଦକ ସୂର୍ଯ୍ୟମଣି ସାହୁ ଧନ୍ୟବାଦ ଦେଇଥିଲେ।

# ବିକ୍ରି ହେଉଛି ନକଲି ଗ୍ୟାଷ୍ଟ୍ରିକ ଔଷଧ

କଟକ ଅଫିସ,୧୫।୧୧

କଟକ ଜିଲାର ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି ନକଲି ଗ୍ୟାଷ୍ଟ୍ରିକ ଔଷଧ। ରୋଗୀ ଏହାକୁ ଖାଇବା ପରେ ପାର୍ଶ୍ୱ ପ୍ରତିକ୍ରିୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ହେଲେ ଏହାକୁ ବିକ୍ରି କରି ପ୍ରସ୍ତୁତକାରୀ କମ୍ପାନୀ, ହୋଲ୍‌ସେଲର ଓ ଖୁଚୁରା ଦୋକାନୀ ମାଲାମାଲ ହେଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କଟକ ସହର ଓ ଜିଲାର ଅନ୍ୟ ଅଞ୍ଚଳର କେତେଜଣ ରୋଗୀ ଗ୍ୟାଷ୍ଟ୍ରିକ ଓ ଏସିଡିଟି କାରଣରୁ ସୁକ୍ରାଲ ଏବଂ ସୁକ୍ରାଲ-ଓ ନାମକ ଔଷଧ ଖାଇଥିଲେ। ଏହା ପରେ ରୋଗ ନ କମିବା ସହ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିଲା। ଏ ନେଇ ଅଭିଯୋଗ ପାଇବା ପରେ କଟକ ଭେଷଜ ନିରୀକ୍ଷକ-୧ ଓ ୩ ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲେ। ଉଭୟ ଭେଷଜ ନିରୀକ୍ଷକ ତଦନ୍ତରୁ ଜାଣିବାକୁ ପାଇଲେ ଯେ କଲିକତାର କମ୍ପାନୀ ଷ୍ଟାସେନବର୍ଗ ପ୍ରସ୍ତୁତ କରୁଥିବା ସୁକ୍ରାଲ ଏବଂ ସୁକ୍ରାଲ-ଓ ବ୍ରାଣ୍ଡର ନକଲି ଔଷଧ କଟକରେ ତିଆରି ହେଉଛି। ଏହି ନକଲି ଔଷଧଗୁଡ଼ିକୁ ହୋଲ୍‌ସେଲରମାନେ ଖୁଚୁରା ବ୍ୟବସାୟୀଙ୍କୁ ଶତ ପ୍ରତିଶତ ବୋନସ ଦେଇ ବିକ୍ରି କରୁଥିବା ସ୍ଥଳେ ଅସଲ କମ୍ପାନୀ ପକ୍ଷରୁ କୌଣସି ସ୍କିମ ନ ଥିବା କୁହାଯାଇଛି। ତେଣୁ ଉଭୟ ଭେଷଜ ନିରୀକ୍ଷକ ପୃଥକ୍ ଭାବେ ଚଢ଼ାଉ କରି ୩ଟି ହୋଲ୍‌ସେଲ ଓ ଦୁଇଟି ଖୁଚୁରା ଦୋକାନୀଙ୍କ ବିରୋଧରେ କଟକ ଉପଜିଲାପାଳ ଓ ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ଠାରେ ମାମଲା ରୁଜୁ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ବ୍ୟକ୍ତିଙ୍କ ବାବଦରେ ଖୋଳତାଡ଼ ଚାଲିଥିବା ସହ ତଦନ୍ତ ଜାରି ରହିଛି। ଏହି କାରବାରର ଚେର କେନ୍ଦ୍ରାପଡ଼ା ଯାଏ ଲମ୍ବିଥିବା ଜଣାପଡିଛି। ବର୍ଷକ ପୂର୍ବେ କେନ୍ଦ୍ରାପଡାର ଜଣେ ବ୍ୟବସାୟୀ ଏହି ବ୍ରାଣ୍ଡର ନକଲ ତିଆରି କରିବା ଜଣାପଡିବା ପରେ ସେବେଠାରୁ ସେ ଫେରାର ଅଛନ୍ତି।




ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଆଲିଶା ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଶିଶୁ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଶିଶୁମାନେ।

# ରାସ୍ତାରୁ ପାଇଥିବା ପର୍ସ ଫେରାଇଲେ ଶୁଭଶ୍ରୀ

କଣାସ,୧୫।୧୧(ସ୍ୱ.ପ୍ର.)

ନିମାପଡ଼ା ନିକଟ ଓଲିମାପଡ଼ା ଝିଲିଶାସନର ଶୁଭଶ୍ରୀ ରଥ ରାସ୍ତାରୁ ଏକ ମନିପର୍ସ ପାଇବା ସହ ପର୍ସ ହଜାଇଥିବା ବ୍ୟକ୍ତିଙ୍କୁ ଖୋଜି ତାଙ୍କୁ ଫେରାଇଛନ୍ତି। ହଜିଥିବା ପର୍ସ ପାଇ ବ୍ୟକ୍ତି ଜଣକ ଶୁଭଶ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି। ସୂଚନାଥାଉ କି, ଶୁଭଶ୍ରୀ ଓ ତାଙ୍କ ସ୍ୱାମୀ କ୍ଷେତ୍ରମୋହନ ଗତ ୧୩ତାରିଖ ଦିନ କଣାସ ବ୍ଲକରେ ଥିବା ଏକେଏସ୍ଏସ୍ ସଙ୍ଗଠନକୁ କୌଣସି କାର୍ଯ୍ୟରେ ଆସିଥିଲେ। ସନ୍ଧ୍ୟାରେ ଉଭୟେ କଣାସ ବଜାରକୁ ଫେରୁଥିବା ବେଳେ ଦୋକନ୍ଦା ଗ୍ରାମର ବାବା ନୀଳକଣ୍ଠେଶ୍ୱର ମନ୍ଦିର ସାମ୍ନା ରାସ୍ତାରେ ଏକ ମନିପର୍ସ ପଡ଼ିଥିବା ଦେଖି ଶୁଭଶ୍ରୀ ଉଠାଇଥିଲେ। ପର୍ସ ଭିତରେ ୬୩୩୦ଟଙ୍କା ଏବଂ କେତେକ ଏଟିଏମ୍ ଏବଂ ଜରୁରୀ କାଗଜପତ୍ର ଥିବା ଦେଖିଥିଲେ। କାଗଜପତ୍ର ମଧ୍ୟରେ ମନୋରମା ଜୁଏଲେରୀ କଣାସର ଏକ ରସିଦ୍ ଥିବା ଦେଖି ସେହି ଦୋକାନକୁ ଯାଇଥିଲେ। ସେଠାରେ କେଉଁ ବ୍ୟକ୍ତିଙ୍କ ଏହି ରସିଦ୍ ବୋଲି ଦୋକାନୀ ସୁବାସ ଚନ୍ଦ୍ର ମହାପାତ୍ରଙ୍କୁ ପଚାରିଥିଲେ। ସୁବାସ ରସିଦ୍‌ଟି ସେବତୀପୁର ପଶ୍ଚିମପାରୀ ଜମେଶ୍ୱର ସ୍ୱାଇଁଙ୍କର କହିବାପରେ ଜମେଶ୍ୱରଙ୍କୁ ଖବର ଦିଆଯାଇଥିଲା। ଜମେଶ୍ୱର ସେଠାରେ ପହଞ୍ଚିବା ପରେ ଦୋକାନୀଙ୍କ ଉପସ୍ଥିତିରେ ଶୁଭଶ୍ରୀ ଜମେଶ୍ୱରଙ୍କ ପର୍ସ ଫେରାଇଥିଲେ।

## ବିନୋବାଙ୍କ ଶ୍ରାଦ୍ଧ ଦିବସ

ପୁରୀ ଅଫିସ,୧୫।୧୧

ଆଚାର୍ଯ୍ୟ ବିନୋବା ଭାବେ ଗବେଷଣା କେନ୍ଦ୍ର ପକ୍ଷରୁ ରବିବାର ସର୍ବୋଦୟ ନଗରଠାରେ ବିନୋବା ଭାବେଙ୍କ ୩୮ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ପ୍ରଭାକର ମିଶ୍ରଙ୍କ ଅଧ୍ୟକ୍ଷତାରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବିନୋବାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେମାନେ ବିନୋବାଙ୍କ ତ୍ୟାଗମୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ଶିକ୍ଷାବିତ୍ ପ୍ରମୋଦା ଦେବୀ, ଗାନ୍ଧୀବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା, ଅଶୋକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ପୁରୀ ଅଫିସ, ୧୫।୧୧

ଏକ ବଡ଼ଧରଣର ଡକାୟତି ପାଇଁ ଯୋଜନା ଚାଲିଥିବାବେଳେ ତାଳବଣିଆ ଥାନା ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତାଳବଣିଆ ଥାନା ମକୁବନର ଅଭିଜିତ ରାୟ, ଚନ୍ଦନପୁରର ବିପ୍ଳବ ଜେନା, ଲୋକନାଥ ରୋଡର ସଞ୍ଜୟ ଦାସ, ସିଦ୍ଧମହାବୀରର ଅବ ପ୍ରଧାନ ଏବଂ ଗୋଖାସାହିର ମୁନା ବେହେରା। ଏମାନଙ୍କଠାରୁ ୨ଟି ଲୁହାରଡ଼୍, ୫ଟି ମୁଖା, ୩ଟି ଟର୍ଚ୍ଚ ଏବଂ ଗୋଟିଏ ହାତବୋମା ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ. ୧୭୯/୨୦) ରୁଜୁ ହୋଇଛି। ରବିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ଶନିବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିଲା। ବିଳମ୍ବିତ ରାତିରେ କେତେଜଣ ଯୁବକ ହୁଲୁହୁଲିଆ ପୋଲ ପାଖରେ ବସି ଡକାୟତି ଯୋଜନା କରୁଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ପୋଲିସ ଗାଡ଼ି ଦେଖି ସେମାନେ ରେଲୱେ ଟ୍ରାକରେ ଦୌଡ଼ିବାକୁ ଲାଗିଥିଲେ। ଏପରି କି ପୋଲିସ କର୍ମଚାରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବାକୁ ମଧ୍ୟ ଚେଷ୍ଟା କରିଥିଲେ। ମାତ୍ର ପୋଲିସ ସେମାନଙ୍କୁ କାବୁ କରିଥିଲା।

# ଗ୍ରାମରକ୍ଷୀଙ୍କୁ କଟୁରିରେ ଆକ୍ରମଣ

ପିପିଲି,୧୫।୧୧(ସ୍ୱ.ପ୍ର.)

**ଘଟଣା ପଛରେ ବ୍ରାଉନ ସୁଗାର କାରବାର**

ପିପିଲି ଥାନା ଅଧୀନ ଶିଶୁ ଉଦ୍ୟାନ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଗ୍ରାମରକ୍ଷୀଙ୍କୁ ଚାରିଜଣ ଦୁର୍ବୃତ୍ତ କଟୁରିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତେବେ ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ପୋଲିସ ସୂଚନା ଅନୁଯାୟୀ, ପିପିଲି ପୌରାଞ୍ଚଳର ସାଜିଦ୍ ହୁସେନ୍ ଖାଁ ଶୁକ୍ରବାର ରାତିରେ ଶିଶୁଉଦ୍ୟାନ ରାସ୍ତାରେ ଆସୁଥିଲେ। ଏହି ସମୟରେ ଚାରିଜଣ ଯୁବକ ୨ଟି ବାଇକରେ ଆସି ଅତର୍କିତ ଭାବେ ସାଜିଦଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଆସୁଥିବାର ଦେଖି ଯୁବକମାନେ ଫେରାର ହୋଇଯାଇଥିବାବେଳେ ଜଣେ ଯୁବକଙ୍କୁ ଲୋକେ କାବୁ କରିନେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପିପିଲି ସରକାରୀ ଡାକ୍ତରଖାନା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ପିପିଲି ଥାନା ଅଧିକାରୀ ଗୌରାଙ୍ଗଚରଣ ପୃଷ୍ଟି, ଏସ୍‌ଡିପିଓ ଦେବଦତ୍ତ ବରାଳ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଜଣେ ଆକ୍ରମଣକାରୀଙ୍କୁ ଥାନାକୁ ନେଇ ପଚରା ଉଚରା କରି ଅନ୍ୟ ଜଣଙ୍କୁ ଧରିଥିଲେ। ସେମାନଙ୍କଠାରୁ ବ୍ରାଉନସୁଗାର କାରବାର କରୁଥିବା କଥା ପୋଲିସ ଜାଣିବା ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୭/୮ଜଣଙ୍କୁ ଥାନାରେ ଅଟକ ରଖିଛନ୍ତି। ପରେ ପୁରୀ ଏସ୍‌ପି ଅଖିଳେଶ ସିଂ ରବିବାର ପିପିଲି ଥାନାକୁ ଆସି ବ୍ରାଉନସୁଗାର କିଣାବିକା ସମ୍ପର୍କରେ ଅଟକ ଥିବା ଯୁବକମାନଙ୍କୁ ପଚରା ଉଚରା କରିଛନ୍ତି। ସୂଚନାଥାଉ କି, ପିପିଲି ପୌରାଞ୍ଚଳରେ ବ୍ରାଉନସୁଗାର କାରବାର ସମ୍ପର୍କରେ ପୋଲିସକୁ ତଥ୍ୟ ଦେଉଥିଲେ। ଏହି କଥା ଆକ୍ରମଣକାରୀ ଯୁବକମାନେ ଜାଣିବା ପରେ ଉତ୍କ୍ଷିପ୍ତ ହୋଇ ସାଜିଦ୍‌କୁ ଆକ୍ରମଣ କରିଥିଲେ।

## ୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ଖୋର୍ଦ୍ଧା ଅଫିସ,୧୫।୧୧

ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଟାଉନ ପୋଲିସ ରବିବାର ଜଣକୁ ଗିରଫ କରିବା ସହ ୨୨.୩ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ତ୍ରିନାଥ ମହାପାତ୍ର। ଜବତ ବ୍ରାଉନ ସୁଗାରର ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

# ଜିଲାସ୍ତରୀୟ କୃଷକ ପ୍ରତିନିଧି ସମ୍ମିଳନୀ

ନିମାପଡ଼ା,୧୫।୧୧(ଡି.ଏନ୍.ଏ.)

ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ପୁରୀ ଜିଲାସ୍ତରୀୟ ସମ୍ମିଳନୀ ନିମାପଡ଼ା ସିପିଆଇ ଅଫିସଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ଓଡ଼ିଶା କୃଷକ ସଭାର ରାଜ୍ୟ ସଭାପତି ଜନ୍ମେଶ୍ୱର ସାମନ୍ତରାୟ, ଅଖିଳ ଭାରତ କୃଷକ ମହାସଭାର ରାଜ୍ୟ ସଭାପତି ଅଶୋକ ପ୍ରଧାନ, ଚାଷୀମୂଲିଆ ସଂଘର ରାଜ୍ୟ ସଭାପତି ଶ୍ରୀକାନ୍ତ ମହାନ୍ତି, ପୁରୀ ଜିଲା କୃଷକ ନେତା ସନାତନ ପାତ୍ର, ଦେବେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ରାଉତ, ପ୍ରଦୀପ ମହାନ୍ତି, ମୋହନ ନାଇଡୁ, ବିଦ୍ୟାଧର ଦୁଳେଇ, ବିପିନ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶୋଭାଯାତ୍ରା କରି ସହର ପରିକ୍ରମା ହୋଇଥିଲା। ସମ୍ମିଳନୀରେ କିଶାନ ପଟ୍ଟନାୟକ, ଭୀମସେନ ସ୍ୱାଇଁ, ମନୋରଞ୍ଜନ ପରିଡ଼ା, ଦୂତିକୃଷ୍ଣ ସ୍ୱାଇଁ, ପ୍ରତାପ ଚହର, ଜିତେନ୍ଦ୍ରିୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍‌ଡାଉନ୍ ପରେ ଚାକିରି ନ ମିଳିବାରୁ ଚୋରି

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

**୪ ଲକ୍ଷ ଟଙ୍କାର ଷ୍ଟିଲ୍ ରଡ୍ ଜବତ: ୩ ଗିରଫ**

ଦୁଇଟି ପୃଥକ ଚୋରି ଘଟଣାରେ ପୋଲିସ ରବିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ବକ୍ସି ବଜାରର ଟି.କାଳିଆ ରାଓ(୨୫), ପଶ୍ଚିମବଙ୍ଗର ମାମିନ ଖାନ୍ (୨୬) ଓ ଜଗତପୁରର ବିଷ୍ଣୁଚନ୍ଦ୍ର ସାହୁ। କରୋନା ପରେ ମାଲିକ ଚାକିରି ନ ଦେବାରୁ କାଳିଆ ପ୍ରତିଶୋଧ ପରାୟଣ ହୋଇ ଗୋଦାମରୁ ୪ ଲକ୍ଷ ଟଙ୍କାର ଷ୍ଟିଲ୍ ରଡ୍ ଚୋରି କରିଥିଲେ। ଅଭିଯୋଗ ପରେ ଲକ୍ଷ୍ମୀସାଗର ଥାନା ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସେହିପରି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ଏକ କମ୍ପାନୀରେ ଟ୍ରାକ୍ଟର ଚାଳକ ଭାବେ କାମ କରୁଥିଲେ ମାମିନ। ଗତ ୬ ତାରିଖରେ ସେ ଉକ୍ତ କମ୍ପାନୀରୁ ଡ୍ରିଲିଂ ରଡ୍ ଚୋରି କରିଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ମାମିନଙ୍କ ସହ ଚୋରି ରଡ୍ କିଣିଥିବା ବିଷ୍ଣୁଚନ୍ଦ୍ରଙ୍କୁ ଗିରଫ କରିଥିଲା। ଉଭୟଙ୍କଠାରୁ ପୋଲିସ ୬୫ଟି ରଡ୍ ଜବତ କରିଛି।

## ପାଇକଗୁରୁ ଦୀନବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଖୋର୍ଦ୍ଧା ଅଫିସ,୧୫।୧୧

ପାଇକଗୁରୁ ଦୀନବନ୍ଧୁ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ରବିବାର ତାଙ୍କ ଜନ୍ମସ୍ଥାନ ଖୋର୍ଦ୍ଧା ଉପକଣ୍ଠ ଉଇଲକିଶନ ନଗରସ୍ଥ ବାସଭବନରେ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ମା' ଅଁଳେଇ ପାଇକ ଆଖଡ଼ା ସଂଘ ସଭାପତି ନରେନ୍ଦ୍ର କୁମାର ପୃଷ୍ଟିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଦୀନବନ୍ଧୁଙ୍କ ନେତୃତ୍ୱରେ ପାଇକ ବୀରମାନେ ଦେଶର ବିଭିନ୍ନ ସ୍ଥାନରେ ପାଇକ ଆଖଡ଼ା ପ୍ରଦର୍ଶନ କରି ଖୋର୍ଦ୍ଧା ନାମକୁ ଗୌରବାନ୍ୱିତ କରିଛନ୍ତି ବୋଲି ରାଉତରାୟ କହିଥିଲେ। କ୍ୟାପଟେନ୍ ମନ୍ମଥ ରାଉତରାୟ, କଳିଙ୍ଗ ପାଇକ ସଙ୍ଗଠନ ମୁଖ୍ୟ ଉପଦେଷ୍ଟା ଭୀମସେନ ପ୍ରଧାନ, କୃଷ୍ଣ ହରିଚନ୍ଦନ, ସଞ୍ଜୟ ପଟ୍ଟନାୟକ, ଅବନୀ ଜେନା, ରଘୁନାଥ ମଙ୍ଗରାଜ, ଡ. ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ବସ୍ କଣ୍ଡକ୍ଟରଙ୍କ ଦାଦାଗିରି

ବାରଙ୍ଗ,୧୫।୧୧(ଡି.ଏନ୍.ଏ.)

ମୋ ବସ୍ କଣ୍ଡକ୍ଟରଙ୍କ ଦାଦାଗିରି ରବିବାର ନନ୍ଦନକାନନ ଛକରେ ଦେଖିବାକୁ ମିଳିଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ବସ୍‌ଟି ଅଟକି ରହିଥିଲେ ମଧ୍ୟ ଯାତ୍ରୀଙ୍କ ଟଙ୍କା ଫେରସ୍ତ ନ ହେବାରୁ ଉତ୍ତେଜନା ଦେଖାଦେଇଥିଲା। ନନ୍ଦନକାନନ ପୋଲିସର ହସ୍ତକ୍ଷେପ ପରେ ଯାତ୍ରୀମାନେ ଟଙ୍କା ପାଇପାରିଥିଲେ। ଉକ୍ତ ବସ୍‌ଟି ୨୫ଜଣ ଯାତ୍ରୀଙ୍କୁ ଧରି ଭାୟା ଜୟଦେବ ବିହାର ଦେଇ ମାଷ୍ଟରକ୍ୟାଣ୍ଟିନ ଅଭିମୁଖେ ଯାଇଥାନ୍ତା।

# ଶ୍ରମିକଙ୍କ ଆଇନଗତ ଅଧିକାର ଲୋପ କରାଯାଇଛି




ଜିଲାସ୍ତରୀୟ ଶ୍ରମିକ କନ୍‌ଭେନସନ୍‌ରେ ଉପସ୍ଥିତ କର୍ମକର୍ତ୍ତା।

ପୁରୀ ଅଫିସ,୧୫।୧୧

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଆସନ୍ତା ୨୬ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ କରାଯିବ। ଏହି ପରିପ୍ରେକ୍ଷୀରେ ରବିବାର ପୁରୀରେ ଏକ ଜିଲାସ୍ତରୀୟ ଶ୍ରମିକ କନ୍‌ଭେନସନ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରାଯାଇଥିଲା। ନେତୃତ୍ୱମାନେ କହିଥିଲେ, ଦେଶର କୋଟି କୋଟି ଶ୍ରମିକଙ୍କ ଆନ୍ଦୋଳନ ମାଧ୍ୟମରେ ଅର୍ଜିତ ଆଇନଗତ ଅଧିକାରକୁ କେନ୍ଦ୍ର ସରକାର ଲୋପ କରି କ୍ରୀତଦାସରେ ପରିଣତ କରିଛନ୍ତି। ୨୯ଟି ଶ୍ରମ ଆଇନ ବାତିଲ କରି ୪ଟି ଶ୍ରମ ବୋର୍ଡରେ ପରିଣତ କରିବା ଯୋଗୁ ୯୦ ପ୍ରତିଶତ ଶ୍ରମିକ ଆଇନଗତ ସୁରକ୍ଷା ଓ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଦେଶବାସୀଙ୍କ ଟିକସରେ ଗଢ଼ିଉଠିଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇ ଶିଳ୍ପପତିଙ୍କୁ ବିକ୍ରି କରାଯାଉଛି। ଚାଷୀଙ୍କ ଉତ୍ପାଦିତ ଫସଲ ଦର ସରକାରୀ ଭାବେ ସ୍ଥିର କରା ନ ଯାଇ ବଡ଼ ବଡ଼ ବ୍ୟବସାୟୀଙ୍କ ହାତକୁ ଟେକି ଦିଆଯାଇଛି। ୧୯୫୫ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ରଦ୍ଦ କରିଦେବା ଫଳରେ ବ୍ୟବସାୟୀମାନେ ଖାଦ୍ୟ ସାମଗ୍ରୀକୁ ମହଜୁଦ୍ ରଖି ଦରକୁ ନିଜ ଇଚ୍ଛା ମୁତାବକ ନିୟନ୍ତ୍ରଣ କରୁଛନ୍ତି। ଏହିସବୁ ନୀତିକୁ କନ୍‌ଭେନଶନ୍‌ରେ ବିରୋଧ କରାଯାଇଛି। ଏଥିରେ ରାଜ୍ୟ ନେତା ରାମକୃଷ୍ଣ ପଣ୍ଡା, ଉଲ୍ଲାସ ସ୍ୱାଇଁ, ଅନିମା ମିଶ୍ର, ମହେନ୍ଦ୍ର ପରିଡ଼ା ଏବଂ ଜିଲାର ଜଗନ୍ନାଥ ଦେଓ, ବ୍ରଜ ପ୍ରଧାନ, ମୋହନ ନାଇଡୁ, ପ୍ରତାପ ଚିନ୍ନାରା, ଲିଟୁ ସୁବୁଦ୍ଧି, ଟୁନା ନାୟକ, କୈଳାସ ରାୟ, ଭୀମ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ସ୍ୱଚ୍ଛ ସାଥୀ, ସୁପରଭାଇଜରଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ,୧୫।୧୧

ନରେନ୍ଦ୍ରକୋଣସ୍ଥିତ ପୁରୀ ଜିଲା ବିଜେଡି କାର୍ଯ୍ୟାଳୟରେ ରବିବାର ପୁରୀ ସହରର ୩୨ ନମ୍ବର ୱାର୍ଡର ସ୍ୱଚ୍ଛ ସାଥୀ ଓ ସୁପରଭାଇଜରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଖୁବ୍ କମ୍ ଦିନରେ ସ୍ୱଚ୍ଛ ସାଥୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ପୁରୀ ସହର ପରିଷ୍କାର ପରିଚ୍ଛନ୍ନ ହୋଇଛି। ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ର ସଭା ପରିଚାଳନା କରିଥିବାବେଳେ ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାସ, ଶାନ୍ତିଲତା ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ଜିଲା ଉପସଭାପତି ଭକ୍ତଚରଣ ଦାସ, ମୁଖପାତ୍ର ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ବିଭିନ୍ନ ଯୋଜନାରେ ଦୁର୍ନୀତି ଅଭିଯୋଗ

ଖୋର୍ଦ୍ଧା ଅଫିସ, ୧୫।୧୧

**ଛଣଗିରି ପଞ୍ଚାୟତ**

**ତଦନ୍ତ ହେବ: ପିଡି ଡିଆର୍‌ଡିଏ**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଛଣଗିରି ପଞ୍ଚାୟତରେ ବିଭିନ୍ନ ଯୋଜନାରେ ଦୁର୍ନୀତି ଅଭିଯୋଗ ହୋଇଛି। ଏ ନେଇ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ବିଡିଓଙ୍କ ନିକଟରେ କିଛିଦିନ ତଳେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଅନିୟମିତତାରେ ସରପଞ୍ଚ ଓ କନିଷ୍ଠ ଯନ୍ତ୍ରୀ ସମ୍ପୃକ୍ତ ଥିବା ଏବଂ ପିସି କାରବାର ହେଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି ଯେ, ସୂଚନାଫଳକ ବିନା କାର୍ଯ୍ୟ କରାଯାଉଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଶ୍ରମିକଙ୍କ ଦ୍ୱାରା କାର୍ଯ୍ୟ କରାଇବା ଲାଗି ସରକାରଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଏହାର ଉଲ୍ଲଂଘନ ହେଉଛି। ଶ୍ରମିକ ପରିବର୍ତ୍ତେ ମେଶିନ ସାହାଯ୍ୟରେ କାମ ଚାଲିଛି। ହିତାଧିକାରୀଙ୍କ ନାମରେ ହାଜିରା ପକାଇ ଓ ମିଥ୍ୟା ବିଲ୍ କରି ଟଙ୍କା ହଡ଼ପ ହେଉଛି। ଅରାଙ୍ଗ ଗ୍ରାମର ଗାଁ ସାଥୀଙ୍କ ବିନା ଅଗୋଚରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଚାଲିଛି। ସେ ଏ ସମ୍ପର୍କରେ ବିଡିଓଙ୍କୁ ଜଣାଇଛନ୍ତି। କେହି ଅନିୟମିତତାର ପ୍ରତିବାଦ କଲେ, ତାଙ୍କୁ ମିଥ୍ୟା ମକଦ୍ଦମାରେ ଫସାଇବା ଓ ଜୀବନରୁ ମାରିଦେବାକୁ ଧମକ ଦିଆଯାଉଛି। କିଛିମାସ ତଳେ ଛଣଗିରି ପଞ୍ଚାୟତ ଦୁର୍ନୀତିର ତଦନ୍ତ ଲାଗି ବରିଷ୍ଠ ନାଗରିକ ଗୋପାଳ ଚନ୍ଦ୍ର ବଳିଆରସିଂ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ଆକାଉଣ୍ଟକୁ ଟଙ୍କା ଆସୁଛି। ଅନେକ ମୃତବ୍ୟକ୍ତିଙ୍କ ନାମରେ ଟଙ୍କା ସେମାନଙ୍କ ଆକାଉଣ୍ଟରେ ପଇଠ କରାଯାଇଛି। ଅରାଙ୍ଗ ଗ୍ରାମର ବାବନ ପ୍ରଧାନ ୮ବର୍ଷ ତଳୁ ମୃତ୍ୟୁବରଣ କଲେଣି। ମାତ୍ର ତାଙ୍କ ଆକାଉଣ୍ଟରେ ଟଙ୍କା ପଇଠ ହୋଇଛି। ସେହିପରି ବାଦଗାଡ଼ିଆ ନାଳଠାରୁ ବଢେଇଗାଡିଆ ରାସ୍ତା (୬ଲକ୍ଷ ଟଙ୍କା), ଦେଉଳିପାଟଣା ପୋଖରୀ ପାଚେରି(୪ଲକ୍ଷ), ଦେଉଳିପାଟଣା ପୋଖରୀ ପୁରୁଣା ପାହାଚ ପ୍ଲାଷ୍ଟର (୧ଲକ୍ଷ), ଜରିଟାପ ପୁଷ୍କରିଣୀ ପ୍ରାଚୀର (୬ଲକ୍ଷ) ଏବଂ ଦେଉଳିପାଟଣା ଆଦିବାସୀ ସାହିଠାରୁ ଅରାଙ୍ଗ ବଘେଇ ରାସ୍ତା ନିର୍ମାଣ ସରିଛି, କାର୍ଯ୍ୟ ସମ୍ପର୍କରେ ସୂଚନାଫଳକ ଲଗାଯାଇନାହିଁ। ଏହି ସବୁ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ତେବେ ସମସ୍ତ ଅଭିଯୋଗକୁ ସରପଞ୍ଚ ଓ କନିଷ୍ଠ ଯନ୍ତ୍ରୀ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗର ତଦନ୍ତ କରାଯିବ ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗ: ୨ପୋଲିସ କର୍ମଚାରୀ ନିଲମ୍ବିତ

**ଜୟପୁର, ୧୫।୧୧ (ଡି.ଏନ.ଏ):** ଗଞ୍ଜେଇ ଚୋରା ଚଲାଣରେ ସମ୍ପୃକ୍ତ ଥିବା ୨ ପୋଲିସ କର୍ମଚାରୀଙ୍କୁ କୋରାପୁଟ ଜିଲା ଏସ୍‌ପି ଶନିବାର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ହାବିଲଦାର ବିଶ୍ୱନାଥ ପରଜା ଏବଂ ରିଜର୍ଭ କନଷ୍ଟେବଲ ନରେନ୍ଦ୍ର ବଡନାୟକ। ବୁଧବାର ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇ ଫାମ୍ପୁଣି ରାସ୍ତାରେ ଧରପଗଡ କରାଯାଇଥିଲା। ଏକ କାରରୁ ୨ କୁଇଣ୍ଟାଲ ୬୯କେଜି ୫ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇ ଏଥିରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରେ ହାବିଲଦାର ବିଶ୍ୱନାଥ ଓ କନଷ୍ଟେବଲ ନରେନ୍ଦ୍ର ଥିଲେ।

### ଦିନକରେ ଚାଲିଗଲା ମା’ଝିଅଙ୍କ ଜୀବନ: କାରଣ ଅସ୍ପଷ୍ଟ

**ଗୁଣପୁର, ୧୫।୧୧ (ଡି.ଏନ୍.ଏ.):** ରାୟଗଡ଼ା ଜିଲା ପଦ୍ମପୁର ଥାନା ଅଧୀନ ସାଇନଗରଠାରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗୋଟିଏ ଦିନରେ ମା’ ଏବଂ ଝିଅଙ୍କ ଜୀବନ ଚାଲିଯାଇଛି। ଦୁହେଁ ହେଲେ ସାଇନଗର ଅଞ୍ଚଳର ଗେହ୍ଲା ସାହୁକାରଙ୍କ ସ୍ତ୍ରୀ ବୃନ୍ଦାବତୀ(୭୨) ଏବଂ ତାଙ୍କ ଝିଅ କସମ୍(୬୦)। କସମ୍ ପକ୍ଷାଘାତରେ ପୀଡ଼ିତହୋଇ ଚିକିତ୍ସିତ ଥିଲେ। ଉଭୟଙ୍କ ମୃତ୍ୟୁ ପରେ ପରିବାର ଲୋକେ ସାହି ବାସିନ୍ଦାଙ୍କ ସହାୟତାରେ ଅନ୍ତିମ ସଂସ୍କାର କରିଥିଲେ। ତେବେ ଏ ନେଇ ପଦ୍ମପୁର ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷରେ ପାଣି ଗରମ କରିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି।

# ଯାଞ୍ଚ ଅଭାବରୁ ୧.୦୩ କୋଟି ହଡ଼ପ

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ**
- ବରିଷ୍ଠ କିରାଣି ନିଲମ୍ବିତ, ଡିପିଓଙ୍କୁ ଅନୁକମ୍ପା
- ସିଏଜି ରିପୋର୍ଟରେ ପର୍ଦ୍ଦାଫାଶ

**ଯାଜପୁର ଅଫିସ, ୧୫।୧୧**

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୨୦୧୭-୧୮ ଆର୍ଥିକ ବର୍ଷରେ ୧ କୋଟି ୩ ଲକ୍ଷ ୩୯ ହଜାର ୬୮୮ ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ ହୋଇଛି। ସିଏଜି( ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ)ଙ୍କ ୨୦୨୦ ବର୍ଷର ରିପୋର୍ଟରେ ଏହା ପର୍ଦ୍ଦାଫାଶ ହୋଇଛି। ବ୍ୟାଙ୍କ ଖାତା ସହିତ କ୍ୟାଶବୁକ୍‌ର ମେଳ ନ ହେବା ଫଳରେ ସରକାରୀ ଅର୍ଥ ଆତ୍ମସାତ୍ ହୋଇଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଏଥିରେ ସମ୍ପୃକ୍ତ ବରିଷ୍ଠ କିରାଣିଙ୍କୁ ନିଲମ୍ବିତ କରାଯାଇଥିବାବେଳେ ଜିଲା ପଞ୍ଚାୟତିରାଜ ଅଧିକାରୀ(ଡିପିଓ)ଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ବିଭାଗୀୟ ଉତ୍ତର ମିଳି ନ ଥିବା ରିପୋର୍ଟରେ ଉଲ୍ଲେଖ ହୋଇଛି।

ଓଡ଼ିଶା ଟ୍ରେଜେରି ସଂହିତା ଖଣ୍ଡ-୧ର ନିୟମ ୩୭ ଅନୁଯାୟୀ ସମସ୍ତ ଆର୍ଥିକ ନେଣଦେଣ କ୍ୟାଶବୁକ୍‌ରେ ଲିପିବଦ୍ଧ ହେବା କଥା। ଏହାସହ କ୍ୟାଶବୁକ୍ ଯାଞ୍ଚ ହୋଇଛି ବୋଲି କାର୍ଯ୍ୟାଳୟର ମୁଖ୍ୟଙ୍କ ଦ୍ୱାରା ପ୍ରମାଣିତ ହେବା ଜରୁରୀ। ଜିଲା ପଞ୍ଚାୟତ କାର୍ଯ୍ୟାଳୟ କ୍ଷେତ୍ରରେ ଡିପିଓଙ୍କ ଦ୍ୱାରା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ କ୍ୟାଶ୍‌ବୁକ୍ ସହିତ ବ୍ୟାଙ୍କ ପାସ୍‌ବୁକର ମେଳ କରାଯିବା ଏବଂ ଏଥିସକାଶେ ଏକ ପ୍ରମାଣପତ୍ର କ୍ୟାଶବୁକ୍‌ରେ ଉଲ୍ଲେଖ କରାଯିବା ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୨୦୧୨ ଜୁଲାଇରେ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ନୂଆପଡ଼ା ଜିଲା ପଞ୍ଚାୟତ ଅଧିକାରୀଙ୍କ ନଥିପତ୍ର ଯାଞ୍ଚରୁ ଜଣାପଡିଥିଲା ଯେ, ଡିପିଓଙ୍କ ବରିଷ୍ଠ କିରାଣି ୨୦୧୬ ନଭେମ୍ବରରୁ ଡିସେମ୍ବର ମଧ୍ୟରେ ନୂଆପଡ଼ାସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କରେ ଦୁଇଟି ଚେକ ପ୍ରଦାନ କରି ୭,୦୮,୫୫୦ ଟଙ୍କାକୁ ସେଠାକାର ସେଣ୍ଟ୍ରାଲ ବ୍ୟାଙ୍କର ନିଜସ୍ୱ ସଞ୍ଚୟ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର କରିଥିଲେ। ବ୍ୟାଙ୍କରେ ଏହା ଉପସ୍ଥାପିତ କରିବା ପୂର୍ବରୁ ସେ କାରସାଦି କରି ଚେକ୍‌ରେ ଉଲ୍ଲିଖିତ ରାଶିର ପୂର୍ବରୁ ସଂଖ୍ୟା ଯୋଡ଼ି ଦେଇଥିଲେ। ଏହାପରେ ସେ କ୍ୟାଶ୍‌ବୁକରେ ମାତ୍ର ୮,୫୫୦ ଟଙ୍କା ଦରଜ କରି ବଳକା ଅର୍ଥକୁ ଆତ୍ମସାତ୍ କରିଥିଲେ। ପୁଣି ୨୦୧୭ ଜାନୁୟାରୀରେ କର୍ମଚାରୀଙ୍କ ଟିଏ/ଡିଏ ବାବଦକୁ ଟ୍ରେଜେରିରୁ ୭୮.୭୨ ଲକ୍ଷ ଟଙ୍କା ଉଠାଯାଇଥିଲା। ଏହି ରାଶି ମଧ୍ୟରୁ ୬୮.୭୨ ଲକ୍ଷ ଟଙ୍କା ନୂଆପଡ଼ାସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କରେ ଡିପିଓଙ୍କ ସରକାରୀ ହିସାବ ଖାତାରେ ୨୭ ଜାନୁୟାରୀ ୨୦୧୭ରେ ଜମା କରାଯାଇଥିଲା। ବଳକା ୧୦ ଲକ୍ଷ ଟଙ୍କାକୁ ଉକ୍ତ ବ୍ୟାଙ୍କରେ ଥିବା ବରିଷ୍ଠ କିରାଣିଙ୍କ ନିଜସ୍ୱ ହିସାବ ଖାତାରେ ଡାଇରେକ୍ଟ ଟ୍ରାନ୍ସଫର କ୍ରେଡିଟ ଦ୍ୱାରା ଜମା କରାଯାଇଥିଲା। ଏହି ପ୍ରବଞ୍ଚନା ବିଷୟରେ ଭାରତୀୟ ଷ୍ଟେଟବ୍ୟାଙ୍କ ୧୫ ଫେବୃୟାରୀ ୨୦୧୭ରେ ଡିପିଓଙ୍କୁ ଅବଗତ କରାଇଥିଲେ। ଏହାପରେ ଡିପିଓ କ୍ୟାଶ୍‌ବୁକ୍ ସହିତ ବ୍ୟାଙ୍କ ପାସ୍‌ବୁକ ମେଳ କରାଇଥିଲେ। ଏଥିରୁ ବରିଷ୍ଠ କିରାଣି ୧୭ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଡିପିଓ ଜାଣିବାକୁ ପାଇଥିଲେ। ସରକାରୀ ଅର୍ଥର ଆତ୍ମସାତ୍ କରିଥିବାରୁ ୨୮ ଫେବୃୟାରୀ ୨୦୧୭ରେ ସେ ଉକ୍ତ ବରିଷ୍ଠ କିରାଣିଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ପରବର୍ତ୍ତୀ ସମୟରେ କିରାଣିଙ୍କୁ ଚାକିରିରୁ ନିଲମ୍ବନ କରିଥିଲେ।

ଅନ୍ୟପକ୍ଷରେ ନୂଆପଡ଼ା ଜିଲାପାଳଙ୍କ ନିର୍ଦ୍ଦେଶ(୨୮ ଫେବୃୟାରୀ ୨୦୧୭) ଅନୁସାରେ ଉପଜିଲାପାଳ ୨୦୧୪ ଜାନୁୟାରୀଠାରୁ ଫେବୃୟାରୀ ୨୦୧୭ ମଧ୍ୟରେ ସ୍ଥାନୀୟ ଭାରତୀୟ ଷ୍ଟେଟବ୍ୟାଙ୍କରେ ହୋଇଥିବା ଦେଣନେଣକୁ ଯାଞ୍ଚ କରିଥିଲେ। ଏନେଇ ମାର୍ଚ୍ଚ ୨୦୧୭ରେ ସେ ରିପୋର୍ଟ ଦେଇଥିଲେ ଯେ, ଭାରତୀୟ ଷ୍ଟେଟବ୍ୟାଙ୍କ ଖାତାରୁ ଉଠାଯାଇଥିବା ୧.୪୭ କୋଟି ଟଙ୍କାରୁ ୭୫ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିଲା। ଭାରତୀୟ ଷ୍ଟେଟବ୍ୟାଙ୍କରୁ ନୂଆପଡା ସେଣ୍ଟ୍ରାଲ ବ୍ୟାଙ୍କରେ ଥିବା ବରିଷ୍ଠ କିରାଣିଙ୍କ ନିଜସ୍ୱ ହିସାବ ଖାତାକୁ ସ୍ଥାନାନ୍ତର ହୋଇଥିବା ୭ ଲକ୍ଷ ଟଙ୍କା ଏହି ୭୫ ଲକ୍ଷ ଟଙ୍କାରେ ଅନ୍ତର୍ଭୁକ୍ତ ହୋଇଥିଲା। ସେଣ୍ଟ୍ରାଲ ବ୍ୟାଙ୍କ ଖାତାକୁ ପ୍ରପଞ୍ଚ କରି ସିଧାସଳଖ ସ୍ଥାନାନ୍ତର କରାଯାଇଥିବା ୧୦ଲକ୍ଷ ଟଙ୍କାକୁ ମିଶାଇ ସମୁଦାୟ ୮୫ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା କମିଟି ନିର୍ଣ୍ଣୟ କରିଥିଲା। ସମୀକ୍ଷା ସମୟରେ ଏହା ପୁନଃପରିଲକ୍ଷିତ ହୋଇଥିଲା ଯେ, ୨୦୧୪ ମେ ମାସରୁ ୨୦୧୬ ଜାନୁୟାରୀ ମଧ୍ୟରେ ନୂଆପଡ଼ା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ସାତଟି ଖାତାରୁ ଡିପିଓ ୧୮ ଲକ୍ଷ ଟଙ୍କା ଉଠାଇଥିଲେ। କିନ୍ତୁ ଉକ୍ତ ରାଶି ସଂପୃକ୍ତ କ୍ୟାଶବୁକଗୁଡିକରେ ଦରଜ କରାଯାଇ ନ ଥିଲା। ଡିପିଓ କାର୍ଯ୍ୟାଳୟର ବରିଷ୍ଠ କିରାଣି ଓ ଜଣେ ଚପରାଶିଙ୍କ ଦ୍ୱାରା ଏହି ରାଶି ଉଠାଯାଇଥିଲା। ଡିପିଓ କ୍ୟାଶବୁକ୍‌ରେ ଲିଖିତ ସଂଖ୍ୟାକୁ ନା ନିୟମିତ ଭାବରେ ଯାଞ୍ଚ କରିଥିଲେ ନା କ୍ୟାଶବୁକ୍ ଓ ବ୍ୟାଙ୍କ ପାସବୁକ୍‌ର ମାସିକ ମେଳ କରାଯାଇଥିଲା। ଡିପିଓଙ୍କର ଆଭ୍ୟନ୍ତରୀଣ ନିୟନ୍ତ୍ରଣରେ ଏହା ଏକ ଗୁରୁତର ତ୍ରୁଟି ଯୋଗୁ ୧.୦୩ କୋଟି ଟଙ୍କାର ସରକାରୀ ଅର୍ଥ ଆତ୍ମସାତ ହୋଇଥିଲା। ୨୦୧୭ ସେପ୍ଟେମ୍ବରରେ ଡିପିଓ ଏହି ତଥ୍ୟକୁ ଗ୍ରହଣ କରି ଦର୍ଶାଇଥିଲେ ଯେ, ପୂର୍ବତନ କୋଷାଧ୍ୟକ୍ଷ ଓ ଜଣେ ଚପରାଶି ମିଶି ଦସ୍ତଖତକୁ ଜାଲିଆତି କରି ଏବଂ ଚେକ୍‌ରେ ଉଲ୍ଲେଖ ରାଶିକୁ କାରସାଦି କରି ସମୁଦାୟ ଅର୍ଥକୁ ଉଠାଇ ନେଇଥିଲେ। ନିୟମ ଅନୁସାରେ ଦୃଢ଼ ଯାଞ୍ଚ ପଦ୍ଧତି ପାଳନ ହୋଇ ନ ଥିବାରୁ ଏହି ବିପୁଳ ପରିମାଣର ସରକାରୀ ଅର୍ଥ ଆତ୍ମସାତ ହୋଇ ପାରିଥିଲା। ନିଜ କର୍ତ୍ତବ୍ୟରେ ଅବହେଳା ଯୋଗୁ ସମ୍ପୃକ୍ତ ଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସିଏଜି ପକ୍ଷରୁ ଦାବି ହୋଇଥିଲା। ୨୦୧୮ ଜୁଲାଇରେ ଏହି ମର୍ମରେ ଅର୍ଦ୍ଧ-ସରକାରୀ ପତ୍ର ଦ୍ୱାରା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବଙ୍କୁ ଅବଗତ କରାଯାଇଥିଲା। ଏପରି କି ୨୦୧୮ ଡିସେମ୍ବରରେ ଏକ ସ୍ମରଣପତ୍ର ପ୍ରେରଣ କରାଯାଇଥିଲା ବୋଲି ସିଏଜି ରିପୋର୍ଟରେ ଦର୍ଶାଯାଇଛି। କିନ୍ତୁ ୨୦୨୦ ମାର୍ଚ୍ଚ ମାସ ସୁଦ୍ଧା ସମ୍ପୃକ୍ତ ଡିପିଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସୂଚନା ମିଳିଛି।

### ନଦୀପଠାରେ ମୃତଦେହ, ହତ୍ୟା ସନ୍ଦେହ

**ପାରଳାଖେମୁଣ୍ଡି, ୧୫।୧୧(ଡି.ଏନ୍.ଏ.)**

ଗଜପତି ଜିଲା ଗୁରାଣ୍ଡି ଥାନା ମହାଦେଇପୁର ନିକଟସ୍ଥ ମହେନ୍ଦ୍ରତନୟା ନଦୀପଠାରେ ଏକ ମୃତଦେହ ଦେଖିବାକୁ ମିଳିଛି। ମୃତଦେହଟି ବାଲିରେ ପୋତା ଯାଇଥିବାବେଳେ ମୁଣ୍ଡର ପଛଭାଗ ଖପୁରି ଦେଖାଯାଉଛି। ହତ୍ୟାକରି କେହି ମୃତଦେହଟିକୁ ପୋତି ଦେଇଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ପୋଲିସ ପହଞ୍ଚିଥିଲେ ମଧ୍ୟ ସୋମବାର ଫରେନ୍‌ସିକ୍ ଟିମ୍ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ବାହାର କରାଯିବ ବୋଲି ଗୁରାଣ୍ଡି ଥାନା ଅଧିକାରୀ ମମତା ପଣ୍ଡା କହିଛନ୍ତି। ସ୍ଥାନୀୟ ଲୋକେ ନଦୀପଠାକୁ ଯାଇଥିବାବେଳେ କୁକୁର ବାଲି ଖୋଳୁଥିବା ଦେଖିଥିଲେ। ସେଠାକୁ ଯିବାପରେ ଏକ ମୃତଦେହର ଖପୁରି ଦେଖିବାକୁ ମିଳିଥିଲା। ମୃତଦେହଟିକୁ କେହି ପୋତିବା ପରେ ତା’ ଉପରେ କିଛି ଗଛଡାଳ ପକାଇ ଦେଇଥିବା ଦେଖିଥିଲେ। ଏନେଇ ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ଅପରାହ୍ନରେ ପୋଲିସ ପହଞ୍ଚିଥିଲେ ମଧ୍ୟ ମାଜିଷ୍ଟ୍ରେଟ୍ ଓ ଫରେନ୍‌ସିକ୍ ଟିମ୍ ଉପସ୍ଥିତିରେ ମୃତଦେହ ଖୋଳାଯିବ ବୋଲି କହିଛି। କେହି ତାଙ୍କୁ ହତ୍ୟା କରି ପୋତି ଦେଇଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ଉକ୍ତ ସ୍ଥାନରେ କିଛିଦିନ ହେଲା ବାଲିମାଫିଆ ସକ୍ରିୟ ହୋଇଥିବାବେଳେ ବେଆଇନ ବାଲିଚାଲାଣ ଜାରି ରହିଛି।

# ଟଙ୍କା ନେଲେ, ନିର୍ଯାତନା ଦେଲେ

- ଚାକିରି ଦେବାକୁ କହି ଠକେଇ
- ଆଶାୟୀଙ୍କୁ ବନ୍ଦୀ କରି ରଖିଥିଲେ
- ୧୦ ଯୁବକ ଉଦ୍ଧାର, ୨ ଅଟକ

**ଢେଙ୍କାନାଳ ଅଫିସ, ୧୫।୧୧**

କୃଷି ବିଭାଗରେ ଚାକିରି କରାଇଦେବାକୁ କହି ପ୍ରଲୋଭିତ କଲେ। ଆଶାୟୀଙ୍କଠାରୁ ଟଙ୍କା ଆଦାୟ କରିନେଲେ। ହେଲେ ଚାକିରି ଦେଲେ ନା ଟଙ୍କା ଫେରାଇଲେ। ଓଲଟି ପ୍ରତିବାଦ କରିବାରୁ କୋଠରିରେ ବନ୍ଦ କରି ନିର୍ଯାତନା ଦେଉଥିଲେ। ଏଭଳି ଏକ ଠକେଇ ଘଟଣା ଢେଙ୍କାନାଳ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ବନ୍ଦ ପ୍ରକୋଷ୍ଠରୁ ୧୦ ଯୁବକଙ୍କୁ ଉଦ୍ଧାର କରାଯାଇଥିବାବେଳେ ସମ୍ପୃକ୍ତ ସଂସ୍ଥାର ୨ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି।

ସ୍ଥାନୀୟ ଆନନ୍ଦନଗର ଅଞ୍ଚଳର ଏକ ଭଡ଼ାଘରେ ‘ଗ୍ରେଜ୍ ଇଣ୍ଡିଆ’ ନାମକ ଏକ ଘରୋଇ ସଂସ୍ଥା ଚାଲିଥିଲା। ସଂସ୍ଥାର କର୍ମଚାରୀମାନେ କୃଷି ବିଭାଗରେ ଚାକିରି ଦେବାକୁ କହି ଆଶାୟୀଙ୍କଠାରୁ ୧୮ହଜାର ଟଙ୍କା ଲେଖାଏ ଆଦାୟ କରିଥିଲେ। ସମ୍ବଲପୁର ଅଞ୍ଚଳର ସୁବାଶିଷ ସାହୁ ଠକେଇ ବିଷୟରେ ଜାଣିପାରି ପ୍ରତିବାଦ କରିଥିଲେ। ଘଟଣା ପ୍ରଘଟ ହୋଇଯିବା ଭୟରେ ସଂସ୍ଥାର କର୍ମଚାରୀମାନେ ତାଙ୍କୁ କାର୍ଯ୍ୟାଳୟର ଏକ କୋଠରିରେ ବନ୍ଦ କରି ରଖିଥିଲେ। ସମାନ ଢଙ୍ଗରେ ଅନ୍ୟ ୯ ଜଣ ଯୁବକଙ୍କୁ ଉକ୍ତ ଘରେ ବନ୍ଦ କରି ରଖିଥିଲେ। ଘଟଣା ସମ୍ପର୍କରେ ସୁବାଶିଷ କୌଣସି ମତେ ଘର ଲୋକଙ୍କୁ ସୂଚନା ଦେଇଥିଲେ। ଏହାପରେ ତାଙ୍କ ଭାଇ ଢେଙ୍କାନାଳ ଆସି ପୋଲିସକୁ ସମସ୍ତ ବିଷୟ ଜଣାଇଥିଲେ। ଶନିବାର ରାତିରେ ପୋଲିସ ଉକ୍ତ କାର୍ଯ୍ୟାଳୟରେ ଚଢ଼ାଉ କରି ସୁବାଶିଷଙ୍କ ସମେତ ୧୦ ଯୁବକଙ୍କୁ ଉଦ୍ଧାର କରିଥିଲା। ସଂସ୍ଥାର ଅଧିକାଂଶ କର୍ମଚାରୀ ଖସି ପଳାଇଥିବାବେଳେ ୨ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା ଜାରି ରଖିଥିବା ଏସ୍‌ଆଇ ସାବିତ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ସୁବାଶିଷଙ୍କ ଅଭିଯୋଗକୁ ଭିତ୍ତିକରି ସଂସ୍ଥା ନାମରେ ନଂ. ୪୬୦/୨୦, ଦଫା ୩୪୨, ୪୨୦ ଓ ୩୪ରେ ମାମଲା ରୁଜୁ ହୋଇଛି।




ଉପକୂଳ ରାଜପଥ ନିର୍ମାଣ ମିଳିତ କ୍ରିୟାନୁଷ୍ଠାନ ମହାମଞ୍ଚ ପକ୍ଷରୁ ବାହାରିଥିବା ପଦଯାତ୍ରା।

# ଉପକୂଳ ରାଜପଥ ନିର୍ମାଣ ଦାବିରେ ପଦଯାତ୍ରା

**ପୁରୀ ଅଫିସ, ୧୫।୧୧**

କେନ୍ଦ୍ର ସରକାର ଭାରତମାଳା ଯୋଜନାରେ ଉପକୂଳ ରାଜପଥ ନିର୍ମାଣ ଘୋଷଣା କରିଛନ୍ତି। କିନ୍ତୁ ୬ ବର୍ଷ ହେଲାଣି ଏହି ପ୍ରକଳ୍ପ ଆଗକୁ ବଢୁ ନାହିଁ। ତେଣୁ ଖୁବଶୀଘ୍ର ଭାରତମାଳା ପରିଯୋଜନା କାର୍ଯ୍ୟକାରୀ କରିବା ଦାବିରେ ରବିବାର ଉପକୂଳ ରାଜପଥ ନିର୍ମାଣ ମିଳିତ କ୍ରିୟାନୁଷ୍ଠାନ ମହାମଞ୍ଚ ପକ୍ଷରୁ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରା ବାହାରିଛି। ସୋମବାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତ ଦାବିପତ୍ର ଦିଆଯିବ। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରି ତୁରନ୍ତ କାମ ଆରମ୍ଭ କରିବାକୁ ଅନୁରୋଧ କରାଯିବ। ଏହି ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ଦାବିରେ ୧୭ ଓ ୧୮ ତାରିଖରେ ଚନ୍ଦ୍ରଶେଖରପୁରସ୍ଥିତ କେନ୍ଦ୍ରୀୟ ପରିବେଶ ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ମହାମଞ୍ଚର ଆବାହକ ଟୁନା ସ୍ୱାଇଁ କହିଛନ୍ତି।

ଏହି ରାଜପଥ ନିର୍ମାଣ ହେଲେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ଅର୍ଥନୀତି ସୁଦୃଢ ସାଙ୍ଗକୁ ଜୀବନଜୀବିକା, ଯାତାୟାତ, ପରିବହନ, ପର୍ଯ୍ୟଟନ କ୍ଷେତ୍ରରେ ଦ୍ରୁତ ବିକାଶ ଓ ସମୃଦ୍ଧି ଘଟିବ। ଏଥିସହ ଉପକୂଳବାସୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଯାତାୟାତ ଦୂରତା ଓ ସମୟ ହ୍ରାସ ପାଇବା ସହ ଖର୍ଚ୍ଚ ମଧ୍ୟ କମିବ। ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବାତ୍ୟା ବେଳେ ନିରାପଦ ସ୍ଥାନକୁ ଧନଜୀବନ ସ୍ଥାନାନ୍ତର ପ୍ରକ୍ରିୟା ସୁଗମ ହେବ। ଦୀର୍ଘ ଉଦ୍ୟମ ପରେ ରାଜ୍ୟ ସରକାର ସାତପଡ଼ାଠାରୁ ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥ ନିର୍ମାଣ ପାଇଁ ସହମତି ପ୍ରକାଶ କରିଛନ୍ତି। କିନ୍ତୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଏହାକୁ ସବୁଜ ସଙ୍କେତ ଦେଉନାହିଁ ବୋଲି ସ୍ୱାଇଁ କହିଛନ୍ତି। ଏହି ପଦଯାତ୍ରାରେ ବିମ୍ବାଧର ବରାଳ, ବାବୁଲି ରଣସିଂ, ଗଗନ ପ୍ରଧାନ, ଧନେଶ୍ୱର ପ୍ରଧାନ, ଉମାରାଣୀ ଦଳେଇ, ପଞ୍ଚାନନ ପଲେଇ, ସୁକାନ୍ତ ବିଶ୍ୱାଳ, ସରୋଜିନୀ ସ୍ୱାଇଁ, ସନ୍ଧ୍ୟାରାଣୀ ସାହୁ ପ୍ରମୁଖ ସାମିଲ ରହିଛନ୍ତି।

# ନୀରବ ପ୍ରତିବାଦ କଲା ଓଡ଼ିଶା ନାଟ୍ୟ ସଂଘ

**ମଞ୍ଚ ଖୋଲିବାକୁ ତେଜିଲା ଦାବି**

**ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)**

କରୋନା ସଂକ୍ରମଣ ଲାଗି ଦୀର୍ଘ ୮ମାସରୁ ଊର୍ଦ୍ଧ୍ୱ ସମୟ ଧରି ମଞ୍ଚ ନୀରବି ଯାଇଛି। ମଞ୍ଚ ନାଟକ ବନ୍ଦ ଯୋଗୁ କଳାକାର ଓ ଏହାସହ ଜଡ଼ିତ କର୍ମଚାରୀମାନେ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସରକାରଙ୍କ ପାତରଅନ୍ତର ମନୋବୃତ୍ତିକୁ ବିରୋଧ କରି ଓଡ଼ିଶା ନାଟ୍ୟ ସଂଘ ରବୀନ୍ଦ୍ର ମଣ୍ଡପ ସମ୍ମୁଖରେ ରବିବାର ନୀରବ ପ୍ରତିବାଦ ପ୍ରଦର୍ଶନ କରିଛି। ନାଟ୍ୟ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିଛନ୍ତି। ଓଡ଼ିଶା ନାଟ୍ୟ ସଂଘରେ ୧୫୦ରୁ ଊର୍ଦ୍ଧ୍ୱ ସଙ୍ଗଠନ ରହିଥିବା ବେଳେ ସାରା ଓଡ଼ିଶାରୁ ୫ହଜାର କଳାକାର ରହିଛନ୍ତି। ମଞ୍ଚ ବନ୍ଦ ଯୋଗୁ କିଏ ରାସ୍ତାକଡ଼ରେ ପରିବା ବିକ୍ରି କରୁଛି ତ କିଏ ଫଳ ବିକ୍ରିକରି ପେଟ ପୋଷିବାକୁ ଚେଷ୍ଟା କରୁଛି। ଏଭଳି ଆଉକିଛି ଦିନ ଜାରି ରହିଲେ ଓଡ଼ିଶାର ଉତ୍କୃଷ୍ଟ କଳା ଓ ସାଂସ୍କୃତିକ ପରିଚୟ ହଜିଯିବ ବୋଲି ସେମାନେ ଆଶଙ୍କା କରିଛନ୍ତି। ତେଣୁ ମଞ୍ଚ ଖୋଲିବାକୁ ସରକାରଙ୍କୁ ଅନୁରୋଧ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।




ମଞ୍ଚ ଖୋଲିବା ଦାବିରେ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ରବିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ସମ୍ମୁଖରେ ନୀରବ ଧାରଣା ଦିଆଯାଇଛି।

# ପାକିସ୍ତାନ ଜେଲରେ ଦିଆଯାଉଥିଲା ନିର୍ଯାତନା

- ଜନ୍ମମାଟିକୁ ଫେରିବା ପରେ ଅନୁଭୂତି ବଖାଣିଲେ ବିରଜୁ
- ଜିଲା ରେଡକ୍ରସ୍ ପକ୍ଷରୁ ଆର୍ଥିକ ସହାୟତା, ରାଶନ କାର୍ଡ ପ୍ରଦାନ

**ସୁନ୍ଦରଗଡ, ୧୫।୧୧ (ଡି.ଏନ୍.ଏ.)**

ପାକିସ୍ତାନ ଜେଲରେ ୨୦ବର୍ଷ ସଜା କାଟି ଶୁକ୍ରବାର ଜନ୍ମମାଟିକୁ ଫେରିଥିବା ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଜାଙ୍ଗରଟୋଲି ଗ୍ରାମର ବିରଜୁ କୁଲୁ (୫୫)ଜେଲ ଜୀବନର ଦୁଃଖ ବର୍ଣ୍ଣନା କରିଛନ୍ତି। ନିଜ ଗାଁ ମାଟିକୁ ଫେରି ବେଶ୍ ଖୁସି ଅନୁଭବ କରି ଆତ୍ମବିଭୋର ହୋଇଉଠିଛନ୍ତି। ନିଜର ମା, ବାପା ଆରପାରିକୁ ଚାଲିଯାଇଛନ୍ତି। ଏକମାତ୍ର ଭଉଣୀ ସୋଫିଆ ଡୁଙ୍ଗଡୁଙ୍ଗ ବିବାହକରି ପରଘରକୁ ଚାଲି ଯାଇଛନ୍ତି। ଗାଁକୁ ଫେରିବା ଦିନ ଭଉଣୀଙ୍କ ସମେତ କାକା ପୁଅ ଭାଇ ଓ ପରିବାରବର୍ଗଙ୍କ ସହିତ ଗ୍ରାମବାସୀ ତଥା ବ୍ଲକ ପ୍ରଶାସନ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଗାଁକୁ ଫେରିବାର ପ୍ରଥମ ଦିନ ବିରଜୁ ଜିଲା ପ୍ରଶାସନ କିମ୍ବା ଗଣମାଧ୍ୟମ ଆଗରେ ବିଶେଷ କିଛି କହି ନ ଥିଲେ। ପାକିସ୍ତାନକୁ କିପରି ଗଲେ ଓ ସେଠାରେ ତାଙ୍କୁ କିଭଳି ନିର୍ଯାତନା ଭୋଗିବାକୁ ପଡିଥିଲା ସେ ସମ୍ପର୍କରେ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ଆଜିକୁ ପ୍ରାୟ ୨୫ ବର୍ଷ ତଳେ କାମ ଖୋଜିବା ପାଇଁ ଝାଡଖଣ୍ଡର ରାଞ୍ଚିରେ ପହଞ୍ଚିଥିଲେ। ସେଠାରେ ଏକ ହୋଟେଲରେ କିଛି ଦିନ କାମ କରିବା ପରେ ଏକ ଟ୍ରକରେ ବସି ପଞ୍ଜାବରେ ପହଞ୍ଚିଯାଇଥିଲେ। ସେଠାରୁ ଭୁଲବଶତଃ ଚାଲିଚାଲି ଏକ ତାରବାଡ ଡେଇଁ ପାକିସ୍ତାନ ସୀମାକୁ ଚାଲିଯାଇଥିଲେ।



ବିରଜୁ କୁଲୁ।

ସେଠାରୁ ସେୟାରପୁର (ଶିଖରପୁର) ସହରରେ ପହଞ୍ଚିଥିଲେ। ସେହି ସହରରେ କିଛି ସମୟ ବୁଲାବୁଲି ପରେ ପାକିସ୍ତାନୀ ପୋଲିସ ତାଙ୍କୁ ଥାନାକୁ ନେଇ ପଚରାଉଚରା ପରେ କୋର୍ଟକୁ ପଠାଇଥିଲା। ଏହା ପରେ କୋର୍ଟରେ ତାଙ୍କ ନାମ ଓ ଠିକଣା ଆଦି ପଚରାଉଚରା ପରେ ଜେଲକୁ ପଠାଇ ଦିଆଯାଇଥିଲା। କିଛିମାସ ପରେ ତାଙ୍କୁ ଲାହୋର ଜେଲକୁ ନେଇ ରଖାଯାଇଥିଲା। ସେଠାରେ ଏକ କୋଠରିରେ ୫/୭ଜଣଙ୍କୁ ଏକାଠି ରଖାଯାଇଥିଲା। ଦୁଇବେଳା ଭାତ ଓ ରୁଟି ଖାଇବାକୁ ଦିଆଯାଉଥିଲା। ବିଭିନ୍ନ ସମୟରେ ନିସ୍ତୁକ ମାଡ ଦେଇ କାହିଁକି ପାକିସ୍ତାନ ଆସିଛ ବୋଲି ପଚରାଯାଉଥିଲା। ବିଭିନ୍ନ ସମୟରେ କୋର୍ଟକୁ ନିଆଯାଉଥିଲା। ତାଙ୍କ ସଙ୍ଗେ ଏକାଠି ରହୁଥିବା ବିହାରର ସରଫପ୍ରୀତ୍ ଓ ଅନ୍ୟଜଣେ ମଧ୍ୟ ଜେଲର ନିର୍ଯାତନାରେ କିଛିବର୍ଷ ପରେ ଜୀବନ ହାରିଦେଲେ।

ଜୀବନର ଅପରାହ୍ନରେ ପହଞ୍ଚିଥିବା ବିରଜୁ ଆଗାମୀ ଦିନଗୁଡିକରେ ବଞ୍ଚିବାର ନୂଆ ଆଶା ଓ ସମ୍ଭାବନାକୁ ନେଇ କିପରି ଲଢେଇ କରିବେ ସେ ସମ୍ପର୍କରେ ସନ୍ଦିହାନ ଅଛନ୍ତି। ପରିବାରର ସଦସ୍ୟ, ଗ୍ରାମବାସୀଙ୍କ ସ୍ନେହ, ସହଯୋଗ ସହ ପ୍ରଶାସନର ସହାୟତାର ହାତ ତାଙ୍କୁ ପୁଣି ନୂଆଁ ଜୀବନ ଦେବ ବୋଲି ସେ ଆଶା କରିଛନ୍ତି। ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କର ଆଧାର କାର୍ଡ ଓ ରାଶନକାର୍ଡ ପ୍ରସ୍ତୁତ କରାଯାଇଛି। ଅନ୍ନପୂର୍ଣ୍ଣା ଯୋଜନାରେ ମାସିକ ୧୦କେଜି ଲେଖାଏଁ ଚାଉଳ ଓ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଥିବା ବେଳେ ଜିଲା ରେଡକ୍ରସ ପାଣ୍ଠିରୁ ୩୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ସ୍କୁଲ୍ ନାଚରୁ ହଲିଉଡ୍


**କୋରିଓଗ୍ରାଫର, ମ୍ୟୁଜିକ୍ ଡାଇରେକ୍ଟର ସୁଧାକର**

**ମାନସ ବିଶ୍ୱାଳ**
ବାଲେଶ୍ୱର ଅଫିସ, ୧୫।୧୧

ସ୍କୁଲ୍ ସମୟରେ ଭଲ ନାଚୁଥିବା ପିଲାଟି ଆଜି ହଲିଉଡ୍ ଜଗତରେ ଏକ ଚର୍ଚ୍ଚିତ ନାଁ। ଏକ ସାଧାରଣ ପରିବାରରେ ଜନ୍ମ ନେଇଥିଲେ ମଧ୍ୟ ଦୃଢ ଇଚ୍ଛାଶକ୍ତି ଯୋଗୁ ସେ ଆଜି ସଫଳତାର ପାହାଚ ଚଢିଚାଲିଛନ୍ତି। ବାଲେଶ୍ୱର ଜିଲା ସୁନହଟ ନିକଟସ୍ଥ କଞ୍ଚିବାଗ ଅଞ୍ଚଳର ବାସନ୍ତୀ ମାଝିଙ୍କ ପୁଅ ସୁଧାକର ବଲିଉଡ୍ ଦୁନିଆରେ ଏମ୍. ସୁଧାକର ଭାବେ ପରିଚିତ। ବରୁଣ ଧାୱନ, ସଞ୍ଜୟ ଦତ୍ତ, ଅମିଷା ପଟେଲ, ରଜନିଶ ଦୁଗଲଙ୍କ ଭଳି ବହୁ ନାମୀଦାମୀ ଅଭିନେତା, ଅଭିନେତ୍ରୀ ତଥା ସଙ୍ଗୀତଜ୍ଞ ମିକା ସିଂ, କୁମାର ସାନୁ, ସୋନୁ ନିଗମ, ସାହିଦ୍ ମାଲିଆ, ଆନନ୍ଦରାଜ ଆନନ୍ଦ, ଭୂମି ତ୍ରିବେଦୀଙ୍କ ଭଳି ଜଣାଶୁଣା ଷ୍ଟାରଙ୍କ ସହ ସେ କାମ କରିବାର ସୁଯୋଗ ପାଇଛନ୍ତି। ଏହାବ୍ୟତୀତ ଅନ୍ତରାଷ୍ଟ୍ରୀୟ ଷ୍ଟେଜ୍ ଶୋ’ରେ ସାଜିଦ ୱାଜିଦ, ସୁନିଧି ଚୌହ୍ୱାନ, ଅଭିଷେକ ସାୱନ୍ତ, ସୁଖଭିନ୍ଦର ସିଂ, ମମତା ଶର୍ମା ଏବଂ ଅନେକ ସଙ୍ଗୀତକାରଙ୍କ ସହ କାମ କରିଛନ୍ତି। ତାଙ୍କର କାର୍ଯ୍ୟଦକ୍ଷତା ଲାଗି ଓଡ଼ିଶା ତଥା ବାଲେଶ୍ୱର ମାଟି ଗର୍ବିତ ହୋଇଛି।

ପିଲାଟି ଦିନରୁ ସୁଧାକରଙ୍କ ନୃତ୍ୟ ପ୍ରତି ଦୁର୍ବଳତା ଥିଲା। ସ୍କୁଲ, କଲେଜ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ନୃତ୍ୟ ପରିବେଷଣ କରି ପ୍ରଶଂସା ସାଉଁଟିଥିଲେ। ଯୁକ୍ତ ୨ ଶ୍ରେଣୀରେ ପଢ଼ିବା ବେଳେ ନୃତ୍ୟ କ୍ଷେତ୍ରରେ କ୍ୟାରିୟର କରିବା ଲାଗି ମନେମନେ ସ୍ଥିର କରିଥିଲେ। ଏହାକୁ ବିକଶିତ କରିବାର ଦୃଢ଼ ନିଷ୍ପତ୍ତି ନେଇ ସେ ଯୁକ୍ତ ୩ ପାସ୍ ପରେ ଗତ ୧୯୯୮ରେ ବାଲେଶ୍ୱରରୁ ବମ୍ବେ ଯାତ୍ରା କରିଥିଲେ। ସେଠାରେ ପହଞ୍ଚି ନିଜର କ୍ୟାରିୟର ଆରମ୍ଭ କରିଥିଲେ। ବଲିଉଡ୍ ବିଷୟରେ ତାଙ୍କର କିଛି ବି ଅଭିଜ୍ଞତା ନ ଥିଲା। ଏଥିପାଇଁ ତାଙ୍କୁ ଦୀର୍ଘବର୍ଷ ସଂଘର୍ଷ କରିବାକୁ ପଡ଼ିଥିଲା। ଏପରେ ତାଙ୍କୁ ବହୁ ଜଣାଶୁଣା ଷ୍ଟାରଙ୍କ ସହ କାମ କରିବାର ସୁଯୋଗ ମିଳିଥିଲା। ଏହା ଭିତରେ ସେ ଡ୍ୟାନ୍ସ ଉଇଥ୍ ସୁଧାକର (ଡିଡବ୍ଲ୍ୟୁଏସ୍) ନାମକ ଏକ ଡ୍ୟାନ୍ସ ଏକାଡେମୀ ଖୋଲିଛନ୍ତି। ସେଠାରେ ବଲିଉଡ୍‌ର ବଡ଼ ବଡ଼ ଅଭିନେତା, ଅଭିନେତ୍ରୀମାନେ ମଧ୍ୟ ଡ୍ୟାନ୍ସ ଶିଖିଛନ୍ତି। କେବଳ ଏତିକି ନୁହେଁ, ସୁଧାକର ବଲିଉଡ୍‌ର ଅନେକ ଷ୍ଟାରଙ୍କ କୋରିଓଗ୍ରାଫ୍‌ର ହୋଇଥିବା ବେଳେ ଅନେକ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଇସାରିଛନ୍ତି। ସେଥିମଧ୍ୟରୁ ‘ଭି ଫେଷ୍ଟ’, ‘ରୟାଲ ପଟିଆଲିଭି’, ‘ପିୟୁ ଆଣ୍ଡ ୟେ ହେ’, ‘ୟେ ହେ ଇଣ୍ଡିଆ’ ଭଳି ଚଳଚ୍ଚିତ୍ର ଅନ୍ୟତମ। ଫିଲ୍ମ ‘ୟେ ହେ ଇଣ୍ଡିଆ’, ‘ଗାନ୍ଧୀ ଗିରି’, ‘ରନ୍ ରାଜା ରନ୍’ରେ କୋରିଓଗ୍ରାଫି କରି ସେ ସଫଳ ହୋଇଛନ୍ତି।

ସୁଧାକର କୁହନ୍ତି, ସେ ପ୍ରଥମଥର ପାଇଁ ହଲିଉଡ୍‌ର ମ୍ୟୁଜିକ୍ ଭିଡ଼ିଓରେ ନିର୍ଦ୍ଦେଶକ ହିସାବରେ କାମ କରିଛନ୍ତି। ମ୍ୟୁଜିକ୍ ଭିଡ଼ିଓର ନାମ ‘ଆଇ ୱାଜ ଲଷ୍ଟ’। ଯାହାକି ଗତ ସେପ୍ଟେମ୍ବର ୧୮ତାରିଖରେ ଭିଡ଼ିଓ ଭିଭୋ ଚ୍ୟାନେଲରେ ରିଲିଜ୍ ହୋଇଥିଲା। ଏହାକୁ ଦେଖିବା ପରେ ହଲିଉଡ୍‌ର ମ୍ୟୁଜିକ୍ ଡାଇରେକ୍ଟର ଲିନୋ ଦୁଇଟି ଭିଡ଼ିଓର ନିର୍ଦ୍ଦେଶନା ପାଇଁ ତାଙ୍କୁ ନିମନ୍ତ୍ରଣ କରିଛନ୍ତି। ଯାହାର ସୁଟିଂ ଡିସେମ୍ବର ୬ରୁ ଆରମ୍ଭ ହେବ। ଏହା ତାଙ୍କ ଜୀବନର ଶ୍ରେଷ୍ଠ ସଫଳତା ବୋଲି ସେ ପ୍ରକାଶ କରିଛନ୍ତି।



ସୁଧାକର ଜଣେ କଳାକାରଙ୍କୁ ନୃତ୍ୟଶିକ୍ଷା ଦେଉଛନ୍ତି।

# ଆଙ୍ଗୁଠିରୁ ଜାଣିହେବ ରୋଗ

କୌଣସି ରୋଗ ନିରୂପଣ କରିବା ପାଇଁ କେତେକ ପରୀକ୍ଷା କରାଯାଏ। ତା'ସହ ରୋଗର ଲକ୍ଷଣ ଦେଖି ଡାକ୍ତର ତାହାର ଚିକିତ୍ସା କରିଥାଆନ୍ତି। ତେବେ ଏହି ତାଲିକାରେ ଏକ ନୂଆ ଜିନିଷକୁ ସାମିଲ କରାଯାଇଛି। ଅର୍ଥାତ୍ ଜଣେ ବ୍ୟକ୍ତିର ଆଙ୍ଗୁଠିକୁ ତର୍ଜମା କରି ରୋଗ ସମ୍ପର୍କରେ ସୂଚନା ପାଇହେବ। ଏପରି ରୋଚକ ତଥ୍ୟକୁ ଲୋକଲୋଚନକୁ ଆଣିଛନ୍ତି ସ୍ପେନ୍‌ର ବିଶେଷଜ୍ଞମାନେ। ଏଥିପାଇଁ ସେମାନେ ଏକ ଡିଭାଇସ୍ ପ୍ରସ୍ତୁତ କରିଥିଲେ। ଉକ୍ତ ହାଇଟେକ୍ ଡିଭାଇସ୍‌କୁ ହାତ ଆଙ୍ଗୁଠିରେ ବାନ୍ଧି ଦିଆଯାଏ। ତା'ପରେ ସେଥିରେ ସଂଯୋଗ କରାଯାଇଥିବା ସୂକ୍ଷ୍ମ ମେଶିନ୍ ରୋଗ ସମ୍ପର୍କରେ ସୂଚନା



ପ୍ରଦାନ କରିଥାଏ। ତେବେ ଏପରି କ୍ଷେତ୍ରରେ ସଫଳତା ମିଳିଛି ବୋଲି ଏହି ବିଶେଷଜ୍ଞମାନେ ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

# ଅସନ୍ତୁଳିତ ଖାଦ୍ୟ ଓ ଡାଇବେଟିସ୍

ଆଜିକାଲି ଅସନ୍ତୁଳିତ ଖାଦ୍ୟ ଏବଂ ଜୀବନଶୈଳୀ ଡାଇବେଟିସ ବା ମଧୁମେହ ରୋଗ ସୃଷ୍ଟି କରିବାରେ ଅନେକାଂଶରେ ଦାୟୀ। ଅନେକ ସମୟରେ କେତେକ ଡାଇବେଟିସ ରୋଗୀ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ନ ଥାନ୍ତି। ଫଳରେ ପରବର୍ତ୍ତୀ ସମୟରେ ଏହି ରୋଗ ଜଟିଳ ସମସ୍ୟା ଧାରଣ କରିଥାଏ। ତେଣୁ ଏହି ରୋଗୀ କେତେକ ବିଷୟ ପ୍ରତି ନଜର ଦେବା ନିହାତି ଜରୁରୀ। ଡାଇବେଟିସ୍ ରୋଗୀ ଖାଇବା ପରେ ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ। ଏହାଦ୍ୱାରା ମେଦବୃଦ୍ଧି ହୋଇଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ସେଓ, କମଳା ଆଦି ଏହି ରୋଗୀ ଖାଇଲେ ଭଲ। ହେଲେ ଏପରି ଫଳ ଅଧିକ ପରିମାଣରେ ନ ଖାଇବା ଭଲ। ଡାଇବେଟିସ୍ ରୋଗୀ ଦହି ଖାଇବା ପୂର୍ବରୁ ସେଥିରୁ ଲହୁଣି ଅଂଶକୁ ବାହାର କରି ଦିଅନ୍ତୁ। ସବୁବେଳେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। ଏହାଦ୍ୱାରା ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି ହୋଇଥାଏ, ଯାହା ଡାଇବେଟିସ୍ ସମସ୍ୟାକୁ ଆହୁରି ବଢ଼ାଇଦିଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ରୋଗୀ ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରିବା ନିହାତି ଜରୁରୀ। ପ୍ରତିଦିନ ସକାଳେ ଅତିକମରେ ଅଧଘଣ୍ଟାଏ ଚାଲନ୍ତୁ।



# ମଙ୍ଗଳରେ ହେଲିକପ୍ଟର



ଇଂ. ମାୟାଧର ସ୍ୱାଇଁ




"ପୃଥିବୀ ବାହାରେ କୌଣସି ଗ୍ରହ କିମ୍ବା ଉପଗ୍ରହରେ ହେଲିକପ୍ଟର ଉଡ଼ିବା ଏହା ପ୍ରଥମ ହେବ। ଏହାର ନାମ ହେଉଛି 'ଇନ୍‌ଜେନୁଇଟି'। ଏହା ହେଉଛି ଗୋଟିଏ ଛୋଟ ହେଲିକପ୍ଟର ଏବଂ ପରୀକ୍ଷାମୂଳକ ଭାବେ ମଙ୍ଗଳରେ ଏହାର ଉଡାଣ ପାଇଁ ଏହାକୁ ପଠାଯାଇଛି। ଏହାର ଓଜନ ହେଉଛି ଚାରି ପାଉଣ୍ଡ। ଏହାର ଚାରିଟି ଗୋଡ ଅଛି ଏବଂ ପ୍ରତ୍ୟେକ ଗୋଡର ଦୈର୍ଘ୍ୟ ହେଉଛି ୧୫ଇଞ୍ଚ। କାର୍ବନ-ଫାଇବରରେ ନିର୍ମିତ ଏହାର ରୋଟୋର ବ୍ଲେଡ୍‌ର ଦୈର୍ଘ୍ୟ ହେଉଛି ଚାରିଫୁଟ ଏବଂ ଏହା ହେଉଛି ପର ଭଳି ହାଲୁକା।"

ମଙ୍ଗଳ ହେଉଛି ସୂର୍ଯ୍ୟଠାରୁ ଦୂରତା କ୍ରମରେ ସୌରଜଗତର ଚତୁର୍ଥ ଏବଂ ପୃଥିବୀର ଅନ୍ୟତମ ପଡୋଶୀ ଗ୍ରହ। ଅନେକ ବର୍ଷରୁ ଏହାକୁ ନେଇ ପୃଥିବୀବାସୀଙ୍କ ମନରେ ଅହେତୁକ ଆଶା ଓ କଳ୍ପନା ଥିଲା। ସେଠାରେ ଉନ୍ନତ ଜୀବ ରହିଥିବାର କଳ୍ପନା କରାଯାଇ ଅନେକ ଗଳ୍ପ ଓ ଉପନ୍ୟାସ ରଚିତ ହୋଇଛି। ଗତ ଶତାବ୍ଦୀର ଶେଷାର୍ଦ୍ଧରେ ବିଭିନ୍ନ ଗ୍ରହ ଉପଗ୍ରହ ନିକଟକୁ ମହାକାଶ ଯାନ ଓ ପ୍ରୋବ୍ ପଠାଯାଇ ତଥ୍ୟ ସଂଗ୍ରହ କରିବା ପରେ ବୈଜ୍ଞାନିକମାନେ ବର୍ତ୍ତମାନ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ମଙ୍ଗଳରେ କୌଣସି ଜୀବ ନାହିଁ। କିନ୍ତୁ ମହାକାଶ ଯାନ ପଠାଇଥିବା ବିଭିନ୍ନ ତଥ୍ୟରୁ ଅନୁମାନ କରାଯାଉଛି ଯେ ପୂର୍ବରୁ ସେଠାରେ ତରଳ ଜଳ ଓ ଜୀବଜଗତ ଥିଲା, ମାତ୍ର କୌଣସି କାରଣରୁ ଜଳ ବାଷ୍ପୀଭୂତ ହୋଇଯାଇ ଜୀବଜଗତ ନିଶ୍ଚିହ୍ନ ହୋଇଯାଇଛି। ଏହା ସମ୍ବନ୍ଧରେ ଠିକ୍ ବିବରଣୀ ପାଇବା ପାଇଁ ଏବଂ ମଙ୍ଗଳଗ୍ରହର ମୃତ୍ତିକା ଓ ଜଳବାୟୁ ଅଧ୍ୟୟନ କରିବା ପାଇଁ କେତେଗୁଡିଏ ମହାକାଶ ଯାନ ଏହା କକ୍ଷରେ ପରିକ୍ରମଣ କରୁଛି ଏବଂ କେତୋଟି ରୋଭର ଯାନ ଏହା ପୃଷ୍ଠରେ ବିଚରଣ କରି ବିଭିନ୍ନ ପରୀକ୍ଷା କରୁଛି। ଭାରତର ଦୁଇଟି ଯାନ ମଙ୍ଗଳ କକ୍ଷକୁ ପଠାଯାଇଥିଲା ଏବଂ ଶେଷ ଯାନଟି ବର୍ତ୍ତମାନ ମଧ୍ୟ କାର୍ଯ୍ୟ କରୁଛି।

ଏହି କ୍ରମରେ ମଙ୍ଗଳ ଅଭିଯାନରେ ପଠାଯାଇଥିବା ସଦ୍ୟତମ ମହାକାଶ ଯାନ ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଏହି ବର୍ଷ ଜୁଲାଇ ୩୦ତାରିଖରେ ଉତ୍କ୍ଷେପଣ କରିଛି। ଏଥିରେ 'ପର୍ଜଭେରାନ୍ସ' ନାମକ ରୋଭର ସହିତ ଗୋଟିଏ ହେଲିକପ୍ଟର ସାମିଲ ହୋଇଛି।

ପୃଥିବୀ ବାହାରେ କୌଣସି ଗ୍ରହ କିମ୍ବା ଉପଗ୍ରହରେ ହେଲିକପ୍ଟର ଉଡିବା ଏହା ପ୍ରଥମ ହେବ। ଏହାର ନାମ ହେଉଛି 'ଇନ୍‌ଜେନୁଇଟି'। ଏହା ହେଉଛି ଗୋଟିଏ ଛୋଟ ହେଲିକପ୍ଟର ଏବଂ ପରୀକ୍ଷାମୂଳକ ଭାବେ ମଙ୍ଗଳରେ ଏହାର ଉଡାଣ ପାଇଁ ଏହାକୁ ପଠାଯାଇଛି। ଏହାର ଓଜନ ହେଉଛି ଚାରି ପାଉଣ୍ଡ। ଏହାର ଚାରିଟି ଗୋଡ ଅଛି ଏବଂ ପ୍ରତ୍ୟେକ ଗୋଡର ଦୈର୍ଘ୍ୟ ହେଉଛି ୧୫ଇଞ୍ଚ। କାର୍ବନ-ଫାଇବରରେ ନିର୍ମିତ ଏହାର ରୋଟୋର ବ୍ଲେଡର ଦୈର୍ଘ୍ୟ ହେଉଛି ଚାରିଫୁଟ ଏବଂ ଏହା ହେଉଛି ପର ଭଳି ହାଲୁକା। ଏଥିରେ ଯୋଗାଯୋଗ ଉପକରଣ, କ୍ୟାମେରା, ଗୋଟିଏ ସୌର ଫଳକ ଏବଂ ପୁନଃଚାର୍ଜକ୍ଷମ ଲିଥିୟମ-ଆୟନ ବ୍ୟାଟେରି ଅଛି। ରାତିରେ ମଙ୍ଗଳର ଅତି ଥଣ୍ଡାରୁ ଇଲେକଟ୍ରୋନିକ୍ସ ଯନ୍ତ୍ରପାତିଗୁଡିକୁ ଉଷୁମ ରଖିବା ପାଇଁ ଏଥିରେ ହିଟର ଅଛି। ଏହାର ନିର୍ମାଣ ପାଇଁ ୮୫ ନିୟୁତ ଡଲାର ଖର୍ଚ୍ଚ ହୋଇଛି।



ରୋଭର ଯାନ ୨୦୨୧ ମସିହା ଫେବୃୟାରୀ ମାସରେ ମଙ୍ଗଳର ଜେଜେରୋ ଗର୍ତ୍ତରେ ଅବତରଣ କରିବ। ଏହାପରେ ମଙ୍ଗଳର ପତଳା ବାୟୁମଣ୍ଡଳରେ ହେଲିକପ୍ଟର ତିରିଶ ଦିନରେ ପାଞ୍ଚଥର ଉଡାଣ କରିବ ଏବଂ ପ୍ରତ୍ୟେକ ଉଡାଣର ସମୟ ୯୦ ସେକେଣ୍ଡ ହେବ। ଏହା ଏଥିରେ ଥିବା ସୌର ଫଳକରୁ ଶକ୍ତି ନେଇ କାର୍ଯ୍ୟ କରିବ। ପ୍ରତ୍ୟେକ ଉଡାଣରେ ୩୫୦ ୱାଟ ଶକ୍ତି ଆବଶ୍ୟକ ହେବ। ହେଲିକପ୍ଟରରେ ଥିବା ବ୍ୟାଟେରିକୁ ଦୁଇଟି ଉଡାଣ ମଧ୍ୟରେ ପୁନଃଚାର୍ଜ ହେବା ପାଇଁ ମଙ୍ଗଳରେ ଗୋଟିଏ ଦିନ ଦରକାର ହେବ।

ହେଲିକପ୍ଟରକୁ ଉପରକୁ ଉଠିବା ପାଇଁ ଏହାର ବ୍ଲେଡ ପ୍ରତି ମିନିଟ୍‌ରେ ୨୮୦୦ ଥର ଘୂରିବ। ପୃଥିବୀରେ ହେଲିକପ୍ଟରର ବ୍ଲେଡ୍ ଘୂର୍ଣ୍ଣନ ବେଗଠାରୁ ଏହା ହେଉଛି ଦଶ ଗୁଣ। ହେଲିକପ୍ଟର ମଙ୍ଗଳ ପୃଷ୍ଠରୁ ୧୬ଫୁଟ ଉପରକୁ ଉଠିବ, କିନ୍ତୁ ସେଠାରେ ଏହା ଯେପରି ପରିସ୍ଥିତିର ସମ୍ମୁଖୀନ ହେବ, ତାହା ପୃଥିବୀ ପୃଷ୍ଠରୁ ଏକ ଲକ୍ଷ ଫୁଟ ଉପରକୁ ହେଲିକପ୍ଟର ଉଠିବାର ପରିସ୍ଥିତି ସହ ସମାନ। ସୂଚନାଯୋଗ୍ୟ ଯେ ପୃଥିବୀରେ କୌଣସି ହେଲିକପ୍ଟର ପଚାଶ ହଜାର ଫୁଟ ଉପରକୁ ଯାଇନାହିଁ।

ଇନଜେନୁଇଟି ହେଉଛି ଗୋଟିଏ ପରୀକ୍ଷାମୂଳକ ଛୋଟ ହେଲିକପ୍ଟର। ଏହା ଯଦି ସଫଳ ହୁଏ, ତାହା ହେଲେ ପରବର୍ତ୍ତୀ ଅଭିଯାନରେ ଏହାଠାରୁ ବଡ ଓ ଶକ୍ତିଶାଳୀ ହେଲିକପ୍ଟର ପଠାଇବା ପାଇଁ ଚିନ୍ତା କରାଯାଉଛି। ମଙ୍ଗଳ ପୃଷ୍ଠର ଉଚ୍ଚ ପାହାଡର ପାର୍ଶ୍ୱ କିମ୍ବା ତୀଖା ଗର୍ତ୍ତର କାନ୍ଥ ଆଦି ଯେଉଁସବୁ ଜାଗାକୁ ରୋଭର ଯାଇପାରିବ ନାହିଁ, ସେହି ସ୍ଥାନକୁ ହେଲିକପ୍ଟର ସାହାଯ୍ୟରେ କ୍ୟାମେରା ଓ ବିଜ୍ଞାନ ଯନ୍ତ୍ରପାତି ପଠାଇ ପରୀକ୍ଷା କରିବା ହେଉଛି ହେଲିକପ୍ଟର ପଠାଇବାର ଉଦ୍ଦେଶ୍ୟ। କକ୍ଷ ପ୍ରଦକ୍ଷିଣକାରୀ ଯାନ ସାହାଯ୍ୟରେ ଏହିସବୁ ସ୍ଥାନର ସ୍ପଷ୍ଟ ଚିତ୍ର ମିଳୁନାହିଁ।

ଇନଜେନୁଇଟି ହେଲିକପ୍ଟରକୁ 'ନାସା'ର ଜେଟ୍ ପ୍ରପଲସନ୍ ଲାବରେଟୋରି ନିର୍ମାଣ କରିଛି। ଏହି ସଂସ୍ଥା ୩୩ ପାଉଣ୍ଡ ଓଜନର ଅନ୍ୟ ଏକ ହେଲିକପ୍ଟରର ଡିଜାଇନ୍ କରିଛି, ଯାହା ୩.୩ ପାଉଣ୍ଡର ଯନ୍ତ୍ରପାତି ନେଇପାରିବ। ଭବିଷ୍ୟତରେ ମଙ୍ଗଳରେ ଏକା ସାଥିରେ ଅନେକଗୁଡିଏ ହେଲିକପ୍ଟର ଉଡାଇବା ପାଇଁ 'ନାସା'ର ଯୋଜନା ଅଛି। ନାସା 'ଡ୍ରାଗନ ଫ୍ଲାଏ' ନାମରେ ହେଲିକପ୍ଟର ଆଧାରିତ ଗୋଟିଏ ବଡ ଅଭିଯାନ ପାଇଁ କାର୍ଯ୍ୟ ଆରମ୍ଭ କରିଛି। ଏହା ଶନିଗ୍ରହର ବୃହତ୍ତମ ଉପଗ୍ରହ ଟିଟାନ୍‌ର ରସାୟନ ଅଧ୍ୟୟନ କରିବ। ସୂଚନାଯୋଗ୍ୟ ଯେ ଟିଟାନ୍‌ର ମୋଟା ହାଇଡ୍ରୋକାର୍ବନ ବାୟୁମଣ୍ଡଳ ସହ ଏହା ପୃଷ୍ଠରେ ମିଥେନ୍‌ର ହ୍ରଦ ଓ ସମୁଦ୍ର ଏବଂ ଭୂମି ତଳେ ଜଳୀୟ ମହାସାଗର ଅଛି। ଏଥିପାଇଁ ସେଠାରେ ଜୀବଜଗତ ଗଢି ଉଠିଥିବାର ଅନୁମାନ କରାଯାଉଛି। ପୂର୍ବରୁ ୧୯୮୫ ମସିହାରେ ସୋଭିଏଟ୍ ରୁଷର 'ଭେଗା' ଅଭିଯାନରେ ଶୁକ୍ର ଗ୍ରହରେ ଦୁଇଟି ବେଲୁନକୁ ଉଡାଇ ପାଣିପାଗ ତଥ୍ୟ ସଂଗ୍ରହ କରାଯାଇଥିଲା। କିନ୍ତୁ ଅନ୍ୟ ଗ୍ରହରେ ଶକ୍ତିଚାଳିତ ଯାନ ଉଡିବାରେ ଇନ୍‌ଜେନୁଇଟି ପ୍ରଥମ ହେବ। ଏହାକୁ ଅନେକ ଏକବିଂଶ ଶତାବ୍ଦୀର 'ରାଇଟ୍ ଭ୍ରାତୃଦ୍ୱୟ ମୁହୂର୍ତ୍ତ' କହୁଛନ୍ତି।

-୭୦, ଲକ୍ଷ୍ମୀବିହାର ଫେଜ-୧,
ଭୁବନେଶ୍ୱର, ମୋ-୯୪୩୮୬୯୩୭୨୪

# ପାଟିର ବ୍ୟାକ୍ଟେରିଆ ନଷ୍ଟ କରିବାର ସହଜ ଉପାୟ

ଆମ ପାଟିରେ କେତେକ କାରଣରୁ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାଆନ୍ତି। ଏପରି କି ଏମାନେ ବଂଶବିସ୍ତାର କଲେ ଆମେ ପାଟିଜନିତ ରୋଗର ସମ୍ମୁଖୀନ ହୋଇଥାଉ। ଏହାକୁ ନଷ୍ଟ କରିବାର ଏକ ସହଜ ଉପାୟ ରହିଛି। ଆଜିକାଲି ତ ଚୁଇଙ୍ଗମ ଚୋବାଇବା ଅନେକଙ୍କର ଏକ ଅଭ୍ୟାସ ପାଲଟି ଗଲାଣି କହିଲେ ଭୁଲ୍ ହେବ ନାହିଁ। ତେବେ ଏହି ଚୁଇଙ୍ଗମରେ ହିଁ ପାଟିଭିତରେ ଥିବା ବ୍ୟାକ୍ଟେରିଆକୁ ନଷ୍ଟ କରିବାର ଶକ୍ତି ରହିଛି ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଏପରି ରୋଚକ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଉକ୍ତ ଗବେଷଣାରୁ ସେମାନେ ଜାଣିବାକୁ ପାଇଛନ୍ତି ଯେ, ଚୁଇଙ୍ଗମ ଚୋବାଇବା ଦ୍ୱାରା ପାଟି ଭିତରେ ଥିବା କେତେକ ବ୍ୟାକ୍ଟେରିଆ ନଷ୍ଟ ହୋଇଯାଇଥାଆନ୍ତି। ସେମାନଙ୍କ



ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ଅତିକମ୍‌ରେ ୧୦ ମିନିଟ୍ ଚୁଇଙ୍ଗମ ଚୋବାନ୍ତି, ତା'ହେଲେ ତାଙ୍କର ପାଟି ଭିତରେ ଥିବା ପ୍ରାୟ ୧୦୦ ମିଲିୟନ ବ୍ୟାକ୍ଟେରିଆ ନଷ୍ଟ ହୋଇଯାଇଥାଆନ୍ତି। ଏହି ଗବେଷଣା ସମୟରେ ସେମାନେ କିଛି ବ୍ୟକ୍ତିଙ୍କୁ ପାଖାପାଖି ୧୦ ମିନିଟ୍ ଚୁଇଙ୍ଗମ ଚୋବାଇବାକୁ ପରାମର୍ଶ ଦେଇଥିଲେ। ତା'ପରେ ସେମାନେ ଚୋବାଇଥିବା ଚୁଇଙ୍ଗମକୁ ନେଇ ଏକ ଜୀବାଣୁ ବିହୀନ ପାଣିରେ ପକାଇ ସ୍କାନିଂ ଇଲେକ୍ଟ୍ରୋ ମାଇକ୍ରୋସ୍କୋପି ଦ୍ୱାରା ସେଥିରେ ଶତାଧିକ ବ୍ୟାକ୍ଟେରିଆ ଥିବାର ଦେଖିବାକୁ ପାଇଥିଲେ।


# ଆଣ୍ଠୁଗଣ୍ଠି ଯନ୍ତ୍ରଣାର ଘରୋଇ ଉପଚାର

ଆଜିକାଲି ଆଣ୍ଠୁଗଣ୍ଠି ସମସ୍ୟା କେବଳ ବୟସ୍କ ବ୍ୟକ୍ତି ନୁହନ୍ତି ଯୁବପିଢ଼ିଙ୍କଠାରେ ଦେଖିବାକୁ ମିଳିଲାଣି। ଏହାର ଲକ୍ଷଣ ଜାଣିବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇନେବା ଦରକାର। ତେବେ ଏଥିରୁ ଉପଶମ ପାଇବା ପାଇଁ କେତୋଟି ଘରୋଇ ଉପଚାରକୁ ଆପଣେଇ ପାରନ୍ତି। ଥଣ୍ଡା ହୋଇଥିଲେ କ୍ଷୀର-ଅଦା ମିଶ୍ରିତ ଚା' ପିଇଲେ ଗଣ୍ଠି ବ୍ୟଥାରୁ କେତେକାଂଶରେ ଉପଶମ ମିଳିଥାଏ। ରାତିରେ ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇଲେ ତାହା ଥଣ୍ଡା ଦୂର କରିବା ସହ ଏପରି ସମସ୍ୟାରୁ ଆରାମ ଦେଇଥାଏ। ପ୍ରତିଦିନ ସକାଳୁ ରସୁଣ ଖାଆନ୍ତୁ ଏହାଦ୍ୱାରା ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିଥାଏ। ଅମୃତଭଣ୍ଡା ହେଉଛି ଭିଟାମିନ୍ 'ସି'ର ଏକ ଉତ୍ସ। ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ କେତେକାଂଶରେ ଲାଘବ ମିଳିଥାଏ। ଅନ୍ୟପକ୍ଷରେ ଭିଟାମିନ୍ 'ଇ'ଜାତୀୟ ଖାଦ୍ୟ-ବାଦାମ ଏବଂ ମାଛ ଏହି ସମସ୍ୟା ସହ ଜଡିତ ରୋଗୀଙ୍କ ପାଇଁ ବେଶ୍ ଉପକାରୀ।



# ସ୍ୱାସ୍ଥ୍ୟ ସୂଚନା

- ପ୍ରତିଦିନ କିଛି ନା କିଛି ପ୍ରୋଟିନଯୁକ୍ତ ଖାଦ୍ୟ ଖାଆନ୍ତୁ। କାରଣ ଏପରି ଖାଦ୍ୟ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ବ୍ରେକଫାଷ୍ଟରେ ତଟକା ଫଳଜୁସ୍ ସାମିଲ କରନ୍ତୁ। ଏହା ଶରୀର ପାଇଁ କେତେ ଲାଭପ୍ରଦ ତାହା କହିବା ବାହୁଲ୍ୟ।
- ସକାଳୁ ବିଛଣା ଛାଡିବା ପୂର୍ବରୁ କିଛି ସମୟ ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ। ଏହାଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ହେବା ସହ ଏହାର ସୁପ୍ରଭାବ ପାଚନକ୍ରିୟା ଉପରେ ପଡିଥାଏ। ତା'ସହ ଅଣ୍ଟାଜନିତ ସମସ୍ୟାରୁ ଏହା କେତେକାଂଶରେ ଉପଶମ ଦେଇଥାଏ।
- ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞଙ୍କ ନିକଟରେ ନିଜର ଦାନ୍ତ ପରୀକ୍ଷା କରାଇ ନିଅନ୍ତୁ। ପ୍ରତିଦିନ ସକାଳେ ଏବଂ ରାତ୍ରିଭୋଜନ ପରେ ଭଲ ଭାବରେ ଦାନ୍ତ ଘଷନ୍ତୁ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା ସାମିଲ କରନ୍ତୁ। କାରଣ ଏଥିରୁ ଶରୀରକୁ ପ୍ରଚୁର ପରିମାଣରେ ଭିଟାମିନ୍ 'ସି' ମିଳିଥାଏ।
- ବ୍ୟାୟାମ କରିବା ସମୟରେ ସଫ୍ଟ ଡ୍ରିଙ୍କସ କିମ୍ବା ଏନର୍ଜି ଡ୍ରିଙ୍କସ ପିଅନ୍ତୁ ନାହିଁ।



# କୋଲେଷ୍ଟରଲକୁ ସନ୍ତୁଳିତ ରଖେ ଭିଟାମିନ୍ 'ଇ'



ଆବଶ୍ୟକ ମୁତାବକ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ସାବ୍ୟସ୍ତ ହୋଇଥାଏ। ଖାସ୍ କଥା ହେଲା, ଏହି ଭିଟାମିନ୍ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ଏହା ଚର୍ବି ସହ ମିଶି ଆଣ୍ଟିଅକ୍ସିଡାଣ୍ଟ ପରି କାମ କରିଥାଏ। ତେଣୁ ପ୍ରତିଦିନ କିଛି ପରିମାଣର ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଇବା ଦରକାର। ଏପରି ଖାଦ୍ୟ ଶରୀରରେ କୋଲେଷ୍ଟରଲ ପରିମାଣକୁ ମଧ୍ୟ ସନ୍ତୁଳିତ ରଖିଥାଏ। ଭିଟାମିନ୍ 'ଇ' ଶରୀରରେ ଲାଲ ରକ୍ତ କୋଷିକା ତିଆରି କରିଥାଏ। ଶରୀରରେ ଭିଟାମିନ୍ 'ଇ' ପରିମାଣ ସନ୍ତୁଳିତ ରହିଲେ ତାହା ମାନସିକ ଅବସାଦ ପରି ସମସ୍ୟାକୁ ଅନେକାଂଶରେ ଦୂରେଇ ରଖିଥାଏ। ତେବେ ଭିଟାମିନ୍ 'ଇ'ଯୁକ୍ତ ଔଷଧ ଖାଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ସେଓ, ଟମାଟୋ, ଅମୃତଭଣ୍ଡାରେ ଭିଟାମିନ୍ 'ଇ' ଭରି ରହିଛି।

**ମୁହୂର୍ତ୍ତ ଟ୍ରେଡିଂରେ ୧୯୫ ପଏଣ୍ଟ ବଢିଲା ସେନ୍‌ସେକ୍ସ**

ଦିୱାଲି ଅବସରରେ ଏକ ଘଣ୍ଟିଆ ସ୍ୱତନ୍ତ୍ର ମୁହୂର୍ତ୍ତ ଟ୍ରେଡିଂରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୯୫ ପଏଣ୍ଟ ବୃଦ୍ଧି ପାଇଛି। ଏହି ସମୟରେ ସୂଚକାଙ୍କ ୪୩,୬୩୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୬୦ ପଏଣ୍ଟ ଉଚ୍ଚରେ ରହି ୧୨,୭୭୧ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି।

## ସଂକ୍ଷେପରେ

### ଜାଲ୍ ଜିଏସ୍‌ଟି ବିଲ୍ ମାମଲାରେ ୨୫ ଗିରଫ

ନୂଆଦିଲ୍ଲୀ,୧୫।୧୧
ଜାଲ୍ ଜିଏସ୍‌ଟି ବିଲ୍ ମାମଲାରେ ଜିଏସ୍‌ଟି ସତର୍କତା ମହାନିର୍ଦ୍ଦେଶାଳୟ ପକ୍ଷରୁ ୨୫ ଜଣ ବ୍ୟକ୍ତିବିଶେଷଙ୍କୁ ଗିରଫ କରାଯାଇଛି। ଏହି ଲୋକମାନେ ରେଡିମେଡ କପଡା, ସୁନା, ଚାନ୍ଦି, କବାଡି କାରବାରର ଜାଲ ବିଲ୍ ପ୍ରସ୍ତୁତ କରିବା ଅଭିଯୋଗ ଆସିଛି। ପ୍ରାୟ ୧୧୮୦ ସଂସ୍ଥା ବିରୋଧରେ ଏ ନେଇ ୩୫୦ ମାମଲା ଦାୟର କରାଯାଇଛି। ଜିଏସ୍‌ଟି ଚୋରୀ କରିବା ଲାଗି ଏଭଳି ଏକ ଉପାୟ ଲୋକମାନେ ଆପଣାଇ ଥିବା ଜଣାପଡିଛି। ଏହି ମାମଲାରେ ତନାଘନା ଜାରି ରହିଛି। ନକଲି ଚାଲାଣ, ହୱାଲା ର୍‍ୟାକେଟ ଦ୍ୱାରା ଅର୍ଥ ବ୍ୟବସ୍ଥାକୁ କ୍ଷତି ପହଞ୍ଚିବାର ଆଶଙ୍କା ରହିଛି। ଏ ହାକୁ ବିଚାର କରି ଜିଏସ୍‌ଟି ପଞ୍ଜୀକରଣ ପ୍ରକ୍ରିୟାକୁ କଡାକଡି କରାଯାଇଛି।

### ୨ରୁ ୩ ବର୍ଷରେ ୫୦୦ ଖଣିଜ ବ୍ଲକ ନିଲାମ ହେବ

ନୂଆଦିଲ୍ଲୀ,୧୫।୧୧
ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ ସାରା ଦେଶରେ ପ୍ରାୟ ୫୦୦ ଖଣିଜ ବ୍ଲକ ନିଲାମ କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଖଣି ଖନନ ପ୍ରକ୍ରିୟାରେ ସୁଧାର ଆଣିବା ଲାଗି ସରକାର ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି। ଏହି ଯୋଜନାକୁ ଆଗାମୀ ଗୋଟିଏ ମାସ ମଧ୍ୟରେ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ରହିଛି। କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି ଯେ, ପ୍ରସ୍ତାବିତ ସୁଧାର ପ୍ରକ୍ରିୟାରେ ଏମ୍‌ଏମ୍‌ଡିଆର୍ ଆଇନ ମଧ୍ୟ ସାମିଲ ରହିଛି। ସୁଧାର ପ୍ରକ୍ରିୟା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ଆଗାମୀ ୩ ବର୍ଷରେ ୫୦୦ ଖଣି ଖନନ ଲାଗି ସୁବିଧା ହେବ। ସୂଚନା ଯୋଗ୍ୟ କେନ୍ଦ୍ର ସରକାର ଆତ୍ମ ନିର୍ଭର ଭାରତ ଯୋଜନାରେ ଖଣିଜ କ୍ଷେତ୍ରରେ ଘରୋଇ ନିବେଶକୁ ବଢାଇବା ଦିଗରେ ବିଭିନ୍ନ କାର୍ଯ୍ୟ କରୁଛନ୍ତି। ଏହାକୁ ଧ୍ୟାନରେ ରଖି ବିଭିନ୍ନ ସୁଧାର ପ୍ରକ୍ରିୟା ହାତକୁ ନିଆଯାଉଛି।

# ଦିୱାଲିରେ ୭୨ ହଜାର କୋଟିର କାରବାର

ନୂଆଦିଲ୍ଲୀ,୧୫।୧୧



କରୋନାର ପ୍ରଭାବ ସାରା ଦେଶରେ ରହିଥିବା ବେଳେ ଚଳିତ ଏହି ପର୍ବକୁ ଏକ ଭିନ୍ନ ଭାବେ ପାଳନ କରାଯାଇଛି। ଭାରତୀୟ ସାମଗ୍ରୀକୁ ବୃହତ୍ତ ମାତ୍ରାରେ ବ୍ୟବହାର ଏବଂ ଚାଇନା ସାମଗ୍ରୀର ବ୍ୟବହାର କମ୍ କରିବା ଉପରେ ସାରା ଦେଶରେ ଏକ ଟ୍ରେଣ୍ଡ ଦେଖିବାକୁ ମିଳିଛି। ଚାଇନା ସାମଗ୍ରୀ ବର୍ଜନ କରିବା ଲାଗି ଦେଶ ମଧ୍ୟରେ ଏକ କ୍ୟାମ୍ପେନ ଗତ ୮ ମାସ ହେବ ଜାରି ରହିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୋକାଲ ଫର ଲୋକାଲ ଉପରେ ଧ୍ୟାନ ଦେବାକୁ ଦେଶବାସୀଙ୍କୁ କହିଥିଲେ। କନଫେଡେରେଶନ ଅଫ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ନେତୃତ୍ୱରେ ସାରା ଦେଶର ବ୍ୟବସାୟୀମାନେ ଆତ୍ମ ନିର୍ଭର ଭାରତକୁ ମଜବୁତ କରିବା ଦିଗରେ ଯୋଗଦାନ ଦେଇଥିବା ଜଣାପଡିଛି। ଚଳିତ ବର୍ଷ ଦୀପାବଳିରେ ସାରା ଦେଶରେ କାରବାର ଉନ୍ନତ ରହିଛି।

ସିଏଆଇଟି ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ସି. ଭାରତୀୟା କହିଛନ୍ତି ଯେ, ସାରା ଦେଶରେ ଦିୱାଲିରେ ପ୍ରାୟ ୭୨ ହଜାର କୋଟି ଟଙ୍କାର କାରବାର ହୋଇଛି। ଚାଇନାକୁ ପ୍ରାୟ ୪୦ ହଜାର କୋଟି ଟଙ୍କାର ବ୍ୟବସାୟ ଘାଟା ସହିବାକୁ ପଡିଛି। ସରକାରୀ ନୀତି ଠିକ୍ ନ ହେବା ଯୋଗୁ ବାଣ ପ୍ରସ୍ତୁତକାରୀ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ପ୍ରାୟ ୧୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି ସହିବାକୁ ପଡିଛି। ସେନ୍‌ସେକ୍ସ ମୁହୂର୍ତ୍ତ ଟ୍ରେଡିଂରେ ମଧ୍ୟ ଭଲ କାରବାର ହୋଇଛି। କରୋନା ଲକଡାଉନ ହେବା ସତ୍ତ୍ୱେ ମଧ୍ୟ କାରବାର

**ଚାଇନାକୁ ୪୦ ହଜାର କୋଟିର ଝଟକା**

୧୦% ଉଚ୍ଚରେ ରହିଛି। ଚାଇନା ସାମଗ୍ରୀ ବର୍ଜନ ଅନ୍ତର୍ଗତ ଚଳିତ ବର୍ଷ ଦେଶବାସୀ ସେହି ଦେଶକୁ ୪୦ ହଜାର କୋଟି ଟଙ୍କାର ଝଟକା ଦେଇଛନ୍ତି।

ସୂଚନା ଯୋଗ୍ୟ, ଆଗାମୀ ୨୦୨୧ ଯାଏ ପ୍ରାୟ ଲକ୍ଷେ କୋଟି ଟଙ୍କାର ଚାଇନା ସାମଗ୍ରୀ ଆମଦାନୀକୁ କମ କରିବା ସହ ବିକ୍ରି ନ କରିବା ଲାଗି ସାରା ଦେଶର ବ୍ୟବସାୟୀ ଅଡି ବସିଛନ୍ତି। ଚାଇନା ସାମଗ୍ରୀ ବିକ୍ରିକୁ କମ୍ କରିବା ଲାଗି ଚଳିତ ବର୍ଷ ବ୍ୟବସାୟୀ ବେଶ ଯତ୍ନବାନ ହୋଇଛନ୍ତି। ଘରୋଇ ବଜାରରେ ପ୍ରସ୍ତୁତ ସାମଗ୍ରୀ ବିକ୍ରିକୁ ଉତ୍ସାହିତ କରିବା ଲାଗି ଏହା ସହାୟକ ହେଉଥିବା ଭାରତୀୟା କହିଛନ୍ତି।

# ଅର୍ବାନ ଲ୍ୟାଡରର ୯୬% ଅଂଶଧନ କିଣିଲା ରିଲାଏନ୍ସ

ନୂଆଦିଲ୍ଲୀ,୧୫।୧୧

ହୋମ୍ ଡେକୋର ସଲ୍ୟୁଶନ କମ୍ପାନୀ ଅର୍ବାନ ଲ୍ୟାଡରର ୯୬% ଅଂଶଧନକୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ରିଟେଲ କମ୍ପାନୀ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ କ୍ରୟ କରିଛି। ୧୮୨.୧୨ କୋଟି ଟଙ୍କାରେ ଏହି ଚୁକ୍ତି ହୋଇଛି। ଏହା ଦ୍ୱାରା ରିଲାଏନ୍ସକୁ ଶତ ପ୍ରତିଶତ ଶେୟାର ହୋଲ୍ଡିଂ ମିଳିଯିବ ବୋଲି ଜଣାପଡିଛି। ରିଲାଏନ୍ସ ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ଏକ ଫାଇଲିଂରେ କହିଛି ଯେ, ଅର୍ବାନ ଲ୍ୟାଡରରେ ୭୫ କୋଟି ଟଙ୍କା ନିବେଶ କରାଯିବ। ବାକି ନିବେଶ ୨୦୨୩ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ। ୨୦୧୨ ଫେବୃୟାରୀରେ ଅର୍ବାନ ଲ୍ୟାଡର ଭାରତରେ ଏହାର କାରବାର ଆରମ୍ଭ କରିଥିଲା। ଡିଜିଟାଲ ପ୍ଲାଟଫର୍ମରେ ଫର୍ନିଚର ଏବଂ ଡେକୋର ଉତ୍ପାଦର ବିକ୍ରି କ୍ଷେତ୍ରରେ ଅର୍ବାନ ଲ୍ୟାଡର ଏକ ପ୍ରମୁଖ କମ୍ପାନୀ ରହି ଆସିଛି। ଦେଶର ବିଭିନ୍ନ ସହରରେ ଏହାର ରିଟେଲ ଷ୍ଟୋର ମଧ୍ୟ ରହିଛି। ୨୦୧୯ରେ ଏହି କମ୍ପାନୀ ୪୩୪ କୋଟି ଟଙ୍କାର କାରବାର କରିଥିଲା। କମ୍ପାନୀ ୪୯.୪୧ କୋଟି ଟଙ୍କା ଲାଭ ମଧ୍ୟ କରିଛି। ୨୦୧୮ରେ ଏହି କମ୍ପାନୀ ୧୧୮ କୋଟି ଟଙ୍କା କାରବାର କରିଥିଲା। ରିଟେଲ କ୍ଷେତ୍ରରେ ନିଜର ଦୃଢ ଉପସ୍ଥିତି ଜାହିର କରିବା ଲାଗି ରିଲାଏନ୍ସ ଯୋଜନା ରଖିଛି। ଏଥି ଲାଗି ଅର୍ବାନ ଲ୍ୟାଡରକୁ ଅଧିଗ୍ରହଣ କରିଥିବା ଜଣାପଡିଛି।

# ଅର୍ଥନୈତିକ ସୁଧାର ତ୍ୱରାନ୍ୱିତ ହେବ

ନୂଆଦିଲ୍ଲୀ,୧୫।୧୧



ଭାରତୀୟ ଅର୍ଥ ବ୍ୟବସ୍ଥାରେ ସୁଧାର ପ୍ରକ୍ରିୟା ଆଶାଠାରୁ ଅଧିକ ହେବ। ଚଳିତ ଆର୍ଥିକ ବର୍ଷ ଚତୁର୍ଥ ତ୍ରୈମାସରେ ମୁଦ୍ରାସ୍ଫୀତି ୬%ରୁ ଉର୍ଦ୍ଧ୍ୱ ରହିପାରେ। ଅକ୍ସଫୋର୍ଡ ଇକୋନୋମିକ୍ସ ପକ୍ଷରୁ ଏଭଳି ପୂର୍ବାନୁମାନ କରାଯାଇଛି। ରିପୋର୍ଟ ମୁତାବକ, ତେଲକୁ ଛାଡିଦେଲେ ଅନ୍ୟ ସବୁ ବର୍ଗରେ ଦରଦାମ ବଢିବା ଯୋଗୁ ଖାଉଟି ମୁଦ୍ରାସ୍ଫୀତି ଉଚ୍ଚରେ ରହିଛି। ଚତୁର୍ଥ ତ୍ରୈମାସରେ ମୁଦ୍ରାସ୍ଫୀତି ସବୁଠାରୁ ଉଚ୍ଚରେ ପହଞ୍ଚିପାରେ। ପନିପରିବା ଏବଂ ଅଣ୍ଡା ଭଳି ସାମଗ୍ରୀ ଦର ଉଚ୍ଚରେ ରହିବା ଯୋଗୁ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୭.୬୧% ରହିଛି। ଗତ ସାଢେ ଛଅ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତି ସବୁଠାରୁ ଉଚ୍ଚରେ ରହିଛି। ରିଜର୍ଭ ବ୍ୟାଙ୍କ ଅନୁମାନଠାରୁ ଏହି ସ୍ତର ଢେର ଅଧିକ। ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି

**ଅକ୍ସଫୋର୍ଡ ଇକୋନୋମିକ୍ସର ଆକଳନ**

୭.୨୭% ସ୍ତରରେ ରହିଥିଲା।

ସେହିଭଳି ରେଟିଂ ଏଜେନ୍ସି ମୁଡିସ୍ କହିଛି ଯେ, ଭାରତୀୟ ଅର୍ଥ ବ୍ୟବସ୍ଥା ସୁଧାର ପଥକୁ ଫେରୁଛି। ୨୦୨୦ରେ ଭାରତର ଜିଡିପି ହ୍ରାସ ୮.୯% ରହିପାରେ। ଜିଡିପି ୯.୬% ଖସିବ ବୋଲି ମୁଡିସ ଏହା ପୂର୍ବରୁ କହିଥିଲା। ଭାରତ, ବ୍ରାଜିଲ, ମେକ୍ସିକୋ ଏବଂ ଇଣ୍ଡୋନେସିଆ ଭଳି ଦେଶଗୁଡିକରେ ମୁଦ୍ରାନୀତି ହ୍ରାସ ହେବାର ସମ୍ଭାବନା ରହିଥିବା କହିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଜିଡିପି ୮.୬% ଖସିବ ବୋଲି ରିଜର୍ଭ ବ୍ୟାଙ୍କର ଜଣେ ଅଧିକାରୀ କହିଛନ୍ତି। ଲଗାତର ଦ୍ୱିତୀୟ ତ୍ରୈମାସ ଲାଗି ଦେଶର ଅର୍ଥ ବ୍ୟବସ୍ଥା ଖସିବା ଯୋଗୁ ମାନ୍ଦାବସ୍ଥା ମଧ୍ୟରେ ଭାରତ ଫସିଯାଇଛି ବୋଲି ଅଧିକାରୀ ମତ ରଖିଛନ୍ତି। ଲକ୍‌ଡାଉନ କାରଣରୁ ପ୍ରଥମ ତ୍ରୈମାସରେ ଜିଡିପି ୨୩.୯% ହ୍ରାସ ପରିଲକ୍ଷିତ ହୋଇଛି।

# ଡଲାର ଇଣ୍ଡଷ୍ଟ୍ରିଜର ଆର୍ଥିକ ଫଳାଫଳ

ନୂଆଦିଲ୍ଲୀ,୧୫।୧୧

ଡଲାର ଇଣ୍ଡଷ୍ଟ୍ରିଜ ପକ୍ଷରୁ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ କମ୍ପାନୀ ୨୫୮.୯୮ କୋଟି ଟଙ୍କାର କାରବାର କରିଛି। ଏହା ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ମୋଟ ୪୧୯.୧୬ କୋଟି ଟଙ୍କାର କାରବାର ହାସଲ କରିଛି। ଏହି ଅବସରରେ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା କହିଛନ୍ତି, ଉତ୍ପାଦନ ଏବଂ ଯୋଗାଣ ଚେନ୍ ବର୍ତ୍ତମାନ ସ୍ୱାଭାବିକ ସ୍ଥିତିକୁ ଫେରୁଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ କାରବାର ଉନ୍ନତ କରିବା ଲାଗି ପ୍ରୟାସ କରାଯାଇଥିଲା। ରାଜସ୍ୱ ଏବଂ ଲାଭ କ୍ଷେତ୍ରରେ ଅଭିବୃଦ୍ଧି କରିବାକୁ ସକ୍ଷମ ହୋଇଛୁ। କାରବାର ଭଲ କରିବା ନେଇ ପ୍ରୟାସ ଜାରି ରହିବ।

# ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟର ମାର୍କେଟ ଷ୍ଟର୍ମିଂ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୫।୧୧

ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ଲିମିଟେଡ ପକ୍ଷରୁ ଯାଜପୁରଠାରେ ଏକ ମାର୍କେଟ ଷ୍ଟର୍ମିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମ୍ପାନୀର ଓଡିଶା ସେଲ୍‌ସ ଆଣ୍ଡ ମାର୍କେଟିଂ ମୁଖ୍ୟ ସୁସିମ ଚନ୍ଦ୍ର ପାତ୍ର, ଟେକ୍ନିକାଲ ହେଡ୍ ସିଦ୍ଧାର୍ଥ ଚୌଧୁରୀ, ବ୍ରାଣ୍ଡିଙ୍ଗ ମୁଖ୍ୟ ଚିନ୍ମୟ ସତ୍ୟବ୍ରତ ନାୟକ, ଲଜିଷ୍ଟିକ ମୁଖ୍ୟ ଶତ୍ରୁଜିତ ସିଂହ, ଆକାଉଣ୍ଟ ମୁଖ୍ୟ ପ୍ରମୋଦ କୁମାର ଜେନା, ମାନବସମ୍ବଳ ଅଧିକାରୀ ଅଭିରୂପ ଚାଟାର୍ଜୀ, ଏରିଆ ସେଲସ ମ୍ୟାନେଜର ପ୍ରଦ୍ୟୁତ ଚକ୍ରବର୍ତ୍ତୀ ଏବଂ ସେଲସ ପ୍ରମୋଟର ଓ ସି ଆଣ୍ଡ ଏଫ୍ ଦେବଦତ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମାର୍କେଟିଂ ମୁଖ୍ୟ ପାତ୍ର ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ଓ ଷ୍ଟିଲର କାରବାର ବ୍ୟାପକ କରିବା ଉପରେ ମତ ରଖିଥିଲେ। ସେହିଭଳି ଖୁବ୍ କମ ସମୟ ମଧ୍ୟରେ କମ୍ପାନୀର ଉନ୍ନତ ମାନର ପ୍ରଡକ୍ଟ, ଉଚିତ ମୂଲ୍ୟ, ଉଚ୍ଚ ମାନର ସର୍ଭିସ ଓ ଆକର୍ଷଣୀୟ ଅଫର ଯୋଗୁ ଉଭୟ ଗ୍ରାହକ ଓ କମ୍ପାନୀ ସହ ଜଡିତ ସବୁ ଜିଲାର ଡିଲରମାନଙ୍କର ପ୍ରିୟଭାଜନ ହୋଇପାରିଛି ବୋଲି ଅଧିକାରୀମାନେ ଅବଗତ କରାଇଥିଲେ। ଯାଜପୁର ଜିଲାର ପ୍ରମୁଖ ସିମେଣ୍ଟ ଓ ଷ୍ଟିଲ ବିକ୍ରେତା ଓ ଗ୍ରାହକମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କମ୍ ଦିନରେ ପାଚିଲା ଧାନ, ଚିନ୍ତାରେ ଚାଷୀ

ଜଗତ୍‌ସିଂହପୁର ଅଫିସ, ୧୫।୧୧



- ବିଲରେ ପାଣି ଯୋଗୁ ବଢ଼ିଛି ସମସ୍ୟା
- ଅଧିକ ଦିନରେ ଅମଳ କହି ବିହନ ଦେଇଥିଲେ ବିକ୍ରେତା

ଜଗତ୍‌ସିଂହପୁର ଜିଲାର ବହୁ ଚାଷୀ ଏବେ ଅସ୍ୱାଭାବିକ ପରିସ୍ଥିତିର ସାମ୍ନା କରି ଚିନ୍ତାରେ ପଡ଼ିଛନ୍ତି। ସେମାନଙ୍କ ବିଲରେ ଆଣ୍ଠୁଏ ଲେଖାଏ ପାଣି ରହିଥିବାବେଳେ ଧାର୍ଯ୍ୟ ସମୟର ବହୁ ପୂର୍ବରୁ ଧାନ ପାଚି ଶୋଇ ପଡ଼ିଲାଣି। ଧାନ କାଟିବା ଜରୁରୀ ଥିଲେ ମଧ୍ୟ ସମ୍ଭବ ହୋଇପାରୁନାହିଁ। ଏଥିସହ ଅନେକ ସ୍ଥାନରେ ଜଓ୍ୱା ପୋକ ଦାଉ ସାଧୁଛି। ଏ ପରିସ୍ଥିତିରେ ଚାଷୀ କ'ଣ କରିବେ କିଛି ଭାବିପାରୁନାହାନ୍ତି। ବିହନ ବିକ୍ରେତା ଅଧିକ ଦିନିଆ ଅମଳକ୍ଷମ କହି କମ୍ ଦିନିଆ ବିହନ ବିକ୍ରି କରିବାରୁ ଚାଷୀଙ୍କ ଏଭଳି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଅନେକ ସମୟରେ ଚାଷୀ କ୍ଷତିଗ୍ରସ୍ତ ହେଉଥିବା ବେଳେ ଏବେ ବିହନ ଯୋଗୁ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି।

ତିର୍ତ୍ତୋଲ ବ୍ଲକ ବିରିତୋଳର ଚାଷୀ ସୁରେନ୍ଦ୍ର କୁମାର ମହାନ୍ତିଙ୍କ କହିବାନୁଯାୟୀ, ସେ ପାଖାପାଖି ୧.୪ ଏକର ଧାନ ଚାଷ କରିଛନ୍ତି। ଏଥିନେଇ ସେ ଜଗତ୍‌ସିଂହପୁର ହାଟବଜାରସ୍ଥିତ ନିରଞ୍ଜନ ଆଗ୍ରୋରୁ ୧ ପ୍ୟାକେଟ୍ ଗାୟତ୍ରୀ ଓ ୧ ପ୍ୟାକେଟ୍ ପୂଜା ଗୋଲ୍ଡ ବିହନ କିଣିଥିଲେ। ପୂଜା ଗୋଲ୍ଡ ୧୫୦ ଦିନରେ ଅମଳ ହେବ ବୋଲି ଯାହା କୁହାଯାଇଥିଲା, ସେଥିରେ ବ୍ୟତିକ୍ରମ ଦେଖାଦେଇଛି। କାରଣ ସେ ଯେତେବେଳେ ନିରଞ୍ଜନ ଆଗ୍ରୋରେ ପହଞ୍ଚିଥିଲେ ଅଧିକ ଦିନରେ ଅମଳ ହେଉଥିବା ଧାନ ବିହନ ଚାହିଁଥିଲେ। ସଂସ୍ଥା ପକ୍ଷରୁ ମହାରାଷ୍ଟ୍ର କମ୍ପାନୀ ଅଙ୍କୁର ସିଡ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଯୋଗାଯାଉଥିବା ପୂଜା ଗୋଲ୍ଡ ଭଲ ହେବ ବୋଲି କୁହାଯାଇଥିଲା। ସେହି ସମୟରେ ଉକ୍ତ କମ୍ପାନୀ ଡିଷ୍ଟ୍ରିବ୍ୟୁଟରଙ୍କ ଜଣେ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଧାନ ୧୫୦ ଦିନରେ ଅମଳ ଦେବାର ପ୍ରତିଶ୍ରୁତି ମିଳିବାରୁ ସୁରେନ୍ଦ୍ର କିଣିଥିଲେ। କିନ୍ତୁ ୯୦ରୁ ୧୦୦ ଦିନ ମଧ୍ୟରେ ଧାନ ପାଚିବା ଆରମ୍ଭ କରିଥିଲା। ଏହା ଦେଖି ସେ ବିବ୍ରତ ହେବା ସହ ନିରଞ୍ଜନ ଆଗ୍ରୋରେ ତାଙ୍କର ଅସନ୍ତୋଷ ପ୍ରକାଶ କରିଥିଲେ। ତାଙ୍କର ଯୁକ୍ତି ଥିଲା, ଏତେ କମ୍ ଦିନରେ ଧାନ ପାଚିଯିବାରୁ କାଟିବା ସମ୍ଭବ ହେଉନି। କାରଣ ବିଲରେ ଆଣ୍ଠୁଏ ପାଣି ସାଙ୍ଗକୁ ପାର୍ଶ୍ୱ ବିଲରେ ଅନ୍ୟ କିସମର ଧାନ ହୋଇଛି, ଯେଉଁଗୁଡିକ ସବୁଜ ରହିଛି। ତେଣୁ ବିଲରୁ ଧାନ ଆଣି ହେଉନି। ନିରଞ୍ଜନ ଆଗ୍ରୋର ମାଲିକ ପରିସ୍ଥିତିର ସମାଧାନ ପାଇଁ ଧାନ ଉଠାଇ ନେବେ ବୋଲି ପ୍ରତିଶ୍ରୁତି ଦେବା ସହ ଜଣେ ଲୋକଙ୍କୁ ଦେଖି ଆସିବାକୁ ପଠାଇଥିଲେ। ସମ୍ପୃକ୍ତ ବ୍ୟକ୍ତି ମଧ୍ୟ ସୁରେନ୍ଦ୍ରଙ୍କ କଥାର ସତ୍ୟତା ଥିବା କହିଥିଲେ। ଏହାପରେ ନିରଞ୍ଜନ ଆଗ୍ରୋ ପକ୍ଷରୁ ଧାନ କାଟିବା ପାଇଁ ଗୋଟିଏ ଦିନ ୮ ଓ ତା' ପରଦିନ ୬ଜଣ ଲୋକ ପଠାଯାଇଥିଲା। ସେ ନିଜ ଆଡୁ ୭ଜଣ ଲୋକ ଲଗାଇଥିଲେ। ମୋଟ ଉପରେ ୨୧ ଜଣ ଲୋକ ୬ ଗୁଣ୍ଠ ଧାନ କାଟିଥିଲେ। ଧାନର ମୂଲ୍ୟଠାରୁ ମଜୁରିଆଙ୍କ ମୂଲ ଅଧିକ ହୋଇଯିବା ହିସାବ କରି ନିରଞ୍ଜନ ଆଗ୍ରୋ ପକ୍ଷରୁ କଟା ବନ୍ଦ କରାଯିବା ସହ ପୂରା ଶୁଖିଗଲେ ନେବେ ବୋଲି କୁହାଯାଇଥିଲା। କିନ୍ତୁ ଏବେ ଜଓ୍ୱା ପୋକ ଦାଉ ସାଧିଛି। ଏ ପରିସ୍ଥିତିରେ ସେ ଅସହାୟ ହୋଇ ପଡିଥିବା ସୁରେନ୍ଦ୍ର କହିଛନ୍ତି।

ସେହିପରି ବିରିତୋଳ ସଲମପୁରର ଅକ୍ଷୟ କୁମାର ମହାନ୍ତିଙ୍କ କହିବା କଥା ହେଲା, ସେ ଅଧିକ ଦିନିଆ ଅମଳକ୍ଷମ ଧାନ ବିହନ କିଣିବାକୁ ରେଢୁଆର କ୍ଷେତ୍ରମୋହନ ବେହେରାଙ୍କ ଦୋକାନରେ ପହଞ୍ଚିଥିଲେ। ବେହେରା ତାଙ୍କୁ ୧୬୦ ଦିନରେ ଅମଳ ହେଉଥିବା 'ମହାନଦୀ' ବିହନ ନେଲେ ଭଲ ହେବ ବୋଲି କହିବାରୁ ୧ ଏକର ଧାନ ଚାଷ ପାଇଁ ୧୦ କିଲୋଗ୍ରାମ ବିହନ କିଣିଥିଲେ। କିନ୍ତୁ ୯୦ରୁ ୧୦୦ ଦିନ ମଧ୍ୟରେ ଧାନ ପାଚିବା ଆରମ୍ଭ କରିଥିଲା। ଏବେ ବିଲରେ ପାଣି ଥିବାରୁ ଅମଳ ସମ୍ଭବ ହେଉନି। ଜାନୁୟାରୀରେ ଧାନ ଅମଳ ହେବ ବୋଲି କୁହାଯାଇଥିବା ବେଳେ ଏବେ ଧାନ ପାଚିଥିବାରୁ ସେ କ'ଣ କରିବେ ବୋଲି ବେହେରାଙ୍କୁ ପଚାରିଥିଲେ। ବେହେରାଙ୍କ ପକ୍ଷରୁ ମଧ୍ୟ ଲୋକ ପଠାଯାଇ ଅନୁଧ୍ୟାନ ହୋଇଥିଲା। କିନ୍ତୁ କୌଣସି ପ୍ରତିକାର ନ ହେବାରୁ ସେ ହାତ ଟେକି ଦେଇଛନ୍ତି। ଅନୁରୂପ ଭାବେ ଏହି ଗାଁର ଫକୀର ପ୍ରଧାନ ୧.୫ ଏକର, ପରମାନନ୍ଦ ମହାନ୍ତିଙ୍କ ପୁଅ ଭାଗ୍ୟଧର ୧.୫ ଏକର, ଅଭୟ ମହାନ୍ତି ୧ ଏକର, ରଜତ କୁମାର ଦାଶ ୨.୫ ଏକର, ସୁଧାକର ସାହୁ ୨୦ ଗୁଣ୍ଠ, ଅଙ୍ଗଦ ପରିଡ଼ା ୧୪ ଗୁଣ୍ଠ, ଚକ୍ରଧର ପ୍ରଧାନ ୧ ଏକର ଓ ସୁଧାକର ପରିଡ଼ା ୧.୫ ଏକର ମହାନଦୀ ବିହନରେ ଧାନ ଚାଷ କରି ଏବେ ବିଲରେ ପାଣି ଯୋଗୁ ମୁଣ୍ଡରେ ହାତ ବାନ୍ଧି ବସିଛନ୍ତି। କେବଳ ଏହି ଅଞ୍ଚଳ ନୁହେଁ ଗୋପାଳପୁର ପଞ୍ଚାୟତ ସମେତ ଜିଲାର ଅନେକ ସ୍ଥାନରେ ଅନୁରୂପ ସମସ୍ୟା ସୃଷ୍ଟି ହୋଇଥିବାରୁ ଅଭିଯୋଗ ହୋଇଛି।

ଉପରୋକ୍ତ ଅଭିଯୋଗ ସମ୍ପର୍କରେ ନିରଞ୍ଜନ ଆଗ୍ରୋ ପ୍ରୋପ୍ରାଇଟର ନିରଞ୍ଜନ ସାହୁଙ୍କ କହିବାନୁଯାୟୀ, କମ୍ପାନୀର ଜଣେ କର୍ମଚାରୀ ସେଦିନ ଉପସ୍ଥିତ ଥିବାରୁ ତାଙ୍କ ସହ ଅଭିଯୋଗ କରୁଥିବା ଚାଷୀମାନେ କଥା ହୋଇଥିଲେ। କମ୍ପାନୀ କର୍ମଚାରୀ କହିଥିଲେ, ଏହି ବିହନ ୧୪୫ ଦିନରେ ପାଚିଯିବ। ଏବର୍ଷ ପରିବେଶଜନିତ କାରଣରୁ ପୂଜା ଗୋଲ୍ଡ ୧୩୦ ଦିନରେ ପାଚିଥିବା କେତେଜଣ ଚାଷୀ ତାଙ୍କୁ କହିଛନ୍ତି। ହେଲେ ଅଭିଯୋଗକାରୀ ଚାଷୀମାନଙ୍କ କ୍ଷେତ୍ରରେ କିଛି ବ୍ୟତିକ୍ରମ ହୋଇଥାଇପାରେ। ଏହି ଅଭିଯୋଗକୁ ସେ କମ୍ପାନୀ ପରିଚାଳକଙ୍କୁ ଜଣାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କିନ୍ତୁ କମ୍ପାନୀ ପକ୍ଷରୁ ଏ ପର୍ଯ୍ୟନ୍ତ କେହି ଚାଷୀଙ୍କ ସହ କଥା ହୋଇ ସମାଧାନ ପାଇଁ ଆସୁନାହାନ୍ତି। ତଥାପି ଚାଷୀଙ୍କର ଯେପରି କ୍ଷତି ନ ହେବ ସେନେଇ ଧାନ ଉଠାଇ ନେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସାହୁ କହିଛନ୍ତି। ଅଙ୍କୁର ସିଡ୍ସ ପ୍ରାଇଭେଟ୍ ଲିମିଟେଡ୍ କଟକସ୍ଥିତ କାର୍ଯ୍ୟାଳୟ ପରିଚାଳକ ସତ୍ୟ ନାରାୟଣ ଚୌଧୁରୀଙ୍କୁ ପଚାରିବାରୁ ସେ କହିଥିଲେ, ଏହି ଧାନ ୧୩୦ରୁ ୧୩୫ ଦିନରେ ଅମଳକ୍ଷମ ହୋଇଥାଏ। ତେଣୁ ବିହନରେ କୌଣସି ତ୍ରୁଟି ନାହିଁ। ଚାଷୀମାନେ ବୁଝିବାରେ କିଛି ତ୍ରୁଟି ରହିଛି। 'ପୂଜା' ଏକ ସରକାରୀ ବିହନ। ଚାଷୀମାନେ 'ପୂଜା ଗୋଲ୍ଡ'କୁ ସରକାରୀ ବିହନ 'ପୂଜା' ଭାବି କିଣିଥାଇପାରନ୍ତି। କିଣିଲା ପରେ ଏହି ବିହନ ମୋଟା ଦେଖି ତାହା ସରକାରୀ 'ପୂଜା' ଭେରାଇଟି ନୁହେଁ ବୋଲି ବୁଝିଯିବା କଥା। କିନ୍ତୁ ନ ବୁଝି ଖାଲୁଆ ଜମିରେ ଲଗାଇ ଦେଇଥିବା ଅନୁମାନ କରାଯାଉଛି ବୋଲି ଚୌଧୁରୀ କହିଛନ୍ତି।

ଗୋରେଖନାଥ କୃଷକ ମହାସଂଘ ରେଢୁଆସ୍ଥିତ କାର୍ଯ୍ୟାଳୟର ଅର୍ଗାନାଇଜର କ୍ଷେତ୍ରମୋହନ ବେହେରା କହିଛନ୍ତି, ମହାନଦୀ ବିହନ ୧୫୦ ଦିନରେ ଅମଳ ହୁଏ। ଜୁନ ୨୦ରେ ଚାଷୀମାନେ ତଳି ପକାଇଛନ୍ତି। ନଭେମ୍ବର ୨୦ରେ କାଟିବା କଥା। ଗତବର୍ଷ ତୁଳନାରେ ଚଳିତବର୍ଷ ପାଣିପାଗ ଦେଖି ଚାଷୀ ଆଗୁଆ ତଳି ପକାଇଥିବାରୁ ଅସୁବିଧା ହୋଇଛି। ବାସ୍ତବରେ ଥୋଡ଼ ବାହାରିବାକୁ ପାଖାପାଖି ୧୦୦ ଦିନ ଲାଗୁଛି। ଆଉ ୧୦ ଦିନରେ ଥୋଡ ପୂର୍ଣ୍ଣାଙ୍ଗ ହେଉଛି। ଥୋଡରୁ ପାଚିବା ପର୍ଯ୍ୟନ୍ତ ୩୫/୪୦ ଦିନ ନେଉଛି। ତେଣୁ ୧୫୦ ଦିନରେ ଅମଳ ହେବାରେ କୌଣସି ତ୍ରୁଟି ନାହିଁ। ଏବେ ଧାନ ପାଚିଥିଲେ ବି ସୁରକ୍ଷିତ ଅଛି। ଚାଷୀମାନେ ଶୀଘ୍ର ଧାନ ପାଚିଥିବା ସମ୍ପର୍କରେ ଲିଖିତ ଅଭିଯୋଗ କରିନାହାନ୍ତି। ଲିଖିତ ଅଭିଯୋଗ ପରେ ପରବର୍ତ୍ତୀ କଥା ଚିନ୍ତା କରାଯିବ। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ରବିନାରାୟଣ ମହାପାତ୍ର କହିଛନ୍ତି, ଚାଷୀଙ୍କଠାରୁ ଅଭିଯୋଗ ମିଳିବା ପରେ ଅନୁଧ୍ୟାନ ହେବ ଏବଂ ତା'ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ଦିଲ୍ଲୀରେ ଦୁଇଗୁଣା ହେବ ଆର୍‌ଟି-ପିସିଆର୍ ପରୀକ୍ଷା

ନୂଆଦିଲ୍ଲୀ, ୧୫।୧୧

ରାଜଧାନୀ ଦିଲ୍ଲୀରେ କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଜରୁରୀ ସମୀକ୍ଷା ବୈଠକ ବସିଥିଲା। ସଂକ୍ରମଣ ରୋକିବା ଲାଗି ଶାହା କେତେଗୁଡ଼ିଏ ପଦକ୍ଷେପ ଘୋଷଣା କରିଛନ୍ତି। ରାଜଧାନୀରେ ଆର୍‌ଟି-ପିସିଆର୍ ପରୀକ୍ଷା ଦୁଇଗୁଣ କରାଇବା ସହ ଅତ୍ୟଧିକ ସଂକ୍ରମିତ ଅଞ୍ଚଳରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଆଇସିଏମ୍‌ଆର୍‌ର ଭ୍ରାମ୍ୟମାଣ ପରୀକ୍ଷା ଭ୍ୟାନ ନିୟୋଜିତ କରିବାକୁ କୁହାଯାଇଛି। ଏଥିସହିତ ହସ୍ପିଟାଲଗୁଡ଼ିକରେ ଭିତ୍ତିଭୂମି ବୃଦ୍ଧି କରାଯିବ। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) କୋଭିଡ ହସ୍ପିଟାଲରେ ଶଯ୍ୟାସଂଖ୍ୟା ୨୫୦ରୁ ୩୦୦ ବଢ଼ାଇବାକୁ କୁହାଯାଇଛି। ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନ, ଦିଲ୍ଲୀ ଉପରାଜ୍ୟପାଳ ଅନୀଲ୍ ବୈଜଲ ଏବଂ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରମୁଖ ଯୋଗଦେଇଥିଲେ।

# ବାଲେଶ୍ୱର, ମୟୂରଭଞ୍ଜର ପ୍ରସ୍ତାବିତ ପ୍ରକଳ୍ପ ପରିଦର୍ଶନ କଲେ ସର୍ବୋଚ୍ଚ ଯନ୍ତ୍ରୀ



ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ ଅନ୍ୟ ଅଧିକାରୀଙ୍କ ସହ ପ୍ରକଳ୍ପ ସ୍ଥଳ ଅନୁଧ୍ୟାନ କରୁଛନ୍ତି।

ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)

ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟି ବାଲେଶ୍ୱର ଜିଲା ଅନ୍ତର୍ଗତ ରେମୁଣା ବ୍ଲକ ଅଧିନସ୍ଥ ଦରକୁଲି ଗ୍ରାମ ନିକଟରେ ପ୍ରସ୍ତାବିତ ବାଙ୍କତୀରା ବ୍ୟାରେଜ୍ ପ୍ରକଳ୍ପର ସ୍ଥାନ ପରିଦର୍ଶନ କରି ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେଲେ ବାଲେଶ୍ୱର ଜିଲାର ରେମୁଣା, ସଦର ଓ ବସ୍ତା ବ୍ଲକର ପ୍ରାୟ ୧୦୭ଟି ଗ୍ରାମର ୬୧୦୦ ହେକ୍ଟର ଜମିରେ ଜଳସେଚନ ସୁବିଧା ହୋଇପାରିବ। ଏହାପରେ ଉକ୍ତ ବୈଷୟିକ କମିଟି ମୟୂରଭଞ୍ଜ ଜିଲାର ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ପୁରୋହିତ ଗ୍ରାମ ନିକଟରେ ପ୍ରସ୍ତାବିତ ସୋନୋ ବ୍ୟାରେଜ୍ ପ୍ରକଳ୍ପର ସ୍ଥାନ ପରିଦର୍ଶନ କରିଛନ୍ତି। ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମୟୂରଭଞ୍ଜ ଜିଲାର ଗୋପବନ୍ଧୁ ନଗର ଓ ବଡସାହି ବ୍ଲକ ଏବଂ ବାଲେଶ୍ୱର ଜିଲାର ନୀଳଗିରି ଏବଂ ରେମୁଣା ବ୍ଲକର ସମୁଦାୟ ୧୩୯ଟି ଗ୍ରାମରେ ପ୍ରାୟ ୯୯୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା କରାଯାଇପାରିବ। ବୈଷୟିକ ଆବଶ୍ୟକତା ଏବଂ ପ୍ରକଳ୍ପର କାର୍ଯ୍ୟକାରିତା ଦୃଷ୍ଟିରୁ ଉକ୍ତ ୨ ପ୍ରକଳ୍ପର ନିର୍ଦ୍ଧାରିତ ସ୍ଥାନଗୁଡିକ ଉପଯୁକ୍ତ ବୋଲି କମିଟି ମତ ପ୍ରକାଶ କରିଛି। ଏହାପରେ ଉକ୍ତ କମିଟି ଯାଜପୁର ସହର ପାର୍ଶ୍ୱବର୍ତ୍ତୀ ସପ୍ତମାତୃକା ବ୍ୟାରେଜ୍ ପ୍ରକଳ୍ପ ପରିଦର୍ଶନ କରି ଏହାର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି।



ଲୋକପ୍ରିୟ କମେଡି କାର୍ଯ୍ୟକ୍ରମ 'ଦ କପିଲ ଶର୍ମା ଶୋ'କୁ ବିଭିନ୍ନ କ୍ଷେତ୍ର ସହ ଜଡ଼ିତ ଲୋକେ ଯାଇଥାନ୍ତି। ହେଲେ ନିକଟରେ କେତେଜଣ ସେଲିବ୍ରିଟି କପିଲଙ୍କ ଶୋ'ରେ ଯୋଗଦେବାକୁ ମନା କରିଦେଇଛନ୍ତି। ମହାଭାରତର କଳାକାର ମୁକେଶ ଖନ୍ନା ଅତିଥି ତାଲିକାରେ ଥିଲେ। ତେବେ ସେ ଶୋ'କୁ ଆସିବାକୁ ମନା କରିଥିଲେ। ମୁକେଶଙ୍କ ଭଳି ସୁପରଷ୍ଟାର ରଜନୀକାନ୍ତଙ୍କୁ କପିଲ ଏକାଧିକ ଥର ନିମନ୍ତ୍ରଣ କରିଛନ୍ତି। ହେଲେ ଏହାକୁ କେବେ ସ୍ୱିକାର କରିନାହାନ୍ତି ଥଲାଇଭା। ଲୋକପ୍ରିୟ ଗାୟିକା ଲତା ମଙ୍ଗେସର ମଧ ବିନମ୍ରତା ସହ ନିମନ୍ତ୍ରଣ ଗ୍ରହଣ କରିବାକୁ ମନା କରିଦେଇଥାନ୍ତି।



# ଯୁଦ୍ଧ ଲଢ଼ିବେ ଡଲ୍‌ଫିନ

**ସମୁଦ୍ରରେ ଶତ୍ରୁଙ୍କ ମୁଣ୍ଡବ୍ୟଥା ବଢ଼ାଇବ ଚତୁର ସାମୁଦ୍ରିକ ଜୀବ ଡଲ୍‌ଫିନ। ଅତଳ ଗହୀରରେ ଯୋଦ୍ଧା ସାଜି ପ୍ରତିପକ୍ଷଙ୍କ ଚକ୍ରବ୍ୟୁହକୁ ଭେଦିବ। ପୂର୍ବରୁ ଆମେରିକା, ରୁଷିଆ ଭଳି ଶକ୍ତିଶାଳୀ ରାଷ୍ଟ୍ର ସାମୁଦ୍ରିକ ଜୀବଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେଇ ତିଆରି କରିସାରିଛନ୍ତି ସ୍ୱତନ୍ତ୍ର ସେନା। ଏବେ ଏହି ତାଲିକାରେ ସାମିଲ ହେବାକୁ ଯାଉଛି ଉତ୍ତର କୋରିଆ। ନିଜର ଗୋଇନ୍ଦା ମିଶନକୁ ସଫଳ ରୂପ ଦେବାକୁ ଏହି କମ୍ୟୁନିଷ୍ଟ ଦେଶ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ଏଥିରେ ସାମିଲ ହୋଇଛନ୍ତି ଡଲ୍‌ଫିନ।**



ବିଶ୍ୱର ବିକାଶ ଅଟକାଇଦେଇଛି କରୋନା। ଏଭଳି ପ୍ରତିକୂଳ ସମୟରେ ଶାନ୍ତି, ସୌହାର୍ଦ୍ଦ୍ୟ, ସହନଶୀଳତାକୁ ନେଇ ଅଧିକାଂଶ ଦେଶ କାନ୍ଧକୁ କାନ୍ଧ ମିଳାଇ ଲଢୁଥିବାବେଳେ ରହସ୍ୟମୟ ଦେଶ ଉତ୍ତର କୋରିଆରୁ ଗୋଟିଏ ପରେ ଗୋଟିଏ ବିଚିତ୍ର ଘଟଣା ଶିରୋନାମା ପାଲଟୁଛି। ନିକଟରେ ସବୁଠାରୁ ବିଧ୍ୱଂସୀ କ୍ଷେପଣାସ୍ତ୍ର ପ୍ରଦର୍ଶନ କରିଥିବା ଏହି କମ୍ୟୁନିଷ୍ଟ ଦେଶର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ୍ ଉନ୍ ଏବେ ଡଲ୍‌ଫିନ ମିଲିଟାରି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ମଣିଷ ବ୍ୟବହାରରେ ସହଜରେ ପ୍ରଭାବିତ ହେଉଥିବା ଏହି କୌତୁକିଆ ପ୍ରାଣୀକୁ ତାଲିମ ଦିଆଯାଇ ସର୍କସ, ଜଳକ୍ରୀଡ଼ା ସମେତ ବିଭିନ୍ନ କ୍ଷେତ୍ରରେ ସଫଳତାର ବ୍ୟବହାର କରାଯାଇଛି। ଯୁଦ୍ଧକୌଶଳ ବିଷୟରେ ପ୍ରଶିକ୍ଷଣ ଦିଆଗଲେ ଏହି ପ୍ରାଣୀ ସମୁଦ୍ରରେ ଶତ୍ରୁଙ୍କୁ ସହଜରେ ମାତ୍ ଦେଇପାରିବ। ଏହାକୁ ନଜରରେ ରଖି କିମ୍ ମିଲିଟାରିରେ ଡଲ୍‌ଫିନଙ୍କୁ ସାମିଲ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହା ସଫଳ ହେଲେ ଆଗାମୀ ଦିନରେ ଉତ୍ତର କୋରିଆର ବିପଦପୂର୍ଣ୍ଣ ସାମୁଦ୍ରିକ ମିଶନରେ ଡଲ୍‌ଫିନକୁ ଦେଖିବାକୁ ମିଳିବ।

ଉତ୍ତର କୋରିଆ କୌଣସି ଏକ ଗୋଇନ୍ଦା ମିଶନ ଲାଗି ଡଲ୍‌ଫିନକୁ ପ୍ରଶିକ୍ଷଣ ଦେଉଥିବା ୟୁନାଇଟେଡ୍ ଷ୍ଟେଟ୍ ନାଭାଲ ଇନ୍‌ଷ୍ଟିଚ୍ୟୁଟ୍‌ର ସାଟେଲାଇଟ ଚିତ୍ରରୁ ଜଣାପଡ଼ିଛି। ଏହି ପ୍ରୋଗ୍ରାମ ୨୦୧୫ରୁ କିମ୍‌ଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଜଳରେ ବାରୁଦ ସୁଡୁଙ୍ଗ ଠାବ କରିବାରେ ଡଲ୍‌ଫିନ ଧୁରୀଣ। ଉପଯୁକ୍ତ ତାଲିମ ଦିଆଗଲେ ସେମାନେ ଶତ୍ରୁପକ୍ଷର ରଣନୀତି ଭେଦିବାରେ ସକ୍ଷମ ହେବେ। ଏମାନଙ୍କୁ ବ୍ୟବହାର କରି ଶତ୍ରୁଦେଶର ସାମୁଦ୍ରିକ ବୁଡ଼ାଳିଙ୍କ ଉପରେ ଆକ୍ରମଣ ମଧ୍ୟ କରିହେବ।

କେବଳ ଉତ୍ତର କୋରିଆ ନୁହେଁ, ଅନ୍ୟ କେତେକ ଦେଶ ମଧ୍ୟ ସମୁଦ୍ର ଭିତରେ ଯୁଦ୍ଧ ଲଢ଼ିବାକୁ ଡଲ୍‌ଫିନଙ୍କୁ ଟ୍ରେନିଂ ଦେଉଛନ୍ତି। ଇରାନ ନିକଟରେ ଏଭଳି ଏକ ସିକ୍ରେଟ୍ ଡଲ୍‌ଫିନ ଫୌଜ ରହିଛି। ଏମାନଙ୍କୁ ପ୍ରଶିକ୍ଷଣ ଦେଉଥିବା ଟ୍ରେନର ରୁଷୀୟ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ବିଶ୍ୱରେ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ଆମେରିକା ଏବଂ ସୋଭିଏତ୍ ରୁଷ ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଥିଲା। ଏହି ସମୟରେ ଉଭୟ ରାଷ୍ଟ୍ର ସମୁଦ୍ରରେ ନିଜର କ୍ଷମତା ବଢ଼ାଇବାକୁ କେତେକ ସ୍ୱତନ୍ତ୍ର ସାମୁଦ୍ରିକ ଜୀବଙ୍କୁ ସୈନିକଙ୍କ ଭଳି ପ୍ରଶିକ୍ଷଣ ଦେଇଥିଲେ। ଆମେରିକା ନିଜର ନାଭାଲ ବେସ୍ ସାନଡିଆଗୋରେ ଦୀର୍ଘବର୍ଷ ହେଲା ଡଲ୍‌ଫିନ୍ ଏବଂ ସି-ଲାୟନ ଭଳି ସାମୁଦ୍ରିକ ଜୀବଙ୍କୁ ଟ୍ରେନିଂ ଦେଇଆସୁଛି। ସେହିପରି ଡଲ୍‌ଫିନ, ସି-ଲାୟନ, ହ୍ୱେଲ, ସିଲ୍‌ଙ୍କୁ ସାମୁଦ୍ରିକ ହତିଆର ଭାବେ ବ୍ୟବହାର କରିବାକୁ ପ୍ରଶିକ୍ଷଣ ଦେଉଛି ରୁଷିଆ।

ସାମୁଦ୍ରିକ ଜୀବଙ୍କୁ ସେନାରେ ସାମିଲ କରିବା କାର୍ଯ୍ୟକ୍ରମ ହେଉଛି 'ମେରାଇନ୍ ମାମାଲ ପ୍ରୋଗ୍ରାମ'। ଷାଠିଏ ଦଶକରେ ଆମେରିକାରୁ ଏହାର ଆରମ୍ଭ ହୋଇଥିଲା। ଏବେ ବି ଆମେରିକା ନିକଟରେ ମାଛ ପ୍ରଜାତିର ବଡ଼ ବଡ଼ ପ୍ରାଣୀଙ୍କୁ ନେଇ ସେନା ରହିଛି। ଡଲ୍‌ଫିନକୁ ଯୁଦ୍ଧକୌଶଳ ଟ୍ରେନିଂ ଦେବା ପଛରେ ଅନେକ କାରଣ ରହିଛି। ସେଥିରୁ ଗୋଟିଏ ଏମାନଙ୍କ ଦୀର୍ଘଜୀବନ ଅବଧି। ଏକ ଡଲ୍‌ଫିନ ହାରାହାରି ୫୦ ବର୍ଷ ବଞ୍ଚେ। ଏହାକୁ ବାଦ୍ ଦେଲେ ଅନୁକରଣ କରିବା, ତୀକ୍ଷ୍ଣ ଧୀଶକ୍ତି, ମନୁଷ୍ୟ ସହିତ ସହଜରେ ମିଶିଯିବା ପ୍ରବୃତ୍ତି, ଶାନ୍ତ ପ୍ରକୃତି, ଶତ୍ରୁ ଏବଂ ମିତ୍ରଙ୍କୁ ଚିହ୍ନିବା କ୍ଷମତା ଯୋଗୁ 'ମେରାଇନ୍ ମାମାଲ ପ୍ରୋଗ୍ରାମ୍' ପାଇଁ ଏହି ଜୀବ ପାଲଟିଛି ପ୍ରଥମ ପସନ୍ଦ। ଅପରପକ୍ଷେ ଏକ ପ୍ରଶିକ୍ଷିତ ଡଲ୍‌ଫିନ ଗ୍ରୁପ୍ ଅଧିକ ଆକ୍ରାମକ ହୋଇଥାନ୍ତି। ବିଶେଷ କରି ଯୁଦ୍ଧପୋତଗୁଡ଼ିକୁ ଧ୍ୱଂସ କରିବା ଲାଗି ସେମାନେ ଗେମ୍‌ଚେଞ୍ଜର ସାବ୍ୟସ୍ତ ହୋଇପାରିବେ। ଏମାନଙ୍କୁ ନେଇ ବିଶେଷଜ୍ଞ ଏଚ୍. ଆଇ. ସଟନ ଏକ ପୁସ୍ତକ ମଧ୍ୟ ଲେଖିଛନ୍ତି। ତେବେ ଡଲ୍‌ଫିନଙ୍କ ଏହି ଟ୍ରେନିଂ ଅବଧି କେତେ ଦୀର୍ଘ ଏବଂ ଏହାପରେ ସେମାନଙ୍କୁ କିଭଳି ପରୀକ୍ଷା କରାଯାଇଥାଏ ସେ ସମ୍ପର୍କରେ ସ୍ପଷ୍ଟ ତଥ୍ୟନାହିଁ।

## ଅଦାଙ୍କ ଡ୍ୟାନ୍ସ ଭିଡିଓ ଭାଇରାଲ


ଅଦା ଶର୍ମା

**ମୁମ୍ବାଇ:** ବଲିଉଡ ତଥା ସାଉଥ୍ ଅଭିନେତ୍ରୀ ଅଦା ଶର୍ମା ସବୁବେଳେ ଫ୍ୟାନ୍‌ମାନଙ୍କ ହୃଦୟ କିଣିନେଇଥାନ୍ତି। ତାଙ୍କର ନୂଆ ନୂଆ ଭିଡିଓକୁ ବି ସମସ୍ତେ ପସନ୍ଦ କରୁଛନ୍ତି। ଅଦା କେତେବେଳେ ଯୋଗ ଭିଡିଓ, କେତେବେଳେ ଡ୍ୟାନ୍ସ ଭିଡିଓ ତ ଆଉ କେତେବେଳେ ଫନି ଭିଡିଓ ଜରିଆରେ ଦର୍ଶକଙ୍କ ଏଣ୍ଟରଟେନ୍ କରିଥାନ୍ତି। ନିକଟରେ ସେ ଏକ ଭିଡିଓ ଶେୟାର କରିଛନ୍ତି। ଯେଉଁଥିରେ ସେ ଲୁଙ୍ଗି ପିନ୍ଧିକି ଜବରଦସ୍ତ ଡ୍ୟାନ୍ସ କରୁଥିବା ନଜର୍ ଆସିଛନ୍ତି। ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅଦା ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏହାକୁ ଶେୟାର କରିଛନ୍ତି। ଏହ ଭିଡିଓକୁ ବର୍ତ୍ତମାନ ସୁଦ୍ଧା ଲକ୍ଷେ ବାଇଶି ହଜାର ଥର ଦେଖାଯାଇସରିଲାଣି। ଏହାକୁ ଦେଖି ଫ୍ୟାନ୍‌ମାନେ କମେଣ୍ଟ କରିବା ସହ ଲାଇକ୍ ମଧ୍ୟ କରିଛନ୍ତି। ସୂଚନା ଥାଉ କି, ଅଦା ଶେଷ ଥର 'କମାଣ୍ଡୋ -୩' ମୁଭିରେ ନଜର୍ ଆସିଥିଲେ। ସେ ପାଠ ପଢ଼ା ଶେଷ କରିବାପରେ ୨୦୦୮ ମସିହାରେ ହରର୍ ଫିଲ୍ମ '୧୯୨୦'ରୁ ନିଜର ଡେବ୍ୟୁ କରିଥିଲେ। ଏହି ଫିଲ୍ମର ସଫଳତା ପରେ ସେ ବଲିଉଡ୍‌ରେ ଅନେକ ଫିଲ୍ମରେ କାମ କରିଛନ୍ତି। 'ହଁସି ତୋ ଫଁଶି' ମୁଭିରେ ବି ଅଦାଙ୍କ ଭୂମିକାକୁ ଲୋକେ ଖୁବ୍ ପସନ୍ଦ କରିଥିଲେ।

## ଜେଲ ତିଆରି ଚପଲ 'ଫ୍ରିଡମ୍ ୱାକ୍'

**ଥିରୁଭାନନ୍ତପୁରମ୍:** ଜେଲ୍ ମେଡ୍ ହାୱାଇ ଚପଲ 'ଫ୍ରିଡମ୍ ୱାକ୍'। କେରଳ ସେଣ୍ଟ୍ରାଲ୍ ଜେଲ୍ କଏଦୀଙ୍କ ଦ୍ୱାରା ତିଆରି ଏହି ଚପଲ ଶୀଘ୍ର କେରଳ ବଜାରକୁ ଆସିବ। ଜେଲ୍ ସୁଧାର ସେବା ବିଭାଗ ପକ୍ଷରୁ ଦଣ୍ଡ ଭୋଗୁଥିବା କଏଦୀମାନଙ୍କ ସୁଧାର ଏବଂ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହା ଅଧୀନରେ ସେମାନଙ୍କୁ ବିଭିନ୍ନ ପ୍ରକାର ତାଲିମ ଦିଆଯାଉଛି। ଏଥିପୂର୍ବରୁ କଏଦୀମାନେ ଖାଦ୍ୟ ପ୍ରସ୍ତୁତି, ଜୈବିକ ଚାଷ କରିବା ସହ ପାର୍ଲର ଏବଂ ପେଟ୍ରୋଲ ପମ୍ପ ଆଦି ବ୍ୟବସାୟ ଚଳାଉଥିବା ଖବର ରହିଛି। ହେଲେ



ଲକ୍‌ଡାଉନ୍ ଯୋଗୁ କଏଦୀମାନଙ୍କ ଦ୍ୱାରା ଚାଲିଥିବା ବିଭିନ୍ନ କାମ ବନ୍ଦ ରହିଥିଲା। ଏବେ କେରଳ ପୂଜାପ୍ପୁରା ସେଣ୍ଟ୍ରାଲ ଜେଲ୍‌ର ଅନ୍ତେବାସୀ ଚପଲ ତିଆରିରେ ଲାଗିପଡ଼ିଛନ୍ତି। କଏଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟ ନେଇ ନିକଟରେ ଜେଲ୍ ସୁଧାର ସେବା ବିଭାଗ ପକ୍ଷରୁ ଅନ୍ତେବାସୀଙ୍କ ନିମନ୍ତେ ଜେଲ୍ ପରିସରରେ ଏକ ମାନୁଆଲ ଚପ୍ପଲ ମାନୁଫାକ୍‌ଚରିଂ ୟୁନିଟ ସ୍ଥାପନ କରିଛନ୍ତି। ଜେଲ୍ କର୍ତ୍ତୃପକ୍ଷ ଏହାର ଏକ ଫଟୋ ଶେୟାର କରିଛନ୍ତି। ଏଥିରେ ଅନ୍ତେବାସୀମାନେ ବିଭିନ୍ନ ରଙ୍ଗର ଚପ୍ପଲ ତିଆରି କରୁଥିବା ନଜରକୁ ଆସିଛି। ଏମାନଙ୍କ ଦ୍ୱାରା ତିଆରି ଚପ୍ପଲ ହଳ ମାତ୍ର ୮୦ ଟଙ୍କାରେ ବିକ୍ରି କରାଯିବ। ଏହି ସ୍ଲିପର୍‌ଗୁଡ଼ିକ 'ଫ୍ରିଡମ୍ ୱାକ୍' ବ୍ରାଣ୍ଡ ନାମରେ ବିକ୍ରି ହେବ ବୋଲି ଜେଲ୍ ଏବଂ ସୁଧାର ଗୃହର ଅଧୀକ୍ଷକ ନିର୍ମଳନନ୍ଦନ ନାୟାର କୁହନ୍ତି। ଜେଲ୍ ଏବଂ ସୁଧାର ଗୃହ ଡିଜି ରିଷିରାଜ ସିଂ ଶନିବାର ଏହି ଚପ୍ପଲ ବିକ୍ରିର ଶୁଭାରମ୍ଭ କରିଛନ୍ତି।




ପଞ୍ଚମ ଜନ୍ମଦିନ ଶୁଭେଚ୍ଛା।

ଆୟାନ ପ୍ରଧାନ

ଗ୍ରା- ଲୁତୁରପଙ୍କ, ବୀରମହାରାଜପୁର, ଜି- ସୁବର୍ଣ୍ଣପୁର

-: ଶୁଭେଚ୍ଛା ସହ :-

ମାତା- ଅର୍ଚ୍ଚିତା ପ୍ରଧାନ, ପିତା- ସୁଶିଲ କୁମାର ପ୍ରଧାନ, ରାଖି, ବନ୍ଧନ, ପିଣ୍ଟୁ, ପପୁ, ପୂଜା, ସୋନାଲି, ଶକ୍ତି, ଦାଦା, ଆଈ, ବଡବାପା, ବଡମା, ମାମୁଁ, ମାଇଁ।

ଧ-୧୮୮୬୭

ଜନ୍ମ ଦିନର ଶୁଭେଚ୍ଛା



ଏକମାତ୍ର ପୌତ୍ର ନୈତିକ (ଧନ)ର ଶୁଭ ଜନ୍ମଦିନ

ଠିକ୍ ଆଜିର ଦିନ ତୁ ଆମ ଘରକୁ ଖୁସିର ଲହରି ନେଇ ଆସିଥିଲୁ, ପ୍ରଭୁ ଶ୍ରୀଜଗନ୍ନାଥ ତୋର ଜୀବନକୁ ସରସ, ସୁନ୍ଦର ଓ କୁସୁମିତ କରନ୍ତୁ।

-:ଆଶୀର୍ବାଦ ସହ:-

ଜେଜେମା: ତିଳୋତ୍ତମା, ବଡ଼ ବାପା: ରାଜେଶ, ବଡ଼ ମାମା: ଡଲି, ବାପା: ରାକେଶ, ମାମା: ଜଲି ଓ ପରିବାରବର୍ଗ।

ଧ-୧୮୮୭୦

ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



ଭାଗ୍ୟଶ୍ରୀ ସ୍ୱାଇଁ (ଶ୍ରେୟା)

ଭୂଇଁପୁର, ଢେଙ୍କାନାଳ

ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।

-:ଶୁଭେଚ୍ଛା ସହ:-

ବନ୍ଧୁ ଓ ପରିବାରବର୍ଗ।

ଧ-୧୮୮୭୧


## ବିଶ୍ୱର ସବୁଠୁ ମହଙ୍ଗା କାଠ

**ଲଣ୍ଡନ:** ବିଶ୍ୱରେ ଏପରି କିଛି କାଠ ଅଛି ଯାହାର ମୂଲ୍ୟ ଶୁଣିଲେ ବିଶ୍ୱାସ ହେବ ନାହିଁ। ସାଧାରଣତଃ ଚନ୍ଦନ କାଠକୁ ଅଧିକ ମହଙ୍ଗା ବୋଲି ବିବେଚନା କରାଯାଏ। ଯାହାର ମୂଲ୍ୟ କିଲୋ ପିଛା ପାଞ୍ଚରୁ ଛଅ ହଜାର ଟଙ୍କା ହେବ। ମାତ୍ର ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ବିଶ୍ୱରେ ଏପରି ଏକ କାଠ ଅଛି ଯାହା ଚନ୍ଦନ କାଠର ମୂଲ୍ୟଠାରୁ ବହୁ ଗୁଣ ଅଧିକ। ଧନୀ ବ୍ୟକ୍ତି ମଧ୍ୟ ଏହାକୁ କିଣିବା ପୂର୍ବରୁ ଦୁଇଥର ଚିନ୍ତା କରିବେ। ଏହି କାଠର ନାମ ହେଉଛି ଆଫ୍ରିକୀୟ ବ୍ଲାକଉଡ। ଏହି କାଠର କିଲୋଗ୍ରାମର ମୂଲ୍ୟ ଆଠ ହଜାର ପାଉଣ୍ଡ ତଥା ଭାରତୀୟ ମୁଦ୍ରାରେ ସାତ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଏହି ମୂଲ୍ୟରେ ଭଲ ବିଳାସପୂର୍ଣ୍ଣ କାର୍ କିଣାଯାଇ ପାରିବ। ଆଫ୍ରିକୀୟ ବ୍ଲାକଉଡ ଗଛଗୁଡିକ ଅନ୍ୟ ଗଛ ତୁଳନାରେ ପୃଥିବୀରେ ଅତ୍ୟନ୍ତ ବିରଳ। ଉଚ୍ଚତା ପ୍ରାୟ ୨୫ ରୁ ୪୦ ଫୁଟ। କେନ୍ଦ୍ରୀୟ ଏବଂ ଦକ୍ଷିଣ ଆଫ୍ରିକାର ୨୬ ଟି ଦେଶରେ ଆଫ୍ରିକୀୟ ବ୍ଲାକଉଡ ଦେଖିବାକୁ ମିଳେ। ସେଗୁଡ଼ିକ ପ୍ରାୟତ ଶୁଷ୍କ ସ୍ଥାନରେ ଦେଖାଯାଏ। ଯଦିଓ ଏହି ବୃକ୍ଷଟି ସମ୍ପୂର୍ଣ୍ଣ ଭାବେ ବଢ଼ିବାକୁ ପ୍ରାୟ ୬୦ ବର୍ଷ ସମୟ ନେଇଥାଏ, କିନ୍ତୁ କେନିଆ ଏବଂ ତାଞ୍ଜାନିଆ ପରି ଦେଶରେ ବେଆଇନ କାଠ ଚୋରା ଚାଲାଣ ହେତୁ ଏହି ଗଛଗୁଡିକ କଟାଯାଇଥାଏ। ଏହି କାଠ କ୍ଲାରିନେଟ, ବଂଶୀ ଏବଂ ଗିଟାର ଭଳି ବାଦ୍ୟଯନ୍ତ୍ର ତିଆରିରେ ବ୍ୟବହୃତ ହୁଏ।



## ରାଷ୍ଟ୍ରପତି ଲଗାଇଲେ ସୁନାର କୁକୁର ମୂର୍ତ୍ତି

**ଅସଗାବଟ:** ରାସ୍ତା କଡ଼ରେ ସାଧାରଣତଃ ବଡ ବଡ ନେତାଙ୍କ ପ୍ରତିମୂର୍ତ୍ତି ଲାଗିଥିବା ସମସ୍ତେ ଦେଖିଥିବେ। ହେଲେ ରାସ୍ତା କଡରେ କୌଣସି ପଶୁଜନ୍ତୁଙ୍କ ପ୍ରତିମୂର୍ତ୍ତି କଥା ଚିନ୍ତା କଲେ ଟିକେ ଅଡୁଆ ଲାଗିପାରେ। ହେଲେ ତୁର୍କମେନିସ୍ତାନ ଶାସନରେ ଏଭଳି ଘଟଣା ଦେଖିବାକୁ ମିଳିଛି। ତୁର୍କମେନିସ୍ତାନର ରାଷ୍ଟ୍ରପତି ଗୁର୍ବାଙ୍ଗୁଲେ ବରଡିମୁହାମେଡୋ ନିଜ ପସନ୍ଦର କୁକୁରର ପ୍ରତିମୂର୍ତ୍ତି ତିଆରି କରି ତୁର୍କମେନିସ୍ତାନର ରାଜଧାନୀର ନୂଆ ଅଞ୍ଚଳରେ ଲଗାଇ ଦେଇଛନ୍ତି। ୨୦୦୭ରେ ରାଷ୍ଟ୍ରପତି ଆସନରେ ବସିଥିବା ଗୁର୍ବାଙ୍ଗୁଲେ ବୁଧବାର ଅଲବି ପ୍ରଜାତିର ଏହି କୁକୁର ପ୍ରତିମୂର୍ତ୍ତିକୁ ଉଦ୍ଘାଟନ କରିଛନ୍ତି। ଏହି ମୂର୍ତ୍ତି କଂସାରେ ତିଆରି ହୋଇଛି। ପ୍ରାୟ ୫୦ ଫୁଟ ଉଚ୍ଚତାର ଏହି କୁକୁର ପ୍ରତିମୂର୍ତ୍ତିରେ ୨୪ କ୍ୟାରେଟ ସୁନାର ଆବରଣ ଲଗାଯାଇଛି। ଯେଉଁ ଅଞ୍ଚଳରେ ତୁର୍କମେନିସ୍ତାନ ଅଧିକାରୀମାନେ ରହିବାକୁ ନୂଆ ଘର ତିଆରି କରାଯାଇଛି ସେହିଠାରେ ଏହି କୁକୁର ପ୍ରତିମୂର୍ତ୍ତି ଲଗାଯାଇଛି। ତେବେ ସାରା ବିଶ୍ୱରେ ଏହି ଅଲବି ପ୍ରଜାତିର କୁକୁରକୁ ବେଶ ପସନ୍ଦ କରିଥାଆନ୍ତି।




# CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**RIDHI FINANCE**
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କେଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

**BALAJI FINANCE LIMITED**
DIWALI DHAMAKA
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8895436721

Various types of High Grade Mines available to give Sublease or Sharing Partner. High Return. Term and Condition applied. Investment Capacity 4 Cr. to 41 Cr.
Contact:
9658805048

**ଅଗରବତି ମେସିନ**
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ
RAW MATERIAL FREE
Mob.-9078729199, 8018493464

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣି
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
**ବାବା ଅଘୋରୀ ତାନ୍ତ୍ରିକ**
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

**JANODAYA Finance**
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

**MUDRA FINANCE**
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍ ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 1% ସୁଧ ଓ 60% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
8930928851


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଓଜନ କମ ବେଶି ହେଲେ କରିବାକୁ ପଡ଼ିବ ନୂଆ ପାସପୋର୍ଟ




**ୱାଶିଂଟନ:** ନିଜ ଦେଶରୁ ଅନ୍ୟ କୌଣସି ଦେଶକୁ ଯିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ହେଉଛି ପାସପୋର୍ଟ। ଏହା ଅନ୍ତର୍ଜାତୀୟ ସ୍ତରରେ ଭ୍ରମଣ କରୁଥିବା ବ୍ୟକ୍ତିଙ୍କ ପରିଚୟ। ଯଦି ଏହି ପାସପୋର୍ଟ ବିନା ଅନ୍ୟ ଦେଶରେ ପ୍ରବେଶ କରି ଧରାପଡ଼ନ୍ତି, ତେବେ ସେଠାକାର ଆଇନ ଅନୁଯାୟୀ କଠୋର ଦଣ୍ଡ ମିଳିବ। ତେବେ ଯୁକ୍ତରାଷ୍ଟ୍ରରେ, ଏକ ନିୟମ ଅଛି ଯଦି ଆପଣଙ୍କର ଓଜନ ଅଧିକ କିମ୍ବା କମ ହୋଇଯାଏ, ତେବେ ଆପଣଙ୍କୁ ଏକ ନୂତନ ପାସପୋର୍ଟ କରିବାକୁ ପଡିବ। ଏହା ବ୍ୟତୀତ, ଯଦି ଚେହେରାରେ ଅସ୍ତ୍ରୋପଚାର, ମୁହଁରେ ଟାଟୁ କିମ୍ବା ଚେହେରା କୌଣସି ପରିବର୍ତ୍ତନ କରିଛି ତେବେ ଏକ ନୂଆ ପାସପୋର୍ଟ କରିବା ଆବଶ୍ୟକ।


# ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ସବିତା ମହାନ୍ତି

ସ୍ୱାମୀ- ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

ସୁକିଦା, ମାଛଗାଁ, ଜଗତ୍‌ସିଂହପୁର

ଆବିର୍ଭାବ: ୩୦।୦୫।୧୯୫୪

ତିରୋଧାନ: ୨୪।୧୦।୨୦୧୪ (ଗୋବର୍ଦ୍ଧନ ପୂଜା)

ଚାହୁଁଚାହୁଁ ଛଅବର୍ଷ ବିତିଗଲା। ତୁମେ ଆମକୁ ପବିତ୍ର ଗୋବର୍ଦ୍ଧନ ପୂଜା ଦିନରେ ଛାଡ଼ି ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ମମତା, ନୀତି, ଆଦର୍ଶ ଓ ଭଲପାଇବା ଆମପାଇଁ ଚିରସ୍ମରଣୀୟ ହୋଇ ରହୁ। ତୁମର ଅମର ଆତ୍ମା ସଦ୍‌ଗତି ଲାଭ କରୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

-:ଭକ୍ତିପୂତ ଶ୍ରଦ୍ଧାଞ୍ଜଳି:-

ସ୍ୱାମୀ, ପୁତ୍ର- ଶିବୁ ଓ ବୁବୁ; କନ୍ୟା- ରୁନି; ଝିଅ- ଝିଲି, ଶିଲି, ନିନି, ବୁନି; ଜ୍ୱାଇଁ- ବାପୁ, ରତନ, ବାପି ଓ ବବୁ; ନାତି- ସୋମନାଥ (ରେହାନ); ନାତୁଣୀ- ଶ୍ୱେତଲିନା, ସୁଶ୍ରୀ ଓ ଜୟଶ୍ରୀ

ଧ-୬୯୬୪୨

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଅନ୍ନପୂର୍ଣ୍ଣା ପାଣିଗ୍ରାହୀ

ସ୍ୱାମୀ: ସ୍ୱର୍ଗତ ନରସିଂହ ପାଣିଗ୍ରାହୀ

ହିଲ୍‌ପାଟଣା, ବିନାୟକ ମନ୍ଦିର ନିକଟ, ବ୍ରହ୍ମପୁର, ଗଞ୍ଜାମ

ଆବିର୍ଭାବ: ୨୯।୧୨।୧୯୩୦

ତିରୋଧାନ: ୦୫।୧୧।୨୦୨୦

ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଧର୍ମପରାୟଣତା ଆମପାଇଁ ଅଭୁଲା ସ୍ମୃତିହୋଇ ରହିଗଲା। ତୁମେ ଯିବାପରେ ଏହି ଶୂନ୍ୟତା ଆମକୁ ବ୍ୟଥିତ କରୁଛି। ତୁମେ ଯେଉଁଠି ଥାଅ, ଭଲରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଅଛୁ।

-:ଶୋକସନ୍ତପ୍ତ:-

ପୁଅ: ରଘୁନାଥ, ବୋହୂ: ପୁଷ୍ପାଞ୍ଜଳି, ନାତି: ଆଦିତ୍ୟ, ନାତୁଣୀ: ଗାୟତ୍ରୀ, ଧରିତ୍ରୀ ଓ ଜିନୁ ପରିବାର ଓ ଆତ୍ମୀୟସ୍ୱଜନ।

ଧ-୬୬୬୫୦




# ହାମିଲଟନ୍‌ଙ୍କୁ ୭ମ ବିଶ୍ୱ ଟାଇଟଲ

## ଫର୍ମୁଲାୱାନ୍ ମୋଟରରେସିଂ

- ମାଇକେଲ ସୁମାକରଙ୍କ ସମକକ୍ଷ ହେଲେ ହାମିଲଟନ୍
- ଚଳିତ ସିଜନରେ ୧୦ମ ଗ୍ରାଁ ପ୍ରି ବିଜୟ
- ଓଭରଅଲ୍ ଗ୍ରାଁ ପ୍ରି ବିଜୟ ସଂଖ୍ୟା ୯୪

ତୁର୍କୀଶ୍ ଗ୍ରାଁ ପ୍ରି ଟ୍ରଫି ସହ

ଇସ୍ତାନବୁଲ, ୧୫।୧୧: ରବିବାର ଅନୁଷ୍ଠିତ ତୁର୍କୀଶ୍ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟରରେସିଂରେ ବ୍ରିଟେନର ମର୍ସିଡିଜ୍ ଡ୍ରାଇଭର ଲୁଇସ ହାମିଲଟନ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏଥିସହ ସେ ୭ମଥର ପାଇଁ ବିଶ୍ୱ ଟାଇଟଲ ଜିତି ଫର୍ମୁଲାୱାନ କିମ୍ବଦନ୍ତୀ ଜର୍ମାନୀର ମାଇକେଲ ସୁମାକରଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ତାଙ୍କ ଓଭରଅଲ୍ ଗ୍ରାଁ ପ୍ରି ବିଜୟ ରେକର୍ଡ ମଧ୍ୟ ୯୪କୁ ବୃଦ୍ଧି ପାଇଛି। ମର୍ସିଡିଜ୍ ପାଇଁ ୬ଷ୍ଠ ଟାଇଟଲ ଜିତିବାକୁ ହେଲେ ହାମିଲଟନଙ୍କୁ ଏଠାରେ କେବଳ ନିଜ ଟିମ୍‌ମେଟ୍ ଭାଲଟେରୀ ବୋଟାସଙ୍କ ପୂର୍ବରୁ ରେସ୍ ଶେଷ କରିବା ଆବଶ୍ୟକ ହେଉଥିଲା। ମାତ୍ର ନୈରାଶ୍ୟଜନକଭାବେ ଆରମ୍ଭ କରିଥିବା ବୋଟାସ ୧୪ତମ ସ୍ଥାନରେ ସନ୍ତୁଷ୍ଟ ରହିବାରୁ ହାମିଲଟନଙ୍କ ଟାଇଟଲ ହାସଲ ନିଶ୍ଚିତ ହୋଇ ଯାଇଥିଲା। ଏ ହି ବ୍ରିଟେନ ଡ୍ରାଇଭର ମର୍ସିଡିଜ୍ ପାଇଁ ୬ ଥର ଏବଂ ୨୦୦୮ରେ ମ୍ୟାକଲରେନ ଡ୍ରାଇଭର ଥରେ ବିଶ୍ୱ ଚାମ୍ପିୟନ ହୋଇଥିଲେ। ରେସ୍ ଅବସରରେ ଶେଷ ଲାଇନ୍ କ୍ରସ୍ କରିବାପରେ ସେ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ତୁର୍କୀଶ୍ ଗ୍ରାଁ ପ୍ରିରେ ୬ଷ୍ଠସ୍ଥାନରୁ ରେସ୍ ଆରମ୍ଭ କରିଥିଲେ ହେଁ ଅନ୍ୟ ଟିମ୍ ଗୁଡ଼ିକର ତ୍ରୁଟି ଏବଂ ଟାୟାର ପରିବର୍ତ୍ତନ କୌଶଳରୁ ସେ ଫାଇଦା ଉଠାଇ କ୍ରମାଗତ ୪ର୍ଥ ଏବଂ ଚଳିତ ସିଜନର ୧୦ମ ଗ୍ରାଁ ପ୍ରି ବିଜୟୀ ହୋଇଥିଲେ। ହାମିଲଟନ ଏଠାରେ ୧:୪୨:୧୯.୩୧୩ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ରେସିଂ ପଏଣ୍ଟ ସର୍ଗିଓ ପେରେଜ ୩୧.୬୩୩ ସେକେଣ୍ଡ ଅଧିକ ସମୟ ନେଇ ଦ୍ୱିତୀୟ ଏବଂ ଫେରାରୀର ସେବାଷ୍ଟିଆନ ଭେଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟ ଡ୍ରାଇଭରଙ୍କ ମଧ୍ୟରେ ଫେରାରୀର ଚାର୍ଲ୍ସ ଲେକ୍‌ଲେର୍କ, ମ୍ୟାକ୍‌ଲେରେନର କାର୍ଲୋସ ସିଞ୍ଜ ଜୁନିୟର, ରେଡ୍‌ବୁଲର ମ୍ୟାକ୍ସ ଭର୍ଷ୍ଟାପେନ, ଆଲେକଜାଣ୍ଡର ଆଲ୍‌ବନ, ମ୍ୟାକ୍‌ଲେରେନର ଲାନ୍ଡୋ ନୋରିସ, ରେସିଂ ପଏଣ୍ଟର ଲାନ୍ସ ଷ୍ଟ୍ରୋଲ୍ ଏବଂ ରେନଲ୍ଟର ଡାନିଏଲ ରିକାର୍ଡୋ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିଲେ। ଫଳରେ ଏହି ୧୦ ଡ୍ରାଇଭରଙ୍କୁ ଯଥାକ୍ରମେ ୨୫, ୧୮, ୧୫, ୧୨, ୧୦, ୮, ୬, ୪, ୨, ୧ ପଏଣ୍ଟ ମିଳିଥିଲା। ସିଜନ ଶେଷ ବାହାରିନ୍ ଗ୍ରାଁ ପ୍ରି ଡିସେମ୍ବର ୨୯ରେ ଅନୁଷ୍ଠିତ ହେବ। ମାତ୍ର ଏହି ଗ୍ରାଁ ପ୍ରି ପୂର୍ବରୁ ହାମିଲଟନ ନିଜ ୭ମ ବିଶ୍ୱ ଟାଇଟଲ ସ୍ପଷ୍ଟ କରି ଦରଭାର ପ୍ରମାଣ ଦେଇଛନ୍ତି। ତୁର୍କୀଶ୍ ଗ୍ରାଁ ପ୍ରି ସହିତ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ହାମିଲଟନଙ୍କ ପଏଣ୍ଟ ସଂଖ୍ୟା ୩୦୭ରେ ପହଞ୍ଚିଛି। ତାଙ୍କ ଟିମ୍‌ମେଟ୍ ବୋଟାସ ୧୯୭ ଏବଂ ରେଡ୍‌ବୁଲ୍‌ର ଭର୍ଷ୍ଟାପେନ୍ ୧୭୦ ପଏଣ୍ଟ ପାଇ ବହୁ ପଛରେ ପଡ଼ିଛନ୍ତି। ହାମିଲଟନଙ୍କ ମର୍ସିଡିଜ୍ ଟିମ୍ ଏଥର ମଧ୍ୟ କନ୍‌ଷ୍ଟ୍ରକ୍ଟର ଟାଇଟଲ ଜିତିବା ନିଶ୍ଚିତ ହୋଇ ଯାଇଛି। ଏହି ଟିମ୍ ୫୦୭ ପଏଣ୍ଟ ସହିତ ଶୀର୍ଷରେ ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ଥିବା ରେଡ୍‌ବୁଲ୍ ଟିମ୍ ୨୪୦ ପଏଣ୍ଟ ପାଇ ବହୁ ପଛରେ ରହିଛି।



ରବିବାର ରେସ୍ ଜିତିବା ପରେ ଭାବପ୍ରବଣ ହାମିଲଟନ୍।

## କୋହଲିଙ୍କୁ ଅଧିକ ଗୁରୁତ୍ୱ ନ ଦେବାକୁ ଅଷ୍ଟ୍ରେଲୀୟ ପ୍ରଶଂସକ ଚାହାନ୍ତି: ପେନ୍


ସିଡ୍‌ନୀ,୧୫।୧୧(ପି.ଟି.): ଆଗାମୀ ସିରିଜରେ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ଅଧିକ ଗୁରୁତ୍ୱ ଦେବାକୁ ଅଷ୍ଟ୍ରେଲିଆ ପ୍ରଶଂସକ ଚାହାନ୍ତି ନାହିଁ। ଏକଥା କହିଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ ଟିମ୍ ପେନ୍। ଜଣେ ପ୍ରତିଦ୍ୱନ୍ଦ୍ୱୀ ଭାବେ କୋହଲିଙ୍କୁ ଅଷ୍ଟ୍ରେଲୀୟମାନେ ନାପସନ୍ଦ କରିବାକୁ ଭଲ ପାଆନ୍ତି। ତେବେ ପ୍ରଶଂସକ ଭାବେ କୋହଲିଙ୍କ ବ୍ୟାଟିଂକୁ ଅଷ୍ଟ୍ରେଲୀୟମାନେ ବେଶ୍ ଉପଭୋଗ କରିଥାନ୍ତି ବୋଲି ପେନ୍ କହିଛନ୍ତି। ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ୪ ମ୍ୟାଚବିଶିଷ୍ଟ ଟେଷ୍ଟ ଖେଳାଯିବ। ଡିସେମ୍ବର ୧୭ରୁ ଆଡିଲେଡ୍‌ରେ ଦିବାରାତ୍ର ଟେଷ୍ଟ ସହ ଏହି ହାଇପ୍ରୋଫାଇଲ ସିରିଜ ଆରମ୍ଭ ହେବ। କୋହଲିଙ୍କ ବିଷୟରେ ମୋତେ ବହୁତ ପ୍ରଶ୍ନ ପଚାରାଯାଉଛି। ଅନ୍ୟମାନଙ୍କ ଭଳି ସେ ମୋ ପାଇଁ ଜଣେ ଖେଳାଳି। ତାଙ୍କ ସହିତ ମୋର କୌଣସି ଖାସ୍ ସମ୍ପର୍କ ମଧ୍ୟ ନାହିଁ। ଟସ୍ ପଡିବା ବେଳେ ତାଙ୍କୁ ଦେଖେ ଓ ତାଙ୍କ ବିପକ୍ଷରେ ଖେଳିଥାଏ। କୋହଲିଙ୍କ ଖେଳ ଦେଖିବାକୁ ପସନ୍ଦ କରିଥାଉ। କିନ୍ତୁ ସେ ଅଧିକ ରନ୍ ସଂଗ୍ରହ କରିବା ଆମେ ଚାହୁଁନା ବୋଲି ପେନ୍ କହିଛନ୍ତି। ଗତଥର ଉଭୟ ଅଧିନାୟକଙ୍କ ମଧ୍ୟରେ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ସବୁବେଳେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥାଏ। କୋହଲି ଓ ମୁଁ ଉଭୟେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଭଲ ପାଇଥାଉ। ଆମ ମଧ୍ୟ ଏକାଧିକବାର କଥା କଟାକଟି ହୋଇଛି। ତେବେ ଏହା ନୂଆ କିଛି ନୁହେଁ। ଶ୍ରେଷ୍ଠ ଖେଳାଳିମାନଙ୍କ ମଧ୍ୟ ସବୁବେଳେ ଏଭଳି ଅଭାବନୀୟ ଘଟଣା ଘଟିଥାଏ। ଖେଳାଳି ଭଲ ହେଲେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ଇଂଲଣ୍ଡ ଜୋ ରୁଟ୍ ଓ ବେନ୍ ଷ୍ଟୋକ୍ସଙ୍କ ସହିତ ମଧ୍ୟ ଏଭଳି ମୁକାବିଲାମୂଳକ ସ୍ଥିତି ସୃଷ୍ଟି ହୋଇଥାଏ ବୋଲି ସେ କହିଛନ୍ତି। ଗତ ବର୍ଷ ଭାରତ ୨-୧ରେ ଘରୋଇ ଅଷ୍ଟ୍ରେଲିଆକୁ ଟେଷ୍ଟ ସିରିଜରେ ପରାସ୍ତ କରିଥିଲା।

## ଟାଇଟଲ୍ ରେକର୍ଡ

| ଲୁଇସ ହାମିଲଟନ | | ମାଇକେଲ ସୁମାକର | |
|---|---|---|---|
| ଟାଇଟଲ | ଟିମ୍ | ଟାଇଟଲ | ଟିମ୍ |
| ୨୦୦୮ | ମ୍ୟାକଲରେନ | ୧୯୯୪ | ଫୋର୍ଡ |
| ୨୦୧୪ | ମର୍ସିଡିଜ୍ | ୧୯୯୫ | ରେନଲ୍ଟ |
| ୨୦୧୫ | ମର୍ସିଡିଜ୍ | ୨୦୦୦ | ଫେରାରୀ |
| ୨୦୧୭ | ମର୍ସିଡିଜ୍ | ୨୦୦୧ | ଫେରାରୀ |
| ୨୦୧୮ | ମର୍ସିଡିଜ୍ | ୨୦୦୨ | ଫେରାରୀ |
| ୨୦୧୯ | ମର୍ସିଡିଜ୍ | ୨୦୦୩ | ଫେରାରୀ |
| ୨୦୨୦ | ମର୍ସିଡିଜ୍ | ୨୦୦୪ | ଫେରାରୀ |

## ଫର୍ମୁଲାୱାନ୍ କିମ୍ବଦନ୍ତୀ

୧୯୬୯ ଜାନୁଆରୀ ୩ରେ ଜର୍ମାନୀରେ ଜନ୍ମଗ୍ରହଣ କରିଥିବା ସୁମାକର ୧୯୯୨ରେ ଜ୍ୟାମେଲ ବେନେଟନ ଫୋର୍ଡ ଡ୍ରାଇଭ ସହ ଫର୍ମୁଲାୱାନ କ୍ୟାରିୟର ଆରମ୍ଭ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ୧୯୯୪ରେ ସେ ମିଲ୍ ସେଭେନ ବେନେଟନ ଫୋର୍ଡ ସହିତ ପ୍ରଥମଥର ପାଇଁ ଚାମ୍ପିୟନ ହୋଇଥିଲେ। ୧୯୯୫ରେ ମିଲ୍ ସେଭେନ ବେନେଟନ ରେନଲ୍ଟ ଡ୍ରାଇଭ କରିଥିଲେ ହେଁ ଟାଇଟଲ ବଜାୟ ରଖିଥିଲେ। ୧୯୯୬ରେ ତୃତୀୟ ଏବଂ ୧୯୯୭ରେ ଅଯୋଗ୍ୟ ଘୋଷିତ ହୋଇଥିଲେ। ୧୯୯୮ରେ ଦ୍ୱିତୀୟ ଏବଂ ୧୯୯୯ରେ ୫ମରେ ରହିବାପରେ ୨୦୦୦ରେ ତାଙ୍କ ପାଇଁ ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଥିଲା। ସେ ୨୦୦୪ ପର୍ଯ୍ୟନ୍ତ ଫେରାରୀ ଡ୍ରାଇଭ୍ କରି କ୍ରମାଗତ ୫ ଥର ଚାମ୍ପିୟନ ହୋଇ ରେକର୍ଡ କରିଥିଲେ। ୨୦୦୬ରେ ସେ ପ୍ରଥମେ ଅବସର ନେଇଥିଲେ ହେଁ ୨୦୧୦ରେ ପ୍ରତ୍ୟାବର୍ତ୍ତନ କରି ୨୦୧୨ ପର୍ଯ୍ୟନ୍ତ ସକ୍ରିୟ ରହିଥିଲେ। ମାତ୍ର ଆଉ ପ୍ରଥମସ୍ଥାନ ଅଧିକାର କରିପାରି ନ ଥିଲେ। ୨୦୧୨ ଅକ୍ଟୋବରରେ ସେ ଦ୍ୱିତୀୟଥର ପାଇଁ ଅବସର ଘୋଷଣା କରିଥିଲେ। ୨୦୧୩ ଡିସେମ୍ବରରେ ସୁମାକର ବରଫ ଉପରେ ପୁଅ ମିକ୍ସ ସହ ସ୍କିଙ୍ଗ୍ କରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ସେ ମୁଣ୍ଡରେ ଗୁରୁତର ଆଘାତ ପାଇ କୋମାକୁ ଚାଲି ଯାଇଥିଲେ। ସେବେଠାରୁ ସେ ପ୍ରଥମେ ଡାକ୍ତରଖାନାରେ ଏବଂ ପରେ ଘରେ ଚିକିତ୍ସାଧୀନ ଅଛନ୍ତି।



ମାଇକେଲ ସୁମାକର

## ୭ କରାଟେକାଙ୍କୁ ବ୍ଲାକ୍‌ବେଲ୍ଟ




ବେଲ୍ଟ ଟେଷ୍ଟରେ ଭାଗନେଇଥିବା କରାଟେକାମାନେ।

### ଉତ୍କଳ କରାଟେ ସ୍କୁଲରେ ବେଲ୍ଟ ଟେଷ୍ଟ

ଭୁବନେଶ୍ୱର, ୧୫।୧୧ (କ୍ରୀଡ଼ା ପ୍ରତିନିଧି): କୋଭିଡ-୧୯ ଗାଇଡ୍‌ଲାଇନ୍ ପାଳନ ସହ ରବିବାର ଉତ୍କଳ କରାଟେ ସ୍କୁଲରେ ୫୩ କରାଟେକାଙ୍କୁ ନେଇ ବେଲ୍ଟ ଟେଷ୍ଟ ଅନୁଷ୍ଠିତ ହୋଇ ଯାଇଛି। ୧୦ ମାସ ପରେ ଏଠି ଏକ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ବ୍ଲାକ୍‌ବେଲ୍ଟ ପରୀକ୍ଷାରେ ୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ସଗୁନ ମିଶ୍ର, ଦେବଜିତ ମିଶ୍ର, କାର୍ତ୍ତିମାନ ନନ୍ଦ, ଅଂଶୁମାନ ଆଚାର୍ଯ୍ୟ, ପଦ୍ମାଲୟା ଆଚାର୍ଯ୍ୟ ଓ ଶ୍ୱେତଲକ୍ଷ୍ମୀ ଦାଶ। ଗ୍ରେଡିଂ ପରୀକ୍ଷାକୁ ଗୌରୀ ମହାନ୍ତି, ସନ୍ଦିପ ମହାନ୍ତି, ଦିଲୀପ ଜେନା, କୃଷ୍ଣଚନ୍ଦ୍ର ମହାରଣା, କ୍ରିଷ୍ଣା ଶିକାରୀ, ଅନୁପମା ସ୍ୱାଇଁ, ମହେଶ ଡୋରା, ସୁସ୍ମିନି, ସିଦ୍ଧେଶ୍ୱର, ଅନୁରାଧା ଓ ମୋନାଲି ପରିଚାଳନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଗତ ଅଗଷ୍ଟରେ କୋଭିଡ କଟକଣା କୋହଳ ହେବାପରେ ଏହି କରାଟେକାମାନେ ଅଭ୍ୟାସ କରି ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ। ବ୍ଲାକ୍‌ବେଲ୍ଟ ପରୀକ୍ଷା ବ୍ୟତୀତ ଅନ୍ୟାନ୍ୟ କଲରବେଲ୍ଟ ପାଇଁ ମଧ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ କରାଟେକାଙ୍କୁ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ମୁଖ୍ୟ ପ୍ରଶିକ୍ଷକ ଡ. ହରିପ୍ରସାଦ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

## ଭାରତ ବିପକ୍ଷରେ ବୋଲିଂ ବଡ଼ ଚ୍ୟାଲେଞ୍ଜ: ସ୍ୱେପସନ

ମେଲବୋର୍ନ,୧୫।୧୧(ପି.ଟି.): ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ବ୍ୟାଟିଂ ଲାଇନ୍-ଅପ୍ ବିଶ୍ୱସ୍ତରୀୟ। ଭାରତ ବିପକ୍ଷରେ ବୋଲିଂ କରିବା ମୋ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ବୋଲି ଯୁବ ଅଷ୍ଟ୍ରେଲୀୟ ଲେଗସ୍ପିନର ମିଚେଲ ସ୍ୱେପସନ କହିଛନ୍ତି। ଭାରତ ବିପକ୍ଷ ଆଗାମୀ ୪ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ସ୍ୱେପସନ ଅଷ୍ଟ୍ରେଲିଆ ଦଳରେ ସାମିଲ ହୋଇଛନ୍ତି। ତାଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ସିଡନୀ ଟେଷ୍ଟ ଓ ବାଂଲାଦେଶ ଗସ୍ତରେ ସାମିଲ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେ ଟେଷ୍ଟ ପଦାର୍ପଣ କରିନାହାନ୍ତି। ଅବଶ୍ୟ କୋଭିଡ-୧୯ କାରଣରୁ ଏହି ସିରିଜ ବାତିଲ ହୋଇଥିଲା। ଭାରତ ବିପକ୍ଷ ଦୁଇଟି ୱାର୍ମଅପ୍ ମ୍ୟାଚ୍‌ରେ ସ୍ୱେପସନଙ୍କୁ ସାମିଲ କରାଯାଇଛି। ଏହି ଦୁଇଟି ମ୍ୟାଚ୍‌ରେ ସେ ବୋଲିଂ କରିବେ ବୋଲି ଆଶା କରୁଛନ୍ତି। କୋହଲିଙ୍କ ଭଳି ମହାନ୍ ବ୍ୟାଟ୍ସମ୍ୟାନଙ୍କୁ ବୋଲିଂ କରିବାକୁ ଉତ୍ସାହିତ ଅଛି ବୋଲି ସେ କହିଛନ୍ତି। ୩ଟି ମାର୍ଶ ଶେଫିଲ୍ଡ ସିଲ୍ଡ ମ୍ୟାଚ୍ ଖେଳି ସ୍ୱେପସନ ୨୧.୧୭ ରନ ହାରରେ ୨୩ଟି ଉଇକେଟ ହାସଲ କରି ଚୟନକର୍ତ୍ତାଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି।

## ସିଡ୍‌ନୀରେ ଟିମ୍ ଇଣ୍ଡିଆର ଅଭ୍ୟାସ




ରବିବାର ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

ସିଡ୍‌ନୀ,୧୫।୧୧(ପି.ଟି.): ରବିବାର ଭ୍ରମଣକାରୀ ଭାରତୀୟ ଦଳର ସଦସ୍ୟମାନେ ପୂର୍ଣ୍ଣ ଗ୍ରୁପ ପ୍ରଥମ ନେଟ ସେସନରେ ଅଂଶଗ୍ରହଣ କରି ବେଶ୍ ଝାଳ ବୁହାଇଛନ୍ତି। ଛୋଟ ଓ ଲମ୍ବା ଫର୍ମାଟ୍‌ରେ ଅର୍ଥାତ ନାଲି ଓ ଧଳା ବଲ୍‌ରେ ଖେଳାଳିମାନେ ଅଭ୍ୟାସ କରିଥିଲେ। ତେବେ ଶନିବାର ଭାରତୀୟ ଦଳର ଖେଳାଳିମାନେ ପ୍ରଥମ ଟ୍ରେନିଂ ସେସନରେ ଅଂଶଗ୍ରହଣ କରି ଜିମ୍ ଓ ରନିଂ ଉପରେ ଅଧିକ ଧ୍ୟାନ ଦେଇଥିଲେ। ପ୍ରାକ୍ଟିସ୍ ସେସନର ଭିଡିଓଗୁଡିକ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତା'ର ସୋସିଆଲ ମିଡିଆ ଆକାଉଣ୍ଟରେ ଅପଲୋଡ କରିଛି। ଟେଷ୍ଟ ଦଳର ଖେଳାଳିମାନେ ଦଳ ସହ ଯାଇଥିବାରୁ ବୋର୍ଡ ଉଭୟ ସୀମିତ ଓଭର ଓ ଟେଷ୍ଟ ଫର୍ମାଟ ପାଇଁ ଟ୍ରେନିଂ ସେସନର ଉପରେ ଗୁରୁତ୍ୱ ଦେଇଛି। ସ୍ୱୋଶାଲିଷ୍ଟ ସ୍ଲିପ୍ ଫିଲ୍ଡର ବିବେଚିତ ହେଉଥିବା ଅଧିନାୟକ ବିରାଟ କୋହଲି ଓ ଚେତେଶ୍ୱର ପୂଜାରା ନାଲି ବଲ୍ ଦୀର୍ଘ ସମୟଧରି କ୍ୟାଚ୍ ନେବାର ଅଭ୍ୟାସ କରିଥିଲେ। ଅପରପକ୍ଷରେ ଭାରତ ନୂଆ ପେସ୍ ସେନ୍‌ସେସନ ଟି. ନଟରାଜନ ନେଟ୍‌ସରେ ଜୁକାବୁରା ବଲ୍‌ରେ ଅଭ୍ୟାସ କରିଥିଲେ। ସେ ପ୍ରାୟ ସମସ୍ତ ଟପ୍-ଅର୍ଡର ହାଇଟ୍ ବଲ୍ ବ୍ୟାଟ୍ସମ୍ୟାନଙ୍କୁ ବୋଲିଂ କରିଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ନଟରାଜନ ଏଥର ଦୃଷ୍ଟାନ୍ତମୂଳକ ବୋଲିଂ କରିଥିଲେ। ପ୍ରଥମଥର ସେ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ତେଷ୍ଟ ପୂଜାରା, ଅଜିଙ୍କ୍ୟ ରାହାନେ, ପୃଥ୍ୱୀ ଶ, ହନୁମା ବିହାରୀ, ରିଷଭ ପନ୍ତ, ରବିଚନ୍ଦ୍ରନ ଅଶ୍ୱିନ ନାଲି ବଲ୍‌ରେ ଅଭ୍ୟାସ କରିଥିଲେ। ତେବେ ଉଭୟ ଟେଷ୍ଟ ଓ ସୀମିତଓଭର ଫର୍ମାଟରେ ସ୍ଥାନପାଇଥିବା ଖେଳାଳିମାନେ ଟ୍ରେନିଂ କାର୍ଯ୍ୟସୂଚୀ ଅନୁଯାୟୀ ଉଭୟ ବଲରେ ମିଶାମିଶି ଭାବେ ଅଭ୍ୟାସ କରିଥିଲେ। ଗତ ମାର୍ଚ୍ଚ ପ୍ରଥମ ସପ୍ତାହରୁ ଖେଳାଳିମାନେ ରେଡ୍ ବଲ୍ କ୍ରିକେଟ ଖେଳିନାହାନ୍ତି। ତେଣୁ ଖେଳାଳିମାନେ ଉଭୟ ଫର୍ମାଟ ପାଇଁ ଅଭ୍ୟାସ କରିଥିଲେ। ସୀମିତ ଓଭର ସିରିଜ ପରେ ଦୁଇଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଓ ଗୋଟିଏ ପିଙ୍କ୍ ପ୍ରାକ୍ଟିସ ଗେମ ମାତ୍ର କିଛିଦିନ ମଧ୍ୟରେ ଖେଳାଯିବ।

## ପଏଣ୍ଟ ପ୍ରତିଶତକୁ ବିଚାର କରି ଫାଇନାଲିଷ୍ଟ ସ୍ଥିର କରାଯିବ


### ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍

ନୂଆଦିଲ୍ଲୀ,୧୫।୧୧(ପି.ଟି.): ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ର ପ୍ରାରମ୍ଭିକ ସଂସ୍କରଣର ଦୁଇ ଫାଇନାଲିଷ୍ଟଙ୍କୁ ଚୟନ କରିବା ନେଇ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ ତା'ର ନୀତି ସ୍ପଷ୍ଟ କରିଛି। କୋଭିଡ୍-୧୯ ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥିବା ଡବ୍ଲ୍ୟୁଟିସିର ଫାଇନାଲିଷ୍ଟ ହାସଲ କରିଥିବା ପଏଣ୍ଟ ପ୍ରତିଶତକୁ ନେଇ ସ୍ଥିରୀକୃତ ହେବ ବୋଲି ଆଇସିସି ତରଫରୁ କୁହାଯାଇଛି। ଆଇସିସି କ୍ରିକେଟ କମିଟି ଏ ନେଇ ବିଭିନ୍ନ ବିକଳ୍ପ ବିଚାର କରିଛି। ତେବେ ଏ ପ୍ରସଙ୍ଗରେ ମୁଖ୍ୟ କାର୍ଯ୍ୟନିର୍ବାହୀ କମିଟି ଅନ୍ତିମ ନିଷ୍ପତ୍ତି ନେବ। ଦଳଗୁଡିକ ଅଂଶଗ୍ରହଣ କରିଥିବା ମ୍ୟାଚ୍‌ଗୁଡିକରେ ହାସଲ କରିଥିବା ପଏଣ୍ଟର ପ୍ରତିଶତକୁ ବିଚାର କରାଯିବ ଓ ଏହାପରେ ଫାଇନାଲିଷ୍ଟ ସ୍ଥିର କରାଯିବ ବୋଲି ଏକ ରିପୋର୍ଟରେ କୁହାଯାଇଛି। ଆଇସିସିର ଅନ୍ତିମ ଫାର୍ଟରଲି ବୈଠକ ସୋମବାରଠାରୁ ଆରମ୍ଭ ହୋଇଛି। କୋଭିଡ୍-୧୯ କାରଣରୁ ଖେଳାଯାଇ ନ ଥିବା ଟେଷ୍ଟ ମ୍ୟାଚ୍‌ଗୁଡିକୁ ଡ୍ର ଅବା ଅମୀମାଂସିତ ବୋଲି ବିଚାର କରାଯିବା ନେଇ କମିଟି ଚିନ୍ତା କରୁଛି। ଡବ୍ଲ୍ୟୁଟିସି ଅନୁସାରେ ଶ୍ରେଷ୍ଠ ୯ଟି ଦଳ ଦୁଇବର୍ଷ ମଧ୍ୟରେ ୬ଟି ସିରିଜ ଖେଳିବେ। ପ୍ରତ୍ୟେକ ସିରିଜ ଅତିବେଶିରେ ୧୨୦ ପଏଣ୍ଟ ବିଶିଷ୍ଟ ହେବ। ତେବେ ପ୍ରତ୍ୟେକ ସିରିଜରେ ମ୍ୟାଚ୍‌ର ସଂଖ୍ୟାଗୁଡ଼ିକୁ ମଧ୍ୟ ଏ ପ୍ରକ୍ରିୟାରେ ବିଚାର କରାଯିବ। ଶ୍ରେଷ୍ଠ ଦୁଇଟି ଦଳ ଫାଇନାଲରେ ପ୍ରବେଶ କରିବେ। ଆସନ୍ତା ଜୁନ୍‌ରେ ଫାଇନାଲ ମୁକାବିଲା ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯିବ।

## ପୂର୍ବାଞ୍ଚଳରୁ ଦେବାଶିଷ, ଶିବସୁନ୍ଦର ଆଗରେ

### ଜାତୀୟ ସିନିୟର ଚୟନ ପ୍ୟାନେଲ

ନୂଆଦିଲ୍ଲୀ, ୧୫।୧୧: ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନ୍ୟାସନାଲ ସିଲେକ୍ସନ ପ୍ୟାନେଲ ନୂଆରୂପ ନେବାକୁ ଯାଉଛି। ଖାଲି ପଡ଼ିଥିବା ପଦବୀଗୁଡ଼ିକ ଲାଗି ପୂର୍ବାଞ୍ଚଳରୁ ଓଡ଼ିଶାର ଶିବ ସୁନ୍ଦର ଦାସ, ଉତ୍ତରାଞ୍ଚଳରୁ ଚେତନ ଶର୍ମା ଓ ମନିନ୍ଦର ସିଂ ଏବଂ ପଶ୍ଚିମାଞ୍ଚଳରୁ ଅଜିତ ଅଗରକରଙ୍କ ଭଳି କେତେଜଣ ପୂର୍ବତନ ଭାରତୀୟ ଖେଳାଳି ସେମାନଙ୍କ ଜୋରଦାର ଆବେଦନ କରିଛନ୍ତି। ପୂର୍ବାଞ୍ଚଳରୁ ଆବେଦନ କରିଥିବା ପୂର୍ବତନ ଓପନର ଶିବ ସୁନ୍ଦର ଜଣେ ବିଶ୍ୱ ଶ୍ରେଣୀୟ କ୍ଲୋଜ୍-ଇନ୍ ଫିଲ୍ଡର ଥିଲେ। ୨୩ଟି ଟେଷ୍ଟ ମ୍ୟାଚ୍‌ରେ ସେ ୧୩୨୬ ରନ ସଂଗ୍ରହ କରିଛନ୍ତି। ପୂର୍ବାଞ୍ଚଳରୁ ସେ ଷ୍ଟ୍ରଙ୍ଗ ଫେଭରାଇଟ୍। ତେବେ ତାଙ୍କ ରାଜ୍ୟ ସାଥୀ ଖେଳାଳି ତଥା ଭାରତର ପୂର୍ବତନ ପେସ୍ ବୋଲର ଦେବାଶିଷ ମହାନ୍ତି ପ୍ରବେଶ କରିବେ। ଆସନ୍ତା ଜୁନ୍‌ରେ ଜୁନିୟର ଚୟନ ପ୍ୟାନେଲରେ ରହିଛନ୍ତି। ଜୁନିୟର ଓ ସିନିୟର ସିଲେକ୍ସନ କମିଟିରେ ଗୋଟିଏ ରାଜ୍ୟରୁ ୨ଜଣ ରହିବାକୁ ବିସିସିଆଇ ସମ୍ଭବତଃ ପସନ୍ଦ କରିବ ନାହିଁ। ଏକ୍ଷେତ୍ରରେ ବିସିସିଆଇ ଦେବାଶିଷଙ୍କୁ ଆସନ୍ତା ଦୁଇ ବର୍ଷ ପାଇଁ ସିନିୟର ସିଲେକ୍ଟର କରିବା ଯଥେଷ୍ଟ ସମ୍ଭାବନା ରହିଛି। ପୂର୍ବତନ ବେଙ୍ଗଲ ପେସ୍ ବୋଲର ରଣଦେବ ବୋଷ ପୂର୍ବାଞ୍ଚଳରୁ ଆବେଦନକାରୀଙ୍କ ମଧ୍ୟରେ ରହିଛନ୍ତି। ଯଦି ଶିବସୁନ୍ଦର ଓ ରଣଦେବଙ୍କ ପ୍ରାର୍ଥିତ୍ୱ ଦେଖାଯାଏ ତେବେ ଓଡ଼ିଶା ଖେଳାଳି ଫେଭରାଇଟ ରହିବେ। ଯଦି ବିସିସିଆଇ ଦେବାଶିଷଙ୍କୁ ସିନିୟର ପ୍ୟାନେଲକୁ ନିଏ ତେବେ ରଣଦେବ ଜୁନିୟର ପ୍ୟାନେଲରେ ସ୍ଥାନ ପାଇବା ସମ୍ଭାବନା ରହିଛି ବୋଲି ଜଣେ ଅଫିସିଆଲ ନିଜ ନାମ ଗୋପନ ସର୍ତ୍ତରେ ପ୍ରକାଶ କରିଛନ୍ତି। ୨୩୧ ଅନ୍ତର୍ଜାତୀୟ ମ୍ୟାଚ୍ (୧୯୧ ଦିନିକିଆ, ୨୬ ଟେଷ୍ଟ ଏବଂ ୪ ଅନ୍ତର୍ଜାତୀୟ ଟି୨୦) ଖେଳିଥିବା ଅଜିତ ଅଗରକର ସିଲେକ୍ଟର ପାଇଁ ପୁନର୍ବାର ଆବେଦନ କରିବାକୁ ଥିବାରୁ ଚେୟାରମ୍ୟାନ ପଦବୀ ପାଇଁ ଦୌଡ଼ରେ ସେ ସବୁଠାରୁ ଆଗରେ ରହିବେ। ଅଗରକର ୩ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଏବଂ ୨୦୦୭ରେ ଗୋଟିଏ ଟି୨୦ ବିଶ୍ୱକପ୍ ଖେଳିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ତାଙ୍କର ପ୍ରଚୁର ଅଭିଜ୍ଞତା ରହିଛି। ସେ ଆବେଦନ କରିବେ ବୋଲି ତାଙ୍କ ନିକଟତମ ମହଲରୁ ଶୁଣିବାକୁ ମିଳୁଛି। ଚେତନ ଚୌହାନଙ୍କର ୮୮ ଅନ୍ତର୍ଜାତୀୟ ଗେମ୍‌ର ଅଭିଜ୍ଞତା ରହିଛି। ୧୯୮୨ରେ ପ୍ରଥମ ଭାରତୀୟ ଖେଳାଳି ଭାବେ ଏକ ବିଶ୍ୱକପ୍‌ରେ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ସୁନୀଲ ଗାଭାସ୍କର, କପିଳ ଦେବ, ଦିଲୀପ ଭେଙ୍ଗସରକାରଙ୍କ ଭଳି କିମ୍ବଦନ୍ତୀଙ୍କ ସହ ସେ ଖେଳିଛନ୍ତି। ପ୍ୟାନେଲର ଜଣେ ସାଧାରଣ ସଦସ୍ୟଭାବେ କାର୍ଯ୍ୟ କରିବାରେ ତାଙ୍କର କୌଣସି ଅସୁବିଧା ନାହିଁ। ଭାରତୀୟ କ୍ରିକେଟ ପାଇଁ କାର୍ଯ୍ୟକରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି। ୫୪ ବର୍ଷୀୟ ଏହି ପୂର୍ବତନ କ୍ରିକେଟର ଗତ ଜାନୁଆରୀରେ ମଧ୍ୟ ଆବେଦନ କରିଥିଲେ। ମାତ୍ର ବିସିସିଆଇ ସେତେବେଳେ ଦକ୍ଷିଣାଞ୍ଚଳରୁ ଏମ୍.ଏସ୍.କେ ପ୍ରସାଦଙ୍କ ସ୍ଥାନରେ ସୁନୀଲ ଯୋଶି ଏବଂ ଗଗନ ଖୋଡ଼ାଙ୍କ ସ୍ଥାନରେ ଦେଶ୍ରଲ ଜୋନ୍‌ରୁ ହରବିନ୍ଦର ସିଂଙ୍କୁ ନିଯୁକ୍ତି ଦେଇଥିଲା। ଉତ୍ତରାଞ୍ଚଳରୁ ଆବେଦନ କରିଥିବା ଅନ୍ୟ ଜଣେ ହେଲେ ପୂର୍ବତନ ବାମହାତୀ ସ୍ପିନର ମନିନ୍ଦର ସିଂ (୯୪ଗେମ୍, ୩୫ ଟେଷ୍ଟ ଏବଂ ୫୯ ଅନ୍ତର୍ଜାତୀୟ ଦିନିକିଆ)। ଅଶୀ ଦଶକରେ ମନିନ୍ଦରଙ୍କୁ ବିଶେନ ସିଂଙ୍କ ବିକଳ୍ପ ବିବେଚନା କରାଯାଉଥିଲା। ଉତ୍ତରାଞ୍ଚଳରୁ ଜଣେ ବରିଷ୍ଠ ପ୍ରଶାସକ କହିଛନ୍ତି ସେମାନଙ୍କ ଅଞ୍ଚଳରୁ ଦୁଇ ପ୍ରତିଷ୍ଠିତ ପୂର୍ବତନ କ୍ରିକେଟର ମନିନ୍ଦର ଓ ଚେତନ ଆବେଦନ କରିବା ସ୍ୱାଗତଯୋଗ୍ୟ। ବାଗରଦୀପ ସିଂ ଏହି ଜୋନ୍‌ରୁ ପ୍ରତିନିଧିତ୍ୱ କରିଥିଲେ, ଯାହାଙ୍କର ୧୦ ଅନ୍ତର୍ଜାତୀୟ ଗେମ୍‌ରୁ କମ୍ ଅଭିଜ୍ଞତା ରହିଥିଲା।



ଦେବାଶିଷ ମହାନ୍ତି



ଶିବସୁନ୍ଦର ଦାସ

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ନଭେମ୍ବର ୧୬/୨୦୨୦ Bhubaneswar, Monday, November 16/ 2020







## ନରିନ୍ଦର ବାତ୍ରା ପୁରସ୍କୃତ

**ନୂଆଦିଲ୍ଲୀ, ୧୫।୧୧ (ପି.ଟି.):** କ୍ରୀଡ଼ା ପାଇଁ ଉଲ୍ଲେଖନୀୟ ଅବଦାନ ଲାଗି ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରାଙ୍କୁ ସମ୍ମାନିତ କରାଯାଇଛି। ରବିବାର ବିଶିଷ୍ଟ ବିଚାରପତି ଜଷ୍ଟିସ କ୍ରିଷ୍ଣା ଆୟାରଙ୍କ ୧୦୬ତମ ଜନ୍ମବର୍ଷିକୀ ସ୍ମାରକୀ ଅବସରରେ ତାଙ୍କୁ କ୍ୟାପିଟାଲ ଫାଉଣ୍ଡେଶନ ନ୍ୟାଶନାଲ ପୁରସ୍କାର ପ୍ରଦାନ କରାଯାଇଛି। ବାତ୍ରା ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ସଭାପତି ଓ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ଜଣେ ସଦସ୍ୟ ମଧ୍ୟ ଅଛନ୍ତି। ପୂର୍ବତନ ହକି ଖେଳାଳି ବାତ୍ରା ୧୯୯୭ରେ ଜମ୍ମୁ-କଶ୍ମୀର ହକି ଆସୋସିଏଶନ ସଭାପତି ହୋଇ ତାଙ୍କ ପ୍ରଶାସନିକ କ୍ୟାରିୟର ଆରମ୍ଭ କରିଥିଲେ। ଏହି ପଦବୀରେ ସେ ୨୦୧୧ ପର୍ଯ୍ୟନ୍ତ ରହିଥିଲେ। ସେ ୨୦୦୫ରୁ ୨୦୧୩ ପର୍ଯ୍ୟନ୍ତ ଦିଲ୍ଲୀ ଓ ଜିଲା କ୍ରିକେଟ ଆସୋସିଏଶନ (ଡିଡିସିଏ)ର କୋଷାଧ୍ୟକ୍ଷ ଥିଲେ। ପରେ ସେ ହକି ଇଣ୍ଡିଆର ମହାସଚିବ ଏବଂ ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ଏହାର ସଭାପତି ଦାୟିତ୍ୱ ସମ୍ଭାଳିଥିଲେ। ହକି ଇଣ୍ଡିଆର ବର୍ତ୍ତମାନ ସଭାପତି ବାତ୍ରାଙ୍କୁ ପୁରସ୍କାର ବଧେଇ ଜଣାଇଛନ୍ତି। ଖେଳ ବିକାଶ କ୍ଷେତ୍ରରେ ବାତ୍ରାଙ୍କ ଅବଦାନର ସେ ଉଚ୍ଚ ପ୍ରଶଂସା କରିଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ